# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨୩/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 23/2023 Page 14

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

୪୯ଶ ଭାଗ ୨୩୮ ସଂଖ୍ୟା VOLUME 49 ISSUE 238 ମୂଲ୍ୟ ₹୭/-


# ସିବିଏସ୍ଇ ସ୍କୁଲରେ ଓଡ଼ିଆରେ ପଢ଼ା

ଭୁବନେଶ୍ୱର,୨୨।୭ (ଅନୁରାଧା ମହାରଣା)

କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ପରିଚାଳିତ ସମସ୍ତ ସ୍କୁଲରେ ମାତୃଭାଷାରେ ପାଠପଢ଼ା ହେବ। ଏନେଇ ସିବିଏସ୍ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେଶର ୨୨ଟି ଆଞ୍ଚଳିକ ଭାଷାରେ ପାଠପଢ଼ା ନେଇ ମଞ୍ଜୁରୀ ମିଳିଥିବାବେଳେ ଓଡ଼ିଶାରେ ମଧ୍ୟ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ପାଠପଢ଼ିବାର ସୁଯୋଗ ପାଇବେ। ରାଜ୍ୟରେ ସିବିଏସ୍ଇ ଅନୁବନ୍ଧିତ ପ୍ରାୟ ୩୦୦ ସ୍କୁଲ ରହିଛି। ଏଥିମଧ୍ୟରେ ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ରହିଛି। ସିବିଏସ୍ଇ ସ୍କୁଲ୍‌ଗୁଡ଼ିକରେ ଇଂଲିଶ ଓ ହିନ୍ଦୀରେ ପାଠପଢ଼ା ହେଉଥିବାବେଳେ ଏବେ ଆଞ୍ଚଳିକ ବା ମାତୃ ଭାଷାରେ ଶିକ୍ଷାଦାନ କରାଯିବ। ଏହାଦ୍ୱାରା ମାତୃଭାଷାର ଆଦର ବଢ଼ିବା ସହ ପିଲାଙ୍କ ପାଠପଢ଼ା ସରଳ ହୋଇପାରିବ ବୋଲି କୁହାଯାଉଛି। ମାତ୍ର

## ୨୨ ଆଞ୍ଚଳିକ ଭାଷାରେ ଶିକ୍ଷାଦାନକୁ ମଞ୍ଜୁରୀ

ସିବିଏସ୍ଇ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତ ବୈଷୟିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଇଂଲିଶରେ ଶିକ୍ଷାଦାନ କରିଆସୁଥିବାବେଳେ ଓଡ଼ିଆରେ ପାଠପଢ଼ାଯିବା ସମସ୍ୟା ସୃଷ୍ଟି କରିପାରେ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କେତେକ ସିବିଏସ୍ଇ ସ୍କୁଲ କର୍ତ୍ତୃପକ୍ଷଙ୍କ କହିବାନୁସାରେ ପ୍ରାରମ୍ଭରେ ସମସ୍ୟା ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ପିଲାଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିବ। ଅନେକ ପିଲା ଇଂଲିଶରେ ପାଠ ବୁଝିପାରନ୍ତି ନାହିଁ। ସେହିପରି ସେମାନଙ୍କ ସାଙ୍ଗସାଥୀ ଇଂଲିଶରେ ପଚାରୁଥିବାବେଳେ ସେମାନେ ଓଡ଼ିଆରେ ପଚାରିବୁଝିବାକୁ କୁଣ୍ଠାବୋଧ କରନ୍ତି। ତେଣୁ ଏହି ନିୟମ ଲାଗୁ ହେଲେ ଅନେକ

☞ପୃଷ୍ଠା-୪

## ଛାତ୍ରୀଛାତ୍ର ଭଲଭାବେ ପାଠକୁ ବୁଝିପାରିବେ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପୂର୍ବରୁ ସିବିଏସ୍ଇ ସ୍କୁଲରେ କେବଳ ଇଂଲିଶ ଓ ହିନ୍ଦୀରେ ଶିକ୍ଷାଦାନର ବ୍ୟବସ୍ଥା ଥିଲା। ଏଣିକି ସିବିଏସ୍ଇ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଶିକ୍ଷା ଦିଆଯିବ। ମାତୃଭାଷାରେ ପଢ଼ିଲେ ସେମାନେ ଭଲଭାବେ ପାଠକୁ ବୁଝିପାରିବେ। ମୂଳ ବିଷୟର ସ୍ୱଚ୍ଛତା ଆସିବ। ଛାତ୍ରୀଛାତ୍ରଙ୍କର ଚିନ୍ତନ ଶକ୍ତି ବୃଦ୍ଧିପାଇବ, ଯାହା ଶିକ୍ଷାନୀତିର ଉଦ୍ଦେଶ୍ୟ ରହିଛି। ତେବେ ପିଲାମାନେ କେଉଁ ଭାଷାରେ ପଢ଼ିବେ, ସେଥିପାଇଁ ସେମାନଙ୍କୁ ବାଧ କରାଯିବନାହିଁ। ସ୍କୁଲଗୁଡ଼ିକ ଧୀରେ ଧୀରେ ଏ ବ୍ୟବସ୍ଥାକୁ ଆପଣାଇବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ କହିଛନ୍ତି ।


ମଣିପୁରରେ ଆଉ ଏକ ବର୍ବରତା: ପଦାକୁ ଆସିଲା ୨ ମହିଳାଙ୍କୁ ବଳାତ୍କାର, ହତ୍ୟା ଘଟଣା ୨

ପୋଲିସ ନିର୍ଯାତନା: ମହାନଦୀକୁ ଡେଇଁଥିବା ଯୁବକଙ୍କ ମୃତ୍ୟୁ ୩

ଆଜିର ସମ୍ପାଦକୀୟ
ଅଣଦେଖା ଆଚରଣ


# ସ୍କୁଲ ଫାଟକରେ ତାଲା: ଖରାରେ ଠିଆହୋଇ ୮ ଛାତ୍ରୀଛାତ୍ର ଅସୁସ୍ଥ

ବୌଦ୍ଧ/ପୁରୁଣାକଟକ,୨୨।୭
(ଅଜିତ କୁମାର ବାରିକ/ ସୁକାନ୍ତ ପଟ୍ଟନାୟକ)

କୌଣସି କଥାକୁ ନେଇ କେତେଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା । ଏହାକୁ ନେଇ ଶନିବାର ସକାଳେ ଜଣେ ଅଭିଭାବକ କାହାକୁ କିଛି ନ ଜଣାଇ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ କଲେ ପ୍ରତିବାଦ । ଫଳରେ ଦୀର୍ଘ ସମୟ ଧରି ବାହାରେ ଛିଡା ହେବାରୁ ୮ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ଭଳି ସମ୍ବେଦନଶୀଳ ଘଟଣା ବୌଦ୍ଧ ଜିଲା ହରଭଙ୍ଗା

### ପିଲା କଳିକୁ ନେଇ ଜଣେ ଅଭିଭାବକଙ୍କ ଅମାନବୀୟ କାଣ୍ଡ

ବ୍ଲକର ଲୁଣିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି ।

ପ୍ରକାଶ ଯେ, ଗତ ଶୁକ୍ରବାର ଦିନ ଖେଳଛୁଟି ସମୟରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ପରେ ସମ୍ପୃକ୍ତ

☞ପୃଷ୍ଠା-୪


Skilled in ODISHA
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଓଡ଼ିଶା ସରକାର

DSPL - 160






ଚଳିତ ୨୦୨୩-୨୪ ବର୍ଷରେ ନୂତନ ୧୨ ଗୋଟି ସରକାରୀ ଆଇଟିଆଇ ରାଜ୍ୟର ଜୁନାଗଡ (କଳାହାଣ୍ଡି), ଧର୍ମଗଡ(କଳାହାଣ୍ଡି), ପାଟଣାଗଡ(ବଲାଙ୍ଗୀର), ଆଠମଲ୍ଲିକ(ଅନୁଗୁଳ), ବାଲୁଗାଁ(ଖୋର୍ଦ୍ଧା), ରାଜକନିକା(କେନ୍ଦ୍ରାପଡା), ଭଞ୍ଜନଗର(ଗଞ୍ଜାମ), ରୁଆପୁରୀ ସଦର), ବାଂଶପାଳ(କେଉଁଝର), ବିଜେପୁର(ବରଗଡ), କପ୍ତିପଦା ଓ କରଞ୍ଜିଆ(ମୟୂରଭଞ୍ଜ) ଠାରେ କାର୍ଯ୍ୟକ୍ଷମ ହୋଇ ପାରିଛି ।

ଦକ୍ଷତା ବିକାଶ ମାଧ୍ୟମରେ ଯୁବପିଢି ସଶକ୍ତିକରଣ ଏକ ଦୃଢ ପ୍ରତିବଦ୍ଧତା

www.samsodisha.gov.in ITI ମାଧ୍ୟମରେ ଆବେଦନ କରନ୍ତୁ ।

OIPR-44008/13/0018/2324



WHO ଏବଂ ସମଗ୍ର ମେଡିକାଲ ସିଷ୍ଟମ ଯାହା ନ କରିପାରିଲା, ସେହି କାମକୁ ପତଞ୍ଜଳି ୱେଲନେସ୍‌ରେ ଆମେ କରି ଦେଖାଇଛୁ । କେବଳ ରୋଗ ନିୟନ୍ତ୍ରଣ ନୁହେଁ ବରଂ ତାହାକୁ ଆରୋଗ୍ୟ କରି ପତଞ୍ଜଳି ଇତିହାସ ସୃଷ୍ଟି କରିଛି । 3000ରୁ ଅଧିକ ରିସର୍ଚ୍ଚ ପ୍ରୋଟୋକଲ୍ ଏବଂ 500ରୁ ଅଧିକ ରିସର୍ଚ୍ଚ ପେପର୍ ପୃଥିବୀର ଶ୍ରେଷ୍ଠ ରିସର୍ଚ୍ଚ ଜର୍ନାଲ୍‌ରେ ପ୍ରକାଶିତ କରି ପତଞ୍ଜଳି ଆୟୁର୍ବେଦକୁ ଆମେ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ ରୂପେ ସ୍ଥାପିତ କରିଛୁ ।



PATANJALI® wellness
Yoga, Ayurveda & Naturopathy

ରୋଗକୁ କଣ୍ଟ୍ରୋଲ କରିବା ନାଁରେ ବର୍ଷ ବର୍ଷ ଧରି ଲୋକମାନେ ବି.ପି., ସୁଗାର, ଥାଇରଏଡ୍, ଆଜ୍‌ମା, କୋଲେଷ୍ଟରଲ୍ ଆଦିର ଔଷଧ ଖାଉଛନ୍ତି କିନ୍ତୁ ଏହିସବୁ ଔଷଧଗୁଡ଼ିକର କୁପ୍ରଭାବ ଓ ଦୀର୍ଘକାଳୀନ ରୋଗଗୁଡ଼ିକ କାରଣରୁ ସେମାନଙ୍କ ଜୀବନ ନର୍କରେ ପରିଣତ ହୋଇଯାଇଛି । ଚରକ, ସୁଶ୍ରୁତ, ଧନ୍ୱନ୍ତରୀ ଓ ପତଞ୍ଜଳିଙ୍କ ଭଳି ମହାରଷିଙ୍କଠାରୁ ପ୍ରାପ୍ତ ଜ୍ଞାନ ଉପରେ ବୈଜ୍ଞାନିକ ଗବେଷଣା କରି ଆମେ କୋଟି କୋଟି ଲୋକଙ୍କ ରୋଗକୁ ମୂଳରୁ ଦୂର କରି ସେମାନଙ୍କୁ ସବୁ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ କରିଛୁ ।

**ବି.ପି.**
ବର୍ଷ ବର୍ଷ ଧରି ବି.ପି. ପାଇଁ ଏଲୋପାଥି ଔଷଧ ଖାଇବା ସତ୍ତ୍ୱେ ଲୋକେ ହାର୍ଟ, ବ୍ରେନ୍ ଷ୍ଟ୍ରୋକ୍ ଓ କିଡ୍‌ନୀ ଫେଲ୍ୟୁର, ଚିଡ଼ିଚିଡ଼ାପଣ, ଅନିଦ୍ରା ଆଦିରେ ପୀଡ଼ିତ ହେଉଛନ୍ତି ।
ବି.ପି. ଗ୍ରୀଟ୍ ଓ ମୁକ୍ତାବଟୀର ସେବନ ଏବଂ ନିୟମିତ ଯୋଗାଭ୍ୟାସ କରି ବି.ପି.ରୁ ସମ୍ପୂର୍ଣ୍ଣ ମୁକ୍ତି ପାଆନ୍ତୁ ।

**ସୁଗାର୍**
ବର୍ଷ ବର୍ଷ ଧରି ସୁଗାର୍ ପାଇଁ ବିଦେଶୀ ଔଷଧ ଖାଇବା ସତ୍ତ୍ୱେ ଲୋକମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହେଉଛି, କ୍ରିଏଟିନିନ୍ ବଢୁଛି, ଶିରା-ପ୍ରଶିରାର ଦୁର୍ବଳତା (ନ୍ୟୁରୋପାଥି) ବୃଦ୍ଧି ପାଉଛି ତଥା ଶରୀର ଦୁର୍ବଳ ଇମ୍ୟୁନିଟିର ଶିକାର ହେଉଛି ।
ମଧୁନାଶିନୀ, ମଧୁଗ୍ରୀଟ୍ ସେବନ କରନ୍ତୁ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ଓ ମଧୁଗ୍ରୀଟ୍ ବସ୍ତି ଦ୍ୱାରା ନିଜକୁ ସମ୍ପୂର୍ଣ୍ଣ ରୂପେ ଅଣ-ଡାଇବେଟିକ୍ କରନ୍ତୁ ।

**ଥାଇରଏଡ୍**
ଏହାର ଔଷଧ ଖାଇ ଖାଇ ରୋଗୀ ଓଭରୱେଟ୍ ଓ ଅଣ୍ଡରୱେଟ୍ ହେଉଛନ୍ତି ତଥା ମୁଣ୍ଡବୁଲା ଓ ଡିପ୍ରେଶନ ଆଦିର ଶିକାର ହେଉଛନ୍ତି ।
ଥାଇରୋଗ୍ରୀଟ୍ ସହିତ କପାଳଭାତି, ଉଜ୍ଜ୍ୟାୟୀ ଆଦି ଯୋଗାଭ୍ୟାସ ଦ୍ୱାରା ଥାଇରଏଡ୍‌ର ସ୍ଥାୟୀ ସମାଧାନ ପାଆନ୍ତୁ ।

**ନେତ୍ର ଓ କର୍ଣ୍ଣ ରୋଗ**
ଏଲୋପାଥିରେ ଦୃଷ୍ଟି ଦୁର୍ବଳତା, ଗ୍ଲୁକୋମା, ମ୍ୟାକୁଲାର୍ ଡିଜେନରେଶନ୍ ଆଦିର ଚିକିତ୍ସା ହିଁ ନାହିଁ ତଥା ଶ୍ରବଣ ରୋଗ ଓ ଟିନିଟସ୍ ପାଇଁ ତ କୌଣସି ଔଷଧ ମଧ୍ୟ ନାହିଁ ।
ଆଖି ପାଇଁ ଆଇଗ୍ରିଟ୍ ଓ ଅକ୍ଷୀ ତର୍ପଣ ତଥା କାନ ପାଇଁ ଇୟରଗ୍ରିଟ୍ ଓ କର୍ଣ୍ଣପୂରଣ ସହିତ ଯୋଗାଭ୍ୟାସ କରି ପୂର୍ଣ୍ଣ ଆରୋଗ୍ୟ ପାଆନ୍ତୁ ।

**ଲିଭର୍**
ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍ ଓ ହେପାଟାଇଟିସ୍ (A, B, C, D) ପାଇଁ କୌଣସି ସ୍ଥାୟୀ ଏଲୋପାଥି ଚିକିତ୍ସା ନାହିଁ ।
ଲିଭୋଗ୍ରୀଟ୍ ଓ ଲିଭାମୃତ ତଥା ବସ୍ତି ଦ୍ୱାରା ଲିଭରକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରନ୍ତୁ ।

**ଚର୍ମ ରୋଗ**
ଡର୍ମାଟୋଲୋଜିଷ୍ଟଙ୍କ ପାଖରେ ଲ୍ୟୁକୋଡର୍ମା, ଏକ୍‌ଜିମା, ସୋରିଆସିସ୍ ଭଳି ଚର୍ମ ରୋଗର କୌଣସି ସ୍ଥାୟୀ ସମାଧାନ ନାହିଁ, ଅନ୍ୟପକ୍ଷରେ ଷ୍ଟେରଏଡ୍ ଓ ନାନା ପ୍ରକାର କେମିକାଲ୍‌ର ପ୍ରୟୋଗ କାରଣରୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ ।
ଗୋଧନ ଅର୍କ + ନିମ ଘନବଟୀ, କାୟାକଳ୍ପ ବଟି, ଡର୍ମାଗ୍ରୀଟ୍, ସୋରୋଗ୍ରୀଟ୍, ଧଳା ଦାଗ ପାଇଁ ମେଲାନୋଗ୍ରୀଟ୍‌ର ପ୍ରୟୋଗ କରନ୍ତୁ ତଥା ପଞ୍ଚ ମହାଭୂତ ଚିକିତ୍ସା ଦ୍ୱାରା ଶରୀରର ଶୁଦ୍ଧୀକରଣ କରାନ୍ତୁ । ନିୟମିତ ରୂପେ ଯୋଗ, ଆୟୁର୍ବେଦ, ନେଚୁରୋପାଥି, ପଞ୍ଚକର୍ମ, ଷଟ୍‌କର୍ମ କରନ୍ତୁ ।

**ଆର୍ଥ୍ରାଇଟିସ୍**
ଏଲୋପାଥିରେ ଆର୍ଥ୍ରାଇଟିସ୍ ପାଇଁ ପେନ୍ କିଲର୍, ଷ୍ଟେରଏଡ୍ ଏବଂ ବାୟୋଲୋଜିକାଲ୍ ଡ୍ରଗ୍‌ସ ଦିଆଯାଇ ଲୋକଙ୍କ ଜୀବନକୁ ନର୍କ ସମାନ କରିଦିଆଯାଉଛି । ଏହାଦ୍ୱାରା ହାଡ଼ ଓ ପାଚନତନ୍ତ୍ର ଦୁର୍ବଳ ହେଉଛି ଏବଂ ଡାଇବେଟିସ୍ ତଥା ଦୃଷ୍ଟିହୀନତା ଭଳି ରୋଗ ଦେଖାଦେଉଛି ।
ପୀଡ଼ାନିଲ୍ ପେୟ ସହିତ ପୀଡ଼ାନିଲ ଗୋଲ୍ଡ, ଅର୍ଥୋଗ୍ରୀଟ୍, ଅର୍ଥୋକେୟାର୍ ସେବନ କରନ୍ତୁ ତଥା ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ କରନ୍ତୁ, ବାତମୋକ୍ଷଣ, ରକ୍ତମୋକ୍ଷଣ, ଆକ୍ୟୁପ୍ରେସର୍, ଆକ୍ୟୁପଙ୍କଚର୍, ଲିଚ୍ ଥେରାପି, କାଇରୋପ୍ରାକ୍ଟିକ୍, ଔଷଧୀୟ ଲେପ ଲପେଟ ଓ ବୈତରଣା ବସ୍ତି କରାନ୍ତୁ ।

**ଶ୍ୱାସରୋଗ**
ଇନ୍‌ହେଲର୍ ଏବଂ ଷ୍ଟେରଏଡ୍ ଦ୍ୱାରା ଲୋକଙ୍କୁ ଅସ୍ଥାୟୀ ଉପଶମ ମିଳିଥାଏ ଏବଂ ଆଜ୍‌ମା ବା ଶ୍ୱାସରୋଗ କିଛି ସମୟ ପାଇଁ ଦବି ଯାଇଥାଏ । କିନ୍ତୁ ସାରା ଜୀବନ ପାଇଁ ଲୋକଙ୍କ ଫୁସ୍‌ଫୁସ୍ ଖରାପ ହୋଇଯାଇଥାଏ ଏବଂ ତାହାକୁ ଠିକ୍ କରିବା ପାଇଁ ଏଲୋପାଥିରେ କୌଣସି ଔଷଧ ନାହିଁ ।
ବ୍ରୋଙ୍କୋମ୍, ଶ୍ୱାସାରୀ ଗୋଲ୍ଡ, ବଟି, ଶ୍ୱାସାରୀ ପ୍ରବାହୀ ଆଦି ସହିତ ଭସ୍ତ୍ରିକା, କପାଳଭାତି, ଅନୁଲୋମ ବିଲୋମ, ପ୍ରାଣାୟାମ ଏବଂ ଭୁଜଙ୍ଗାସନ ଆଦି ଯୋଗାଭ୍ୟାସ କରି ଆଜ୍‌ମାରୁ ମୁକ୍ତି ପାଆନ୍ତୁ ।

**ମେଦବହୁଳତା**
ଏଲୋପାଥିରେ କୁହାଯାଇଥିବା ସିନ୍ଥେଟିକ୍ ଔଷଧ, ବେରିଏଟ୍ରିକ୍ ସର୍ଜରୀ, ଲିପୋସେକ୍ସନ ଆଦି ଅତ୍ୟନ୍ତ କ୍ଷତିକାରକ ହୋଇଥାଏ ।
ମେଦୋହର ବଟୀ ଏବଂ ୱେଟ୍‌ଗୋ ପ୍ରୟୋଗ ତଥା ଯୋଗ, ଆୟୁର୍ବେଦ ଦ୍ୱାରା ଆମେ ପ୍ରତିଦିନ 1-2 କିଲୋ ଓଜନ କମ୍ କରିପାରୁଛୁ ।

**ଅସାଧ୍ୟ ରୋଗ**
ହାର୍ଟ ବ୍ଲକେଜ୍, SLE, MS, ANA, AVN, HLAB27 ଆଦି ଅଟୋ ଇମ୍ୟୁନ୍ ରୋଗ, ନପୁଂସକତା, ୟୁଟିଆଇ ଏବଂ ଷ୍ଟ୍ରେସ୍ ଭଳି ରୋଗ ପାଇଁ ଏଲୋପାଥିରେ କୌଣସି ସ୍ଥାୟୀ ଏବଂ ପ୍ରମାଣିତ ଚିକିତ୍ସା ନାହିଁ ।

ଏହିସବୁ ଅସାଧ୍ୟ ଏବଂ ପ୍ରାଣଘାତୀ ରୋଗରେ ପୀଡ଼ିତ ସହସ୍ରାଧିକ ରୋଗୀଙ୍କୁ ଆମେ ରୋଗମୁକ୍ତ କରିଛୁ। ଏହାର ସାଇଣ୍ଟିଫିକ୍ ପ୍ରମାଣ ଆମ ନିକଟରେ ଉପଲବ୍ଧ ଅଛି । ତାହାକୁ କେହି ବି ଆମର ୱେବ୍‌ସାଇଟ୍ www.patanjaliwellness.com ପରିଦର୍ଶନ କରି ଦେଖିପାରିବେ ।

**ପତଞ୍ଜଳି ଚିକିତ୍ସାଳୟ, ମେଗା ଷ୍ଟୋର**
ଆପଣ ମଧ୍ୟ ଘରେ ବସି ୨୦-୨୨% ରୋଗର ଉପଚାର କରିପାରିବେ । ନିଜ ଜିଲ୍ଲାର ପତଞ୍ଜଳି ଏକ୍ସକ୍ଲୁସିଭ୍ ଷ୍ଟୋରକୁ ଯାଇ ନିଃଶୁଳ୍କ ବୈଦ୍ୟକୀୟ ଚିକିତ୍ସା ପରାମର୍ଶ ପ୍ରାପ୍ତ କରିପାରିବେ । ପତଞ୍ଜଳିର ସମସ୍ତ ଔଷଧ ଓ ହଜାରରୁ ଅଧିକ ପ୍ରଡକ୍ଟସ୍ କିଣିବା ପାଇଁ ଥରେ ନିଶ୍ଚୟ ପରିଦର୍ଶନ କରନ୍ତୁ । ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର୍ସ ସହିତ ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଏବଂ ବଡ଼ ଷ୍ଟୋର୍ସରେ ଉପଲବ୍ଧ ।

PATANJALI® wellness
Yoga, Ayurveda & Naturopathy
ସମସ୍ତ ଅସାଧ୍ୟ ରୋଗରୁ ସ୍ଥାୟୀ ମୁକ୍ତି ପାଇବା ପାଇଁ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଏବଂ ନିରାମୟମରେ ଅତି କମ୍‌ରେ 1 ସପ୍ତାହର ଆବାସିକ ଚିକିତ୍ସାର ପଞ୍ଜୀକରଣ ପାଇଁ ସମ୍ପର୍କ କରନ୍ତୁ
8954666111, 8954666222, 8954666333
booking@patanjaliwellness.com
www.patanjaliwellness.com
Scan For Booking:-

आस्था LIVE
ପ୍ରତିଦିନ ସକାଳ 5.00ରୁ 7.30 ଓ ରାତ୍ରି ୫.00ରୁ ୨.30 ଘଟିକା

INDIA TV LIVE
ପ୍ରତ୍ୟହ ସକାଳ 7.56 ଘଟିକା

ବିଶ୍ୱର ସବୁଠାରୁ ବଡ଼ ଯୋଗଗୁରୁଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ ଏବଂ ଇଣ୍ଟିଗ୍ରେଟେଡ୍ ଶହେରୁ ଅଧିକ ପ୍ରକାର ଥେରାପି ଦ୍ୱାରା ରୋଗୋପଚାର ବିଷୟରେ ଲାଇଭ୍ ଦେଖନ୍ତୁ ଓ ଶିଖନ୍ତୁ ।

ଉପରବର୍ଣ୍ଣିତ ଔଷଧଗୁଡ଼ିକର ବ୍ୟବହାର ପ୍ରସ୍ତାବ ମାତ୍ର ଅଟେ । ଉପରୋକ୍ତ ରୋଗଗୁଡ଼ିକର ପ୍ରବନ୍ଧନରେ ମୁଖ୍ୟତଃ ସେଗୁଡ଼ିକ ବ୍ୟବହୃତ ହୋଇଥାଏ । ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ । ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ ଔଷଧ ବ୍ୟବହାର କରନ୍ତୁ ।

**୧୦ କୋଟିର ବିଦେଶୀ ନୋଟ୍ ଜବତ**

ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶୁକ୍ରବାର ସୀମା ଶୁଳ୍କ ଅଫିସର ୩ ତାଜିକିସ୍ତାନୀଙ୍କଠାରୁ ୧୦ କୋଟି ଟଙ୍କାର ବିଦେଶୀ ନୋଟ୍ ଜବତ କରିଛନ୍ତି। ଅଭିଯୁକ୍ତମାନେ ଇସ୍ତାନବୁଲ ଯିବା ପାଇଁ ବୋର୍ଡିଂ କରୁଥିବାବେଳେ ଅଫିସରମାନେ ସେମାନଙ୍କୁ ଅଟକ ରଖିଥିଲେ। ବିଦେଶୀ ନୋଟ୍ ଚୋରାଚାଲାଣରେ ଏହା ସବୁଠୁ ବଡ଼ ସଫଳତା ବୋଲି ଅଫିସର କହିଛନ୍ତି।

## ସଂକ୍ଷେପରେ

### ବାଂଲାଦେଶରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

**ଢାକା,୨୨।୭:** ବାଂଲାଦେଶର ବ୍ରାହ୍ମନବାରିଆ ଜିଲାରେ ଜଣେ ୩୬ ବର୍ଷୀୟ ବ୍ୟକ୍ତ ଏକ ହିନ୍ଦୁ ମନ୍ଦିରରେ ପ୍ରବେଶ କରି ୫ରୁ ୬ ମୂର୍ତ୍ତି ଭଙ୍ଗାରୁଜା କରିଛନ୍ତି। ଗୁରୁବାର ରାତିରେ ଏହି ଘଟଣା ଘଟିଥିବାବେଳେ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ନିଆମତପୁର ଗ୍ରାମରେ ଥିବା ଦୁର୍ଗା ମନ୍ଦିରରେ ଭଙ୍ଗାରୁଜା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତ ଖଲିଲ ମିଆଁଙ୍କୁ ଧରିବାରେ ପୋଲିସକୁ ସହାୟତା କରିଥିଲେ। ତେବେ କ'ଣ ପାଇଁ ସେ ମନ୍ଦିରରେ ପ୍ରବେଶ କରି ଭଙ୍ଗାରୁଜା କଲେ ଜଣାପଡ଼ି ନାହିଁ।

### ଗାୟକ ଟୋନି ବେନେଟଙ୍କ ପରଲୋକ

**ୱାଶିଂଟନ୍,୨୨।୭:** ଆମେରିକୀୟ ଗାୟକ ଟୋନି ବେନେଟଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ନିଜର ଗାଇକୀ ପାଇଁ ଟୋନି ଖୁବ୍ ଜଣାଶୁଣା।



୨୦ଟି ଗ୍ରାମୀ ଆୱାର୍ଡ ସାଙ୍ଗକୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଏବଂ ପ୍ରାଇମ୍ ଟାଇମ୍ ଏମି ଆୱାର୍ଡ ବିଜେତା ଟୋନିଙ୍କ ପୂରା ନାମ ଆଣ୍ଟୋନି ଡୋମିନିକ୍ ବେନେଡେଟୋ। ନ୍ୟୁୟର୍କ ସିଟିରେ ୧୯୨୬ ଅଗଷ୍ଟ ୩ରେ ତାଙ୍କ ଜନ୍ମ। ଗୀତ ଗାଇବା ସାଙ୍ଗକୁ ପେଣ୍ଟିଂ କରିବା ତାଙ୍କୁ ଖୁବ୍ ପସନ୍ଦ। ଛୋଟବେଳୁ ଟୋନି ଗୀତ ଗାଇବା ଆରମ୍ଭ କରିଥିଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସେ ଆମେରିକୀୟ ସେନାରେ ସାମିଲ ହୋଇଥିଲେ। ୧୯୫୧ ମସିହାର 'ବିକଜ୍ ଅଫ୍ ୟୁ' ଗୀତ ତାଙ୍କୁ ଲୋକପ୍ରିୟ କରିଥିଲା।

### ବୋଟ୍ ବୁଡ଼ି ୬ ମୃତ

**ଟୁନିସ୍,୨୨।୭:** ମରକୋରେ ବୋଟ୍ ବୁଡ଼ି ଶୁକ୍ରବାର ୬ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଅନ୍ୟ ୪୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି।

### ତିହାରର ୪ ଅଫିସର ନିଲମ୍ବିତ

**ସୁପ୍ରିମକୋର୍ଟରେ ୟାସିନ ମଲିକ ହାଜର ଘଟଣା**

**ନୂଆଦିଲ୍ଲୀ,୨୨।୭:** ଆତଙ୍କବାଦୀଙ୍କୁ ଅଦାଲତରେ ହାଜର କରାଇବା ଉପରେ କଟକଣା ରହିଥିବା ସତ୍ତ୍ୱେ ଶୁକ୍ରବାର ହୁରିୟାତ୍ ନେତା ୟାସିନ ମଲିକଙ୍କୁ ପୋଲିସ ସୁରକ୍ଷାରେ ସୁପ୍ରିମକୋର୍ଟରେ ହାଜର କରାଯାଇଥିଲା। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଦୋଷୀସାବ୍ୟସ୍ତ ୟାସିନ ତିହାର କେନ୍ଦ୍ରୀୟ ଜେଲ୍‌ରେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ଅଦାଲତ ସୁରକ୍ଷାରେ ଗୁରୁତର ତ୍ରୁଟି ପାଇଁ ଦିଲ୍ଲୀ କର୍ତ୍ତୃପକ୍ଷ ଜେଲ୍‌ର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୨ ଜଣ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଜେଲ୍ ନମ୍ବର ୭ର ମୁଖ୍ୟ ୱାର୍ଡରଙ୍କୁ ନିଲମ୍ବନ କରିଛନ୍ତି। ଘଟଣାର ସବିଶେଷ ତଦନ୍ତ ଲାଗି ଜେଲ୍ ମହାନିର୍ଦ୍ଦେଶକ ସଞ୍ଜୟ ବନିୱାଲ ନିର୍ଦ୍ଦେଶ ଦେଇଥିଲେ। ୟାସିନଙ୍କୁ ସଶରୀରେ ସର୍ବୋଚ୍ଚ ଅଦାଲତରେ ହାଜର କରାଯିବାରେ ଉପରୋକ୍ତ ୪ ଅଧିକାରୀ ଦାୟୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା।

# ମଣିପୁରରେ ଆଉ ଏକ ବର୍ବରତା
# ୨ ମହିଳାଙ୍କୁ ବଳାତ୍କାର, ହତ୍ୟା




ମଣିପୁରରେ ଯୌନ ହିଂସା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ମହାରାଷ୍ଟ୍ର ଠାଣେରେ ସ୍ଲୋଗାନ ଦେଉଛନ୍ତି।

**■ଅଢ଼େଇ ମାସ ପରେ ବି ମିଳିନି ମୃତଦେହ**
**■କାହାକୁ ଗିରଫ କରିନି ପୋଲିସ**

**ଇମ୍ଫାଲ,୨୨।୭**

ମଣିପୁରରେ ଜାତିଆଣ ହିଂସାକାଣ୍ଡ ବେଳେ ମେ' ୪ରେ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବାର ଭିଡିଓ ଭାଇରାଲ ଏବଂ ସେମାନଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସେହିଦିନ କଙ୍ଗପୋକ୍‌ପି ଜିଲାରେ ୨ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଖବର ସାମ୍ନାକୁ ଆସିଛି। ଦୁଇ ପୀଡ଼ିତାଙ୍କ ବୟସ ୨୧ ଏବଂ ୨୪ ବର୍ଷ ହୋଇଥିବାବେଳେ ସେମାନେ ଇମ୍ଫାଲ ଇଷ୍ଟ ଜିଲାର କୋନୁଙ୍ଗ ମାମଙ୍ଗ ଅଞ୍ଚଳରେ ଏକ କାର୍ ୱାଶ୍‌ରେ କାମ କରୁଥିଲେ। ପୂର୍ବ ଘଟଣାଠାରୁ ମାତ୍ର ୪୦ କିଲୋମିଟର ଦୂରରେ ଏହି ବୀଭତ୍ସ ଅପରାଧ ଘଟିଛି। କେତେଜଣ ମହିଳାଙ୍କ ସମେତ ଉତ୍ୟକ୍ତ ଲୋକେ କାର୍ ୱାଶ୍‌ଠାରେ ପହଞ୍ଚି ଦୁଇ ଯୁବତୀଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ପୀଡ଼ିତାଙ୍କୁ ଏକ କୋଠରି ଭିତରକୁ ନେଇଯାଇ ଲାଇଟ୍ ଅଫ୍ କରିଦେବା ସହ ଯୌନ ନିର୍ଯାତନା ଦେଇ ମାରିଦେଇଥିଲେ। ଶେଷରେ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହକୁ ସେମାନେ ପାଖରେ ଥିବା ଏକ କରତକଳ ମଧ୍ୟକୁ ଫିଙ୍ଗିଦେଇଥିଲେ।

ପୀଡ଼ିତାଙ୍କ ପୋଷାକ ଚିରାଯିବା ସହ ଚୁଟି କାଟିଦିଆଯାଇଥିଲା। ହିଂସା ଭୟରେ ମୃତକଙ୍କ ପରିଚୟ ସମ୍ପର୍କରେ ରିପୋର୍ଟ କରାଯାଇ ନ ଥିଲା। ମେ' ୧୬ରେ ଜଣେ ପୀଡ଼ିତାଙ୍କ ମାଆ ସାହସ ଜୁଟାଇ ସାଇକୁଲ୍ ଥାନାରେ ଜିରୋ ଏଫ୍‌ଆଇଆର୍ ଦେଇଥିଲେ। ଉକ୍ତ ଏତଲାରେ ତାଙ୍କ ଝିଅ ଓ ଅନ୍ୟ ଜଣେ ଯୁବତୀଙ୍କୁ ନିର୍ଯାତନା, ବଳାତ୍କାର ପରେ ବୀଭତ୍ସ ହତ୍ୟା କରାଯାଇଥିବା ମହିଳା ଉଲ୍ଲେଖ କରିଥିଲେ। ପରେ ଉକ୍ତ ଏତଲାକୁ ଇମ୍ଫାଲ ଇଷ୍ଟ ଜିଲାର ପୋରୋମପାଟ୍ ଥାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେମାନଙ୍କ ମୃତଦେହ ଏପର୍ଯ୍ୟନ୍ତ ମିଳି ନ ଥିବା ଅଭିଯୋଗରେ କୁହାଯାଇଛି। ଉକ୍ତ ମାମଲାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବାବେଳେ ପୋଲିସ ଅନ୍ୟ ଅପରାଧ ଅଭିଯୋଗଗୁଡ଼ିକର ଯାଞ୍ଚ କରୁଛି।

୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ ଘଟଣାର ଭିଡିଓ ବୁଧବାର ଭାଇରାଲ ହେବା ପରେ ସେମାନଙ୍କୁ ବଳାତ୍କାର ଏବଂ ଜଣେ ପୀଡ଼ିତାଙ୍କ ବାପା ଓ ଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ମାମଲା ମଧ୍ୟ ଉକ୍ତ ଥାନାରେ ଦାଏର ହୋଇଥିଲା। ପୋଲିସ ଏହି ମାମଲାରେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କଲାଣି। ୪ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରୁଛି।

ମେ' ୩ରୁ ଆରମ୍ଭ ହୋଇଥିବା ମଣିପୁର ଜାତିଆଣ ହିଂସାରେ ଅନ୍ୟୂନ ୧୬୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ହିଂସା ରୋକିବାରେ ବିଫଳ ହୋଇଥିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାର ସମାଲୋଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମଣିପୁର ହିଂସା ଉପରେ ଗୃହରେ ବିବୃତି ରଖିବା ଦାବିରେ ବିରୋଧୀ ସଦସ୍ୟମାନେ ଦୁଇଦିନ ହେଲା ପାର୍ଲାମେଣ୍ଟକୁ ଅଚଳ କରି ରଖିଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କୁ ଜାଳିଦେଇଥିଲେ

ହିଂସା ପ୍ରପୀଡ଼ିତ ମଣିପୁରରୁ ଗୋଟିଏ ପରେ ଗୋଟିଏ ଲୋମହର୍ଷକ ଘଟଣା ସାମ୍‌ନାକୁ ଆସିବାରେ ଲାଗିଛି। ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍‌ର ଭିଡିଓ ଭାଇରାଲ ହେବା ପରେ ଏବେ କାକ୍‌ଚିଙ୍ଗ ଜିଲା ସେରୋଉ ଗ୍ରାମର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ୮୦ ବର୍ଷୀୟା ସ୍ତ୍ରୀଙ୍କୁ ସଶସ୍ତ୍ର ଲୋକେ ତାଙ୍କ ଘରେ ତାଲା ପକାଇ ଜୀଅନ୍ତା ଜାଳିଦେଇଥିବା ଖବର ସାମ୍ନାକୁ ଆସିଛି। ମେ' ୨୮ରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଏନେଇ ସେରୋଉ ଥାନାରେ ମାମଲା ରୁଜୁ ହୋଇଛି। ମହିଳାଙ୍କ ସ୍ୱାମୀ ଏସ୍ ଚୁରାଚାନ୍ଦ ସିଂ ଜଣେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମ ତାଙ୍କୁ ସମ୍ମାନିତ କରିଥିଲେ।

### ଇମ୍ଫାଲରେ ସାନି ହିଂସା

ମଣିପୁରର ଇମ୍ଫାଲରେ ଶନିବାର ସାନି ହିଂସାକାଣ୍ଡ ଘଟିଥିବା ଖବର ମିଳିଛି। ମହିଳା ବିକ୍ଷୋଭକାରୀମାନେ ଘରି ଅଞ୍ଚଳର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱକୁ ଅବରୋଧ କରି ରଖିବା ସହ ଟାୟାର ଜାଳିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ମଣିପୁର ସଶସ୍ତ୍ର ପୋଲିସ, ସେନା ଯବାନ ଏବଂ ରାପିଡ୍ ଆକ୍ସନ ବାଟାଲିୟନ ସେଠାରେ ପହଞ୍ଚିଥିଲେ। ସେମାନେ ନିଆଁ ଲିଭାଇ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି।

### ପଶ୍ଚିମବଙ୍ଗରେ ୨ ମହିଳାଙ୍କୁ ଅର୍ଦ୍ଧଉଲଗ୍ନ ପରେଡ୍

**କୋଲକାତା,୨୨।୭**

ପଶ୍ଚିମବଙ୍ଗର ମାଲଦାରେ ସ୍ଥାନୀୟ ଦୋକାନୀମାନେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଚୋରି ସନ୍ଦେହରେ ଅର୍ଦ୍ଧ ଉଲଗ୍ନ ପରେଡ୍ କରାଇବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ପ୍ରକାଶ ପାଇବା ପରେ ଶନିବାର ପୋଲିସ ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ୩/୪ ଦିନ ପୂର୍ବରୁ ମାଲଦାର ପକୁଆହାଟ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ସମ୍ପ୍ରଦାୟରେ ଉତ୍ତେଜନା ପ୍ରକାଶ ପାଇଛି। ତେବେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ନ ହେବା ପର୍ଯ୍ୟନ୍ତ କେହି ପୋଲିସରେ ଅଭିଯୋଗ କରି ନ ଥିଲେ। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାରେ ନୀରବ ଦର୍ଶକ ସାଜିଥିବା ବିରୋଧୀ ଭାଜପା ଅଭିଯୋଗ କରିଛି।

### ଭାରତ ସହ ଏଆଇ ସହଭାଗିତା ପାଇଁ ଆମେରିକା ଆଗ୍ରହୀ

**ୱାଶିଂଟନ୍, ୨୨।୭**

ଭାରତ ଭଳି ଉଦାର ଦେଶ ଆମେରିକା ସହିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ସହଭାଗୀତାରେ କାର୍ଯ୍ୟ କରିବା ଲାଗି ରାଷ୍ଟ୍ରପତି ଜୋ' ବାଇଡେନ୍‌ଙ୍କ ବିଜ୍ଞାନ ପରାମର୍ଶଦାତା ଆରତୀ ପ୍ରଭାକର ପ୍ରସ୍ତାବ ଦେଇଛନ୍ତି। ୱାଶିଂଟନ୍‌ରେ ଗୁଗଲ, ମାଇକ୍ରୋସଫ୍ଟ ଭଳି ଅନେକ ଅଗ୍ରଣୀ ଆଇଟି ଫାର୍ମ ରହିଛି, ଯାହା ଏଆଇ ଉପରେ କାର୍ଯ୍ୟ କରିପାରିବେ। ତେବେ କୃତ୍ରିମ ବୁଦ୍ଧିମତ୍ତାକୁ କେବଳ ଜନ କଲ୍ୟାଣ ଉଦ୍ଦେଶ୍ୟରେ ଲଗାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆରତୀ କହିଛନ୍ତି।

## ସତର୍କ କରାଇଲେ ସିଜେଆଇ

**ପ୍ରଯୁକ୍ତି, ସୋସିଆଲ ମିଡିଆ, ଏଆଇର ଦୁରୁପଯୋଗ**

**ଚେନ୍ନାଇ,୨୨।୭**

ପ୍ରଯୁକ୍ତି, ବିଶେଷ କରି ବହୁସଂଖ୍ୟାରେ ଲୋକଙ୍କ ସହ ତୁରନ୍ତ ଯୋଗାଯୋଗକୁ ସହଜ କରାଇଥିବା ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଯେପରି ଅପବ୍ୟବହାର ନ ହୁଏ, ତାହା ସୁନିଶ୍ଚିତ କରାଯିବା ଆବଶ୍ୟକ। କାରଣ ବ୍ୟକ୍ତି ମୂଲ୍ୟବୋଧ ଏବଂ ବ୍ୟକ୍ତିଗତ ଗୋପନୀୟତା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର କହିଛନ୍ତି। ସେ କହିଛନ୍ତି, ନୂଆ ପ୍ରଯୁକ୍ତି ଶୂନ୍ୟରେ ତିଷ୍ଠିପାରିବ ନାହିଁ। ସେଥିପାଇଁ ସେଗୁଡ଼ିକର ସୁବିନିଯୋଗ ଲାଗି ସୁରକ୍ଷିତ ବ୍ୟବସ୍ଥା କରିବାକୁ ହେବ। ସମ୍ଭାବ୍ୟ ବ୍ୟକ୍ତି ସ୍ୱାଧୀନତା ଉଲ୍ଲଂଘନ ନେଇ ଲୋକଙ୍କ ମଧ୍ୟରେ ଯେପରି କୌଣସି ସନ୍ଦେହ ନ ରହେ, ସେଥିପାଇଁ ଟେକ୍‌ନୋଲୋଜିର ବ୍ୟବହାରକୁ ନିର୍ଭରଯୋଗ୍ୟ କରାଯିବା ଆବଶ୍ୟକ ବୋଲି ସିଜେଆଇ ମତ ଦେଇଛନ୍ତି।

ସୋସିଆଲ ମିଡିଆ ବୟସ ଓ ଜାତୀୟତା ପ୍ରତିବନ୍ଧକ ହଟାଇ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗକୁ ସହଜ କରାଇଛି। କିନ୍ତୁ ଏହି ନୂଆ ଯୋଗାଯୋଗ ବ୍ୟବସ୍ଥା ଅନ୍‌ଲାଇନରେ ଗାଳିଦେବା ଓ ଟ୍ରୋଲ କରିବା ଆଚରଣକୁ ଜନ୍ମ ଦେଇଛି। ସେହିପରି ଏଆଇକୁ ଅପବ୍ୟବହାର, ବିଭ୍ରାନ୍ତ କରିବା, ଧମକ ଦେବା ଆଦିରେ ବ୍ୟବହାର କରାଯିବା ସମ୍ଭାବନା ରହିଛି। କ୍ଷତିକାରକ ଉଦ୍ଦେଶ୍ୟରେ ଏଆଇର ଅପବ୍ୟବହାରକୁ ରୋକାଯିବା ଜରୁରୀ ବୋଲି ଆଇଆଇଟି ମାଡ୍ରାସର ୬୦ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି।

### ଭାରୋତ୍ତୋଳନ ବେଳେ ପ୍ରାଣ ହରାଇଲେ ପ୍ରଶିକ୍ଷକ

**ବାଲି,୨୨।୭**

ଇଣ୍ଡୋନେସିଆ ବାଲିରେ ଜିମ୍ ଟ୍ରେନର୍ ଜଷ୍ଟିନ୍ ବିକି (୩୩) ୱେଟ୍ ଲିଫ୍ଟିଂ କଲାବେଳେ ତାଙ୍କ ମୃତ୍ୟୁ ଘଟିଛି। ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ବହୁଳ ପ୍ରସାର ହେବାରେ ଲାଗିଛି। ବାର୍‌ବେଲ୍‌ରେ ୨୧୦ କେଜି ଓଜନ ରଖି ବିକି ଛିଡ଼ା ହେବାକୁ ଚେଷ୍ଟା କରୁଥିବାବେଳେ ହଠାତ୍ ପଛକୁ ପଡ଼ିଯାଇଥିଲେ। ଏହାପରେ ହାତରେ ଧରିଥିବା ୱେଟ୍ ଲୋଡ୍ ବାରବେଲ୍ ତାଙ୍କ ଗଳାରେ ପଡ଼ିଯାଇଥିଲା। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ବିକିଙ୍କ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।



ଗାଜିଆବାଦ କାହ୍ନା ଉପବନ ଅଞ୍ଚଳରେ ସ୍ଥାନୀୟ ପିଲା ବନ୍ୟାଜଳରେ ଖେଳୁଛନ୍ତି।

## ପୂର୍ବତନ ମନ୍ତ୍ରୀ ହତ୍ୟା ମାମଲାରେ ଶର୍ମିଳା ସାକ୍ଷୀ

**ହାଇଦ୍ରାବାଦ,୨୨।୭**

ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ୱାଇ.ଏସ୍. ବିବେକାନନ୍ଦ ରେଡ୍ଡୀ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଭଉଣୀ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ପ୍ରତିଷ୍ଠାତା ଶର୍ମିଳା ସିବିଆଇର ଗୁପ୍ତ ସାକ୍ଷୀ ରହିଥିବା ଜଣାପଡ଼ିଛି। ଶର୍ମିଳାଙ୍କ ବୟାନ ସହ ସିବିଆଇର ଚୂଡ଼ାନ୍ତ ଚାର୍ଜଶିଟ୍ ଶୁକ୍ରବାର ସାମ୍‌ନାକୁ ଆସିଛି। ଦାଦା ବିବେକାନନ୍ଦଙ୍କ ହତ୍ୟା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଶର୍ମିଳା ସିବିଆଇ ଅଧିକାରୀଙ୍କ ନିକଟରେ ହାଜର ହୋଇ କହିଥିଲେ। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ୱାଇଏସ୍‌ଆର୍‌ସିପିର କଡ଼ପା ଏମ୍‌ପି ୱାଇଏସ୍ ଅବିନାଶ ରେଡ୍ଡୀ ଯେପରି ଟିକେଟ ନ ପାଇବେ ତାହା ସୁନିଶ୍ଚିତ କରିବା ଲାଗି ବିବେକାନନ୍ଦଙ୍କୁ ହତ୍ୟା କରାଯାଇଥିବା ସେ ସିବିଆଇ ଅଧିକାରୀମାନଙ୍କ ଆଗରେ ବୟାନ ଦେଇଥିଲେ।



ୱାଇ.ଏସ୍. ଶର୍ମିଳା

ପ୍ରକାଶ ଯେ, ନିର୍ବାଚନ ପ୍ରଚାର ବେଳେ ୨୦୧୯ ମାର୍ଚ୍ଚ ୧୫ରେ ବିବେକାନନ୍ଦଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ସିବିଆଇ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିଛି, ଯେଉଁଥିରେ ଅବିନାଶ ଓ ତାଙ୍କ ବାପା ଭାସ୍କର ରେଡ୍ଡୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ଏବଂ ଅପରାଧ ଭିଆଇବା ପାଇଁ ୪ ସୁପାରି କିଲରଙ୍କୁ ଟଙ୍କା ଦେବା ନେଇ ଅଭିଯୁକ୍ତ ଦର୍ଶାଯାଇଛି।

## ଗୁଜରାଟର ଜୁନାଗଡ଼ରେ ବନ୍ୟା

**ମହାରାଷ୍ଟ୍ର, ଗୋଆରେ ରେଡ୍ ଆଲର୍ଟ**

**ଅହମ୍ମଦାବାଦ/ନୂଆଦିଲ୍ଲୀ,୨୨।୭**

ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର, ଗୋଆ ଏବଂ ଗୁଜରାଟରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରେଡ୍ ଆଲର୍ଟ ଜାରି କରିଛି। ପ୍ରବଳ ବର୍ଷା ଯୋଗୁ ହିମାଚଳ ପ୍ରଦେଶ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ବର୍ଷା ଜନିତ କ୍ଷୟକ୍ଷତି ବଢ଼ିବା ସହ ଶିମଲାର ଲୈଲା ପଞ୍ଚାୟତର ୩ ଜଣ ଲୋକ ନିଖୋଜ ଥିବାବେଳେ ବହୁ ଗାଡ଼ି ଭାସିଯାଇଛି। ସେହିପରି ଗୁଜରାଟ ଜୁନାଗଡ଼ରେ ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି। ଏ ନେଇ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ କରିଛନ୍ତି। ୪ ମ୍ୟୁନିସିପାଲିଟି ଟିମ୍ ମିଳିତ ଭାବେ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପକ୍ଷେ ଜମ୍ମୁରେ ପ୍ରବଳ ବର୍ଷା ଯୋଗୁ ଅମରନାଥ ଯାତ୍ରା ସ୍ଥଗିତ କରାଯାଇଛି। ପାଖାପାଖି ୫୪ ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ଉତ୍ତାପ ବୃଦ୍ଧିରୁ ବଢ଼ୁଛି ଖାଦ୍ୟ ସଙ୍କଟ

**ଯୁଦ୍ଧ, ରପ୍ତାନି କଟକଣା ସମସ୍ୟା ସୃଷ୍ଟି କରୁଛି**

**ନୂଆଦିଲ୍ଲୀ,୨୨।୭**

ବିଶ୍ୱର ଅଧିକାଂଶ ଦେଶରେ ଅତ୍ୟଧିକ ଉତ୍ତାପ ବୃଦ୍ଧି ଯୋଗୁ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଭୀଷଣ ଜଳବାୟୁ ସାରା ବିଶ୍ୱରେ ଖାଦ୍ୟ ସଙ୍କଟର କେବଳ ଗୋଟିଏ କାରଣ ନୁହେଁ। ଯୁଦ୍ଧ ଏବଂ ରପ୍ତାନି କଟକଣା ମଧ୍ୟ ଖାଦ୍ୟ ସଙ୍କଟର ଅନ୍ୟତମ କାରଣ। ବିଶ୍ୱର ପାଖାପାଖି ଅଧା ଜନସଂଖ୍ୟା ପାଇଁ ଚାଉଳ ଯୋଗାଉଥିବା ଭାରତ ଚଳିତ ସପ୍ତାହରେ ଅଣବାସମତୀ ଚାଉଳ ରପ୍ତାନି ବନ୍ଦ କରିଛି। ଏଥର ମୌସୁମୀ ବର୍ଷାରେ ବିଳମ୍ବ ଯୋଗୁ କୃଷି ଉତ୍ପାଦନ ହ୍ରାସ ସମ୍ଭାବନା ଥିବାରୁ ଘରୋଇ ବଜାରରେ ଦରଦାମ୍ ନିୟନ୍ତ୍ରଣରେ ରଖିବା ପାଇଁ ଭାରତ ଉପରୋକ୍ତ ପଦକ୍ଷେପ ନେଇଛି। ୟୁକ୍ରେନ୍ ଯୁଦ୍ଧ ମଧ୍ୟ ଖାଦ୍ୟଶସ୍ୟ ଯୋଗାଣରେ ଅନ୍ତରାୟ ହୋଇଛି। କୃଷ୍ଣସାଗର ଅଞ୍ଚଳର ଦେଶଗୁଡ଼ିକୁ ନିରାପଦରେ ୟୁକ୍ରେନ୍ ଖାଦ୍ୟଶସ୍ୟ ଯୋଗାଣ ପାଇଁ ରହିଥିବା ଚୁକ୍ତିନାମାରୁ ରୁଷିଆ ଓହରିଯିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏହା ବାଦ୍ ଏଲ୍ ନିନ୍ୟୋର ଆଗମନ ଯୋଗୁ କୃଷି ଉତ୍ପାଦନ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଫଳରେ ସୁପରମାର୍କେଟ ଗୁଡ଼ିକରେ ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ବାହାରକୁ ଯାଇପାରେ ଓ ଦୀର୍ଘଦିନ ରହିପାରେ ବୋଲି କୁହାଯାଉଛି। ବଜାର ସ୍ଥିତିରେ ସୁଧାର ଆସିବା ଲକ୍ଷ୍ୟରେ ଦୀର୍ଘଦିନ ହେଲା ଘରକରଣା ଖର୍ଚ୍ଚ କମାଇ ଅପେକ୍ଷା କରିଥିବା ଗ୍ରାହକମାନଙ୍କ ପାଇଁ ଏହା ନୂଆ ଝଟକା ହେବାକୁ ଯାଉଛି।

ଲଣ୍ଡନସ୍ଥିତ ଚାଥାମ ହାଉସ୍‌ର ଖାଦ୍ୟ ସୁରକ୍ଷା ବିଶେଷଜ୍ଞ ଟିମ୍ ବେଣ୍ଟନ କହିଛନ୍ତି, ଦରଦାମ୍ ବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ମୁଦ୍ରାସ୍ଫୀତିରେ ଧୀରେ ଧୀରେ କମୁଥିଲେ ମଧ୍ୟ ପୁଣିଥରେ ବୃଦ୍ଧି ପାଇବା ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଅତ୍ୟଧିକ ଉତ୍ତାପ ଏସିଆ, ୟୁରୋପ ଏବଂ ଉତ୍ତର ଆମେରିକାର ବିସ୍ତୀର୍ଣ୍ଣ ଅଞ୍ଚଳକୁ କବଳିତ କରି ରଖିଛି। ଚଳିତ ବର୍ଷ କୃଷକମାନଙ୍କ ପାଇଁ ସବୁଠୁ ଖରାପ ବର୍ଷ ବୋଲି କୁହାଯାଉଛି। କାରଣ ସେମାନଙ୍କୁ ଅନାବୃଷ୍ଟି, ବର୍ଷା ବିପ୍ରାତ ବନ୍ୟା ଭଳି ଭୀଷଣ ପାଗର ସମ୍ମୁଖୀନ ହେବାକୁ ପଡୁଛି। ଏବେ ଦକ୍ଷିଣ ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଗାଈ କମ୍ କ୍ଷୀର ଦେଉଥିବାବେଳେ ଟମାଟୋ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

## ଝିଅକୁ ଧରି ପୋଲାଣ୍ଡରୁ ଝାଡ଼ଖଣ୍ଡ ଆସିଲେ ମହିଳା

**ରାଞ୍ଚି,୨୨।୭**

ଅନ୍‌ଲାଇନ୍ ଗେମ୍ ପବ୍‌ଜି ଖେଳି ପାକିସ୍ତାନ ସୀମା ହାଇଦର ନିଜ ୪ ପିଲାଙ୍କୁ ନେଇ ଭାରତ ଅନୁପ୍ରବେଶ କରିବା ସାରା ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ ଏମିତି ଏକ ଘଟଣା ଝାଡ଼ଖଣ୍ଡରୁ ସାମ୍ନାକୁ ଆସିଛି। ୪୯ ବର୍ଷୀୟା ବାର୍ବରା ପୋଲାକ ପ୍ରେମିକ ଶଦାବ ମଲିକଙ୍କ ପାଇଁ ପୋଲାଣ୍ଡ ଛାଡ଼ି ଏବେ ଝାଡ଼ଖଣ୍ଡରେ ପହଞ୍ଚିଛନ୍ତି। ତେବେ ବାର୍ବରା ବେଆଇନ୍ ଭାବେ ନୁହେଁ ବରଂ ଟୁରିଷ୍ଟ ଭିଜାରେ ଭାରତ ଆସିଛନ୍ତି, ଯାହାର ଅବଧି ୨୦୨୭ ପର୍ଯ୍ୟନ୍ତ ଅଛି। ଶଦାବଙ୍କୁ ବାହାହେବା ପରେ ବାର୍ବରାଙ୍କ ପ୍ରେମ ଏବେ ସଫଳ ହୋଇଥିବା କୁହାଯାଉଛି। ସେ ୬ବର୍ଷର ଝିଅ ଅନନ୍ୟା ଏବଂ ଶଦାବ ଏବେ ଝାଡ଼ଖଣ୍ଡର ବରତୁଆ ଗ୍ରାମରେ ରହୁଛନ୍ତି। ୨୦୨୧ରେ ବାର୍ବରା ଓ ଶଦାବ ଦୁହେଁ ଇନ୍‌ଷ୍ଟାଗ୍ରାମ ଜରିଆରେ ପରିଚିତ ହୋଇଥିଲେ। କିଛିଦିନର ଚାଟିଂ ପରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଓ ପରେ ଏହା ପ୍ରେମର ରୂପ ନେଇଥିଲା। ବାର୍ବରା ଓ ଶଦାବ ହଜାରିବାଗ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ କୋର୍ଟରେ ବାହାହେବାକୁ ଯାଉଛନ୍ତି। ଏନେଇ ଗାଁ ସାରା ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।



ବାର୍ବରା ଓ ଝିଅ ସହ ଶଦାବ

ବାର୍ବରା ଭାରତକୁ ପ୍ରଶଂସା କରିବା ସହ ହଜାରିବାଗରେ ରହିବା ତାଙ୍କୁ ପସନ୍ଦ ଆସୁଥିବା କହିଛନ୍ତି। ପୋଲାଣ୍ଡରେ ଚାକିରି ଛାଡ଼ି ବାର୍ବରା କେବଳ ଶଦାବଙ୍କ ପାଇଁ ଝାଡ଼ଖଣ୍ଡ ଆସିଥିବା କହିଛନ୍ତି। ଏଥିସହ ଶଦାବଙ୍କ ପରିବାର ତାଙ୍କୁ ଖୁବ୍ ଆଦର କରୁଥିବା ବାର୍ବରା କହିଛନ୍ତି। ଗତ କିଛି ବର୍ଷ ହେଲା ବାର୍ବରା ତାଙ୍କ ପୂର୍ବତନ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ଦେଇଥିବାବେଳେ ଝିଅ ସହ ଏକୁଟିଆ ରହୁଥିଲେ।

**ଇନ୍‌ଷ୍ଟାଗ୍ରାମରୁ ପ୍ରେମ**

ସୀମା ହାଇଦରଙ୍କ ଭଳି ଗତବର୍ଷ ୧୯ ବର୍ଷୀୟା ଇକ୍‌ରା ଅନ୍‌ଲାଇନ୍‌ରେ ଲୁଡୋ ଖେଳି ବେଙ୍ଗାଲୁରୁରେ ଥିବା ପ୍ରେମିକଙ୍କ ପାଖକୁ ଚାଲିଆସିଥିଲେ। ବେଆଇନ ଭାବେ ଭାରତରେ ରହିବା ନେଇ ଇକ୍‌ରାଙ୍କୁ ପୋଲିସ ଗିରଫ କରିବା ପରେ ଗତ ଜାନୁୟାରୀରେ ତାଙ୍କୁ ପାକିସ୍ତାନ ପଠାଯାଇଛି।

# ପୋଲିସ ନିର୍ଯାତନା: ମହାନଦୀକୁ ଡେଇଁଥିବା ଯୁବକଙ୍କ ମୃତ୍ୟୁ

- କ୍ୟାଣ୍ଟନମେଣ୍ଟ ଥାନାରୁ ଖସି ପଳାଇଥିଲେ
- ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ୍ ଅନୁସାରେ ତଦନ୍ତ କରାଯିବ: ଡିସିପି

କଟକ,୨୨।୭(କାର୍ତ୍ତିକ ସାହୁ)

କଟକ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ହେପାଜତରୁ ଶୁକ୍ରବାର ଫେରାର ହୋଇଯାଇଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳେ ମହାନଦୀରୁ ଉଦ୍ଧାର କରାଯାଇଛି। ଯୋବ୍ରା ଆନିକଟ ନିକଟରେ ଏକ ମୃତଦେହ ଭାସୁଥିବା ସୂଚନା ପାଇବାପରେ ଜଗତପୁର ଥାନା ପୋଲିସ ଓ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀମାନେ ମୃତଦେହକୁ ଉଦ୍ଧାର କରିଥିଲେ। ଉକ୍ତ ମୃତଦେହ ଶଙ୍କର୍ଷଣ ବେହେରା ଓରଫ ବବ୍‌ଲୁଙ୍କ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଛନ୍ତି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଅତ୍ୟଧିକ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବାରୁ ଶଙ୍କର୍ଷଣ ଜୀବନ ବିକଳରେ ପୋଲିସ ହେପାଜତରୁ ଖସିଆସି ମହାନଦୀକୁ ଡେଇଁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୋଲିସ ହେପାଜତରେ ଥିବାବେଳେ ଯେହେତୁ ଯୁବକଙ୍କ ମୃତ୍ୟୁ ହୋଇଛି, ତେଣୁ ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ତଦନ୍ତ କରାଯିବ ବୋଲି କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

ଡିସିପି କାର୍ଯ୍ୟାଳୟରେ ଶନିବାର ମିଶ୍ର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହାକୁ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛନ୍ତି। ଏକ ମୋବାଇଲ ଚୋରି ମାମଲାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ଶଙ୍କର୍ଷଣଙ୍କୁ ଥାନାକୁ


ଶଙ୍କର୍ଷଣ ବେହେରା

ଆଣି ଅଟକ ରଖିଥିଲା। ତେବେ ଥାନାର ଜଣେ ସେଣ୍ଟ୍ରିଙ୍କୁ ଧକ୍କା ଦେଇ ଶଙ୍କର୍ଷଣ ଦୌଡ଼ି ପଳାଇଯାଇଥିଲେ। ପୋଲିସ କର୍ମଚାରୀମାନେ ତାଙ୍କ ପିଛା କରିଥିଲେ। ହେଲେ ଥାନା ସମ୍ମୁଖ ମହାନଦୀରେ ସେ ପାଣିକୁ ଡେଇଁ ପଡ଼ିଥିଲେ। ପୋଲିସ କର୍ମଚାରୀମାନେ ତାଙ୍କ ଫେରିଆସିବାକୁ ବୁଝାଇଥିବା ସତ୍ତ୍ୱେ ସେ ଶୁଣି ନ ଥିଲେ। ନିକଟରେ ଏକ ଟାପୁ ରହିଥିବାରୁ ସେ ମହାନଦୀର ପାଣିରେ ପଶି ଉକ୍ତ ଟାପୁ ନିକଟକୁ ଯିବାକୁ ଉଦ୍ୟତ ହୋଇଥିଲେ। ହେଲେ କିଛି ସମୟ ପରେ ସେ ଆଉ ଦୃଶ୍ୟମାନ ହୋଇ ନ ଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ମହାନଦୀ ପାଣିରେ ଖୋଜାଖୋଜି କରିଥିଲେ ବି କିଛି ସନ୍ଧାନ ମିଳି ନ ଥିଲା। ମୃତକଙ୍କ ପରିବାର କରିଥିବା ପୋଲିସ ନିର୍ଯାତନା ଅଭିଯୋଗ ସଂକ୍ରାନ୍ତରେ ଡିସିପି କହିଛନ୍ତି ଯେ, ଦିନ ତମାମ ତାଙ୍କ ପରିବାର ଲୋକଙ୍କ ସହ ଅଛୁ। ସେମାନେ ଲିଖିତ ଭାବେ କିଛି ଅଭିଯୋଗ କରିନାହାନ୍ତି। ତାଙ୍କୁ କହିଛୁ ଅଭିଯୋଗ କଲେ ନିଶ୍ଚିତ ଭାବେ ତଦନ୍ତ କରାଯିବ। ଥାନାରେ ସିସିଟିଭି ଫୁଟେଜ୍ ରହିଛି। ସିସିଟିଭି ରେକର୍ଡିଂରୁ ସବୁକିଛି ଜଣାପଡ଼ିଯିବ। ଅଭିଯୋଗ କରାଗଲେ ଜଣେ ଅତିରିକ୍ତ ଡିସିପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବ। ତେବେ ଏବେ ଏଡିସିପି ଅନିଲ ମିଶ୍ରଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଯୁବକଙ୍କୁ କେଉଁ ପରିସ୍ଥିତିରେ ଥାନାକୁ ଅଣାଯାଇଥିଲା। ପୋଲିସ ହେପାଜତରୁ ଦୌଡ଼ି ପଳାଇଥିବାରୁ କେଉଁ ପରିସ୍ଥିତିରେ ସେ ଏଭଳି ଘଟଣା ଘଟାଇଲେ, ତା'ର ତଦନ୍ତ କରିବେ। କାହାର ଅବହେଳା ପାଇଁ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଫାଷ୍ଟଫୁଡ ବ୍ୟବସାୟ କରୁଥିବା ଶଙ୍କର୍ଷଣଙ୍କୁ ବିଡ଼ାନାସୀ ଥାନା ପୋଲିସ ୧୯ ତାରିଖ ସକାଳେ ଏକ ଚୋରି ମାମଲାରେ ବିଡ଼ାନାସୀ ଟ୍ରାଞ୍ଜିଟ ହାଉସ ଅଞ୍ଚଳ ଘରୁ ଉଠାଇ ଆଣିଥିଲା। ତାଙ୍କ ନିକଟରୁ ପୋଲିସ ଏଲ୍‌ଇଡି ଟିଭି ଓ ଗ୍ୟାସ ସିଲିଣ୍ଡର ଜବତ କରିଥିଲା। ତା'ପରେ ବିଡ଼ାନାସୀ ଥାନା ପୋଲିସ ଶଙ୍କର୍ଷଣଙ୍କୁ କ୍ୟାଣ୍ଟନମେଣ୍ଟ ଥାନା ଜିମା ଦେଇଥିଲା। ସେଠାରେ ବବ୍‌ଲୁ ସେଣ୍ଟ୍ରିଙ୍କୁ ଧକ୍କା ଦେଇ ଫେରାର ହେବା ପରେ ମହାନଦୀକୁ ଡେଇଁଥିଲେ। ଭାଇଙ୍କ ନାମରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ତାଙ୍କୁ ଉଠାଇ ଆଣି ପୋଲିସ ୩ ରାତି ନିର୍ଘାତ ମାଡ଼ ମାରିଥିବା ଭଉଣୀ ଅଭିଯୋଗ କରିଛନ୍ତି।

## ଡିସିପିଙ୍କୁ ଭେଟିଲା ନଗର ଭାଜପା

କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ହେପାଜତରେ ଥିବା ଯୁବକ ଭିଆଇପି ରୋଡରୁ ଫେରାର ହୋଇ ମହାନଦୀ ଭିତରେ ଡେଇଁ ମୃତ୍ୟୁବରଣ କରିବା ଘଟଣାକୁ ପୋଲିସର ଚରମ ଅବହେଳା ବୋଲି ନଗର ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପାର ଏକ ଟିମ୍ କଟକ ଡିସିପିଙ୍କୁ ଭେଟି ମୃତକଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ମୃତ ଶଙ୍କର୍ଷଣଙ୍କ ପରିବାର ଲୋକଙ୍କ ସହିତ ଏସ୍‌ସିବି ମେଡିକାଲରେ ନଗର ଭାଜପାର ଏକ ଟିମ୍ ରହିଥିଲା। ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, କଳ୍ପନା ବେହେରା, ମଣ୍ଡଳ ସଭାପତି ରତନ ମହାନ୍ତି, ଦେବାନନ୍ଦ ସିଂ, ମିଡିଆ ସଂଯୋଜକ ସୁବାସ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ବଗିକୁ ଛାଡ଼ି ଚାଲିଗଲା ମାଲବାହୀ

ସୋର, ୨୨।୭ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ରେଳଷ୍ଟେଶନର କିଛି ଦୂରରେ ଶନିବାର ପୂର୍ବାହ୍ନରେ ଏକ ମାଲବାହୀ ଟ୍ରେନ ବଗିକୁ ଛାଡି ୨କି.ମି. ପଳାଇଥିଲା। ପ୍ରାୟ ୨୫ ମିନିଟ୍ ପରେ ଏହା ଜଣାପଡିବାରୁ ଟ୍ରେନ ପଛେଇ ପଛେଇ ଆସି ପୁଣି ବଗି ସହ ସଂଯୋଗ ହୋଇଥିଲା। ଏହାପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଏହି ମାଲବାହୀ ଟ୍ରେନଟି ଧାମରାରୁ କୋଇଲା ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିଲା। ଡାଉନ ଲାଇନର ୨ ନମ୍ବର ପ୍ଲାଟଫର୍ମ ଅତିକ୍ରମ କରିବା ବେଳେ ବଗିଗୁଡ଼ିକୁ ଛାଡି ଟ୍ରେନ ଆଗକୁ ପଳାଇଥିଲା। ଟ୍ରେନ ମେନଲାଇନରେ ଯାଉଥିବାରୁ ଏହି ଘଟଣା ପରେ ସବୁ ଟ୍ରେନଗୁଡ଼ିକ ବିଳମ୍ବରେ ଚାଲିଛି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ରେଳଷ୍ଟେଶନରେ ଏକ ମାଲବାହୀ ଟ୍ରେନରୁ ୧୦ଟି ବଗି ଏହିପରି ଭାବେ ଟ୍ରେନରୁ ବିଚ୍ଛିନ୍ନ ହୋଇଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଟ୍ରେନର ବଗିଗୁଡ଼ିକୁ ଯୋଡ଼ାଯିବା ପରେ ଗନ୍ତବ୍ୟ ପଥରେ ଯାଇଥିଲା। ପ୍ରାୟ ପ୍ରତିଦିନ କେଉଁଠି ନା କେଉଁଠି ଏଭଳି ଘଟଣା ଘଟୁଥିବାରୁ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି।


ଟ୍ରେନଠାରୁ ଅଲଗା ହୋଇ ରହିଥିବା ବଗି।

# ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ଆଜି

## ୫ ଗେଟ୍ ଦେଇ ଛଡ଼ାଯିବ


ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।

**ସମ୍ବଲପୁର,୨୨।୭(ଶୁଭାଶିଷ ପାଢ଼ୀ):** ହୀରାକୁଦ ଡ୍ୟାମ୍‌ରୁ ଚଳିତବର୍ଷ ପ୍ରଥମ ବନ୍ୟାଜଳ ରବିବାର ସକାଳ ୯ଟାରେ ନିଷ୍କାସନ ହେବ। ପ୍ରତିବର୍ଷ ଭଳି ପ୍ରଥମେ ୭ନଂ. ସ୍ଲୁଇସ୍ ଗେଟ୍ ଖୋଲାଯିବ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍‌ଦେଇ ବନ୍ୟାଜଳ ଛଡ଼ାଯିବ। ଡ୍ୟାମ୍ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରିକରି ଏହି ସୂଚନା ଦେଇଛନ୍ତି। ଉପରମୁଣ୍ଡରେ ବର୍ଷା ଯୋଗୁ କ୍ରମାଗତ ଭାବରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଏଥିଯୋଗୁ ଗେଟ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳପତ୍ତନ ୬୧୪.୩୭ ଫୁଟ୍ ରହିଛି। ଏବେ ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୬୪ହଜାର ୮୦୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୪୦ ହଜାର ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗେଟ୍ ଖୋଲାଗଲେ ହୀରାକୁଦ ଡ୍ୟାମ୍ ତଳମୁଣ୍ଡରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ଏଣୁ ତଳମୁଣ୍ଡରେ ବସବାସ କରୁଥିବା ଲୋକେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ କହିଛନ୍ତି।

# ବାଘ, ହରିଣ ଛାଲ ଜବତ: ଜଣେ ଗିରଫ



**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ମ.ରାମପୁର, ୨୨।୭ (ଶଶିଭୂଷଣ ପ୍ରହରାଜ):** କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶ୍ରୀପାଲି ଛକ ନିକଟରେ ବାଘଛାଲ ଡିଲ୍ ଚାଲିଥିବାବେଳେ ଶୁକ୍ରବାର ରାତିରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମ.ରାମପୁର ଥାନା ଅଞ୍ଚଳର ଖଗେଶ୍ୱର ପୁଟେଲ। ତାଙ୍କଠାରୁ ଏସ୍‌ଟିଏଫ୍ ଟିମ୍ ୩ଟି କଲରାପତିଆ ଛାଲ ଓ ୩ଟି ହରିଣ ଛାଲ ଜବତ କରିଛି। ତେବେ ଘଟଣାସ୍ଥଳରୁ ଆଉ କେତେଜଣ ଫେରାର ହୋଇଯାଇଛନ୍ତି। ଏନେଇ ଏସ୍‌ଟିଏଫ ମାମଲା (ନଂ.୧୪/୨୩) ରୁଜୁ କରି ଅଭିଯୁକ୍ତ ଖଗେଶ୍ୱରଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ଛାଲଗୁଡ଼ିକୁ ଡେରାଡୁନସ୍ଥିତ ଫୋରେନସିକ୍ ଲାବରେଟୋରିକୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଏତେଗୁଡ଼ିଏ ଛାଲ କେଉଁଠୁ ଆସିଲା ଓ କେଉଁଠିକୁ ଚାଲାଣ ପାଇଁ ଯୋଜନା ଚାଲିଥିଲା ତାହାର ତଥ୍ୟ ଜାଣିବାକୁ ଏସ୍‌ଟିଏଫ ଅଧିକ ତଦନ୍ତ ଜାରି ରଖିଛି। ଏଥିସହ ଚଢ଼ାଉ ସମୟରେ ଆଉ କେତେଜଣ ଫେରାର ହୋଇଥିବାରୁ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଚାଲିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

# ଜୁଆଙ୍ଗଙ୍କ ନିଆଁର ଉତ୍ସ 'ଚକମକି'

## ଦିଆସିଲି, ଲାଇଟର ଯୁଗରେ ବି ବ୍ୟବହାର ହେଉଛି

କେନ୍ଦୁଝର,୨୨।୭(ଦୀପକ ମିଶ୍ର)

ଆଧୁନିକତା ମଧ୍ୟରେ ହଜିଯାଇନାହିଁ ଜୁଆଙ୍ଗ ଜନଜାତିଙ୍କ ନିଆଁର ଉତ୍ସ 'ଚକମକି'ର ବ୍ୟବହାର। ବିଶ୍ୱର ସବୁ ଆଦିମ ଜନଜାତି ମଧ୍ୟରେ ଜୁଆଙ୍ଗ ଜନଜାତିଙ୍କ ନିଜର ଅନନ୍ୟ ଛାପ ରହିଛି। ବୈତରଣୀ ନଦୀର ଉତ୍ପତ୍ତିସ୍ଥଳରେ ବସବାସ କରୁଥିବା ଏହି ଆଦିମ ଜନଜାତିର ଲୋକମାନେ ଆଜିର ଆଧୁନିକ ଚାକଚକ୍ୟ ମଧ୍ୟରେ ବି ପରମ୍ପରାକୁ ଭୁଲିନାହାନ୍ତି। ସେଥିମଧ୍ୟରେ ଚାଙ୍ଗୁ ହେଉ କି ଅହୋରାତ୍ର ଜଳୁଥିବା ନିଆଁଧୁନି। ଏହି ପାରମ୍ପରିକ ଜିନିଷ ମଧ୍ୟରେ 'ଚକମକି' ହେଉଛି ଅନ୍ୟତମ।

ଚକମକି ଏକ ବାଉଁଶ ନଳରେ ନିର୍ମିତ ହୋଇଥାଏ। ଛୋଟ ବାଉଁଶନଳୀର ଏକ ପାର୍ଶ୍ୱରେ ଶିମିଳିତୁଳା ଥିବା ବେଳେ ଅନ୍ୟପଟେ ଝକମକ ପଥର ଖଣ୍ଡ ରହିଥାଏ। ଏହି ଦୁଇ ପାର୍ଶ୍ୱକୁ ଚମଡ଼ା ଖୋଳରେ ବନ୍ଦ କରାଯାଇଥାଏ। ଏହା ସହ ଏକ ଲୁହାଖଣ୍ଡ ବନ୍ଧାଯାଇଥାଏ। ଯେତେବେଳେ ନିଆଁର ଆବଶ୍ୟକ ହୋଇଥାଏ ଝକମକ ପଥରକୁ ଲୁହା ସାହାଯ୍ୟରେ ଘଷି ଶିମିଳିତୁଳାରେ ନିଆଁ ଲଗାଯାଇଥାଏ। ଏହି ନିଆଁକୁ ଫୁଙ୍କି ଧୂମପାନ କି ମଣ୍ଡଘରେ ଥିବା କାଠଖଣ୍ଡ ଜଳାଇବାରେ ବ୍ୟବହାର କରାଯାଇଥାଏ। ଆଜିର ଦିଆସିଲି, ଲାଇଟର ଯୁଗରେ ମଧ୍ୟ ଜୁଆଙ୍ଗମାନେ ନିଆଁର ଉତ୍ସ ଭାବେ ଚକମକିର ବ୍ୟବହାର କରୁଛନ୍ତି। ବିଶେଷକରି ଜୁଆଙ୍ଗ ଜନଜାତିର ବୟସ୍କ ବ୍ୟକ୍ତି ଏହାକୁ ଧୂମପାନ ସମୟରେ ବ୍ୟବହାର କରନ୍ତି। କାହିଁ କେଉଁକାଳରୁ ଏହାକୁ ବ୍ୟବହାର କରୁଥିବା ଜୁଆଙ୍ଗ ଅଧିବାସୀ ପ୍ରକାଶ କରିଛନ୍ତି। ପ୍ରତିଦିନ ଦିଆସିଲି କି ଲାଇଟର ପାଇଁ ଟଙ୍କା ଆବଶ୍ୟକତାର ଅଭାବ ଏହି ଚକମକି ପୂରଣ କରିପାରୁଛି। ଯେଉଁ ପର୍ଯ୍ୟନ୍ତ ହୋଇପାରିବ ଏହି ପାରମ୍ପରିକ ଲାଇଟର ବ୍ୟବହାର କରିବୁ ବୋଲି ସମ୍ପ୍ରଦାୟର ବୟସ୍କ ବୈଶ୍ୟ ଜୁଆଙ୍ଗ କହିଛନ୍ତି।


ଜଣେ ବୃଦ୍ଧ 'ଚକମକି'ରୁ ନିଆଁ ଉତ୍ପନ୍ନ କରୁଛନ୍ତି।

# ବିନା ଇନ୍‌ସ୍ୟୁରାନ୍ସରେ ଗଡୁଛି ୨୫ଲକ୍ଷ ଗାଡ଼ି

## ପରିବହନ ବିଭାଗର ଯାଞ୍ଚ ପ୍ରହସନ

- ୬୦ ପ୍ରତିଶତ ଗାଡ଼ିରେ ନାହିଁ ପଲ୍ୟୁଶନ ସାର୍ଟିଫିକେଟ
- ଫିଟ୍‌ନେସ୍ ନ ଥାଇ ଚାଲୁଛି ୨୦ ହଜାରରୁ ଊର୍ଦ୍ଧ୍ୱ ବସ୍, ଟ୍ରକ୍

ଭୁବନେଶ୍ୱର,୨୨।୭(ଅଭିଜିତ ଦାସ)

ପରିବହନ ବିଭାଗ ପକ୍ଷରୁ ଚଳିତବର୍ଷ ଏପ୍ରିଲ ୧ରୁ ଗାଡ଼ିମୋଟରକୁ କଡାକଡି ଯାଞ୍ଚ ଲାଗି ସମସ୍ତ ଜିଲାର ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରଠାରୁ କିଛି ଦିନଧରି ଗାଡିମୋଟର ଯାଞ୍ଚ ଚାଲିଲା। ହେଲେ ଗତାନୁଗତିକ ଭାବେ ଧୀରେ ଧୀରେ ଏହା ଏବେ ପ୍ରାୟ ବନ୍ଦ ହୋଇଯାଇଛି। ଇନ୍‌ସ୍ୟୁରାନ୍ସ, ଫିଟ୍‌ନେସ୍, ପଲ୍ୟୁଶନ ସାର୍ଟିଫିକେଟ ଓ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥାଇ ଲକ୍ଷ ଲକ୍ଷ ଗାଡି ରାସ୍ତାରେ ସେମିତି ଗଡୁଛି। ରାଜ୍ୟରେ ବର୍ତ୍ତମାନ ୩ ଲକ୍ଷରୁ ଊର୍ଦ୍ଧ୍ୱ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ନ ଥିବାବେଳେ ପାଖାପାଖି ୪୦ ପ୍ରତିଶତ ବା ୨୫ଲକ୍ଷରୁ ଊର୍ଦ୍ଧ୍ୱ ଗାଡି ବିନା ଇନ୍‌ସ୍ୟୁରାନ୍ସରେ ଚାଲୁଛି। ସେହିପରି ୬୦ ପ୍ରତିଶତ ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ ନ ଥିବା ଜଣାପଡିଛି।

ପରିବହନ ବିଭାଗର ଜୁଲାଇ ତଥ୍ୟ ଅନୁଯାୟୀ, ରାଜ୍ୟରେ ଦୁଇଚକିଆ ଯାନ ୬୩ ଲକ୍ଷ ୯୯ ହଜାର ୭୦୭ ଥିବାବେଳେ ୧୨ ଲକ୍ଷ ୧୦ ହଜାର ୨୬୯ଟି ଚାରିଚକିଆ ଯାନ ରହିଛି। ସେହିପରି ୪ ଲକ୍ଷ ୧୦ ହଜାର ୪୩୯ଟି ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଗାଡି ରହିଛି। ତେବେ ଏଥିମଧ୍ୟରୁ ୨୦ ଲକ୍ଷ ୫୫ ହଜାର ୫୭୦ଟି ଦୁଇଚକିଆ ଗାଡ଼ିର ଇନ୍‌ସ୍ୟୁରାନ୍ସ ନ ଥିବା ବେଳେ ୪ଲକ୍ଷ ୧୫ ହଜାର ଚାରିଚକିଆ ଯାନର ଇନ୍‌ସ୍ୟୁରାନ୍ସ ନାହିଁ। ସେହିପରି ୪ ଲକ୍ଷ ୧୫ ହଜାର ବସ୍, ଟ୍ରକ୍ ଓ ଅନ୍ୟ ଭାରିଯାନ ମଧ୍ୟରୁ ପାଖାପାଖି ୧୫ରୁ ୨୦ ହଜାର ଗାଡିର ଫିଟ୍‌ନେସ୍ ଓ ଅଧିକାଂଶ ଗାଡିର ପଲ୍ୟୁଶନ ସାର୍ଟିଫିକେଟ ନାହିଁ।

ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ବିକାଶ ଚୌଧୁରୀ କହିଛନ୍ତି, ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ କଡାକଡି ଭାବେ ଗାଡି ଚେକିଂ କରାଯାଉଛି। ସେହିପରି ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ଓଡିଶା ପୋଲିସ ମଧ୍ୟ ଏନଏଚ୍ ଓ ସହର ମଧ୍ୟରେ ଚେକିଂ କରୁଛି। ମୋଟର ଭେଇକିଲ ଆକ୍ଟ ୧୯୮୮ର ଧାରା ୧୪୬ ଅନୁସାରେ ବିନା ଇନ୍‌ସ୍ୟୁରାନ୍ସରେ ଗାଡିଗୁଡିକ ଚଳାଚଳ କରୁଥିଲେ ପ୍ରଥମଥର ୨ହଜାର ଟଙ୍କା ଓ ଦ୍ୱିତୀୟଥର ଧରାପଡିଲେ ୪ ହଜାର ଟଙ୍କା ଜରିମାନା କରାଯାଉଛି। ଅଧିକାଂଶ ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସୁନାହିଁ। ସେମାନେ ବିନା ଇନ୍‌ସ୍ୟୁରାନ୍ସରେ ଗାଡି ଚଳାଉଛନ୍ତି।

# ଗୋଟିଏ ଘରକୁ ୪ ଥର ଭାଙ୍ଗିଲାଣି ଦନ୍ତା

## ଭୟରେ ଅନ୍ୟତ୍ର ରହୁଛନ୍ତି ପରିବାର

ପାଟଣା, ୨୨।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗୀରୀ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ଆତଙ୍କ ଖେଳାଇଛି। ଦନ୍ତା ଗୋଟିଏ ଘରକୁ ୩ ଦିନ ମଧ୍ୟରେ ୪ ଥର ଭାଙ୍ଗିଥିବାର ଜଣାପଡ଼ିଛି। ଫଳରେ ଘରଲୋକେ ଭୟଭୀତ ହୋଇ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି।

ସୂଚନା ଅନୁଯାୟୀ, ଦନ୍ତା ରବିବାର ବିଳମ୍ବିତ ରାତିରେ ଖିରେଇଟାଙ୍ଗୀରୀ ଗ୍ରାମର ବଳଭଦ୍ର ନାଏକଙ୍କ ଘର ଭାଙ୍ଗି ଘର ଭିତରେ ଥିବା ଧାନ ଖାଇ ନଷ୍ଟ କରିଦେଇଥିଲା। ପୁଣି ଉକ୍ତ ଘରକୁ ୩ ରାତି ହେଲାଣି ଆସି ଭାଙ୍ଗି ଜଙ୍ଗଲକୁ ଫେରିଯାଉଛି। ଉପଦ୍ରବ ଦେଖି ପରିବାର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ନେଇ ପାଟଣା ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତିଙ୍କୁ ପଚାରିବାରୁ ଉକ୍ତ ଘରେ ପ୍ରଥମ ଦିନରେ ଧାନ ଖାଇଥିଲା ହାତୀ, ଫଳରେ ଖାଦ୍ୟ ଅନ୍ୱେଷଣରେ ଆସି ବାରମ୍ବାର ଉକ୍ତ ଘରକୁ ଭାଙ୍ଗିଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି। ଆଗକୁ କିପରି କ୍ଷତି ନ ହେବ ସେନେଇ ବନ କର୍ମଚାରୀ ଗୋଠଛଡା ଦନ୍ତା ଉପରେ ନଜର ରଖିଥିବା କହିଛନ୍ତି। ହାତୀର ଏଭଳି ଆଚରଣ ଦେଖି ସାରା ଗାଁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି।



# କାଲେରୁ ପୋଲ ଉପରେ ୫ ଫୁଟ ପାଣି


ପୋଲ ଉପରେ ପ୍ରବାହିତ ବର୍ଷାଜଳ।

## ଯାତାୟାତ ବନ୍ଦ, ଉଭୟ ପଟେ ଅଟକିଛି ଗାଡ଼ି

ମାଲକାନଗିରି, ୨୨।୭ (ଦୁର୍ଯ୍ୟୋଧନ ପାତ୍ର)

ଲଘୁଚାପ ଯୋଗୁ ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବା ଫଳରେ ଗୋଦାବରୀ ନଦୀ ଧୀରେ ଧୀରେ ବଢ଼ିବାରେ ଲାଗିଛି। ମୋଟୁ ସୀମାନ୍ତ ରାଞ୍ଚି-ବିଜୟୱାଡାକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୀମାନ୍ତ ମୋଟୁର କୁଇଗୁରୁ ଗ୍ରାମ ନିକଟ କାଲେରୁ ପୋଲ ଉପରେ ୫ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଉଭୟ ପଟରେ ଶତାଧିକ ଗାଡ଼ି ଅଟକି ରହିଛି। ମାଲକାନଗିରି ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଏବଂ ମୋଟୁ ତହସିଲଦାର ଦୁର୍ଗାପ୍ରସାଦ ଦୋରା ମୋଟୁଠାରେ ପହଞ୍ଚି ବନ୍ୟା ଆଶ୍ରୟସ୍ଥଳୀର ତଦାରଖ କରିଛନ୍ତି। ତେବେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ଥିବା ବେଳେ ଆନ୍ଧ୍ର ପୋଲାଭରମ୍ ପ୍ରକଳ୍ପ ଯୋଗୁ ଏପରି ସମସ୍ୟା ଦେଖା ଦେଇଥିବା ଜଣାପଡ଼ିଛି। ମୋଟୁ ସୀମାନ୍ତରେ ସାବେରୀ, ସିଲେରୁ ଓ ଗୋଦାବରୀ ନଦୀର ସଙ୍ଗମସ୍ଥଳ ହୋଇଥିବା ବେଳେ ପୋଲାଭରମ୍‌ର ପଛୁଆ ପାଣି ଏହି ନଦୀ ଦେଇ ପ୍ରବାହିତ ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି।

ପ୍ରକାଶ ଯେ, ଶନିବାର ଗୋଦାବରୀ ନଦୀରେ ୪.୯ ଫୁଟ ପାଣି ରହିଛି, ଯାହାକି ପ୍ରଥମ ବିପଦ ସଂକେତ ହୋଇଥିବା ବେଳେ ରିପୋର୍ଟ ଲେଖାହେବା ସୁଦ୍ଧା ତାହା ହ୍ରାସ ପାଇ ୪୧.୭ ଫୁଟକୁ ଆସିଛି। ତେବେ ଆଗାମୀ ଦିନରେ ଯଦି ଆହୁରି ଏପରି ବର୍ଷା ଲାଗି ରହେ ତେବେ ମୋଟୁରେ ବନ୍ୟା ହେବା ଆଶଙ୍କା କରାଯାଉଛି।






**ଆଜିର ମନ୍ତବ୍ୟ**
ମଣିପୁର ଭାଇରାଲ ଭିଡିଓ ଘଟଣା ମାନବଜାତିକୁ କଳଙ୍କିତ କରିଛି। ଅପରାଧୀମାନଙ୍କୁ ଧରି ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଉ। - **ଆକ୍କା ହାଜାରେ, ସାମାଜିକ କର୍ମୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳଜଳା କାଠ ଜଳେ ନାହିଁ
ଜଳୁଥିଲେ ସହଜେ ଲିଭଇ ନାହିଁ।**

ସାଧାରଣତଃ ଜଳଜଳା କାଠକୁ ଜୁଇ କାଠ ବୋଲି କୁହାଯାଇଥାଏ। ଏହି କାଠ କେବଳ ଶବଦାହ ବେଳେ ଆବଶ୍ୟକ ହେଉଥିବାବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରିବା ବାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜର କଲେ ହାତୀ ମଲା,
ପରର ପୀରତି ଅଢେଇ ଦିନିଆ।
ମୁହଁ ମୋଡ଼ି ଦେଲେ ଗଲା।**

ପର ପୀରତି ସାମାନ୍ୟ ଆଡ଼ରୁଷାରେ ଭାଙ୍ଗିଯାଏ। ଅନେକ ସମୟରେ ଏହି ସମ୍ପର୍କର ଶେଷ ପରିଣତି ଖୁବ୍ ଭୟଙ୍କର ମଧ୍ୟ ହୋଇଥାଏ। ଏପରିସ୍ଥଳେ ପରକୀୟା ପ୍ରୀତିର ପରିଣାମ ପ୍ରତି ସତର୍କ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଶ୍ରୀମନ୍ଦିର ସବୁ ଦ୍ୱାର ଖୋଲିବା ପ୍ରସଙ୍ଗ




# ବିଜେଡି ନେତ୍ରୀ ସଂଯୁକ୍ତାଙ୍କୁ ନବୀନ ନିବାସ ଛାଡ଼ିଲାନି ପୋଲିସ

## ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ

ଭୁବନେଶ୍ୱର,୨୨।୭ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲାଙ୍କୁ ନବୀନ ନିବାସ ଛାଡ଼ିଲାନି ପୋଲିସ। ଶନିବାର ଟ୍ରାଫିକ ଛକରେ ପୋଲିସ ତାଙ୍କୁ ଅଟକାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନେଇଥିଲା। ସେଠାରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ରହିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସଂଯୁକ୍ତା। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ୧୦ଦିନ ହେଲା ଦରଖାସ୍ତ ଦେଲିଣି। ମୋତେ ଡକାଯିବ ବୋଲି କୁହାଯାଇଥିଲା, ହେଲେ ଡକାଗଲାନି। ତେଣୁ ମୁଁ ବାଧହୋଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲି। ହେଲେ ମୋ ଗାଡି ପୋଲିସ ବାଟରେ ଅଟକାଇଥିଲା। ମୁଁ ସାରା ଜୀବନ ଦଳରେ ରହି କାମ କରିଛି। ବହୁଥର ନବୀନ ନିବାସ ଆସିଛି। କେବେ ମୋତେ ଅଟକାଯାଇନାହିଁ। ଆଜି କାହିଁକି ମୋତେ ଅଟକାଗଲା ବୋଲି ସଂଯୁକ୍ତା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ମୁଁ ଏହି ଦଳରେ ୨୨ ବର୍ଷ ହେଲାଣି କାମ କରୁଛି। ମୁଖ୍ୟମନ୍ତ୍ରୀ ମୋ ବାପତୁଲ୍ୟ। ବାପଘରକୁ ଝିଅ କ'ଣ ଯାଇପାରିବନି? ମୁଁ ତାଙ୍କୁ କ'ଣ ମୋ ଦୁଃଖ ଜଣାଇ ପାରିବିନି? ଏଥିପାଇଁ କ'ଣ ସମସ୍ତଙ୍କର ଅନୁମତି ନେବାକୁ ପଡିବ? ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସଠାରୁ ନ୍ୟାୟ ମିଳୁନି। ତାଙ୍କ ବିରୋଧରେ ଦଳ ପକ୍ଷରୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେ ମୋତେ ମାନସିକ, ଶାରୀରିକ ନିର୍ଯାତନା ଦେଇଥିବା ନେଇ ୭ ପୃଷ୍ଠାର ଏତଲା ଦେଇଥିଲି। କିନ୍ତୁ ଏଫ୍ଆଇଆର୍ ଅନୁସାରେ କେସ୍ ହୋଇନାହିଁ। କିନ୍ତୁ ୩ଟି ଦଫା ଲାଗିଛି, ତାହା ପୁଣି ଝଗଡ଼ା ଦଫା ବୋଲି ସଂଯୁକ୍ତା କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପୁଣି ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ଭାଜପା ଉପସଭାନେତ୍ରୀ ପ୍ରଭାତି ପରିଡା କହିଛନ୍ତି, ବିଜେଡି ନେତ୍ରୀ ସଂଯୁକ୍ତା ମହଲାଙ୍କୁ ଶୋଷଣ କରୁଥିବା ଲୋକ ହେଲେ ସେହି ଦଳର ପୂର୍ବତନ ମନ୍ତ୍ରୀ। ଯଦି ନିଜ ଦଳର ମହିଳା ନେତ୍ରୀଙ୍କୁ ନ୍ୟାୟ ଦେଇପାରୁନ, ତା'ହେରେ ରାଜ୍ୟର ତ ଅନେକ ସଂଯୁକ୍ତା ରହିଛନ୍ତି, ତାଙ୍କୁ କେବେ ନ୍ୟାୟ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ସଂଯୁକ୍ତା ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରଠାରୁ ଦଳରେ ତାଙ୍କୁ କୋଣଠେସା ସ୍ଥିତିର ସାମ୍ନା କରିବାକୁ ପଡୁଛି। ଶଙ୍ଖ ଭବନରୁ ସଂଯୁକ୍ତା କାନ୍ଦି କାନ୍ଦି ଫେରିବା, ବିଜେଡି ମହିଳା କାର୍ଯ୍ୟକାରିଣୀକୁ ତାଙ୍କୁ ନ ଡାକିବା ଓ ଏବେ ନବୀନ ନିବାସ ନ ଛାଡିବାକୁ ନେଇ ନାନା ଆଲୋଚନା ଚାଲିଛି।


ସଞ୍ଜୁକ୍ତା ମହଲା

# ସ୍କୁଲରୁ ଛୁଟି ନ ନେଇ ୫୦ ଦେଶ ବୁଲିଲେଣି ଛାତ୍ରୀ

ଲଣ୍ଡନ,୨୨।୭

ନୂଆ ସ୍ଥାନ ବୁଲିବା ପ୍ରାୟତଃ ସବୁ ବୟସ ବର୍ଗର ଲୋକଙ୍କ ପସନ୍ଦ। ସେମାନଙ୍କ ଭିତରୁ ଜଣେ ହେଲେ ଆଦିତୀ ତ୍ରିପାଠୀ। ବୟସ ମାତ୍ର ୧୦ ବର୍ଷ କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ ୫୦ରୁ ଊର୍ଦ୍ଧ୍ୱ ଦେଶ ବୁଲି ସାରିଲେଣି। ତାହା ପୁଣି ସ୍କୁଲରୁ ଛୁଟି ନ ନେଇ। ଆଦିତୀଙ୍କ ବିଦେଶ ଭ୍ରମଣ ପଛରେ ତାଙ୍କ ବାପା ଦୀପକ ଓ ମା' ଅଭିଲାଷା ତ୍ରିପାଠୀଙ୍କର ବଡ଼ ଭୂମିକା ରହିଛି। ଆଦିତୀ ପରିବାର ସହ ସାଉଥ୍ ଲଣ୍ଡନରେ ରୁହନ୍ତି। ଏବେସୁଦ୍ଧା ସେ ୟୁରୋପର ଅନେକ ଦେଶ ସହିତ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ସେ ବୁଲିସାରିଛନ୍ତି। ଦୀପକ ଓ ଅଭିଲାଷା ଦୁହେଁ ଲଣ୍ଡନର ଏକ ବ୍ୟାଙ୍କରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ବିଭିନ୍ନ ଦେଶର ପରମ୍ପରା, ଖାଦ୍ୟ ଓ ସଂସ୍କୃତି ବିଷୟରେ ଅବଗତ କରାଇବା ଲାଗି ଦୀପକ ଓ ଅଭିଲାଷା ଆଦିତୀଙ୍କୁ ଛୋଟବେଳୁ ବିଦେଶ ଭ୍ରମଣ କରାଇବା ପାଇଁ ନିଷ୍ପତ୍ତି ନେଇଥିବା କୁହନ୍ତି। ଝିଅକୁ ବିଦେଶ ବୁଲାଇବା ଯୋଗୁ କେବେ ସେମାନଙ୍କୁ ସ୍କୁଲରୁ ଛୁଟି ଆଣିବାକୁ ପଡ଼ିନାହିଁ କି କେବେ ଆଦିତୀ କ୍ଲାସ୍ ବନ୍ଦ କରି ନାହାନ୍ତି। ଆଦିତୀଙ୍କୁ ୩ବର୍ଷ ବୟସ ହୋଇଥିବାବେଳେ ସେ ପ୍ରଥମ ବିଦେଶ ଭ୍ରମଣ କରିଥିଲେ। ସେତେବେଳେ ଆଦିତୀ ନର୍ସରିରେ ପଢୁଥିଲେ। ବାହାର ଦେଶକୁ ବୁଲିଯିବା ଲାଗି ବେଳେବେଳେ ଆଦିତୀଙ୍କୁ ସିଧା ସ୍କୁଲରୁ ବିମାନବନ୍ଦର ଯିବାକୁ ପଡ଼େ। ପ୍ରାୟ ସମୟ ଦୀପକ, ଅଭିଲାଷା ଓ ଆଦିତୀ ବିଦେଶ ଭ୍ରମଣ ସାରି ରବିବାର ବିଳମ୍ବିତ ରାତିରେ ଫେରନ୍ତି ତ ଆଉ କେତେବେଳେ ଫେରୁ ଫେରୁ ସୋମବାର ସକାଳ ହୋଇଯାଏ, ଆଉ ଆଦିତୀଙ୍କୁ ବିମାନବନ୍ଦରରୁ ହିଁ ସ୍କୁଲ ଯିବାକୁ ପଡ଼େ। ସେମାନଙ୍କ ବିଦେଶ ଭ୍ରମଣରେ ବର୍ଷକୁ ୨୦,୦୦୦ ପାଉଣ୍ଡ (ପାଖାପାଖି ୨୧ ଲକ୍ଷ) ଟଙ୍କା ଖର୍ଚ୍ଚ ହେଉଥିବା ଦୀପକ କହିଛନ୍ତି। ବିଶେଷ କରି ସ୍କୁଲ ଛୁଟି, ବ୍ୟାଙ୍କ ଛୁଟିଦିନ ଓ ନ୍ୟାଶନାଲ ଛୁଟିଗୁଡ଼ିକରେ ଦୀପକ ବିଦେଶ ଭ୍ରମଣର ଯୋଜନା ପ୍ରସ୍ତୁତ କରନ୍ତି। ଯେଉଁଥିପାଇଁ କାହାରିକୁ ଛୁଟି ନେବାକୁ ପଡୁ ନ ଥିବା ଅଭିଲାଷା କହିଛନ୍ତି।

ଝିଅକୁ ବିଦେଶ ବୁଲେଇବା ପାଇଁ ଦୀପକ ଓ ଅଭିଲାଷାଙ୍କୁ ଘର ଖର୍ଚ୍ଚ ପାଇଁ ଏକ ନିର୍ଦ୍ଦିଷ୍ଟ ବଜେଟ୍ ପ୍ରସ୍ତୁତ କରିବାକୁ ପଡ଼େ। ଏଥିପାଇଁ ସେମାନେ କେବେ ବାହାରେ ଖାଆନ୍ତି ନାହିଁ। ଏବେସୁଦ୍ଧା ସେମାନେ ନିଜର ଏକ କାର୍ କିଣି ନାହାନ୍ତି। ବସ୍, ଟାକ୍ସିରେ ସେମାନେ ଅଫିସ ଯିବା ଆସିବା କରନ୍ତି। ଏଥିସହ ଯାତାୟାତ ଖର୍ଚ୍ଚ ବଞ୍ଚାଇବା ପାଇଁ ସୁବିଧା ହେଲେ ୱାର୍କ ଫ୍ରମ୍ ହୋମ୍ କରିବା ସହ ଆଦିତୀଙ୍କ ସାନ ଭଉଣୀ ଅଦ୍ୱିତାଙ୍କ ଯତ୍ନ ନେଇଥାନ୍ତି। କୋଭିଡ୍ ସଂକ୍ରମଣ ପୂର୍ବରୁ ସେମାନେ ପାଖାପାଖି ୧୨ ଦେଶ ବୁଲିସାରିଥିବା ଦୀପକ କୁହନ୍ତି। ବୁଲିଥିବା ସବୁଦେଶ ଭିତରୁ ଆଦିତୀଙ୍କୁ ନେପାଳ, ଜର୍ଜିଆ ଏବଂ ଆର୍ମେନିଆ ସବୁଠୁ ଅଧିକ ପସନ୍ଦ ବୋଲି ସେ କହିଛନ୍ତି। ଅନ୍ୟ ଦେଶର ପରମ୍ପରା ଓ ରୀତିନୀତି ବିଷୟରେ ଜାଣିବା ତାଙ୍କୁ ଖୁବ୍ ପସନ୍ଦ। ନିକଟରେ ସେ ଫ୍ରାନ୍ସ, ଇଟାଲୀ ଏବଂ ଅଷ୍ଟ୍ରେଲିଆ ବୁଲି ଫେରିଛନ୍ତି।



# ୫ଜଣଙ୍କୁ 'ଓଡ଼ିଶା ସାମ୍ବାଦିକତା' ପୁରସ୍କାର


ପଲ୍ଲୀବାଣୀ ମିଶନ ପକ୍ଷରୁ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ପଞ୍ଚମ ଓଡ଼ିଶା ସାମ୍ବାଦିକତା ପୁରସ୍କାର ସମାରୋହରେ ଉପସ୍ଥିତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କ୍ରୀଡା, ଯୁବ ବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ପତଞ୍ଜଳି ଆର୍ୟୁବେଦର ଅଧ୍ୟକ୍ଷ ଆଚାର୍ଯ୍ୟ ବାଳକ୍ରିଷ୍ଣ ଓ ଅନ୍ୟ ପୁରସ୍କୃତ ସାମ୍ବାଦିକ।

ଭୁବନେଶ୍ୱର, ୨୨।୭ (ବନ୍ଦନା ସେଠୀ)

ଓଡ଼ିଶାର ସ୍ଥିତି ଦେଖିଲେ ତାହା ଚିନ୍ତାଜନକ ଲାଗୁଛି। ଏବେ ଓଡ଼ିଆର ଓଡ଼ିଆତ୍ୱ ଧୂମିଳ ହେଉଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଦିଲ୍ଲୀର ଅଗ୍ରଣୀ ସଂଗଠନ ପଲ୍ଲୀବାଣୀ ମିଶନ ଦ୍ୱାରା ସ୍ଥାନୀୟ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଆୟୋଜିତ ପଞ୍ଚମ ଓଡ଼ିଶା ସାମ୍ବାଦିକତା ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା ମତ ଦେଇଛନ୍ତି। ଏହି ଅବସରରେ କଳିଙ୍ଗ ଟିଭି ସମ୍ପାଦକ ସୌମ୍ୟଜୀତ ପଟ୍ଟନାୟକ, ଅର୍ଗସ ନ୍ୟୁଜ୍ କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଶିଷ, ସମ୍ବାଦ ଡିଜିଏମ୍ ନ୍ୟୁଜ୍ ଭବାନୀ ଶଙ୍କର ତ୍ରିପାଠୀ, ଓଟିଭିର ପଶ୍ଚିମ ଓଡ଼ିଶା ବ୍ୟୁରୋ ମୁଖ୍ୟ ମନୋରଞ୍ଜନ ଯୋଶୀ ଏବଂ ପ୍ରମେୟର ମୁଖ୍ୟ ସମାଚାର ସଂଯୋଜକ ସୁଦୀପ କୁମାର ରାଉତଙ୍କୁ ଚଳିତ ବର୍ଷର 'ଓଡ଼ିଶା ସାମ୍ବାଦିକତା' ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଚଳିତ ବର୍ଷଠାରୁ ପ୍ରଦାନ କରାଯାଉଥିବା ପ୍ରତିଭା ପଟ୍ଟନାୟକ ଉତ୍କର୍ଷ ସାମ୍ବାଦିକତା ପୁରସ୍କାର ସାରଦା ଲାହାଙ୍ଗୀରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡା, ଯୁବ ବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ପତଞ୍ଜଳି ଆର୍ୟୁବେଦର ଅଧ୍ୟକ୍ଷ ଆଚାର୍ଯ୍ୟ ବାଳକ୍ରିଷ୍ଣ ଯୋଗଦେଇ, ସମାଜ ଗଠନରେ ସାମ୍ବାଦିକମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ସମାରୋହରେ ନ୍ୟୁଜଏକ୍ସର କାର୍ଯ୍ୟନିର୍ବାହୀ ସମ୍ପାଦିକା ଏବଂ ଲେଖିକା ପ୍ରିୟା ସେହଗଲ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ପଲ୍ଲୀବାଣୀ ମିଶନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେଇଥିବାବେଳେ ପଲ୍ଲୀବାଣୀ ପତ୍ରିକା ସମ୍ପାଦକୀୟ ପରାମର୍ଶଦାତା କୁଳମଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିପୁର ହିଂସା ମାମଲାରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି

**ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ବିରୋଧୀ ଏମ୍‌ପିଙ୍କ ବିକ୍ଷୋଭ ୨୪ରେ**

ନୂଆଦିଲ୍ଲୀ,୨୨।୭(ପି.ଟି.)

ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ଦାବିରେ ବିରୋଧୀ ସଦସ୍ୟମାନେ ଦୁଇଦିନ ହେଲା ପାର୍ଲାମେଣ୍ଟକୁ ଅଚଳ କରି ରଖିଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ଗୃହରେ ବିବୃତି ରଖିବା ଦାବିରେ ବିରୋଧୀ ଏମ୍‌ପିମାନେ ସୋମବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସର ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ବିରୋଧୀ ମେଣ୍ଟ ଇଣ୍ଡିଆର ନେତାମାନେ ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ଏକାଠି ହୋଇ ଏନେଇ ରଣନୀତି ସମ୍ପର୍କରେ ଆଲୋଚନା କରିବେ। ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ବୈଠକ ପରେ ବିରୋଧୀ ଏମ୍‌ପିମାନେ ଗୃହରେ ପ୍ରବେଶ କରିବା ପୂର୍ବରୁ ଗାନ୍ଧୀ ମୂର୍ତ୍ତି ନିକଟରେ ବିକ୍ଷୋଭ କରିବେ ବୋଲି ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ସିବିଏସ୍ଇ ସ୍କୁଲରେ ...

ପିଲା ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

କଟକ ନେତାଜୀ ନଗରସ୍ଥିତ ଡ୍ରିମ୍ ଇଣ୍ଡିଆ ସ୍କୁଲର ପ୍ରିନ୍ସିପାଲ କସ୍ତୁରୀ ଖାଡ଼ଙ୍ଗା କହିଛନ୍ତି, ନୂଆ ଶିକ୍ଷାନୀତି ଅନୁସାରେ ସିବିଏସଇ ସ୍କୁଲଗୁଡ଼ିକରେ ଆଞ୍ଚଳିକ ଭାଷାରେ ପାଠପଢ଼ା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହନ ମିଳିବ। ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଇଂଲିଶ ସହ ଓଡ଼ିଆରେ ମଧ୍ୟ ପାଠପଢ଼ା ପାଇଁ ଅଭ୍ୟସ୍ତ ଥାଆନ୍ତି । ତେଣୁ ବିଶେଷ କିଛି ସମସ୍ୟା ହେବନାହିଁ। ତେବେ ଯେଉଁ ପିଲାମାନେ ଓଡ଼ିଆରେ ପାଠପଢ଼ିବାକୁ ଚାହୁଁଥିବେ ସେମାନେ ନାମଲେଖା ସମୟରେ ଏନେଇ ବିଦ୍ୟାଳୟକୁ ସୂଚିତ କରିବାକୁ ପଡ଼ିବ। ଏହାଦ୍ୱାରା କ୍ଲାସ ଆୟୋଜନ କରିବା ସହଜ ହୋଇପାରିବ। ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଈପ୍ସିତା ଦାସଙ୍କ କହିବାନୁସାରେ ସବୁ ପିଲାମାନେ ଯେ ଓଡ଼ିଆରେ ପଢ଼ିବାକୁ ଚାହିଁବେ ତାହା ନୁହେଁ, ଯେଉଁମାନେ ଚାହିଁବେ, ସେମାନଙ୍କୁ ନିଜ ମାତୃଭାଷାରେ ପାଠପଢ଼ିବାକୁ ନିଶ୍ଚୟ ସୁଯୋଗ ଦିଆଯିବ। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଅଭିଭାବକଙ୍କ ସହ ଆଲୋଚନା କରାଯିବ। ବୈଷୟିକ ଶିକ୍ଷକ ଆବଶ୍ୟକସ୍ଥଳେ ଓଡ଼ିଆ ବିଷୟର ଶିକ୍ଷକଙ୍କ ସହାୟତା ନେଇପାରିବେ ବୋଲି ଦାସ କହିଛନ୍ତି।

ଓଡ଼ିଶା ଅଭିଭାବକ ମହାସଂଘର କହିବାନୁସାରେ ନିଷ୍ପତ୍ତି ଶୁଣିବାକୁ ଯେତିକି ସରଳ ତାକୁ କାର୍ଯ୍ୟକାରୀ କରିବା ସେତିକି ସହଜ ନୁହେଁ। କିନ୍ତୁ ଏହା କାର୍ଯ୍ୟକାରୀ ହେଲେ ଇଂଲିଶ୍ ମାଧ୍ୟମରେ ଦୁର୍ବଳ ଥିବା ପିଲାଙ୍କ ପାଇଁ ପାଠପଢ଼ା ବୋଧଗମ୍ୟ ହେବ। ଆଞ୍ଚଳିକ ଭାଷାରେ ପୁସ୍ତକ ପ୍ରଣୟନ ପାଇଁ ସୁପାରିସ୍ କରାଯାଇଛି। ସବୁ ଭାଷାରେ ପୁସ୍ତକ ହେଲେ ପିଲାମାନେ ଅଧିକ ଉପକୃତ ହେବେ। ଆଗରୁ ବିଭିନ୍ନ କାରିଗରି ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇସାରିଛି। ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ପଞ୍ଚମ ଓ ପରବର୍ତ୍ତୀ ସମୟରେ ଅଷ୍ଟମ ପର୍ଯ୍ୟନ୍ତ ଲାଗୁ ପାଇଁ ନିଷ୍ପତ୍ତି ନିଆଯାଇଛି । ଯେହେତୁ ସାରା ଦେଶରେ ପିଲାମାନେ ଗୋଟିଏ ପାଠ୍ୟଖସଡ଼ାରେ ନିଜ ଭାଷାରେ ପଢ଼ିବେ, ତେଣୁ ସେମାନେ ପାଠ ପଢ଼ିବାକୁ ବେଶ୍ ଆଗ୍ରହ ପ୍ରକାଶ କରିବେ। ଯଦି ଆମ ରାଜ୍ୟ କଥା ବିଚାର କରିବା, ତେବେ ଓଡ଼ିଆ ମାଧ୍ୟମରେ ସିବିଏସ୍ଇ ପିଲାମାନେ ପାଠ ପଢ଼ିଲେ ବେଶ୍ ଭଲ ହେବ। ରାଜ୍ୟ ସରକାର ମଧ୍ୟ ଏହି ନିଷ୍ପତ୍ତିକୁ ଏକ ରୋଲ୍ ମଡେଲ୍ ଭାବେ ଗ୍ରହଣ କରି ଯେପରି ଆଦର୍ଶ ବିଦ୍ୟାଳୟରେ ପିଲାମାନେ ପାଠ ପଢୁଛନ୍ତି ସେପରି ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟରେ କିଛି ସ୍କୁଲରେ ସିବିଏସ୍ଇର ଓଡ଼ିଆ ମାଧ୍ୟମ ପାଠପଢା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏପରି କଲେ ଅଭିଭାବକମାନେ ମଧ୍ୟ ଘରୋଇ ସ୍କୁଲରୁ ମୁହଁ ମୋଡ଼ି ସରକାରୀ ବିଦ୍ୟାଳୟଗୁଡ଼ିକରେ ନିଜ ପିଲାଙ୍କୁ ପାଠ ପଢାଇବାକୁ ଆଗ୍ରହ ଦେଖାଇବେ। ପରବର୍ତ୍ତୀ ସମୟରେ ତାହାକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିହେବ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଞ୍ଜ ପ୍ରକାଶ କରିଛନ୍ତି।

## ସ୍କୁଲ ଫାଟକରେ ତାଲା: ଖରାରେ ...


ଖରାରେ ଛିଡ଼ା ହୋଇ ଅସୁସ୍ଥ ହୋଇ ପଡ଼ିଥିବା ଛାତ୍ରୀଛାତ୍ର।

ଛାତ୍ରଙ୍କୁ ଦୁଇଜଣ ଛାତ୍ରୀଛାତ୍ର ମିଶି ମାଡ଼ମାରିଥିଲେ । ଏନେଇ ଛାତ୍ର ଜଣକ ଘରକୁ ଯାଇ ନିଜ ମା' ବାପାଙ୍କୁ କହିଥିଲେ । ଶନିବାର ସକାଳୁଆ ବିଦ୍ୟାଳୟ ଥିବାରୁ ମାଡ଼ ଖାଇଥିବା ଛାତ୍ରଙ୍କ ବାପା କାହାକୁ କିଛି ନ ଜଣାଇ ସିଧା ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ । ଫଳରେ ବିଦ୍ୟାଳୟ ବାହାରେ ଶତାଧିକ ଛାତ୍ରୀଛାତ୍ରଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରାୟ ୧ ଘଣ୍ଟା ଧରି ଅଟକି ରହିଥିଲେ । ବହୁ ସମୟ ଧରି ବୁଝାଶୁଝା କରିବା ପରେ ଅଭିଭାବକ ଜଣକ ଗେଟ ଖୋଲିବାରୁ ସମସ୍ତେ ସ୍କୁଲ ଭିତରକୁ ପ୍ରବେଶ କରିଥିଲେ। ମାତ୍ର ଖରା ହେଉଥିବାରୁ ଏହା ଭିତରେ ଷଷ୍ଠ ଶ୍ରେଣୀର ଜଣେ, ଚତୁର୍ଥ ଶ୍ରେଣୀର ୨ଜଣ, ସପ୍ତମର ୩ ଜଣ, ଅଷ୍ଟମ ଶ୍ରେଣୀର ୨ଜଣଙ୍କୁ ମିଶାଇ ମୋଟ ୮ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ । ସେମାନଙ୍କୁ ସଙ୍ଗେସଙ୍ଗେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହେବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚିରଞ୍ଜୀବୀ ଭୋକ୍ତାଙ୍କୁ ପଚାରିବାରେ ପିଲା ପିଲା ଭିତରେ ଶୁକ୍ରବାର ପାଟିତୁଣ୍ଡ ହୋଇ ମାଡଗୋଳ ହୋଇଥିଲା । ସେଦିନ ପିଲାମାନେ ଶିକ୍ଷକଙ୍କୁ ଏ ବିଷୟରେ କିଛି ଜଣାଇ ନ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ଅଭିଭାବକ କିଛି ନ କହି ଫାଟକରେ ତାଲା ପକାଇ ଦେଇଥିଲେ। ଖରାରେ ଛିଡାହୋଇ ୮ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଲେ। ଖବରପାଇ ଏବିଇଓ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିବା ସହିତ ସାମାନ୍ୟ କଥାକୁ ନେଇ ଏଭଳି କରିବା ଠିକ୍ ନୁହେଁ ବୋଲି କହି ତାଗିଦ୍ କରିଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ମଙ୍ଗଳଙ୍କ ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ କାମଗୁଡ଼ିକ ଅଟକି ରହିଯିବ। ଶତ୍ରୁତା କାରଣରୁ ବନ୍ଧୁଙ୍କ ସଦ୍ଭାବ ସହକର୍ମୀଙ୍କ ସହଯୋଗ ମଧ୍ୟ ପାଇବେ ନାହିଁ। ସାମାଜିକ ସ୍ତରରେ ଓ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କୃତ୍ତିକା ନକ୍ଷତ୍ର ସକାଶେ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବନାହିଁ।

**ବୃଷ** - କର୍ମକ୍ଷେତ୍ରରେ ଥିବା ସମୟ ମଧ୍ୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପ୍ରଶାସନ, ଆଇନ, ଅଦାଲତ ସମ୍ବନ୍ଧୀୟ ଝାମେଲାର ଅବସାନ ଘଟିବ। ପାରିବାରିକ ସ୍ଥିତି ପୂର୍ବପରି ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ଆଜି ଆପଣ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** - ଆପଣଙ୍କୁ ଆଜି ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା କିମ୍ବା ପାରିବାରିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯିବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** - ବନ୍ଧୁଙ୍କ ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ସାମାଜିକ ସ୍ତରରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସମ୍ମାନ ଲାଭ କରିବେ।

**ସିଂହ** - ପରିବାରରେ ସାଧାରଣ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପୁନଶ୍ଚ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଜମିଜମା, ନିର୍ମାଣ, କାରଖାନା, ହୋଟେଲ, ରେଷ୍ଟୋରାଁ ପ୍ରଭୃତିରୁ ଲାଭବାନ୍ ହେବେ।

**କନ୍ୟା** - ଅସଫଳତାଜନିତ ମାନସିକ ଅବସାଦ ବୃଦ୍ଧି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। ନିମନ୍ତ୍ରଣପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅସମର୍ଥିତ ସୂତ୍ରରୁ ପ୍ରାପ୍ତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ।

**ତୁଳା** - ପରିବାରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କାମ ସମ୍ପୂର୍ଣ୍ଣ ହେବା କଷ୍ଟକର ହେବ। ମାନସିକ ଅସ୍ଥିରତା ହେତୁ ଛୋଟ ଛୋଟ କଥାରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** - ଆଲୋଚନା ଅବସରରେ ଭାବପ୍ରବଣବଶତଃ ଓଲଟା କଥା କହିବା କାରଣରୁ ଅପଦସ୍ଥ ହେବେ। ପାରିବାରିକ ସ୍ତରରେ ବୃଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଆତ୍ମୀୟ ସ୍ୱଜନମାନଙ୍କ ଅସଂଯତ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** - ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କାର୍ଯ୍ୟଦକ୍ଷତା ହେତୁ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ମୂଳା ନକ୍ଷତ୍ର ସକାଶେ ନିର୍ମାଣ କାମରେ ପ୍ରତିବନ୍ଧକ ଯୋଗୁଁ ଅଗ୍ରଗତିରେ ବାଧା ପ୍ରାପ୍ତ ହେବ। ଈର୍ଷା ପରାୟଣ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରେ।

**ମକର** - ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ କେତେକାଂଶରେ ସଫଳତା ହାସଲ କରିବେ। ଶ୍ରବଣା ନକ୍ଷତ୍ରର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିଜ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ଯୋଗୁ ବିଚଳିତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସତ୍ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ** - ପୂର୍ବ ସ୍ଥିରିକୃତ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ତଥାପି ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। କର୍ମକ୍ଷେତ୍ରରେ ଫାଇଲ ସମ୍ବନ୍ଧୀୟ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି।

**ମୀନ** - ଯେତେ ସତର୍କରେ ଚଳିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆବଶ୍ୟକତାନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ୫ମୀଯୁକ୍ତ ଷଷ୍ଠୀ ରବିବାର, ଜୁଲାଇ ୨୩ ତାରିଖ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ଜୟନ୍ତୀ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/ସିଂହ, ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୨୩ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିର ପୋଲିସ କର୍ମଚାରୀ ନିଲମ୍ବିତ

## ଟଙ୍କା ନେଇ ଭକ୍ତଙ୍କୁ ପଶ୍ଚିମଦ୍ୱାର ଦେଇ ଛାଡୁଥିଲେ

**ପୁରୀ,୨୨।୭(ଅଜିତ୍ ମହାନ୍ତି)**

ମହାମାରୀ କୋଭିଡ୍ ପରଠାରୁ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ପାଇଁ ଅନୁମତି ରହିଛି। ଫଳରେ ପୁରୀବାସୀଙ୍କଠାରୁ ଆରମ୍ଭ କରି ବାହାରୁ ଆସୁଥିବା ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ଏବେ ବିଭିନ୍ନ ଅନୁଷ୍ଠାନଠାରୁ ଆରମ୍ଭ କରି ସେବାୟତମାନେ ଦାବି କରୁଛନ୍ତି। ଏହାରି ଭିତରେ ଭକ୍ତଙ୍କ ଭାବାବେଗ ସହ ଖେଳିଲା ପରି ଏକ ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ପୁରୀବାସୀଙ୍କୁ ସିଂହଦ୍ୱାର ବ୍ୟତୀତ ଅନ୍ୟ ଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ନାହିଁ, ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ପର୍ଯ୍ୟଟକଙ୍କଠାରୁ ଟଙ୍କା ନେଇ ଅନ୍ୟ ଦ୍ୱାର ଦେଇ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଛାଡୁଛନ୍ତି। ଯାହା ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଘଟଣା ସାମ୍ନାକୁ ଆସିବା ପରେ ଭକ୍ତ ଓ ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଜଣେ ପୋଲିସ କର୍ମଚାରୀ ଟଙ୍କା ନେଇ ଭକ୍ତଙ୍କୁ ମନ୍ଦିର ଭିତରକୁ ଛାଡୁଥିବା ଦେଖିବାକୁ ମିଳିଛି। ଜଣେ ପର୍ଯ୍ୟଟକ ପଶ୍ଚିମଦ୍ୱାର ପଟେ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବାବେଳେ ଉକ୍ତ ଦ୍ୱାର ନିକଟରେ କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କୁ ସେ ତାଙ୍କ ପକେଟ୍‌ରୁ ଟଙ୍କା କାଢି ଦେଉଥିବାର ଚିତ୍ର ଭାଇରାଲ ହେବାରେ ଲାଗିଛି। ତେବେ ଏପରି ଘଟଣାକୁ ବିଭିନ୍ନ ମହଲରୁ ପୋଲିସ ପ୍ରଶାସନକୁ ସମାଲୋଚନାର ଶିକାର ହୋଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଏହି ଘଟଣା ସାମ୍ନାକୁ ଆସିବା ପରେ ପୁରୀ ଏସ୍‌ପି ଡ.କେ.ବିଶାଲ ସିଂ ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ କାର୍ଯ୍ୟରତ (ଟଙ୍କା ନେଉଥିବା) ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ତୃତୀୟ ବାଟାଲିଆନ ଆଇଆର ବିଏନ୍ କୋରାପୁଟ୍‌ର ସିପାହୀ ଶୁଭାଶିଷ ଦାସ। ତେବେ ଅନେକ ସମୟରେ ଅଭିଯୋଗ ହେଉଛି କି ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଏବଂ ପଶ୍ଚିମଦ୍ୱାର ବାଟେ ଭକ୍ତଙ୍କଠାରୁ ଟଙ୍କା ନେଇ ଶ୍ରୀମନ୍ଦିର ପରିସରକୁ ଛଡାଯାଉଛି ଏବଂ ଉକ୍ତ ଦ୍ୱାରରେ ଥିବା କାର୍ଯ୍ୟରତ ପୋଲିସ ଓ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଉଭୟଙ୍କ ଜାଣତରେ ଏପରି କାର୍ଯ୍ୟ କରାଯାଉଛି। ତେଣୁ ଉକ୍ତ ଅଭିଯୋଗର ସତ୍ୟତା ଜାଣିବା ପାଇଁ ତଦନ୍ତ କରାଯାଇ ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ଅପରପକ୍ଷରେ ଭକ୍ତଙ୍କଠାରୁ ଟଙ୍କା ନେବା ଘଟଣା ଜଣାପଡିବା ପରେ ପୁରୀ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭକ୍ତଙ୍କଠାରୁ ଟଙ୍କା ନେବା ଅଭିଯୋଗରେ ଏସ୍‌ପି ଶୁଭାଶିଷଙ୍କୁ ତାଙ୍କ କାର୍ଯ୍ୟରେ ଅବହେଳା କରିବା (ଯାତ୍ରୀ ଗୁମାସ୍ତାଠୁ ଟଙ୍କା ନେବା) ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ମିଶ୍ର ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ଅଧିକାରୀ କୈଶିକ ନାୟକଙ୍କୁ ଘଟଣାର ତଦନ୍ତ କରି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ଦ୍ୱାର ଖୋଲିବା ପାଇଁ ପ୍ରଶାସନ ପଦକ୍ଷେପ ନେଉ: ଧର୍ମେନ୍ଦ୍ର

### ଠିକ୍ ସମୟ ଆସିଲେ ୪ ଦ୍ୱାର ଖୋଲାଯିବ: ପ୍ରମିଳା

**ଭୁବନେଶ୍ୱର,୨୨।୭(ଅନିଲ ଦାସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶୃଙ୍ଖଳିତ ଭାବରେ ଦର୍ଶନ କରିବା ପାଇଁ ପୂର୍ବଭଳି ଶ୍ରୀମନ୍ଦିରରେ ୪ ଦ୍ୱାର ଦର୍ଶନର ବ୍ୟବସ୍ଥା କରିବା ଲାଗି ଆଲୋଚନା କରିବା ସହ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ମହାପ୍ରଭୁଙ୍କ ସହ କୋଟି କୋଟି ଭକ୍ତଙ୍କ ପ୍ରତ୍ୟକ୍ଷ ଭାବାବେଗ ଯୋଡ଼ିହୋଇ ରହିଛି। ପୁରୀର ଅଧିବାସୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି, ମାଆ ଓ ନାଗରିକଙ୍କ ଜଗା ସାଙ୍ଗରେ ନିତିଦିନିଆ ସମ୍ପର୍କ ରହିଛି। ଏଥିପାଇଁ ହଜାର ବର୍ଷ ପୂର୍ବରୁ ମହାପ୍ରଭୁଙ୍କୁ ଶୃଙ୍ଖଳିତ ଭାବରେ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ୪ ଦ୍ୱାର ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ତେଣୁ ଶ୍ରୀମନ୍ଦିରର ୪ ଦ୍ୱାରକୁ ଖୋଲାଯିବା ନିତାନ୍ତ ଜରୁରୀ। ଶ୍ରୀମନ୍ଦିର ପ୍ରଶାସନ ଏହି ପ୍ରସଙ୍ଗରେ ସମ୍ବେଦନଶୀଳ ହୋଇ ସମସ୍ତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ପାଇଁ ପଦକ୍ଷେପ ନିଅନ୍ତୁ। ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ବାଧକତା ସୃଷ୍ଟି କରା ନ ଯାଉ ବୋଲି ଧର୍ମେନ୍ଦ୍ର କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସମାନ ଦାବି ରଖିଛନ୍ତି। ସେ କହିଛନ୍ତି, ୪ ଦ୍ୱାର ଦେଇ ଭକ୍ତ ସ୍ୱଚ୍ଛନ୍ଦରେ ଶ୍ରୀମନ୍ଦିର ଯାଇପାରିବା ନେଇ ଜନମତ ସୃଷ୍ଟି ହୋଇଛି। ସମସ୍ତେ ଏନେଇ ଦାବି କରୁଛନ୍ତି। ଲୋକଙ୍କ ପ୍ରତିବାଦକୁ ଦେଖି ଓ ଜନମତକୁ ଗ୍ରହଣ କରି ନିଶ୍ଚୟ ସରକାରଙ୍କ ଜ୍ଞାନ ଉଦୟ ହେବ ବୋଲି ଆଶା ରହିଛି। କାରଣ ଜନମତକୁ ସମସ୍ତେ ସମ୍ମାନ ଦେବା କଥା।

ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଏବେ ପରିକ୍ରମା ପ୍ରକଳ୍ପ କାମ ଚାଲିଛି। ଖାଲଖମା ହୋଇଛି। ସେଥିପାଇଁ ଶ୍ରୀମନ୍ଦିର ୪ ଦ୍ୱାର ପ୍ରବେଶ ନିମନ୍ତେ ଖୋଲାହୋଇନି। ଯଦି ଭକ୍ତମାନେ ୪ ଦ୍ୱାର ଦେଇ ଯିବେ ତେବେ ଆହତ ହେବାର ଆଶଙ୍କା ରହିଛି। ତେଣୁ ଠିକ୍ ସମୟ ଆସିଲେ ୪ ଦ୍ୱାର ଖୋଲାଯିବ। ରାଜ୍ୟ ସରକାର କୌଣସିଥିରେ ପ୍ରତିବନ୍ଧକ ହୋଇନାହାନ୍ତି। ଜାଣିଶୁଣି ସରକାର ଭକ୍ତଙ୍କ ନିମନ୍ତେ ୪ ଦ୍ୱାର ପ୍ରବେଶ ବନ୍ଦ କରିନାହାନ୍ତି। ଯେତେବେଳେ ଆବଶ୍ୟକ ହେବ ନିଶ୍ଚିତ ପକ୍ଷେ ଖୋଲାଯିବ ବୋଲି ସେ କହିଛନ୍ତି।

## ମୋତିଝରଣ ଜୁ ହେଲା ପ୍ରାଣୀ ଉଦ୍ୟାନ, ଉଦ୍ଧାର କେନ୍ଦ୍ର



ପ୍ରାଣୀ ଉଦ୍ୟାନ ଓ ଉଦ୍ଧାର କେନ୍ଦ୍ରରେ ହରିଣ।

**ସମ୍ବଲପୁର,୨୨।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ମୋତିଝରଣଠାରେ ଥିବା ଜୁ (ଚିଡ଼ିଆଖାନା) ପ୍ରାଣୀ ଉଦ୍ୟାନ ଓ ଉଦ୍ଧାର କେନ୍ଦ୍ର ନାମରେ ନାମିତ ହୋଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଏହାର ନାମ ପରିବର୍ତ୍ତନ କରିଛନ୍ତି।

ହୀରାକୁଦ ୱାଇଲ୍ଡ ଲାଇଫ୍ ଡିଭିଜନ ୬୦୦୦ରୁ ଅଧିକ ଉଦ୍ଭିଦ ସହ ୪ହେକ୍ଟର ପରିମିତ ଅଞ୍ଚଳରେ ଗତବର୍ଷ ବଟାନିକାଲ୍ ବଗିଚା ଆରମ୍ଭ କରିଥିଲା। ଏହା ପ୍ରାଣୀ ଉଦ୍ୟାନର ପ୍ରାଣୀମାନଙ୍କ ପାଇଁ ସବୁଜ ବେଲ୍ଟ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରାଣୀ ଉଦ୍ୟାନକୁ ପୂର୍ବରୁ ହରିଣ ପାର୍କ ଓ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବରେ ନାମିତ କରାଯାଇଥିଲା। ୧୯୮୦ରେ୧୩ ହେକ୍ଟର ଅଞ୍ଚଳରେ ଏହା ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ପ୍ରାଣୀ ଉଦ୍ୟାନରେ ୨୭ ଏନ୍‌କ୍ଲୋଜର ସହ ୧୫ ପ୍ରଜାତିର ୩୩୩ ପ୍ରାଣୀ ଅଛନ୍ତି। ସେମାନଙ୍କ ମଧ୍ୟରେ କଲରାପତରିଆ ବାଘ, ଭାଲୁ, ଚୁସିଙ୍ଗା, ପାଇଥନ ଓ ମୟୂର ରହିଛନ୍ତି। ହରିଣ ସଂଖ୍ୟା ସର୍ବାଧିକ ୧୨୩ ଥିବାବେଳେ ଶମ୍ବର ୪୧ ଓ ୫ଟି ଭାଲୁ ଅଛନ୍ତି। ଏଠାରେ ସାଧାରଣ ଜନତାଙ୍କ ପାଇଁ ବନ୍ୟଜନ୍ତୁ ଉପରେ ସଚେତନତା ସହ ଶିକ୍ଷା ପ୍ରଦାନ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ଗତ ୧ବର୍ଷ ମଧ୍ୟରେ ଅଧିକ ଶୌଚାଳୟ, ପାନୀୟ ଜଳ, ସ୍ୱତନ୍ତ୍ର ପାର୍କିଂ, ଶିଶୁ ପାର୍କ, ଡ୍ରେନେଜ ନିର୍ମାଣ ସହ ଏନ୍‌କ୍ଲୋଜର ଭଳି ସୁବିଧା କରାଯାଇଛି। ଏହାଛଡ଼ା ହୀରାକୁଦ ଡିଭିଜନ କର୍ତ୍ତୃପକ୍ଷ ବନ୍ୟଜନ୍ତୁ ଓ ସଂରକ୍ଷଣ ଉପରେ ପ୍ରତି ଶନିବାର ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା ସଭା କରିବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

## ଦ୍ୱିତୀୟ ସର୍ବାଧିକ ଶାସନ: ଆଜି ଜ୍ୟୋତି ବସୁଙ୍କୁ ଅତିକ୍ରମ କରିବେ ନବୀନ



**ଭୁବନେଶ୍ୱର,୨୨।୭(ଅନିଲ ଦାସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ରାଜନୈତିକ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ସେ ଶନିବାର ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ଶାସନ ସମୟର ସମକକ୍ଷ ହୋଇଛନ୍ତି। ରବିବାର ସେ ଦ୍ୱିତୀୟ ସର୍ବାଧିକ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି। ଦେଶର ସର୍ବାଧିକ ସମୟ କ୍ଷମତାରେ ରହିବା ରେକର୍ଡ ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମ୍ଲିଙ୍ଗଙ୍କ ନାମରେ ରହିଛି। ସେ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ। ସେହିପରି ଦ୍ୱିତୀୟ ସର୍ବାଧିକ ଶାସନ ରେକର୍ଡ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜ୍ୟୋତି ବସୁଙ୍କ ନାମରେ ରହିଥିଲା। ସେ ପଶ୍ଚିମବଙ୍ଗରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ। ନବୀନ ମଧ୍ୟ ୨୦୨୩ ଜୁଲାଇ ୨୨ ତାରିଖରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ନବୀନ ୨୦୦୦ରୁ ଲଗାତର ୫ମ ଥର ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ଅଛନ୍ତି।

## ଶିକାରୀ ଗୁଳିରେ ନିହତ ଡେପୁଟି ରେଞ୍ଜର ମାଥି, ବନରକ୍ଷୀ ବିମଳଙ୍କୁ ମରଣୋତ୍ତର ସମ୍ମାନ

### ସାହସିକତା ପାଇଁ ହିମାଂଶୁଙ୍କୁ ପୁରସ୍କାର





ଡେପୁଟି ରେଞ୍ଜର ମାଥି ହାଁସଦା, ବନରକ୍ଷୀ ବିମଳ କୁମାର ଜେନା ଓ ବନରକ୍ଷୀ ହିମାଂଶୁ ଶେଖର ସେଠୀ।

**ବାରିପଦା, ୨୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ନିହତ ହୋଇଥିବା ଡେପୁଟି ରେଞ୍ଜର ମାଥି ହାଁସଦା ଓ ବନରକ୍ଷୀ ବିମଳ କୁମାର ଜେନାଙ୍କୁ 'ବିଶ୍ୱ ବ୍ୟାଘ୍ର ଦିବସ' ଅବସରରେ ଭାରତ ସରକାରଙ୍କ ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ। ଏହାସହ ଅସାଧାରଣ ସାହସିକତା ଓ ବୀରତ୍ୱ ପାଇଁ କର୍ମଚାରୀ ହିମାଂଶୁ ଶେଖର ସେଠୀଙ୍କୁ ପୁରସ୍କୃତ କରାଯିବ। ଏ ସଂକ୍ରାନ୍ତରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଚଳିତମାସ ୨୯ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର କର୍ବେଟ ଟାଇଗର ରିଜର୍ଭରେ 'ବିଶ୍ୱ ବ୍ୟାଘ୍ର ଦିବସ' ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କାର୍ଯ୍ୟରତ ଡେପୁଟି ରେଞ୍ଜର ସ୍ୱର୍ଗତ ମାଥି ହାଁସଦା ଜଣେ ସାହସୀ ଓ ନିର୍ଭୀକ କର୍ମଚାରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏପରିକି ତାଙ୍କ ଅଞ୍ଚଳରେ ଶିକାରୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଫଳରେ ଶିମିଳିପାଳ ଟାଇଗର ରିଜର୍ଭର ତାଙ୍କ କ୍ଷେତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିଲା। ତେବେ ଜୁନ ୧୬ତାରିଖ ରାତିରେ ମାଥି ହାଁସଦା ଓ ସହକର୍ମୀ ହିମାଂଶୁ ସେଠୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗୁଳି ଶବ୍ଦ ଶୁଣି ୬ଜଣ ଶିକାରୀଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ହିମାଂଶୁ ସେମାନଙ୍କଠାରୁ ବନ୍ଧୁକ ଛଡାଉଥିବା ବେଳେ ଅଚାନକ ଜଣେ ଶିକାରୀ ହାଁସଦାଙ୍କୁ ଗୁଳି କରିଥିଲେ। ଛାତିରେ ଗୁଳି ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ହିମାଂଶୁ ତାଙ୍କ ଜୀବନ ବଞ୍ଚାଇବାକୁ ତତ୍‌କ୍ଷଣାତ ତାଙ୍କୁ ସେହି ରାତିରେ ଦୀର୍ଘ ପଥ ଅତିକ୍ରମ କରି କରଞ୍ଜିଆ ଡାକ୍ତରଖାନାରେ ପହଞ୍ଚାଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ବୀରତ୍ୱର ଉଦ୍ୟମ ହେତୁ ଜଣେ ଶିକାରୀ ଚିହ୍ନଟ ହୋଇ ଧରାପଡିବା ସହିତ ଅନ୍ୟ ଅପରାଧୀଙ୍କୁ ଚିହ୍ନଟ କରିବା ପାଇଁ ତଲାସି ଅଭିଯାନ ଆରମ୍ଭ କରିଥିବା ପୋଲିସକୁ ସୂଚନା ଦିଆଯାଇଥିଲା। ସେହିପରି ବନରକ୍ଷୀ ବିମଳ କୁମାର ଜେନା ମେ' ୨୨ତାରିଖ ସନ୍ଧ୍ୟାରେ କଳସିଡୁବା ଅଞ୍ଚଳରେ ଦୁଇଜଣ ସୁରକ୍ଷା ସହାୟକଙ୍କ ସହ ପାଟ୍ରୋଲିଂ ପାଇଁ ଯାଇଥିଲେ। ସେ ୮ରୁ ୧୦ଜଣ ଶିକାରୀ ହରିଣ ଶିକାର କରି ବୋହି ନେଉଥିବାର ଦେଖି ସେମାନଙ୍କୁ ଅଟକାଇଥିଲେ। ଜଙ୍ଗଲ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ସେମାନଙ୍କ ସଂଖ୍ୟା ଅଧିକ ଥିବା ଜାଣି ଅଧିକ ଫୋର୍ସ ମଗାଇବା ପାଇଁ ବନରକ୍ଷୀ ବିମଳ ବାର୍ତ୍ତା ପଠାଇଥିଲେ। ବନ କର୍ମଚାରୀମାନେ ପହଞ୍ଚିବା ପୂର୍ବରୁ ଶିକାରୀମାନେ ଧରାପଡିଯିବା ଜାଣି ପୁନଶ୍ଚ ଫେରି ଆସି ବନପାଳଙ୍କୁ ଗୁଳି କରି ହତ୍ୟା କରିଥିଲେ। ଶିକାର କରିଥିବା ମୃତ ବନ୍ୟପ୍ରାଣୀଙ୍କ ସହ ସେହି ସ୍ଥାନରୁ ପଳାଇଥିଲେ। ନିଜ ଜୀବନକୁ ବାଜି ଲଗାଇ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଏମାନଙ୍କର ଅବଦାନ ଅତୁଳନୀୟ। ଦେଶ, ରାଜ୍ୟ ତଥା ମୟୂରଭଞ୍ଜ ମାଟିକୁ ଗର୍ବିତ କରିଥିବା ସେମାନଙ୍କ ବୀରତ୍ୱ ଓ ସାହସିକତା ଅନ୍ୟ ବନ କର୍ମଚାରୀମାନଙ୍କ ପାଇଁ ନୂତନ ପ୍ରେରଣାର ଉତ୍ସ ସୃଷ୍ଟି କରିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଝଡ଼ାଫୁଙ୍କାକରି ମୃତ ମହିଳାଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ



ଗୁଣିଆ ଜଣକ ମୃତା ମହିଳାଙ୍କୁ ଝଡ଼ାଫୁଙ୍କା କରୁଛନ୍ତି।

**ଭବାନୀପାଟଣା,୨୨।୭ (ଉତ୍ତମ କୁମାର ଦାଶ)**

- ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା
- ଗୁଣିଆକୁ ଧରି ଡାକ୍ତରଖାନାରେ ପହଞ୍ଚିଥିଲେ ସମ୍ପର୍କୀୟ
- ଶବ ବ୍ୟବଚ୍ଛେଦ ଘର ନିକଟରେ ଚାଲିଥିଲା ଝଡ଼ାଫୁଙ୍କା
- ପୋଲିସ, ଡାକ୍ତରଙ୍କ ହସ୍ତକ୍ଷେପ ପରେ ବନ୍ଦ ହେଲା

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି। ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣେ ମହିଳାଙ୍କୁ ଗୁଣିଆଙ୍କ ଦ୍ୱାରା ଝଡ଼ାଫୁଙ୍କା କରି ବଞ୍ଚାଇବାକୁ ପ୍ରୟାସ କରାଯାଉଥିଲା। ଏହା ଡାକ୍ତରଙ୍କ ନଜରକୁ ଆସିବା ପରେ ସେ ପୋଲିସ ଡକାଇ ଏହାକୁ ବନ୍ଦ କରିଥିଲେ। ପରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୀତମାଳ ଗ୍ରାମର ରେଣୁକା ନାଗ(୪୦)ଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସାପ କାମୁଡି ଦେଇଥିଲା। ଶନିବାର ସକାଳେ ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମହିଳାଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ତାଙ୍କ ସମ୍ପର୍କୀୟମାନେ ଗାଁର ଜଣେ ଗୁଣିଆ ପାଖକୁ ଯାଇଥିଲେ। ଗୁଣିଆ ମହିଳାଙ୍କୁ ବଞ୍ଚାଇଦେବ ବୋଲି କହିବାରୁ ମହିଳାଙ୍କ ସମ୍ପର୍କୀୟ ଗୁଣିଆ ସହ ସାପକୁ ଧରି ଅପରାହ୍ନରେ ଭବାନୀପାଟଣା ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ମୃତଦେହ ନିକଟକୁ ଯାଇ ଝଡାଫୁଙ୍କା କରିବା ସହ ନିଜ ଚିକିତ୍ସା ଆରମ୍ଭ କରିଥିଲେ। ଏହି ଖବର ପ୍ରଘଟ ହେବା ପରେ ଡାକ୍ତର ଓ ପୋଲିସ ପହଞ୍ଚି ଝଡ଼ାଫୁଙ୍କା ବନ୍ଦ କରିଥିଲେ। ମହିଳାଙ୍କ ସମ୍ପର୍କୀୟ ଓ ଗୁଣିଆ ବିନା ବ୍ୟବଚ୍ଛେଦରେ ମୃତଦେହ ଗାଁକୁ ନେଇ ଯିବାକୁ ଜିଦ ଧରିଥିଲେ। ଶେଷରେ ପୋଲିସ ହସ୍ତକ୍ଷେପକରି ଏହା ଅନ୍ଧବିଶ୍ୱାସ ବୋଲି ମୃତ ମହିଳାଙ୍କ ସମ୍ପର୍କୀୟଙ୍କୁ ବୁଝାଇଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତକଲେ ବିଶେଷଜ୍ଞ ଟିମ୍

**ରସୁଲପୁର,୨୨।୭(ରଞ୍ଜିତ ରାଉତ)**

- ପୋଲରେ ବ୍ୟବହୃତ ସାମଗ୍ରୀର ନମୁନା ଓ ଫଟୋ ସଂଗ୍ରହ କଲେ
- ମାସକ ମଧ୍ୟରେ ପ୍ରସ୍ତୁତ ହେବ ଚୂଡ଼ାନ୍ତ ରିପୋର୍ଟ



ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି।

ଯାଜପୁର ଜିଲା ରସୁଲପୁର ବ୍ଲକ୍‌କାର୍ଯ୍ୟାଳୟ ନିକଟ ୧୬ ନମ୍ବର ଜାତୀୟ ରାଜପଥ ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ କରାଯାଇଛି। ଶନିବାର ଦିଲ୍ଲୀରୁ ପୋଲ ନିର୍ମାଣର ବିଶେଷଜ୍ଞ ଆଲୋକ ପାଣ୍ଡେ, ଏ.କେ. ଶ୍ରୀବାସ୍ତବ ଓ ଏସ୍.କେ. ଶର୍ମା ୩ ଜଣିଆ ଟିମ୍ ପହଞ୍ଚି ଭୁଶୁଡ଼ି ପଡ଼ିଥିବା ପୋଲର ବିଭିନ୍ନ ଦିଗକୁ ତଦନ୍ତ କରିଛନ୍ତି। ପୋଲରେ ବ୍ୟବହୃତ ସାମଗ୍ରୀର ନମୁନା, ବ୍ୟବହୃତ ଷ୍ଟିଲ୍, କଂକ୍ରିଟର ମାନ, ପୋଲର ବିଭିନ୍ନ ସ୍ଥାନରେ ଥିବା ଫାଟ ଆଦିକୁ ଯାଞ୍ଚ କରିବା ସହ ସେ ସବୁର ଫଟୋ ଉଠାଇଛନ୍ତି। ଭୁଶୁଡ଼ି ପଡ଼ିଥିବା ପୋଲର ମାପଚୁପ୍ କରିଛନ୍ତି। ଏଥିସହ ରାଜପଥ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା ଆଞ୍ଚଳିକ ଶାଖା କାର୍ଯ୍ୟାଳୟଠାରୁ ପୋଲ ନିର୍ମାଣର ଡକ୍ୟୁମେଣ୍ଟ ସଂଗ୍ରହ କରିଛନ୍ତି।

ପୋଲ ନିର୍ମାଣକୁ ନେଇ ପ୍ରସ୍ତୁତ ନକ୍ସା ଓ ନିର୍ମାଣ ବେଳେ କାର୍ଯ୍ୟକାରୀ ହୋଇଥିବା ତରିକା ଆଦି ଦିଗକୁ ଅନୁଧ୍ୟାନ କରିବାର୨ ସପ୍ତାହ ମଧ୍ୟରେ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯିବ। ପାଖାପାଖି ମାସକ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇ କେନ୍ଦ୍ର ସଡ଼କ ଓ ପରିବହନ ବିଭାଗ ଓ ଦିଲ୍ଲୀସ୍ଥିତ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାକୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ବିଶେଷଜ୍ଞ ଟିମ୍‌ର ରିପୋର୍ଟରେ ପୋଲ ପୁନରୁଦ୍ଧାର ପାଇଁ ଆଗକୁ କ'ଣ ପଦକ୍ଷେପ ନିଆଯିବ ସେ ନେଇ ତଥ୍ୟ ଆଞ୍ଚଳିକ କାର୍ଯ୍ୟାଳୟର ହସ୍ତଗତ ହେବା ପରେ ପଦକ୍ଷେପ ନିଆଯିବ ବୋଲି ରାଜପଥ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି। ତଦନ୍ତ ପାଇଁ ଆସିଥିବା ବିଶେଷଜ୍ଞମାନଙ୍କୁ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଜି.ଏମ୍. ବୀରେନ୍ଦ୍ର ସିଂ, ବାଲେଶ୍ୱର ଶାଖାର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ଓ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଓଡ଼ିଶା ପ୍ରଦେଶରେ କାର୍ଯ୍ୟରତ ବରିଷ୍ଠ ବୈଷୟିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ।

କୋଲକାତାରୁ ଚେନ୍ନାଇକୁ ସଂଯୋଗ କରୁଥିବା ଏହି ୧୬ନମ୍ବର ଜାତୀୟ ରାଜପଥର ପୋଲ ଗତ ମଙ୍ଗଳବାର ସକାଳ ପ୍ରାୟ ୬ଟା ୧୫ ମିନିଟ୍‌ରେ ଭୁଶୁଡ଼ି ପଡ଼ିବା ପରେ ଜନସାଧାରଣଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି। ଘଟଣାକୁ ରାଜନେତା, ପ୍ରଶାସନଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁରୁତର ସହ ନେଇଛନ୍ତି। ପୋଲ ଭୁଶୁଡ଼ିବା ଓ ରାଜପଥ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗକରି ବିଜେଡି ରାସ୍ତାକୁ ଓହ୍ଲାଇ ହୋହଲ୍ଲା କରିଛି। ଜିଲାର ବିଧାୟକ ଓ ଏମ୍‌ପି ରାଜପଥ କର୍ତ୍ତୃପକ୍ଷଙ୍କୁ ଡକାଇ ଘଟଣାର ସମୀକ୍ଷା କରିଛନ୍ତି। ଯାଜପୁର ଜିଲା ଦେଇ ଯାଇଥିବା ରାଜପଥଗୁଡ଼ିକର ବିକଳ ସ୍ଥିତିକୁ ନେଇ ଆହୂତ ସମୀକ୍ଷା ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଏଥିସହ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବାକୁ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀମାନଙ୍କୁ ତାଗିଦ କରାଯାଇଛି। ରସୁଲପୁର ବ୍ଲକ ଛକ ନିକଟରେ ଏକ ଗଳିପୋଲ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ରାଜପଥ ନିର୍ମାଣବେଳେ କାର୍ଯ୍ୟର ଗୁଣବତ୍ତାକୁ ପ୍ରାଧାନ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପସ୍ଥିତ ଅଧିକାରୀମାନେ ବିଧାୟକ ଓ ଏମ୍‌ପିଙ୍କ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଭୁଶୁଡ଼ି ପଡ଼ିଥିବା ପୋଲର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷକରି ଗମନାଗମନକୁ ସୁଗମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## ମୌସୁମୀ ସକ୍ରିୟ: ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା

**ଭୁବନେଶ୍ୱର,୨୨।୭(ଅନିଲ ଦାସ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଛତିଶଗଡ଼ ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ଆସନ୍ତା ୨୪ ତାରିଖରେ ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଓଡ଼ିଶା-ଆନ୍ଧ୍ର ଉପକୂଳରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୫ ତାରିଖରୁ ୨୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି।

### ୨୪ରୁ ବଢ଼ିବ ବର୍ଷା

୨୩ ତାରିଖରେ ସୋନପୁର, ସମ୍ବଲପୁର, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୪ରୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୧୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧୫.୫, ଅନୁଗୋଳ ୪୦, ବାରିପଦା ୨୨.୪, ତାଳଚେର ୨୫, ଭବାନୀପାଟଣା ୨୪.୫, ବଲାଙ୍ଗୀର ୧୮.୫, କୋରାପୁଟ ୧୩.୬, ମାଲକାନଗିରି ୩୨, ନୟାଗଡ଼ ୩୪.୫, ଭଦ୍ରକ ୪୩.୫, ଢେଙ୍କାନାଳରେ ୧୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଶ୍ରାବଣ ମାସରେ ବର୍ଷା ଅଭାବ: ଚିନ୍ତାରେ ଚାଷୀ

ବାଲିଗୁଡା,୨୨।୭(ତାପସ ସ୍ୱାଇଁ)


କୁଶୁପୁର ପଞ୍ଚାୟତରେ ଖାଲୁଆ କିସମର ଜମି ଶୁଖିଯାଇଛି।

■ କେନାଲ ସଫେଇ କାର୍ଯ୍ୟ ଶେଷ ହୋଇନାହିଁ
■ ୮୦ଭାଗ ଲୋକ ଧାନଚାଷ ଉପରେ ନିର୍ଭରଶୀଳ
■ ତଳି ନଷ୍ଟହେବା ଆଶଙ୍କା

ବାଲିଗୁଡା ବ୍ଲକରେ ଶ୍ରାବଣ ମାସ ଶେଷ ହେବାକୁ ଆଉ କିଛି ଦିନ ବାକି ଥିବା ବେଳେ ଆବଶ୍ୟକ ବର୍ଷା ହେଉ ନ ଥିବାରୁ ଚାଷ ଜମି ଫାଟି ଆଁ କରିଛି । ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏହି ବ୍ଲକର ୮୦ଭାଗ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ଏଠାରେ ୧୬ ହଜାର ହେକ୍ଟର ଚାଷ ଜମି ରହିଛି । ସେଥିରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମି ଖାଲୁଆ ଓ ଅନ୍ୟ ୬ ହଜାର ହେକ୍ଟର ମଧ୍ୟମ ବା ଉନ୍ନତ କିସମର ରହିଛି। ଜମିଗୁଡିକ ମଧ୍ୟରେ ସମାନତା ନ ଥିବାରୁ ବର୍ଷା ହେଲେ ମଧ୍ୟମ କିସମର ଜମିରୁ ପାଣି ଗଡି ଖାଲୁଆ ଜମିରେ ରହିଥାଏ। ଖାଲୁଆ କିସମ ଜମି ଆରମ୍ଭରୁ ରୁଆଁ ବେଉଷଣ ହୋଇଥାଏ। ମାତ୍ର ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭରୁ ଚାଷୀ ତଳି ପକାଇ ବସିଛନ୍ତି। ମାତ୍ର ବର୍ଷା ନ ଥିବାରୁ ତଳି ଘେରା ଫାଟି ଆଁ କଲାଣି। ଏପରିକି ଖାଲୁଆ ଜମିରେ ମଧ୍ୟ ପାଣି ନାହିଁ । ଅନ୍ୟପଟରେ କେନାଲ ସଫେଇ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ ଫଳରେ ପାଣି ଆସିବା ନେଇ ଆଶଙ୍କା ରହିଛି। ଏଭଳିସ୍ଥିତିରେ ବ୍ଲକର ତଣ୍ଡିକୂଳ, ବାହାରଣା, ମୂଳଗାଁ, ଥାଇଲୋ, ଅଳାଭର, ଅଳାବୋଳ, ଇଚ୍ଛାପୁର, ଅଡ଼ଙ୍ଗା, କାଳିଓ, ଗରାମ, କୃଷ୍ଣଦାସପୁର, ବୋରିକିନା, ମାଛଗାଁ ଆଦି ପଞ୍ଚାୟତର ଖାଲୁଆ କିସମର ଜମି ଏବେ ପଡ଼ିଆ ପଡ଼ିଛି । ସେହିପରି ବ୍ଲକର ସମୁଦ୍ରକୂଳ ପଞ୍ଚାୟତ କୁଶୁପୁର, ମରିଚପୁର, ନହରଣା, ବରମୁଣ୍ଡଳି, ଅନନ୍ତପୁର, ଓଷକଣା, ରାହାଣ, ଖାଲଗାଁ ଆଦି ଅଞ୍ଚଳରେ ଖାଲୁଆ କିସମ ଜମି ଫାଟି ଆଁ କରିଛି । ଫଳରେ ଚାଷୀ ପକାଇଥିବା ତଳି ଘେରା ନଷ୍ଟ ହେବାକୁ ବସିଛି। ଅନ୍ୟପଟରେ ସରକାରଙ୍କ କୃଷି ସୂଚନା ପରାମର୍ଶ କେନ୍ଦ୍ରରୁ ଆସନ୍ତା ୩୧ ତାରିଖ ମଧ୍ୟରେ ଫସଲ ବୀମା କରାଇବାକୁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଉଛି । କ୍ଷେତରେ ଫସଲ ନ ଥାଇ ଚାଷୀଟି କିପରି ଫସଲବୀମା ପ୍ରିମିୟମ ଦେବ ତାହା ମଧ୍ୟ ବିଡ଼ମ୍ବନାର ବିଷୟ । ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଦାବି କରିଛନ୍ତି ।

ଏ ସମ୍ପର୍କରେ ମୂଳଗାଁ ପଞ୍ଚାୟତ ସିଙ୍ଗିରି ଗ୍ରାମର ଚାଷୀ ଅଜୟ ଦାସ କୁହନ୍ତି, ଚଳିତ ବର୍ଷ ସେ ୬୦ କିଲୋ ବିହନ ତଳି ପକାଇଛନ୍ତି। ୬ ଏକରରୁ ଊର୍ଦ୍ଧ୍ୱ ଜମିରେ ଏହା ରୁଆଁ ହୋଇଥାନ୍ତା । ମାତ୍ର ବର୍ଷା ଭାବରୁ ଜମି ଶୁଖିଲା ପଡ଼ିଛି। ଅନ୍ୟପଟରେ ଆମ ଅଞ୍ଚଳକୁ ୧୩ ସି କେନାଲ ଦ୍ୱାରା ଡେଙ୍ଗାପୋଲ-ତଣ୍ଡିକୂଳ ଏବେ ସୁଦ୍ଧା ସଫେଇ ହୋଇନାହିଁ । ଫଳରେ କେନାଲରେ ମଧ୍ୟ ପାଣି ଆସୁନାହିଁ। ଏମିତି ଆଉ ୮ ଦିନ ହେଲେ ତଳି ସବୁ ନଷ୍ଟ ହୋଇଯିବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି । କୁଶୁପୁର ପଞ୍ଚାୟତ ଖଡିକାଦଣ୍ଡା ଗ୍ରାମର ଚାଷୀ ରମେଶ ଚନ୍ଦ୍ର ପତି କୁହନ୍ତି, ପ୍ରତିବର୍ଷ ଏହି ସମୟରେ ଚାଷ କାମ ସରି ଯାଇଥାଏ । କିନ୍ତୁ ଏବର୍ଷ ବର୍ଷାଭାବରୁ ଆଦୌ ଆରମ୍ଭ ହୋଇ ପାରିନାହିଁ। ମୁଁ ୨୦ ଗଉଣି ବିହନ ତଳି ପକାଇଛି । ସେ ସବୁ ନଷ୍ଟ ହେବାକୁ ବସିଲାଣି। ସରକାର ତୁରନ୍ତ ଆମ ଅଞ୍ଚଳକୁ ମରୁଡି ଘୋଷଣା କରନ୍ତୁ। ତେନ୍ତୁଳିବେଲାରୀର ଚାଷୀ ଶରତ ସାହାଣୀ କୁହନ୍ତି, ଆମ ଅଞ୍ଚଳରେ ଚାଷ ପାଇଁ କେନାଲ ପାଣିର ସୁବିଧା ନାହିଁ । ଆମେ ବର୍ଷା ପାଣି ଉପରେ ଚାଷ କରିଥାଉ । ମାତ୍ର ଏବେ ସୁଦ୍ଧା ଯେଉଁ ୩ରୁ ୪ଥର ବର୍ଷା ହେଇଛି ତାହା ଯଥେଷ୍ଟ ନୁହେଁ। ଖାଲୁଆ ଜମିରେ ପାଣି ଟୋପେ ନାହିଁ । ବର୍ଷା ଦେଖି ୭୦ କିଲୋ ବିହନ ତଳି ପକାଯାଇଥିଲା। ଏବେ କ'ଣ କରାଯିବ ଆଉ କିଛି ବୁଦ୍ଧି ଦିଶୁନାହିଁ ବୋଲି ସେ କହିଛନ୍ତି। ବାଲିଗୁଡା କୃଷି କାର୍ଯ୍ୟାଳୟର କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା କହିଛନ୍ତି ବର୍ଷା କମିଛି। ଏଥିପାଇଁ ପ୍ରତ୍ୟେକ ସପ୍ତାହରେ କାର୍ଯ୍ୟାଳୟ ପକ୍ଷରୁ ଧାନ ଚାଷର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପାଖକୁ ରିପୋର୍ଟ ଯାଉଛି। ଯଦି ସପ୍ତାହ ଭିତରେ ବର୍ଷା ନ ହୁଏ ତାହେଲେ ଚାଷୀଙ୍କ ପାଇଁ ଇନ୍‌ପୁଟ ସବ୍‌ସିଡି ପାଇଁ ଡିମାଣ୍ଡ କରାଯିବ। କେନାଲରେ ପାଣି ନ ଆସିବା ସମ୍ପର୍କରେ ସେ କହିଥିଲେ, ଏହି କାର୍ଯ୍ୟ ଜଳସେଚନ ବିଭାଗର ଏଥିପାଇଁ ଏହା ଉପରେ ସେ କୌଣସି ମତ ରଖିପାରିବେ ନାହିଁ। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ବାଲିଗୁଡା ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପ୍ରିୟରଞ୍ଜନ ଜେନାଙ୍କ ମୋବାଇଲ୍‌କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ ।

# ୩୧.୨୨ ଗ୍ରାମ୍ ବ୍ରାଉନସୁଗାର ଜବତ: ୬ କୋର୍ଟ ଚାଲାଣ

## ବାଇକ୍, ମୋବାଇଲ, ନଗଦ ଟଙ୍କା ଜବତ


ଗିରଫ ୬ ଅଭିଯୁକ୍ତ ଓ ଜବତ ବ୍ରାଉନ୍‌ସୁଗାର,ମୋବାଇଲ, ନଗଦ ଟଙ୍କା।

ଜଗତ୍‌ସିଂହପୁର, ୨୨।୭ (ପ୍ରମୋଦ କୁମାର ନାୟକ): ଜଗତ୍‌ସିଂହପୁର ପୋଲିସ ଶନିବାର ୩୧.୨୨ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏସ୍‌ଆଇ ରାଜେନ୍ଦ୍ର କୁମାର ଭୋଳଙ୍କ ଅଭିଯୋଗ ଆଧାରରେ ମାମଲା (ନଂ. ୪୬୯/୨୩) ରୁଜୁ କରାଯାଇ ୬ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ମାର୍କଣ୍ଡପୁରର ପ୍ରଶାନ୍ତ ଗୋଚ୍ଛାୟତ (୨୪), ପ୍ରମୋଦ କୁମାର ସାହୁ (୪୭), ଗୋପାଳସାଗରର ମନୋରଞ୍ଜନ ଗୋଚ୍ଛାୟତ (୨୨), ବଡ଼ବାଗର ଶୁଭ୍ରାଂଶୁ ସେଠୀ (୧୯), ମଙ୍ଗଳପୁରର ବାନାରଞ୍ଜନ ସେଠୀ (୧୯) ଓ ବାଲିକୁଦା ଥାନା ଜଇନାବାଦର ସିପୁନ ସ୍ୱାଇଁ (୨୧) । ସେମାନଙ୍କଠାରୁ ବ୍ରାଉନ୍‌ସୁଗାର ବାଦ୍ ୨ଟି ବାଇକ୍ ଓ ସିମ୍ ଥିବା ୬ଟି ମୋବାଇଲ ସହ ନଗଦ ୧୯୦୦ ଟଙ୍କା ଜବତ କରାଯାଇଛି ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏସ୍‌ଆଇ ଭୋଳଙ୍କ ଅଭିଯୋଗ ଅନୁଯାୟୀ, ଆଇଆଇସିଙ୍କ ନିର୍ଦ୍ଦେଶ ପ୍ରକାରେ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ନୂଆପୋଲ ନିକଟ କୁଚିଲା ଖୁଣ୍ଟି ମଠରେ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

# ଘରବାଡ଼ି ବିବାଦରୁ ସଂଘର୍ଷ ୬ ଗୁରୁତର

**ବାଲିକୁଦା,୨୨।୭(ତାପସ ସ୍ୱାଇଁ):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଅପଣ୍ଡରା ଗାଁରେ ଶନିବାର ଘରବାରି ବିବାଦକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ୨ ପରିବାର ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ଉଭୟ ପକ୍ଷରୁ ୬ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସନ୍ତୋଷ ମୁଦୁଲି (୪୫), ତାଙ୍କ ସ୍ତ୍ରୀ ମୀନା (୪୦) ପୁଅ ଶୁଭ୍ରଜିତ୍ (୨୮) ଅନାମ ମୁଦୁଲି (୫୫), ସାନ ଭାଇ ସନାତନ(୫୩) ଓ ପୁଅ ଚନ୍ଦନ (୨୫) । ସେମାନଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି । ସେମାନେ ହେଲେ ଅନାମ, ସନାତନ, ଚନ୍ଦନ ଓ ଶୁଭ୍ରଜିତ୍ ।

ପୋଲିସ ସୂଚନା ମୁତାବକ, ସନ୍ତୋଷ ଓ ଅନାମଙ୍କ ପରିବାର ମଧ୍ୟରେ ଘରବାରି କେନ୍ଦ୍ରକରି ଗତ ମହାବାତ୍ୟା ସମୟରୁ ବିବାଦ ଲାଗି ରହିଛି। ସନ୍ତୋଷ ମୁଦୁଲିଙ୍କ ବାପା ସ୍ୱର୍ଗତ ବଟ ମୁଦୁଲିଙ୍କଠାରୁ ଅନାମ ମୁଦୁଲିଙ୍କ ବାପା ସ୍ୱର୍ଗତ ଗୋପି ମୁଦୁଲି ୫ ଡିସିମିଲ ଘରଡ଼ିହକୁ ବିକ୍ରି ଖର୍ଦ୍ଦି ସତ୍ତ୍ୱରେ କିଣି ନେଇଥିଲେ । ଏ ବିଷୟରେ ସନ୍ତୋଷଙ୍କୁ ଜଣା ନ ଥିଲା । ସେହି ବିବାଦୀୟ ସ୍ଥାନରେ ସନ୍ତୋଷ ୩ ବଖରା କୋଠା ଘର ନିର୍ମାଣ କରିଛନ୍ତି। ସେତେବେଳେ ତାଙ୍କୁ ଅନାମ କିମ୍ବା ତାଙ୍କ ପରିବାରର କେହି ବାରଣ କରି ନଥିଲେ । ହେଲେ ଏହାକୁ ଲାଗିକରି ଥିବା ଦୋ' ସମାଳିରେ ସନ୍ତୋଷ ଏକ ଶିଡ଼ି ଘର ନିର୍ମାଣ କରୁଥିବା ବେଳେ ଅନାମଙ୍କ ପରିବାର ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଫଳରେ ଶିଡ଼ିଘର ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି । ଶନିବାର ସେହି ଦୋ' ସମାଳିରେ ଅନାମଙ୍କ ପରିବାର ସିଡ଼ିଘର ନିର୍ମାଣ କରୁଥିବା ବେଳେ ଏହାକୁ ସନ୍ତୋଷଙ୍କ ପୁଅ ଶୁଭ୍ରଜିତ୍ ବିରୋଧ କରିଥିଲେ। ଏନେଇ ଉଭୟ ପରିବାର ମଧ୍ୟରେ ପ୍ରଥମେ ପାଟି ତୁଣ୍ଡ ଓ ପରେ ମାର୍‌ପିଟ ହୋଇଥିଲା । ଶୁଭ୍ରଜିତ୍ ନିର୍ମାଣକୁ ବିରୋଧ କରିବା ପରେ ଅନାମଙ୍କ ପରିବାର ଲୋକେ ତାଙ୍କୁ ଘେରିଯାଇ ମାଡ଼ ମାରିଥିଲେ । ପୁଅକୁ ମାଡ଼ ହେଉଥିବା ଦେଖି ମା' ମୀନା ମଧ୍ୟ ଘରୁ ବାହାରି ଆସିଥିଲେ। ଏହା ପରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏସମ୍ପର୍କରେ ବାଲିକୁଦା ଆଇଆଇସି ସଲିଳ କୁମାର ପ୍ରଧାନ କହିଛନ୍ତି ଉଭୟ ପକ୍ଷରୁ ଅଭିଯୋଗ ମିଳିଛି। ଏନେଇ ତଦନ୍ତ ଜାରି ରହିଛି।

# ଶୃଙ୍ଖଳା ରହିଲେ ସମ୍ମାନ ମିଳିବ

## ରୋଟାରି କ୍ଲବ ପ୍ରତିଷ୍ଠା ଦିବସ

ପାରାଦୀପ,୨୨।୭(ଶରତ ରାଉତ)

ପାରାଦୀପର ମଧୁବନ ଅଫିସର୍ସ କ୍ଲବ ପରିସରରେ ଶନିବାର ରୋଟାରି କ୍ଲବର ୨୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୦୨୩-୨୪ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରିଆନ ଅଜୟ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନୋଜ ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ଶାଖାର ସମସ୍ତ ସଭ୍ୟ ସାମିଲ ହୋଇଥିଲେ। ରୋଟାରିଆନ ସୁରେନ୍ଦ୍ର ମୋହନ ମିଶ୍ର ଓ ଗଣେଶ୍ୱର ପାତ୍ର ଏହି କ୍ଲବର ଆଭିମୁଖ୍ୟ ଓ ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କ୍ଲବ ପରିଚାଳନା କରିବା ଏକ ସମ୍ମାନର ପ୍ରସଙ୍ଗ। ରୋଟାରି କ୍ଲବର ଯେଉଁମାନେ କର୍ମକର୍ତ୍ତା ରହିଛନ୍ତି ସେମାନେ ଉଦାହରଣ ଛାଡି ଯାଇଛନ୍ତି। ସେହି ଧାରା ବଳବତ୍ତର ରଖିବା ପାଇଁ ମୁଖ୍ୟ ଅତିଥି ଅଗ୍ରୱାଲ ପରାମର୍ଶ ଦେଇଥିଲେ। ଶୃଙ୍ଖଳା ରହିଲେ ସମ୍ମାନ ମିଳିବ ବୋଲି ସେ କହିଥିଲେ। ପରେ ଅଧ୍ୟାପକ ତଥା ଏନ୍‌ସିସି ଲ୍ୟୁଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସଭାପତି ଓ ରବୀନ୍ଦ୍ରନାଥ ବାରିକଙ୍କୁ ସମ୍ପାଦକଭାବେ ଚୟନ କରାଯାଇଥିଲା।



ରୋଟାରି କ୍ଲବ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୦ଶଯ୍ୟା ବିଶିଷ୍ଟ କରିବାକୁ ଦାବି


ବୈଠକରେ ଯୋଗଦେଇଥିବା ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ, ସଂକ୍ରାମକ ରୋଗ ବିଶେଷଜ୍ଞ ଓ ଅନ୍ୟମାନେ।

ରାହାମା,୨୨।୭(ଶ୍ରୀକାନ୍ତ ଦାସ )

■ ଟ୍ରମା କେୟାର ୟୁନିଟ୍ ଖୋଲାଯାଉ
■ ଭିତ୍ତିଭୂମି ଯାଞ୍ଚ କଲେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ

କୁଜଙ୍ଗ ବ୍ଲକ ରାହାମାସ୍ଥିତ ପ୍ରତାପ ଚନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୦ ଶଯ୍ୟା ବିଶିଷ୍ଟ କରିବା ଓ ଟ୍ରମାକେୟାର ୟୁନିଟ୍ ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଶତ୍ରୁଘ୍ନ ଦାଶ ଓ ସଂକ୍ରାମକ ରୋଗ ବିଶେଷଜ୍ଞ ଅଶୋକ ସାହୁଙ୍କ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ ସମୟରେ ଏହି ଦାବି ଉପସ୍ଥାପନ କରାଯାଇଛି। ଉଭୟ ଅଧିକାରୀ ପୂର୍ବାହ୍ନରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଯୋଗ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ମୁଖ୍ୟ ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତି ବୈଠକରେ ଉପରୋକ୍ତ ଦାବି କରିଥିଲେ। କୁଜଙ୍ଗକୁ ୫-ଟି ସଚିବଙ୍କ ଗସ୍ତ ସମୟରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଭେଟି ଏ ସମ୍ପର୍କିତ ଦାବି ଉପସ୍ଥାପନ କରିଥିଲେ ବୋଲି ମହାନ୍ତି କହିଥିଲେ। ଏହି ଆଧାରରେ ଡାକ୍ତର ଦାସ ଓ ସାହୁ ଆସି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଦାବି ପୂରଣ କରିବା ପାଇଁ ପ୍ରଶାସନିକସ୍ତରରେ ଆଲୋଚନା କରିବେ ବୋଲି ଡ.ଦାଶ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ସୁନାକର ବେହେରା, କମିଟି ସଂଯୋଜକ ନିହାର ରଞ୍ଜନ ଲେଙ୍କା, ଭିକାରି ଚରଣ ସେନାପତି, ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା, ପୋତନାଇ ସରପଞ୍ଚ ବ୍ରଜ ମହାରାଜ, ପବିତ୍ର ସେନାପତି, ଦେବାଶିଷ ମହାନ୍ତି, ସାମାଜିକ କର୍ମୀ ସ୍ନେହାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅମରେନ୍ଦ୍ରଙ୍କ ବନ୍ଧୁମିଳନକୁ ନେଇ ପୁଣି ଚର୍ଚ୍ଚା

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

ଜଗତ୍‌ସିଂହପୁର, ୨୨।୭
(ପ୍ରମୋଦ କୁମାର ନାୟକ)

୨୦୧୯ ସାଧାରଣ ନିର୍ବାଚନ ସମୟରୁ ଜଗତ୍‌ସିଂହପୁର ବିଜେଡିରେ ଗୋଷ୍ଠୀ କନ୍ଦଳ ଲାଗି ରହିଛି । ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ସାଙ୍ଗଠନିକ ନେତୃତ୍ୱ ସମ୍ଭାଳିଥିବା ବେଳେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ସମାନ୍ତରାଳ ସଙ୍ଗଠନ କରି ଚାଲିଛନ୍ତି। ଦାସ ବନ୍ଧୁ ମିଳନ ଆଳରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନ୍‌ରେ ଦଳୀୟ କର୍ମୀଙ୍କୁ ତାଙ୍କ ସହ ଯୋଡ଼ିବାକୁ ଚେଷ୍ଟା ଜାରି ରଖିଛନ୍ତି। ରବିବାର ସେ ଜିଲା ମୁଖ୍ୟାଳୟ ତଥା ଜଗତ୍‌ସିଂହପୁର ପୌରାଞ୍ଚଳର ଦଳୀୟ କର୍ମୀଙ୍କୁ ନେଇ ସ୍ଥାନୀୟ ଏକ ମଣ୍ଡପରେ ବନ୍ଧୁମିଳନ କରିବେ ବୋଲି ସୂଚନା ଦିଆଯାଇଛି। ଏନେଇ ବିଜେଡି ଶିବିରରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଥମି ନ ଥିବାବେଳେ ବିବାଦୀୟ ବୟାନ ଦେଇଥିବା କାରଣ ଦର୍ଶାଯାଇ ଏଆଇସିସି ତାଙ୍କୁ ନିଲମ୍ବନ କରିଥିବା କୁହାଯାଇଛି। ଏ ପରିସ୍ଥିତିରେ ସେ କଂଗ୍ରେସରେ ରହିବେ କି ବିକଳ୍ପ ନିଷ୍ପତ୍ତି ନେବେ ତାହା ତ ସମୟ କହିବ। କିନ୍ତୁ ସେ ଯଦି ବିଜେଡିରେ ମିଶନ୍ତି ତେବେ ନିର୍ବାଚନ ମଣ୍ଡଳୀର ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳିଯିବ। କାରଣ ବର୍ତ୍ତମାନ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ଦଳ ତାଙ୍କୁ ନିର୍ବାଚନର କିଛି ଦିନ ପୂର୍ବରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ କରିବାକୁ ଘୋଷଣା କରିଥିଲା। ଯେହେତୁ ନିର୍ବାଚନ ମଣ୍ଡଳୀରେ ସେ ନବାଗତ ଥିଲେ ତେଣୁ ତାଙ୍କୁ ଏହି ନିର୍ବାଚନ ବୈତରଣୀ ପାରହେବା କଠିନ ଥିଲା। କାରଣ ସେତେବେଳେ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ପତିଆରା ନିର୍ବାଚନ ମଣ୍ଡଳୀରେ ବାରି ହୋଇପଡୁଥିଲା। ଚିରଞ୍ଜୀବ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ସେତେବେଳେ ତାଙ୍କ ସାନ ଭାଇ ରଞ୍ଜୀବ ବିଶ୍ୱାଳ ରାଜ୍ୟ ସଭା ସଦସ୍ୟ ଥିଲେ। ଏନେଇ ନିର୍ବାଚନ ମଣ୍ଡଳୀରେ ଚିରଞ୍ଜୀବଙ୍କ ଅର୍ଥର ଅଭାବ ଅନୁଭବ ହୋଇ ନ ଥିଲା। ଉଭୟଙ୍କ ଅନୁଦାନ ବିନିଯୋଗରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ଏ ପରିସ୍ଥିତିରେ ଚିରଞ୍ଜୀବଙ୍କ ଭୋଟ ବ୍ୟାଙ୍କ ଭାଙ୍ଗିବା ପ୍ରଶାନ୍ତଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଚିରଞ୍ଜୀବଙ୍କ ଅପେକ୍ଷା ଅମରେନ୍ଦ୍ର ପ୍ରଶାନ୍ତଙ୍କ ଚିନ୍ତା ବଢ଼ାଇ ଦେଇଥିଲେ। ଅମରେନ୍ଦ୍ର ଏହି ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବାରୁ ସେ ବିଦ୍ରୋହ ଆରମ୍ଭ କରି ଦେଇଥିଲେ। ପ୍ରଶାନ୍ତଙ୍କୁ ବିରୋଧକରି ତାଙ୍କ ସମର୍ଥକମାନେ ତୁମ୍ବିତୋଫାନ ଆରମ୍ଭ କରି ଦେଇଥିଲେ। ଏପରି କି ନବୀନ ନିବାସ ଆଗରେ ଶକ୍ତି ପ୍ରଦର୍ଶନ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅମରେନ୍ଦ୍ରଙ୍କୁ ଦଳ ଜିଲା ସଭାପତି କରି ପ୍ରଶାନ୍ତଙ୍କ ବିରୋଧରେ ସ୍ୱର ନ ଉଠାଇବା ପାଇଁ କହିଥିଲେ। ଏଥିସହ ଅନ୍ୟ ନିର୍ବାଚନ ମଣ୍ଡଳୀରେ କାମ କରିବାକୁ ଦାୟିତ୍ୱ ଦେଇଥିଲେ। ଅମରେନ୍ଦ୍ର ଏଥିରେ ସନ୍ତୁଷ୍ଟ ହୋଇ ପ୍ରଶାନ୍ତଙ୍କୁ ଆଉ ବିରୋଧ କରି ନ ଥିଲେ। ପରେ ଅମରେନ୍ଦ୍ରଙ୍କୁ ବିଜେଡିର ଜିଲା ସଭାପତି ପଦରୁ ହଟାଯାଇ କାଜୁ ନିଗମ ଅଧ୍ୟକ୍ଷ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ହାତରୁ ନିଗମ ଅଧ୍ୟକ୍ଷ ପଦବୀ ଚାଲିଗଲା। ତେବେ ନିର୍ବାଚନ ସରିବାର କିଛି ଦିନ ପର୍ଯ୍ୟନ୍ତ ସବୁ ଠିକ୍ ଚାଲିଥିଲା। ପରବର୍ତ୍ତୀ ସମୟରେ ପୁଣି ବିବାଦ ମୁଣ୍ଡ ଟେକିଥିଲା। ଏବେ ପ୍ରଶାନ୍ତଙ୍କ ହାତରେ ସଙ୍ଗଠନ ରହିବାରୁ ଅମରେନ୍ଦ୍ରଙ୍କ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଏସବୁ ସତ୍ତ୍ୱେ ସେ ନଇଁନାହାନ୍ତି। ସାମନ୍ତରାଳ ସଙ୍ଗଠନ ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଏହା ଭିତରେ ନିର୍ବାଚନ ମଣ୍ଡଳୀର ଅଧିକାଂଶ ଜୋନ୍‌ରେ ବନ୍ଧୁମିଳନ ଆଳରେ ନିଜ ସପକ୍ଷରେ ଦଳୀୟ ନେତା ଓ କର୍ମୀଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ଗତ ମାର୍ଚ୍ଚରେ ଜଗତ୍‌ସିଂହପୁର ନିକଟ ଆଳିପିଙ୍ଗଳଠାରେ ଏକ ବଡ଼ଧରଣର ବନ୍ଧୁମିଳନ ହୋଇଥିଲା। ସେତେବେଳେ ଅମରେନ୍ଦ୍ର ନିଜର ଶକ୍ତି ପ୍ରଦର୍ଶନ କରି ତାଙ୍କର ସ୍ଥିତି ଦେଖାଇବାକୁ ଚେଷ୍ଟା କରିଥିଲେ। ରବିବାର ଜିଲା ମୁଖ୍ୟାଳୟରେ ହେବାକୁ ଥିବା ବନ୍ଧୁମିଳନରେ କେଉଁମାନେ ଉପସ୍ଥିତ ରହୁଛନ୍ତି ତା'ଉପରେ ପ୍ରତ୍ୟେକଙ୍କ ନଜର। ଏ ସମ୍ପର୍କରେ ଅମରେନ୍ଦ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଇତିମଧ୍ୟରେ ଜଗତ୍‌ସିଂହପୁର ଜୋନ୍ ୧ ଓ ୩କୁ ବାଦ୍ ଦେଲେ ନିର୍ବାଚନ ମଣ୍ଡଳୀର ସମସ୍ତ ଜୋନରେ ବନ୍ଧୁ ମିଳନ ସରିଲାଣି। ବର୍ଷା କାରଣରୁ ଏହି ୨ଟି ଜୋନରେ କର୍ମୀ ସମ୍ମିଳନୀ ସ୍ଥଗିତ ରଖାଯାଇଛି। ଏହା ପରବର୍ତ୍ତୀ ସମୟରେ ହେବ। ଜଗତ୍‌ସିଂହପୁର ପୌରାଞ୍ଚଳ ବନ୍ଧୁମିଳନ ପରେ ପ୍ରତି ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜଗତ୍‌ସିଂହପୁର ବିଧାନସଭା ଆସନରେ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ଆଗକୁ କେଉଁ ପାଣି କୁଆଡେ ଯିବ ତାହା ଦେଖିବାକୁ ବାକି ରହିଲା।


**ପୂର୍ବ ତଟ ରେଳପଥ**

**ପେ ଆଣ୍ଡ୍ ୟୁଜ୍ ଶୌଚାଳୟର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: PnU-T-KUR-23-19
ଲଟ ନଂ./ବର୍ଗ : PnU-KUR-KIT-Toi-12-22-1 (Pay and Use-Toilets)
ଷ୍ଟେସନ ଏବଂ ସ୍ଥାନ : ଖଲିକୋଟ (ପରିଚଳନ କ୍ଷେତ୍ରରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.08.2023ରିଖ 1100 ଘଟିକା।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.08.2023ରିଖ 1130 ଘଟିକା।
ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-371/O/23-24

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**

**शुद्धि पत्र**

इस कार्यालय द्वारा प्रकाशित ई0–निविदा आमंत्रण सूचना संख्या–RDD/SD/RANCHI/05/2023-24 जिसका P.R. No. 301686 Rural Development (23-24) D है, को इस हद तक संशोधित किया जाता है।

(1) कंडिका –7)निविदा खोलने का सीन :–e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची के स्थान पर कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची पढ़ा जाए।

निविदा की अन्य शर्ते यथावत् रहेगी।

कार्यपालक अभियंता
ग्रामीण विकास विशेष प्रमंडल, राँची

PR 303033Rural Development(23-24)#D

**OFFICE OF THE CHIEF ENGINEER & BASIN MANAGER**
**TEL BASIN, BHAWANIPATNA, DIST. KALAHANDI**
Tel. No. 06670230209, email- cetelbasinbhp@gmail.com

**Government of Odisha "e" Procurement Notice No.-CE&BM, TEL-05/2023-24**
**Bid Identification No. CETEL-BID-02/2023-24**

No.-A-361:- Online tenders are invited for EPC Contract for "Construction of In-stream storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation. Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders."

| | | |
|---|---|---|
| 1 | Name of work | "Construction of In-steam storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders." |
| 2 | Approximate value of work put to tender | Rs.161,75,42,373/- |
| 3 | Period of completion | 30 calendar months including rainy season |
| 4 | Date & time of availability of bid document in the portal | Date 27.07.2023 from 10.00 A.M. to Date 17.08.2023 upto 5.00 P.M. |
| 5 | Last date / time for receipt of bids in the portal | Date 17.08.2023 upto 5.00 P.M. |
| 6 | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"

**Sd./- Chief Engineer & Basin Manager, Tel Basin, Bhawanipatna**
OIPR-32317/11/0006/2324

# ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନି ଫୁଲବାଣୀ ପୂର୍ତ୍ତ ବିଭାଗ

ଫୁଲବାଣୀ,୨୨।୭(ରାକେଶ କୁମାର ରାଉତ)

ଫୁଲବାଣୀ ପୂର୍ତ୍ତ ବିଭାଗରେ ଚାଲିଛି ମନମୁଖି କାର୍ଯ୍ୟ । ଏଠାରେ କାର୍ଯ୍ୟରତ ଅଫିସ କର୍ମଚାରୀମାନେ ଦୀର୍ଘ ବର୍ଷ ହେବ ଗାଦି ମାଡି ବସିଛନ୍ତି । ସେମାନଙ୍କ ସମ୍ପର୍କରେ ବିଭାଗକୁ ତଥ୍ୟ ମାଗିଲେ ଠିକ୍ ଭାବେ ଦିଆଯାଉନାହିଁ। ଏପରିକି ସୁଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ ବି ତାହା ଭୁଲ ଦର୍ଶାଯାଉଛି। ଜାଣିଶୁଣି ବିଭାଗୀୟ ଅଧିକାରୀ ଏପରି କରୁଛନ୍ତି। ମୁଖ୍ୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଛନ୍ତି। ୧୦ ବର୍ଷ ଗୋଟିଏ ସ୍ଥାନରେ କାମ କରିଥିବା କର୍ମଚାରୀଙ୍କ ବିଷୟରେ ମୁଖ୍ୟ ଯନ୍ତ୍ରୀ ମାଗିଥିବା ତଥ୍ୟ ଗୋଳ ମାଳିଆ ଭାବେ ଦିଆଯାଇଛି। ହେଲେ ଆଜି ଯାଏ କୌଣସି କର୍ମଚାରୀଙ୍କ ଅନ୍ୟତ୍ର ବଦଳୀ ହୋଇନାହିଁ। ଯାହାକୁ ନେଇ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

୨୦୨୨ ଜୁଲାଇ ୧୮ ତାରିଖରେ ଚିଠି ନଂ ୯୫୯୩ରେ ବିଭାଗୀୟ ଉପ ସଚିବ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଅଧିକ ଦିନ ପୁରଣ କରିଥିବା ଅଫିସ କର୍ମଚାରୀ(ନନ୍ ଗେଜେଟେଡ)ଙ୍କୁ ବଦଳୀ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ବର୍ଷରୁ ଅଧିକ ସମୟ ବିତିଥିଲେ ସୁଦ୍ଧା ଏହାର ଉତ୍ତର ନ ରଖିବାରୁ ସଚିବ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲ ତାହା ଜଣାଇବାକୁ କହିଥିଲେ। ଏହି କ୍ରମରେ ମୁଖ୍ୟ ଯନ୍ତ୍ରୀ ଦକ୍ଷିଣାଞ୍ଚଳ ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଚିଠି ନଂ ୩୬୬୬ ତା ୧୯ ସେପ୍ଟେମ୍ବର ୨୦୨୨ରେ ତୁମ ଅଧୀନରେ ଥିବା କାର୍ଯ୍ୟାଳୟରେ ୧୦ ବର୍ଷ ପୁରଣ କରିଥିବା ଅଫିସ କର୍ମଚାରୀଙ୍କ ବିଷୟରେ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ତଥ୍ୟ ଭୁଲ ପ୍ରଦାନ କରାଯାଇଛି । ଇତି ମଧ୍ୟରେ ୧୧ ମାସ ବିତି ଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆ ଯାଇନାହିଁ।



ଫୁଲବାଣୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ।

ଫୁଲବାଣୀର ଜଣେ ସୁଚନା ଅଧିକାର କର୍ମୀ ଫୁଲବାଣୀ ପୂର୍ତ୍ତ ବିଭାଗରେ ସୁଚନା ଅଧିକାର ଆଇନ ବଳରେ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ କେତେ ବର୍ଷ ହେଲା କାମ କରୁଛନ୍ତି, ତାହା ବିଷୟରେ ଜାଣିବାକୁ ଚାହିଁଥିଲେ । ହେଲେ ତାଙ୍କୁ ବହୁ ବିଳମ୍ବରେ ତଥ୍ୟ ପ୍ରଦାନ କରାଗଲା । କେଉଁ କର୍ମଚାରୀ କେତେ ବର୍ଷ ହେଲା ଅଛନ୍ତି ସେ ବିଷୟରେ ତଥ୍ୟ ନ ଦେଇ, କିଏ କେତେ ବର୍ଷ ହେଲା ସରକାରୀ ଚାକିରି କରିଛନ୍ତି ତାହା ପ୍ରଦାନ କରାଯାଇଛି। ପୁଣି ଜନ ସୂଚନା ଅଧିକାରୀଙ୍କୁ ଅପିଲ କରାଯିବାରୁ ସେ କିଛି ଦିନ ମଧ୍ୟରେ ଏହା ଦେବାକୁ କହିଥିଲେ ସୁଦ୍ଧା ଦୀର୍ଘ ଦିନ ହେବ ପ୍ରଦାନ କରୁ ନାହାନ୍ତି। ଅନ୍ୟପକ୍ଷେ ଏହି କର୍ମଚାରୀମାନେ ଦୀର୍ଘ ବର୍ଷ ଗୋଟିଏ ସ୍ଥାନରେ ରହିଥିବାରୁ କାମ କରୁଥିବା ଠିକାଦାରମାନଙ୍କୁ ସବୁ ବେଳେ ହଇରାଣ ହରକତ କରୁଛନ୍ତି । ବିଲ କରିବା ପାଇଁ ଫାଇଲକୁ ବହୁ ଦିନ ଧରି ପକାଇ ରଖୁଛନ୍ତି। ଯାହାକୁ ନେଇ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଘଟଣା ସମ୍ପର୍କରେ ଫୁଲବାଣୀ ଅଧିକ୍ଷଣ ଯନ୍ତ୍ରୀ ଅମିତ କୁମାର ଗୁଡୁଙ୍କୁ ପଚାରିବାରୁ ଅଫିସରେ ଦୀର୍ଘ ବର୍ଷ ଧରି କାମ କରୁଥିବା କର୍ମଚାରୀଙ୍କ ବଦଳୀ ସମସ୍ୟା ଖାଲି ଆମର ନୁହେଁ ସାରା ରାଜ୍ୟରେ। ଯନ୍ତ୍ରୀମାନଙ୍କ ବଦଳୀ ହେଉଥିବା ବେଳେ ଏମାନଙ୍କର ପ୍ରାୟ ହେଉନାହିଁ ବୋଲି କହିଛନ୍ତି।

# ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ତାରକୁ ବନ ବିଭାଗ ଜବତ କଲା

ଖଣ୍ଡପଡ଼ା,୨୨।୭(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ୍ ଅଧୀନ କୋସକା, କିଆଝର, ଗଡିଆସାହି ପଞ୍ଚାୟତ ଆଖପାଖ ଗ୍ରାମରେ ଗତ କିଛି ଦିନ ହେବ ବାର୍‌ହା ଶିକାରୀ ସକ୍ରୀୟ ହୋଇଛନ୍ତି। ସେମାନେ ଜଙ୍ଗଲ ଜମି ଦେଇ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାରରୁ ବେଆଇନ ଭାବେ ସଂଯୋଗ ଆଣି ଜିଆଇ ତାର ସହାୟତାରେ ବାର୍‌ହା ଶିକାର କରୁଛନ୍ତି । ସଂରକ୍ଷିତ ଜଙ୍ଗଲରୁ ପଲ ପଲ ବାର୍‌ହା ଚାଷ ଓ ପନିପରିବା ଜମିକୁ ଖାଦ୍ୟ ଅନ୍ୱେଷଣରେ ଆସୁଛନ୍ତି। ଅଧିକାଂଶ ସମୟରେ ସେମାନେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି । ଗତ ୨ ଦିନ ତଳେ ରାତିରେ କେତେଜଣ ବ୍ୟକ୍ତି କିଆଝର ପଞ୍ଚାୟତ ଅଧୀନ ଭଅଁରପଲ୍ଲୀ ଗ୍ରାମର ଗୋଶାଳା ନିକଟରେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ଏଭଳି ବିଦ୍ୟୁତ ତାର ସଂଯୋଗ କରିଥିଲେ । ସ୍ଥାନୀୟ ବାସିନ୍ଦାଙ୍କଠାରୁ ଏ ସଂକ୍ରାନ୍ତରେ ବନ ବିଭାଗ ସୂଚନା ପାଇଥିଲା । ବନପାଳ ପ୍ରଫୁଲ୍ଲ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସହାୟତାରେ ବିଦ୍ୟୁତ ଖୁଣ୍ଟରୁ ବେଆଇନ ଭାବେ ସଂଯୋଗ ହୋଇଥିବା ତାରକୁ କାଟି ଜବତ କରିଛି । ଏଥିଯୋଗୁ ବାରହା ଶିକାର ଯୋଜନା ପଣ୍ଡ ହୋଇଥିବା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ କହିଛନ୍ତି।


ବନ ବିଭାଗ କର୍ମଚାରୀ ତାର ଜବତ କରୁଛନ୍ତି।

## ସଂକ୍ଷେପରେ

### ଏନ୍‌ଏସି ସଫେଇ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ଖଲ୍ଲିକୋଟ,୨୨।୭(ପ୍ରଶାନ୍ତ ମିଶ୍ର)-ଖଲ୍ଲିକୋଟ ଏନ୍‌ଏସିର ଜଣେ ସଫେଇ କର୍ମଚାରୀ ସ୍ୱାଧୀନ ନାୟକଙ୍କ ଝୁଲନ୍ତା ମୃତଦେହ ଶନିବାର ନୂଆଁ ଫାସୁଲା ନିକଟସ୍ଥ ଜଙ୍ଗଲରୁ ଜବତ କରାଯାଇଛି। ସ୍ଥାନୀୟ ଲୋକେ ଗୋଟିଏ ମୃତଦେହ ଗଛରେ ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ। ଖଲ୍ଲିକୋଟ ଏସ୍‌ଆଇ ପିଙ୍କି ପଟ୍ଟନାୟକ, ଏଏସ୍‌ଆଇ ଅନୀଲ ଶବର ପହଞ୍ଚି ମୃତଦେହକୁ ଜବତ କରିଥିଲେ। ମୃତ ସଫେଇ କର୍ମଚାରୀ ସ୍ୱାଧୀନ ନାୟକ ଗତ ତିନି ଦିନ ଧରି ଘରକୁ ଫେରି ନଥିବା ପରିବାର ସୂତ୍ରରୁ ଜଣାପଡ଼ିଛି।

### ନିଖୋଜ ଯୁବକ ଅଚେତ ଅବସ୍ଥାରେ ଉଦ୍ଧାର

ବୁଗୁଡ଼ା,୨୨।୭(କାଳି ଚରଣ ଦାଶ)-ବୁଗୁଡା ପୋଲିସ ଥାନା ଅନ୍ତର୍ଗତ କରସିଙ୍ଗି ଗ୍ରାମର ବନିତା ଗୌଡଙ୍କ ପୁତ୍ର ଦଣ୍ଡପାଣି ଗୌଡ(୨୪) ଗତ ୧୮ ତାରିଖ ରାତିରେ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ କେସ୍ ନଂ. ୩୪/୨୩ରେ ଏକ ନିଖୋଜ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ଶନିବାର ସକାଳେ ଜଣେ ମହିଳା ବିଲକୁ ଯାଉଥିବା ବେଳେ କରସିଙ୍ଗି ଗାଁର ପାଇକ ଭୂଇଁ ତୋଟାରେ ଅଚେତ ଅବସ୍ଥାରେ ଦଣ୍ଡପାଣି ପଡିଥିବାର ଦେଖିଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ଦଣ୍ଡପାଣିଙ୍କ ବାମ ହାତ ଓ ବେକରେ କଟା ଦାଗ ଥିବାବେଳେ ମୁଣ୍ଡ ଚୁଟି ଓ ଡ୍ରେସରେ ପୋଡା ଦାଗ ରହିଛି। ଘଟଣାସ୍ଥଳରୁ ଗୋଟିଏ ଛୁରୀ ଓ ଗୋଟିଏ ଟର୍ଚ୍ଚ ଲାଇଟ ପଡିଥିବାରୁ ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

ଖଜୁରିପଡ଼ା,୨୨।୭(ବିଦୁର ବେହେରା)-ବାରପୁଲିଆ ନିକଟସ୍ଥ ଲେମ୍ବୁ ବଗିଚା ଆଦର୍ଶ ବିଦ୍ୟାଳୟ ସାମ୍ନାରେ ଶନିବାର ଏକ କୁକୁର ଦୌଡ଼ି ଆସିବାରୁ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଏଥିରେ ଚାଳକ ଗୁରୁତର ହୋଇଛନ୍ତି। ରାଇଖୋଲ ଗ୍ରାମର କର୍ଣ୍ଣ ମୁଖି କୌଣସି କାର୍ଯ୍ୟରେ ଦୁତିପଡା ଯାଉଥିବା ବେଳେ ଆଦର୍ଶ ବିଦ୍ୟାଳୟ ସାମ୍ନାରେ ଏକ କୁକୁର ହଠାତ୍ ରାସ୍ତାକୁ ଦୌଡ଼ି ଆସିବାରୁ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଖଜୁରିପଡ଼ା ଅଗ୍ନିଶମ ବାହିନୀର ପହଞ୍ଚି ଆହତଙ୍କୁ ଖଜୁରିପଡ଼ା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଦିଗପହଣ୍ଡି,୨୨।୭(ଅଶେଷ ନାଥ ମିଶ୍ର)-ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହନୁ ଗୌଡ଼(୭୮)ଙ୍କ ଶନିବାର ୭୮ ବର୍ଷ ବୟସରେ ପରଲୋକ ହୋଇଛି। ଦୀର୍ଘ ବର୍ଷ ଧରି ସେ ପକ୍ଷାଘାତ ରୋଗରେ ପୀଡିତ ଥିଲେ। ମଧ୍ୟାହ୍ନରେ ନିଜ ପୈତୃକ ଗ୍ରାମ ଦିଗପହଣ୍ଡି ବ୍ଲକ ବୋରିପଦର ଗ୍ରାମ ସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ୨୦୧୨ - ୨୦୧୭ ଯାଏ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ସେ ଦୀର୍ଘ ୪୦ ବର୍ଷ ଧରି ଷୋହଳ ଖଣ୍ଡ ତିନି ତାଲୁକା ଗୋପାଳ ସମାଜର ସଭାପତି ଏବଂ ଗଞ୍ଜାମ ଜିଲା ଉପସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଶୈଳ ଗୌଡ, ତିନି ପୁଅ ଶ୍ୱେତ ବସନ୍ତ ଗୌଡ, ସରପଞ୍ଚ ମନୋରଞ୍ଜନ ଗୌଡ଼, ବିଭୂତି ଭୂଷଣ ଗୌଡ, ତିନି ବୋହୂ, ଝିଅ, ଜ୍ୱାଇଁ ଏବଂ ୭ ନାତୁଣୀ ନାତି ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବତନ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ପ୍ରମୁଖ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଦୁର୍ଘଟଣାରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ରମ୍ଭା,୨୨।୭(ବନବାସୀ ସେଠୀ)-ସାବୁଲିଆ ଗ୍ରାମର ବୀର ବେହେରା (୪୭)ଙ୍କ ଅଟୋ (ନଂ ଓଡି ୦୫ -୯୮୨୪)ରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବାଲୁଗାଁରେ ମାଛ ବେପାର କରି ଫେରିବା ସମୟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ବ୍ରହ୍ମପୁର ମଡ଼ ମେଡିକାଲରେ ଚିକିତ୍ସା ପାଇଁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ମତ୍ସ୍ୟଜୀବି ପ୍ରଶ୍ନ ଅଧିକାରୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ହେଉଛନ୍ତି। ଏହି ମୃତ୍ୟୁ ଖବର ପାଇ ରାଜ୍ୟ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା (ରମ୍ଭା), ଫିସଫେଡ ସଦସ୍ୟ ସେନାପତି ବେହେରା, ରଘୁନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇଥିଲେ।

# ସମ୍ପର୍କରୁ ସମର୍ଥନ ଅଭିଯାନରେ ସାମିଲ ହେଲେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା

ନୟାଗଡ଼,୨୨।୭ (ଲୋକନାଥ ମିଶ୍ର)

ରଣପୁର ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ସମ୍ପର୍କରୁ ସମର୍ଥନ ଅଭିଯାନ ପଦଯାତ୍ରା ରାଇପଡ଼ା ଓ ଖାଡ଼ପଡ଼ା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଜିତେନ୍ଦ୍ର ସାହୁ ଓ ନୟାଗଡ଼ ଜିଲାର ଅନେକ ବରିଷ୍ଠ ନେତା ସାମିଲ ହୋଇଥିଲେ ।

ରାଇପଡ଼ା ଗ୍ରାମ ପଞ୍ଚାୟତ ଓ ଖାଡ଼ପଡ଼ା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଏହି ପଦ ଯାତ୍ରାରେ ମୋଦି ସରକାର ଦ୍ୱାରା ୯ ବର୍ଷରେ ହେଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବିଷୟରେ ପ୍ରଚାର ପତ୍ର ଘରେ ଘରେ ବଣ୍ଟନ କରାଯିବା ସହିତ ମୋଦି ସରକାରଙ୍କ ବିଭିନ୍ନ ଲୋକ ହିତକାରୀ ଯୋଜନା ବିଷୟରେ ରାଇପଡ଼ା ଓ ଖାଡ଼ପଡ଼ା ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଛି । ପଦଯାତ୍ରା ସମୟରେ ସମ୍ବିତ ପାତ୍ର ସ୍ଥାନୀୟ ସାମାଜିକ କର୍ମୀଙ୍କ ସହିତ ବିଭିନ୍ନ ରାଜନୈତିକ ବିଷୟରେ ଆଲୋଚନା କରିବା ସହିତ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିଥିଲେ । ଏହି ପଦଯାତ୍ରାରେ ଜିଲାର ୧୦୦ ରୁ ଅଧିକ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।


ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଜଣେ ମହିଳାଙ୍କୁ ପ୍ରଚାରପତ୍ର ପ୍ରଦାନ କରୁଛନ୍ତି।

# ବିରଳ ମୃତ୍ତିକା ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର୍ ଗିରଫ

ବେଲଗୁଣ୍ଠା/ଆସିକା,୨୨।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ସୁରେନ୍ଦ୍ରନାଥ ସାହୁ)

ଛତ୍ରପୁର ସ୍ଥିତ ଭାରତୀୟ ବିରଳ ମୃତ୍ତିକା ଲିମିଟେଡ୍‌ରୁ ମୂଲ୍ୟବାନ ଇଲିମିନାଇଟ୍ ବାଲି ଚୋରାଚାଲାଣ ବେଳେ ଏକ ଟ୍ରକ୍ (ଓଡି୦୭ଏଚ୍୨୯୯୯)କୁ ଜବତ କରାଯାଇଛି। ଏହି ଘଟଣାରେ ଗାଙ୍ଗପୁର ପୋଲିସ ଡ୍ରାଇଭର୍‌ଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଉତ୍ତରପ୍ରଦେଶର ରୀଜୋର୍ ଥାନା ଅଞ୍ଚଳର ଅବନୀଶ୍ ଯାଦବ। ଟ୍ରକ୍‌ରେ ଅଠର ଟନ୍ ଦୁଇଶହ କିଲୋଗ୍ରାମ୍ ବାଲି ଛତ୍ରପୁରର ଭାରତୀୟ ବିରଳ ମୃତ୍ତିକା ଲିମିଟେଡ୍‌ରୁ ଭାୟା ବ୍ରହ୍ମପୁର-ଆନ୍ଧ୍ରପ୍ରଦେଶ ଦେଇ ତାମିଲନାଡୁର ଏକ ବନ୍ଦରକୁ ଯିବାର ଥିଲା। କିନ୍ତୁ ଅଧିକ ଲାଭ ଆଶାରେ ବିକ୍ରୟ ପାଇଁ ଛତିଶଗଡ ରାୟପୁର ଅଭିମୁଖେ ଟ୍ରକ୍ ଯିବା ସମୟରେ ବିଞ୍ଜଣା ଛକରେ ଧରାପଡ଼ିଥିଲା। ଏ ନେଇ ନଂ. ୫୪୭/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଗାଡ଼ି ମାଲିକ ବ୍ରହ୍ମପୁରର ଅନୁରାଗ ମିଶ୍ରାଙ୍କ ନାମରେ ମଧ୍ୟ ମାମଲା ଦାଏର ହୋଇଥିବାବେଳେ ତାକୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

# ଚୋରି ମାମଲା, ୪ ଅଭିଯୁକ୍ତ ଗିରଫ

## ଅଳଙ୍କାର, ନଗଦ ୫୦ ହଜାର ଟଙ୍କା ଜବତ

ବେଗୁନିଆପଡ଼ା/କୋଦଳା୨୨।୭ (ସୁଶାନ୍ତ ପଟ୍ଟନାୟକ/ଅମିତ୍ କୁମାର ପଟ୍ଟନାୟକ)

କୋଦଳା ଥାନା ଅନ୍ତର୍ଗତ କାଳିମେଘି ଗ୍ରାମର ଏକ ଚୋରି ମାମଲାରେ ଶନିବାର ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋଦଳା ଥାନା ମାରୁଡିପଲ୍ଲୀର ଜଗା ପାତ୍ର, ଜାପାନ ପାତ୍ର ଓ ରାଜୁ ପାତ୍ର ଏବଂ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ଶ୍ରୀରାମପୁରର ଟୁକୁନା ନାୟକ। ଗତ ଜୁଲାଇ ୧୮ ତାରିଖରେ କାଳିମେଘି ଗ୍ରାମର ସଙ୍ଗୀତା ସ୍ୱାଇଁ ଘରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୁରୁଷୋତ୍ତମପୁର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଥାନା ପରିସରରେ ସୂଚନା ଦେଇଛନ୍ତି କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ। ତେବେ କାଳିମେଘିରୁ ଚୋରି କରିଥିବା ନେଇ ଅଭିଯୁକ୍ତମାନେ ମାନିଥିବା ବେଳେ ପୁସ୍ତପୁରଠାରେ ଥିବା ଏକ ଲୁହା ଦୋକାନ ସମେତ କବିସୂର୍ଯ୍ୟନଗର ଥାନାର ବଡ଼ଖରିଡା ମେଡିକାଲରୁ କମ୍ପ୍ୟୁଟର ଓ ଆସବାବପତ୍ର, ପ୍ରାଣଦେଇପୁରର ଏକ ଘରୁ ମଧ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କଠାରୁ ମୋଟ ୫ ମାମଲାରେ ବହୁ ଜିନିଷ ପତ୍ର ସହ ନଗଦ ୫୦ ହଜାର ଟଙ୍କା ପୋଲିସ ଉଦ୍ଧାର କରିଛି।


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ହିରାଧାରବାଟି କେନାଲରେ ଆସିଲା ପାଣି

ଗଞ୍ଜାମ,୨୨।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ହିରାଧାରବାଟି କେନାଲରେ ପାଣି ଆସିଥିବା ଦେଖି ଚାଷୀକୂଳ ମହଲରେ ଖୁସିର ଲହରି ଖେଳିଯାଇଛି। ହୀରାଧାର ବାଟି ମୁଖ୍ୟ କେନାଲରୁ ତାର ଶାଖା କେନାଲ ଗୁଡ଼ିକରେ ମଧ୍ୟ ଜଳ ନିଷ୍କାସିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଖରିଫ ଚାଷ ପାଇଁ ଏହା ଉପଯୋଗୀ ହୋଇପାରିବ ବୋଲି କଲ୍ୟାଣପୁର ଗ୍ରାମର ଚାଷୀ ଘନଶ୍ୟାମ ରେଡି ପ୍ରକାଶ କରିଛନ୍ତି। ଏହି ଜଳ ଦ୍ୱାରା ଚାଷୀ ନିଜ ଶସ୍ୟକ୍ଷେତ୍ର ଗୁଡ଼ିକରେ ପ୍ରଥମ ଓଡ଼ ଚାଷ ହୃଦା ପକାଇ ଜମି ଉର୍ବର କରିପାରିବ ବୋଲି ଜଣାପଡ଼ିଛି। ଗଞ୍ଜାମ ବ୍ଲକର ୨,୮୦୦ ହେକ୍ଟର ଜମିକୁ ଜଳ ସେଚିତ ହୋଇପାରିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ନାହାକ ସୂଚନା ଦେଇଛନ୍ତି। ମଲାଡ଼, ୟୁଡ଼ିଏସ ପୁର, ଖଣ୍ଡଦେଉଳି, ସନ୍ତୋଷପୁର, ହୁମ୍ମା, ପାଳିବନ୍ଧ, କାଇଁଚପୁର ପ୍ରମୁଖ ଗଞ୍ଜାମ ବ୍ଲକର ୮ଟି ପଞ୍ଚାୟତର ସଶ୍ୟକ୍ଷେତ୍ରକୁ ଜଳ ସେଚିତ ହୋଇପାରିବ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗତ ୧୭ତାରିଖରେ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ହନୁମାନ ପଲ୍ଲୀଠାରେ ଏସ୍‌ଡିଓ ଅଜିତ କୁମାର ପ୍ରଧାନ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଜୟଦୀପ ପଣ୍ଡା, କନିଷ୍ଠ ଯନ୍ତ୍ରୀ, ବନବାସୀ ଖୁଣ୍ଟିଆ ପ୍ରମୁଖଙ୍କ ସହ ପାଣି ପଞ୍ଚାୟତର ପ୍ରମୁଖ ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ଜଳ ଯୋଗାଣ ନେଇ ଶୁଭ ଦିଆଯାଇଥିଲା।


କେନାଲରେ ଆସିଥିବା ପାଣି।

**ପୂର୍ବ ତଟ ରେଳପଥ**

**ପେ ଆଣ୍ଡ ୟୁଜ୍ ଶୌଚଳୟର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: PnU-T-KUR-23-19

ଲଟ ନଂ./ବର୍ଗ : PnU-KUR-KIT-Toi-12-22-1 (Pay and Use-Toilets)

ଷ୍ଟେସନ ଏବଂ ସ୍ଥାନ : ଖଲ୍ଲିକୋଟ (ପରିଚଳନ କ୍ଷେତ୍ରରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.08.2023ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.08.2023ରିଖ 1130 ଘଟିକା।

ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-371/O/23-24

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**

**शुद्धि पत्र**

इस कार्यालय द्वारा प्रकाशित ई0–निविदा आमंत्रण सूचना संख्या–RDD/SD/RANCHI/05/2023-24 जिसका P.R. No. 301686 Rural Development (23-24) D है, को इस हद तक संशोधित किया जाता है।

(1) कंडिका –7)निविदा खोलने का सीन :–e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची के स्थान पर कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची पढ़ा जाए।

निविदा की अन्य शर्ते यथावत् रहेगी।

कार्यपालक अभियंता
ग्रामीण विकास विशेष प्रमंडल, राँची

PR 303033Rural Development(23-24)#D

# ଦିବ୍ୟାଙ୍ଗଙ୍କୁ ୩ ଚକିଆ ମୋଟର ପ୍ରଦାନ

ଫୁଲବାଣୀ, ୨୨।୭(ରାକେଶ କୁମାର ରାଉତ)

ଭାରତୀୟ କଣ୍ଟେନର ନିଗମ ଲିମିଟେଡ଼ ଆର୍ଥିକ ସହାୟତାରେ କିସ୍ ସହଯୋଗରେ ଦିବ୍ୟାଙ୍ଗମାନଙ୍କୁ ମୋଟର ଯାନ ବଣ୍ଟନ କାର୍ଯ୍ୟକ୍ରମ ଫୁଲବାଣୀ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। କନ୍ଧମାଳ ଏମ୍‌ପି ତଥା କିସ ପ୍ରତିଷ୍ଠାତା ଡଃ ଅଚ୍ୟୁତ୍ ସାମନ୍ତ ଜିଲାର ୧୨ଟି ବ୍ଲକର ୨୪ ଜଣଙ୍କୁ ୩ ଚକିଆ ମୋଟର ଯାନ ପ୍ରଦାନ କରିଥିଲେ। ଆଗକୁ ଆହୁରି ୨୪ଟି ଗାଡି ଦିଆ ଯିବ ବୋଲି ଏମ୍‌ପି କହିଥିଲେ। ଭିନ୍ନକ୍ଷମମାନେ ମନଦୁଃଖ କରନ୍ତୁ ନାହିଁ । ସରକାର ତୁମ ମାନଙ୍କ ପାଇଁ ବହୁ ଯୋଜନା କରିଛନ୍ତି । ପରିବାର ଲୋକେ ଦିବ୍ୟାଙ୍ଗଙ୍କୁ ଅବହେଳା ନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଉପାଧ୍ୟକ୍ଷା ସାଧବାଣୀ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏମ୍‌ପି ସାମନ୍ତ ଫୁଲବାଣୀ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝିଥିଲେ।


ଜଣେ ଦିବ୍ୟାଙ୍ଗଙ୍କୁ ୩ ଚକିଆ ଯାନ ପ୍ରଦାନ କରାଯାଉଛି।

**OFFICE OF THE CHIEF ENGINEER & BASIN MANAGER**
**TEL BASIN, BHAWANIPATNA, DIST. KALAHANDI**
Tel. No. 06670230209, email- cetelbasinbhp@gmail.com

**Government of Odisha "e" Procurement Notice No.-CE&BM, TEL-05/2023-24**
**Bid Identification No. CETEL-BID-02/2023-24**

No.-A-361:- Online tenders are invited for EPC Contract for "Construction of In-stream storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation. Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders."

| | | |
|---|---|---|
| 1 | Name of work | "Construction of In-steam storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders." |
| 2 | Approximate value of work put to tender | Rs.161,75,42,373/- |
| 3 | Period of completion | 30 calendar months including rainy season |
| 4 | Date & time of availability of bid document in the portal | Date 27.07.2023 from 10.00 A.M. to Date 17.08.2023 upto 5.00 P.M. |
| 5 | Last date / time for receipt of bids in the portal | Date 17.08.2023 upto 5.00 P.M. |
| 6 | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"

Sd./- Chief Engineer & Basin Manager, Tel Basin, Bhawanipatna

OIPR-32317/11/0006/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଜୁଲାଇ, ୨୦୨୩



# ରାଶନ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା

**ବରୀ ବ୍ଲକ୍**

- ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
- ଆନ୍ଦୋଳନକୁ ଓହ୍ଲାଇବେ ହିତାଧିକାରୀ

ବରୀ,୨୨।୭(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଞ୍ଚଳରେ ରାଶନ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ହେଲେ ଏ ଦିଗରେ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ବିଭାଗ ଅଭିଯୋଗଗୁଡ଼ିକ ଉପରେ ପଦକ୍ଷେପ ନ ନେଲେ ହିତାଧିକାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ବ୍ଲକ୍ର ୨୯ ପଞ୍ଚାୟତରେ ହିତାଧିକାରୀଙ୍କୁ ମିଳୁଥିବା ରାଶନ ସାମଗ୍ରୀର ପରିମାଣ ସରକାରୀ ଧାର୍ଯ୍ୟଠାରୁ କମ୍ ରହୁଛି। ପ୍ରତି ମାସରେ ହିତାଧିକାରୀଙ୍କ ନାମ ଯୋଜନାରୁ ବାଦ୍ ଦିଆଯାଉଛି। ପରବର୍ତ୍ତୀ ସମୟରେ ତାହାକୁ ସଂଯୋଗ କରିବା ପାଇଁ ଦୀର୍ଘଦିନ ଲାଗିଯାଉଛି। ଯୋଗାଣ ବିଭାଗର କେତେଜଣ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅନେକ ହିତାଧିକାରୀ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍ର ଖାଦ୍ୟ ଶସ୍ୟ ଆବଣ୍ଟନ ଦାୟିତ୍ୱରେ ୬୮ ସରକାରୀ ଖୁଚୁରା ବିକ୍ରେତା(ରିଟେଲର) ରହିଛନ୍ତି। ହେଲେ ସେମାନଙ୍କଠାରୁ ବିଭାଗର କେତେଜଣ ଅଧିକାରୀ ପ୍ରତିମାସ ଚାନ୍ଦା ନେଉଛନ୍ତି। ତେଣୁ ଚାନ୍ଦା ଅର୍ଥ ଭରଣ ପାଇଁ ବାଧ୍ୟହୋଇ କେତେଜଣ ରିଟେଲର ହିତାଧିକାରୀଙ୍କ ସାମଗ୍ରୀରୁ ୧/୨ କିଲୋ କମାଇ ଦେଉଥିବା ନିଜ ନାମଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବ୍ଲକ୍ର ମୋଟ୍ ୧୭୪ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ବାବଦରେ ଯୋଗାଇ ଦିଆଯାଉଥିବା ଚାଉଳର ପରିମାଣ କମ୍ ରହୁଛି। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀପ୍ରଧାନଶିକ୍ଷକ ଓ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଭୟରେ ବିରୋଧ କରିପାରୁନାହାନ୍ତି। ଏହାର ସୁଯୋଗରେ ସମ୍ପୃକ୍ତ ଥିବା ଅଧିକାରୀ ଓ ପରିବହନ ସଂସ୍ଥା ମାଲାମାଲ ହେଉଛନ୍ତି। ବିଦ୍ୟାଳୟକୁ ଆସୁଥିବା ଚାଉଳର ପରିମାଣ କମ୍ ରହୁଥିବାରୁ ସ୍ଥଳବିଶେଷରେ ପ୍ରଧାନଶିକ୍ଷକପ୍ରଧାନଶିକ୍ଷୟିତ୍ରୀ ବିନା କାରଣରେ ଆକ୍ରୋଶର ଶିକାର ହେଉଥିବା ଦେଖିବାକୁ ମିଳିଛି। ସେହିପରି ୨୪୯ ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ସମାନ ଅବସ୍ଥା। ଏଠାକୁ କମ୍ ପରିମାଣର ସାମଗ୍ରୀ ଆସୁଥିବାରୁ ଅଙ୍ଗନୱାଡି କେନ୍ଦ୍ର କର୍ମୀମାନେ ଅଭିଭାବକଙ୍କ ଦ୍ୱାରା ପ୍ରଶ୍ନବାଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ତରଫରୁ ଅଭିଯୋଗ ଆସିଛି। ଏହାର ତଦନ୍ତ କରାଯିବ। ଘଟଣାର ସତ୍ୟତା ଥିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା ବିଭାଗ ପକ୍ଷରୁ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।



ବରୀ ବ୍ଲକ୍ କାର୍ଯ୍ୟାଳୟ।

## ସଂକ୍ଷେପରେ

### ମାଲିକଙ୍କ ଅଜାଣତରେ ବିକ୍ରି ହୋଇଗଲା ଜମି

କାଏମା,୨୨।୭(ଶିବପ୍ରସାଦ ମହାନ୍ତି): ମାଲିକଙ୍କ ଅଜାଣତରେ ଜମି ବିକ୍ରି କରାଯାଇଛି। ଏକଥା ଜାଣିବା ପରେ ଜମି ମାଲିକ ରସୁଲପୁର ବ୍ଲକ ଚାନ୍ଦପୁର ଅଞ୍ଚଳର ଅଶୋକ ପାଢ଼ୀ ଧର୍ମଶାଳା ଉପନିବନ୍ଧକ ଅଧିକାରୀ ଓ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ନାମରେ ଚାନ୍ଦପୁର ଅଞ୍ଚଳରେ ଥିବା ୧୨ ଡିସିମିଲ ଜାଗାକୁ ୩୬ଲକ୍ଷ ଟଙ୍କାରେ କେହି ଅଶୋକ ପାଢ଼ୀ ନାମରେ ମିଥ୍ୟା ପ୍ରମାଣ ପତ୍ର ଦେଖାଇ ବିକ୍ରି କରି ଦେଇଛନ୍ତି। ଜମି ବିକ୍ରି ପରେ ଚିହ୍ନଟ ପଡ଼ିଥିବା ବ୍ୟକ୍ତି ତାଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ତର୍କି ଅହମ୍ମଦ ଖାଁ ନାମକ ଜଣେ ବ୍ୟକ୍ତି ଏହାକୁ କିଣିଥିବା ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି ନିଜ ନାମରେ ଥିବା ଜମିକୁ ଅନ୍ୟ ଜଣେ ମିଥ୍ୟା ପ୍ରମାଣ ପତ୍ରଦେଇ କିଭଳି ବିକ୍ରି କରିପାରିଲେ। ଧର୍ମଶାଳା ଉପନିବନ୍ଧକ ଅଧିକାରୀ କିପରି ଜାଣି ପାରିଲେନି ଏ ଷଡ଼ଯନ୍ତ୍ର। ଏ ସମ୍ପର୍କରେ ଧର୍ମଶାଳା ଉପନିବନ୍ଧକ ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏଭଳି ଘଟଣା ପ୍ରଥମ। ସେ ଅଭିଯୋଗ ପାଇବା ପରେ ରସୁଲପୁର ତହସିଲଦାରଙ୍କୁ କହିବା ସହ ଚିଠି କରିଛନ୍ତି। ଏଭଳି କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଷଡ଼ଯନ୍ତ୍ରକାରୀଙ୍କ ଉପରେ ପ୍ରଶାସନ କି ପଦକ୍ଷେପ ଗ୍ରହଣ କରୁଛି।

### ଯୁବ ଭାରତ କୃଷକ ସଂଘର ନୂତନ କମିଟି ଗଠିତ

ରସୁଲପୁର,୨୨।୭(ରଞ୍ଜିତ ରାଉତ): ଯୁବ ଭାରତ କୃଷକ ସଂଗଠନ ପକ୍ଷରୁ ରସୁଲପୁର ବ୍ଲକ ଶାଖା କାର୍ଯ୍ୟାଳୟଠାରେ ଏକ ବୈଠକ ସଂଗଠନ ସଦସ୍ୟ ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚାନ କରାଯାଇଛି। କୃଷକମାନଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ ସହ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ ପ୍ରସ୍ତାବକୁ ପାରିତ କରାଯାଇଛି। ଏହି ଅଭିଯାନକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ସଂଗଠନ ଧ୍ୟାନ ଦେବା ସହ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ବୈଠକରୁ ସୂଚନା ମିଳିଛି। ସଂଗଠନର କାର୍ଯ୍ୟଧାରାକୁ ସମ୍ପାଦାନ ପାଇଁ ବ୍ଲକସ୍ତରରେ ଏକ ନୂତନ କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ବଟକୃଷ୍ଣ ସାହୁ, ଉପସଭାପତି ମଦନମୋହନ ପ୍ରଧାନ, ସାଧାରଣ ସମ୍ପାଦକ ସୁବଳ ଚନ୍ଦ୍ର ମଲିକ, ସମ୍ପାଦକ ତାପସ ପଣ୍ଡା, ସହସମ୍ପାଦକ ଭରତ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଜଳଧର ସାହୁ, ମିଡିଆ ସେଲ ସମ୍ପାଦକ ରାଜତିଲକ ମହାନ୍ତି, କାର୍ଯ୍ୟାଳୟ ସମ୍ପାଦକ ବିଦ୍ୟାଧର ସାହୁ, ୩୩, ୩୪ ଓ ୩୫ନମ୍ବର ଜୋନ୍ ସଭାପତି ଭାବେ ନିରଞ୍ଜନ ପ୍ରଧାନ, ସମୀର ସାମଲ, ମଧୁସୂଦନ ସାହୁ, ବ୍ଲକ କାର୍ଯ୍ୟକାରୀ କମିଟିକୁ ପ୍ରକାଶ ମହାନ୍ତି, ସତ୍ୟଭାମା ସ୍ୱାଇଁ, କାଳନ୍ଦୀ କଣଣ୍ଟ, ବିଭୁପ୍ରସାଦ ମହାନ୍ତି ଓ ତାରିଣୀ ମଲିକ ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ନକୁଳ ରାଉତ, ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ନାରାୟଣ ଜେନା ପ୍ରମୁଖଙ୍କୁ ସ୍ଥାନ ଦିଆଯାଇଛି। ଏଠାରେ ଅନୁଷ୍ଠିତ ବୈଠକରେ ସଂଘ ରାଜ୍ୟ ସଭାପତି ପ୍ରଭାକର ନାୟକ, ଜିଲା କମିଟି ସଦସ୍ୟ ଜୟଦେବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଅନ୍ୟ ରାଜ୍ୟକୁ ଶିଶୁ ଚାଲାଣ

- ଗୋଡି ଶ୍ରମିକ ଭାବେ ନିୟୋଜିତ ହୋଇଥିବା ସନ୍ଦେହ
- କଳିଙ୍ଗନଗର ଥାନାରେ ମାମଲା

ଯାଜପୁର,୨୨।୭ (ହର୍ଷବର୍ଦ୍ଧନ ବେହେରା)

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଶୁ ଶ୍ରମିକ ଏବଂ ଗୋଡି ଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଏ ପରିବାରର ସାହାରା ନ ପାଇ ହୋଟେଲ, ଢାବାରେ ଅଇଁଠା ବାସନ ମାଜୁଛି ତ କିଏ ପରିସ୍ଥିତି ଚାପରେ ପଡି ଅଳିଆଗଦାରୁ ଜରି ଓ ବିଅର ବୋତଲ ଗୋଟାଉଥିବା ଦେଖିବାକୁ ମିଳୁଛି। ଏହାର ସୁଯୋଗରେ କେତେଜଣ ମଧ୍ୟସ୍ଥ ବ୍ୟକ୍ତି ଶିଶୁମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଇ ଅନ୍ୟ ରାଜ୍ୟକୁ ଚାଲାଣ କରିବାରେ ସଫଳ ହେଉଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ଥାନା ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତ ନକୁଳସାହି ଗ୍ରାମରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ସାମାଜିକ କର୍ମୀ ବିଶ୍ୱଜିତ ମାଝି ଓ ମଣ୍ଟୁ ଦାସ କଳିଙ୍ଗନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ନକୁଳସାହିର ମଧୁ ମୁଣ୍ଡାଙ୍କ ୨ ଜଣ ଶିଶୁଙ୍କୁ କେହି ଜଣେ ଅନ୍ୟ ରାଜ୍ୟକୁ ନେଇ ଶିଶୁ ଶ୍ରମିକ ଭାବରେ ନିୟୋଜିତ କରିଛନ୍ତି। ଏଥିସହ ତାଙ୍କର ଅନ୍ୟ ଜଣେ ସାବାଳିକା ଝିଅ ମଧ୍ୟ ଯାଇଥିବା ଜଣାପଡିଛି। ଏହି ଶିଶୁମାନେ କେଉଁ ରାଜ୍ୟର କେଉଁଠି ଏବଂ କେଉଁ କାର୍ଯ୍ୟରେ ନିୟୋଜିତ ଅଛନ୍ତି ତାହା ସେମାନଙ୍କ ମାତାପିତାଙ୍କ ପାଖରେ ଖବର ନାହିଁ। ସେହି ଶିଶୁ ଏବଂ ସାବାଳିକା ଝିଅ ମଧ୍ୟ ଠିକ୍ ଭାବେ କହି ପାରୁନାହାନ୍ତି। ଏହି ଶିଶୁମାନେ ପାଠ ପଢ଼ିବା ବୟସର ହୋଇଥିବାବେଳେ ସେମାନଙ୍କ ମାତାପିତାଙ୍କ ଦାରିଦ୍ର୍ୟ ଓ ନୀରବତାର ସୁଯୋଗ ନେଇ ଏଭଳି ବେଆଇନ କାର୍ଯ୍ୟ ହୋଇଛି। ଉକ୍ତ ଶିଶୁମାନଙ୍କୁ ଗୋଡି ଶ୍ରମିକ ଭାବେ ନିୟୋଜିତ କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ଏହି ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଉପରେ କଳିଙ୍ଗନଗର ଥାନାରେ ୧୪/୨୧।୭।୨୦୨୩ରେ ଏକ ମାମଲା ରୁଜୁହେବା ସହ ସବ୍ଇନ୍ସପେକ୍ଟର ହେମଲତା ଦାସଙ୍କୁ ତଦନ୍ତ ଭାର ଦିଆଯାଇଛି।

# ‘ସଂକଳ୍ପ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ’ କର୍ମଶାଳା


କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ଶିଶୁ ଚିକିତ୍ସକ, ସ୍କୁଲ୍ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଯାଜପୁରରୋଡ୍,୨୨।୭(ପବିତ୍ର ମହାନ୍ତି):

ବ୍ୟାସନଗର କୁସୁନପୁରସ୍ଥିତ ଦେଭ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ବିଭିନ୍ନ ଜିଲାର ଶିଶୁ ଚିକିତ୍ସକମାନଙ୍କ ଦ୍ୱାରା ‘ସଂକଳ୍ପ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ’ ସମ୍ପର୍କିତ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲାର ବହୁ ପ୍ରତିଷ୍ଠିତ ଶିଶୁ ଚିକିତ୍ସକଙ୍କ ସମାଗମ ହୋଇଥିଲା। ଇଣ୍ଡିଆନ ଏକାଡେମୀ ଅଫ ପେଡ୍ରିଆଟିକର ସଭାପତି ଡ. ଉପେନ୍ଦ୍ର କିଞ୍ଜାୱାଡକର, ଉପସଭାପତି ଡ. ବିଶ୍ୱଜିତ ମିଶ୍ର, ଇଷ୍ଟଜୋନ୍ ସଭାପତି ଅରକ୍ଷିତ ସ୍ୱାଇଁ, ପ୍ରଶିକ୍ଷକ ଡ. ପ୍ରସନ୍ନ କୁମାର ସାହୁ, ଡ. ରାଧାରମଣ ସାହୁ, ଡ. ସୁପ୍ରକାଶ ଶତପଥୀ, ଡ. ମହେଶ ମହନ୍ତ, ଡ. ରାଜୀବ ଲୋଚନ ସେଠୀ, ଡ. ଅମର କୁମାର ବେହେରା ଓ ଡ. ପ୍ରଶାନ୍ତ କୁମାର ସାବତ ଯୋଗଦେଇ ଛାତ୍ରୀଛାତ୍ରଙ୍କ ନିକଟରେ ସ୍ୱାସ୍ଥ୍ୟ ସଚେତନତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସ୍କୁଲ୍‌ର ସ୍କାଉଟ୍ ମାଷ୍ଟର ଶ୍ରୀମନ୍ତ କୁମାର ରାୟ, ସ୍କାଉଟ ଗାଇଡ ଓ ସିଭିଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍କୁଲ୍‌ର ଏକାଡେମୀକ କୋର୍ଡିନେଟର ସୋନିଆ ବେଦୀ ଓ ବଲବିର ସିଂ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନିଭାଇଥିଲେ। ଅଧ୍ୟାପିକାଅଧ୍ୟାପକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଉପଭୋଗ କରିଥିଲେ। ଦୀପକ ରଞ୍ଜନ ପାଣିଗ୍ରାହୀ ମିଡିଆ କଭରେଜ ଦାୟିତ୍ୱ ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ୍ ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ମଣିପୁର ହିଂସାକୁ ନିନ୍ଦା

ଯାଜପୁର ଟାଉନ,୨୨।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ମଣିପୁରରେ ଶତାଧିକ ପୁରୁଷ ୨ ମହିଳାଙ୍କୁ ଉଲଗ୍ନ କରାଇବା ପରେ ଚଲାଇଚଲାଇ ଏକ ଚାଷ ଜମିକୁ ନେଇଯାଉଥିବା ଦୃଶ୍ୟ ଦେଶର ଜନଗଣଙ୍କୁ ସ୍ତବ୍ଧ କରିଦେଇଛି। କେବଳ ସେତିକି ନୁହେଁ ଏହା ପରେ ସେମାନଙ୍କୁ ବଳାତ୍କାର ମଧ୍ୟ କରାଯାଇଛି। ଏପରି କି ନିଜ ଭଉଣୀଙ୍କୁ ଜଲ୍ଲାଦମାନଙ୍କ ହାତରୁ ରକ୍ଷା କରିବାକୁ ଚେଷ୍ଟା କରିବାରୁ ଜଣେ ପୀଡ଼ିତାଙ୍କ ଭାଇଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ଏହି ଘଟଣା ମେ’ ୪ରେ ଘଟିଥିଲା। ଏହା ଜୁଲାଇ ୧୯ରେ ଲୋକଲୋଚନକୁ ଆସିଛି। ଏହି ଘଟଣା କେବଳ ମହିଳାମାନଙ୍କ ପାଇଁ ନୁହେଁ, ଦେଶର ପ୍ରତ୍ୟେକ ଜନତାଙ୍କ ପାଇଁ ଅତ୍ୟନ୍ତ ମର୍ମାନ୍ତିକ ଓ ଚିନ୍ତା ଜନକ। ଏହି ଘଟଣାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ(ଏଆଇଏମ୍ଏସ୍ଏସ୍) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ମଣିପୁରରେ ମାସମାସ ଧରି ଲାଗି ରହିଥିବା ଭୟାବହ ପରିସ୍ଥିତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଅବସ୍ଥାପିତ ଭାଜପା ସରକାରଙ୍କ ବିଭେଦକାରୀ ରାଜନୀତି ଦାୟୀ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଭୟାନକ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ବିଧାନ କରିବା ଓ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ଏଆଇଏମ୍ଏସ୍ଏସ୍ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଘଟଣାର ଦୃଢ଼ ପ୍ରତିବାଦ ପାଇଁ ଆଗେଇ ଆସିବାକୁ ଓ ପୀଡ଼ିତାଙ୍କୁ ସୁନିଶ୍ଚିତ ନ୍ୟାୟ ପ୍ରଦାନ ପାଇଁ ସଜାଗ ରହିବାକୁ ସଂଗଠନର ସର୍ବଭାରତୀୟ ସଭାନେତ୍ରୀ କେୟା ଦେ, ସାଧାରଣ ସମ୍ପାଦିକା ଛବି ମହାନ୍ତି ପ୍ରମୁଖ ଆହ୍ୱାନ ଜଣାଇଛନ୍ତି।

## ଲେଖକ, ବୁଦ୍ଧିଜୀବୀ ସମ୍ମିଳନୀ

ସିଂହପୁର,୨୨।୭(ଅନଙ୍ଗ ଉଦୟ ବେଉରିଆ):

ସିଂହପୁରଠାରେ ଅଖିଳଚକ୍ର ପକ୍ଷରୁ ଲେଖକ, ବୁଦ୍ଧିଜୀବୀ ସମ୍ମିଳନୀ, ମୋ ପାଠାଗାର ଉଦ୍‌ଘାଟନ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅଜୟ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ, ବିଞ୍ଝାରପୁର, ଆଳି, ରାଜକନିକା ଓ ଯାଜପୁରରୁ ବୁଦ୍ଧିଜୀବୀ ଓ ଲେଖକମାନେ ଯୋଗ ଦେଇଥିଲେ।

ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପରେ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ, ବର୍ତ୍ତମାନର ଗଣତନ୍ତ୍ରରେ ସବୁସ୍ତରରେ ସତ୍ୟ ପ୍ରତିଷ୍ଠା କରିବାକୁ ଏକ ନୈତିକ ଆନ୍ଦୋଳନର ଆବଶ୍ୟକତା ଦେଖାଦେଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଯୋଗଦେଇ ମୋ ପାଠାଗାରକୁ ଉଦ୍‌ଘାଟନ କରିବା ସହ ଲେଖକ ଜଗନ୍ନାଥ ଧଳଙ୍କ ରଚିତ ତଥା ପ୍ରକାଶିତ ପୌରାଣିକ ଉପନ୍ୟାସ ତାପସ କନ୍ୟାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ ସତ୍ୟାଗ୍ରହ ସମ୍ପର୍କରେ ଆଲୋକପାତ କରି କହିଥିଲେ, ସତ୍ୟ ଏକ ଶକ୍ତି। ଗଣତନ୍ତ୍ରରେ ଶାସକଙ୍କ ବିରୋଧରେ ଶାରିରୀକ ଭାବେ ସଂଗ୍ରାମ କରା ନ ଯାଇ ନୈତିକ ଭାବେ ସଂଗ୍ରାମ କରାଯାଇପାରେ। ଏହି ଅବସରରେ ଯୁବକବି ନିରଞ୍ଜନ ବେହେରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ଶ୍ରୀହରି ଧଳ, ଶିକ୍ଷକ ସଂଘ ନେତା ପୀତାମ୍ବର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦାସ, ଶିକ୍ଷାବିତ ସଞ୍ଜୟ ସାମଲ, ଶିକ୍ଷକ ରତନଲାଲ ଭୂୟାଁ, ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସ,ବରିଷ୍ଠ ନାଗରିକ ପ୍ରବୋଧ ସାମଲ, ଲେଖକ ଜଗନ୍ନାଥ ଧଳ, କବି ଶରତ କୁମାର ନାୟକ, ସରୋଜ ମଲ୍ଲିକ, ଶିକ୍ଷାବିତ ସୁରେନ୍ଦ୍ର କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ସତ୍ୟାଗ୍ରହ ଉପରେ ମତ ରଖିଥିଲେ।

## ରମାଦେବୀଙ୍କ ପୁଣ୍ୟତିଥି ପାଳିତ


ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଯାଜପୁରରୋଡ୍,୨୨।୭(ପବିତ୍ର ମହାନ୍ତି):

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ରାମାଦେବୀ ଚୌଧୁରୀଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରମାଦେବୀଙ୍କ ତୈଳଚିତ୍ରରେ ଶ୍ରଦ୍ଧାଞ୍ଜଳି ପୂର୍ବକ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ରମାଦେବୀ ଜଣେ ଉଚ୍ଚଶିକ୍ଷିତା, ସାମାଜିକ କର୍ମୀ, ସ୍ୱାଧୀନତା ସଂଗ୍ରାମୀ ତଥା ନିସ୍ୱାର୍ଥପର ନାରୀ ନେତ୍ରୀଥିଲେ ବୋଲି ଅଧ୍ୟକ୍ଷ ଜେନା ଅଭିଭାଷଣରେ କହିଥିଲେ।

ଅଧ୍ୟାପକ ସୁବାସଚନ୍ଦ୍ର ସ୍ୱାଇଁ, ସନ୍ତୋଷ ଜେନା, ମଳୟ ମଲ୍ଲିକ, ପଦ୍ମଭୂଷଣ ରାଉତରାୟ, ଚିତ୍ତରଞ୍ଜନ ମଲ୍ଲିକ, ପ୍ରଦୀପ ପରିଡ଼ା, ପ୍ରଶାନ୍ତ ପଲେଇ, ବିଚିତ୍ର ଦଳେଇ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ରମାଦେବୀ ମହାତ୍ମା ଗାନ୍ଧୀଙ୍କ ଭାଷଣରେ ଅଭିପ୍ରେରିତ ହୋଇ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ସହ ନିଜର ୨୦୦ ଭରିର ସ୍ୱର୍ଣ୍ଣ ଅଳଙ୍କାର ଦାନ କରିଦେଇଥିଲେ ବୋଲି କହିଥିଲେ। ଛାତ୍ରୀ ଅଭିଲିପ୍ସା ସମାଲ, ଭାନୁମାତି ମଲ୍ଲିକ, ସ୍ମୃତିରେଖା ସାହୁ, ମମତାରାଣୀ ମାଝି ପ୍ରମୁଖ ରମାଦେବୀଙ୍କ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇଥିଲାବେଳେ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ ବିଭାଗ ଉପସଭାପତି ଅଧ୍ୟାପକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଦୋକାନରୁ ଚୋରି ଅଭିଯୋଗରେ ୩ ଅଟକ

ଧର୍ମଶାଳା,୨୨।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ସୁଭଦ୍ରାପୁର ଗ୍ରାମର ସୁବ୍ରତ ଦାସଙ୍କ ମୋଟର ବାଇଣ୍ଡିଂ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗତ ୧୯ ତାରିଖ ରାତିରେ ସୁବ୍ରତଙ୍କ ଦୋକାନରୁ ମୋଟର ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୩୯/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଗ୍ରାଜୁଏଶନ ସେରିମନି


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର ଟାଉନ,୨୨।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଅଡିଟୋରିୟମ୍ ଗୃହରେ ଗ୍ରାଜୁଏଶନ ସେରିମନି-୨୦୨୩ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ମୋ କଲେଜ ଅଭିଯାନ ପକ୍ଷରୁ ପ୍ରଥମଥର ପାଇଁ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବରଧାରୀ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଶିକ୍ଷା ହାସଲ ହିଁ ପ୍ରକୃତ ଶିକ୍ଷା ନୁହଁ ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି, ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ପୌରପାଳିକା ଅଧ୍ୟକ୍ଷ ଭବପ୍ରସାଦ ଦାସ ଯୋଗଦେଇ ଏଠାରୁ ଅଧ୍ୟୟନ କରୁଥିବା ଅନେକ ଛାତ୍ରୀଛାତ୍ର ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଉଚ୍ଚ ପଦାଧିକାରୀ ଭାବେ ସାରାଦେଶରେ ପ୍ରଶଂସନୀୟ ହୋଇପାରିଛନ୍ତି ବୋଲି କହିଥିଲେ।

ପୁରାତନ ଛାତ୍ର ସଂସଦ ସାଧାରଣ ସମ୍ପାଦକ ପ୍ରଫେସର ଡ. ବଟକୃଷ୍ଣ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ର କିଭଳି ଏହି ମହାବିଦ୍ୟାଳୟରୁ ଅଧ୍ୟୟନ ପରେ ଉଚ୍ଚତର ଡିଗ୍ରୀ ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନରେ କୃତିତ୍ୱ ସହ ଯୋଗଦାନ କରି ଅନୁଷ୍ଠାନର ନାମଯଶକୁ ବହୁଗୁଣିତ କରିବେ ସେ ଦିଗରେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ପୁରାତନ ଛାତ୍ର ସଂସଦ ଉପସଭାପତି ସନ୍ତୋଷ କୁମାର ନନ୍ଦ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୮ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଜୟ କୁମାର ସାମଲ ଓ ଅଧ୍ୟାପକ ସୁରେଶ କୁମାର ସାହୁ ଉପସ୍ଥିତ ଥିଲେ।

# ଛତିଆ ବଜାର ମୁଖ୍ୟରାସ୍ତା ପାଲଟିଛି କୃତ୍ରିମ ନଦୀ

ଛତିଆ,୨୨।୭(ସୌମ୍ୟରଞ୍ଜନ ସାହୁ):


ଛତିଆ ବଜାର ରାସ୍ତାରେ ବର୍ଷା ପାଣି ଜମିରହିଛି।

ଅସରାଏ ବର୍ଷାହେଲେ ମୁଖ୍ୟରାସ୍ତା ପାଲଟିଯାଉଛି କୃତ୍ରିମ ନଦୀ। ଫଳରେ ଯାତାୟାତରେ ସୃଷ୍ଟି ହେଉଛି ସମସ୍ୟା। ଲୋକଙ୍କ ଘରେ ପାଣି ପଶିବା ସହ ସରୀସୃପ ଘରକୁ ପଶି ଯାଉଛନ୍ତି। ଏହାବ୍ୟତୀତ ବଜାରରେ ଥିବାଦୋକାନ ଭିତରେ ମଧ୍ୟ ଲହଡ଼ି ମାରୁଛି ବର୍ଷାପାଣି। କ୍ଷତିଗ୍ରସ୍ତ ହେଉଛନ୍ତି ଅନେକ ଦୋକାନୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକର ଛତିଆ ବଜାର ଅଞ୍ଚଳରେ। ବର୍ଷବର୍ଷ ଧରି ଏହି ଭଳି ଏହି ସମସ୍ୟାରେ ସନ୍ତୁଳି ହେଉଛନ୍ତି ପଥଚାରୀ, ବ୍ୟବସାୟୀ, ଅଞ୍ଚଳବାସୀ ଓ ଛାତ୍ରୀଛାତ୍ର।

ସୂଚନା ଅନୁଯାୟୀ, ଦ୍ୱିତୀୟ ଶ୍ରୀକ୍ଷେତ୍ର ଛତିଆବଟକୁ ଏହି ମୁଖ୍ୟ ରାସ୍ତାଦେଇ ଦୈନିକ ଶହଶହ ପର୍ଯ୍ୟଟକ ଆସିଥାନ୍ତି। ଯାଜପୁର ଜିଲା ସମେତ କଟକ, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ସାମାନ୍ୟ ବର୍ଷା ହେଲେ ଘଣ୍ଟାଘଣ୍ଟା ଧରି ପାଣି ଜମି ରହୁଛି। ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ ହୋଇଥିଲେ ସୁଦ୍ଧା କାହାରି ଦୃଷ୍ଟି ପଡୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ବଡ଼ଚଣା ବିଧାୟକ ଛତିଆ ଅଞ୍ଚଳର ବିଭିନ୍ନ ନୂତନ ରାସ୍ତାର ଶିଳାନ୍ୟାସ କରୁଥିବାବେଳେ ଏହି ପ୍ରମୁଖ ରାସ୍ତା ପ୍ରତି କିଭଳି ତାଙ୍କ ଦୃଷ୍ଟି ପଡୁନାହିଁ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ତୁରନ୍ତ ଏହି ରାସ୍ତାରୁ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଜଳ ନିଷ୍କାସନ ସମସ୍ୟା ସମାଧାନ ହେଲେ ବ୍ୟବସାୟୀମାନେ ଉପକୃତ ହେବା ସହ ବହୁ ପର୍ଯ୍ୟଟକ, ପଥଚାରୀଙ୍କ ଅସୁବିଧା ଦୂର ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।

**ଦୁର୍ଘଟଣାରେ ଗୁରୁତର କଂଗ୍ରେସ କର୍ମୀଙ୍କ ପରଲୋକ**

**ବାଲିକୁଦା,(ତାପସ ସ୍ୱାଇଁ):** ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କଂଗ୍ରେସ କର୍ମୀ ଅଙ୍ଗଦ ମାଝି (୪୫)ଙ୍କ ଶନିବାର ମଧ୍ୟାହ୍ନରେ ପରଲୋକ ଘଟିଛି। ଅଙ୍ଗଦଙ୍କର ଶୁକ୍ରବାର ରାତି ପ୍ରାୟ ସାଢ଼ େ ୮ ଟାରେ କଣିଆ-ବୋରିକିନା ରାସ୍ତାର ନୂଆଗାଁ ଛକ ନିକଟରେ ବାଇକ୍‌ରେ ଯାଉଥିବାବେଳେ ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା । ଏଥିରେ ଅଙ୍ଗଦଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ତାଙ୍କ ମୃତ୍ୟୁ ଗ୍ରାମରେ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସେ କଂଗ୍ରେସର ଜଣେ ଆଗଧାଡ଼ିର କର୍ମୀ ଥିଲେ। ତାଙ୍କ ମୃତଦେହକୁ ଗାଁକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆଗେଇ ପାରୁନି ଚାଷ କାମ

- କେନାଲରେ ଛଡ଼ା ଯାଉଥିବା ପାଣି ଆବଶ୍ୟକତାଠାରୁ କମ୍
- ସୋଟ ଦେଇ କ୍ଷେତକୁ ଯାଉନି ପାଣି
- ଜଳସେଚନ ଅଫିସ ସମ୍ମୁଖରେ ଧାରଣା ଚେତାବନୀ

**କେନ୍ଦ୍ରାପଡ଼ା,୨୨।୭(ଜଗନ୍ନାଥ ଧଳ)**


ପାଣି ଅଭାବରୁ ତଳି କିଆରି ଶୁଖିଲା ପଡିଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମରୁଡ଼ି ଆଶଙ୍କା ପ୍ରକାଶ ପାଇଛି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ କେନାଲ ପାଣି ଆବଶ୍ୟକ ସମୟରେ ନ ଆସିବା ଯୋଗୁ ଧାନଚାଷ ବ୍ୟାହତ ହୋଇଛି। ପାଣି ଅଭାବରୁ ଜମି ଫାଟି ଆଁ କରିଥିବା ବେଳେ ଚାଷୀକୁଳ ହତାଶ ହୋଇ ବର୍ଷାକୁ ଅପେକ୍ଷା କରିଛନ୍ତି । ଅନ୍ୟପକ୍ଷେ କେନାଲରେ କମ୍ ପାଣି ଛଡ଼ାଯାଉଥିବାରୁ ସୋଟ ଦେଇ ପାଣି କ୍ଷେତକୁ ମାଡୁନି । ଯେତିକି ପାଣି ଆସୁଛି ତାହା ଚାଷ ପାଇଁ ନିଅଁଟ। ଫଳରେ ଚାଷକାମ ଆଗେଇପାରୁ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପଟ୍ଟାମୁଣ୍ଡାଇ ଜଳସେଚନ କାର୍ଯ୍ୟାଳୟ ସେକ୍ସନ ୧ ଓ ୨ ଅଧୀନ ଗୋବରୀ ସମ୍ପ୍ରସାରିତ କେନାଲରେ ଆବଶ୍ୟକତାଠାରୁ କମ୍ ପାଣି ଛଡ଼ା ଯାଉଥିବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ଚାଷୀ ଅଜୟ ନାୟକ, ସୁଶାନ୍ତ ସାମଲ, ପ୍ରଭାକର ସେଠୀ, ସୁରେନ୍ଦ୍ର ପରିଡ଼ା, ଅଭୟ ବଳ, ରଞ୍ଜିତ ପ୍ରଧାନ, ବନମାଳୀ ମହାପାତ୍ର, ଭରତ ବଳ, କଳ୍ପତରୁ ରାଉତ, ସୁବାସ ଖଟୁଆ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଜଳସେଚନ ସବ୍‌ଡିଭିଜନ କାର୍ଯ୍ୟାଳୟ ଅଧୀନ ସେକ୍ସନ ୧ ଓ ୨ ଅଧୀନରେ ଗୋବରୀ ସମ୍ପ୍ରସାରିତ କେନାଲ ଓ ଶାଖା କେନାଲ ଅଧୀନରେ ପ୍ରାୟ ୧୧ ହଜାର ୮ ଶହ ହେକ୍ଟର ଚାଷଜମି ରହିଛି। ପ୍ରତିବର୍ଷ ଖରିଫ ଚାଷ ସମୟରେ ଅର୍ଥାତ୍ ଜୁନ୍ ଓ ଅଗଷ୍ଟ ମଧ୍ୟରେ ଏହି କେନାଲରେ ୩ ଥର ପାଣି ଛଡ଼ା ଯାଇଥାଏ। ମାତ୍ର ଚଳିତ ବର୍ଷ ଜୁଲାଇ ୨୧ରେ ଘାଗରା,ଚଉଦକୁଳାଟ, ଗୋବରୀ ସମ୍ପ୍ରସାରିତ କେନାଲରେ ପ୍ରଥମ ପର୍ଯ୍ୟାୟରେ ଯେତିକି ପାଣି ଅସିବା କଥା ୩ ଭାଗରୁ ଭାଗେ ପାଣି ଛଡ଼ା ଯାଇଛି। ଏହା କେନାଲ ସୋଟ ଦେଇ ଜମିକୁ ପାଣି ଚଢୁନାହିଁ। ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ କେନାଲ ପାଣି କ୍ଷେତକୁ ନ ଯିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଗୋବରୀ ସମ୍ପ୍ରସାରିତ କେନାଲ ଓ ଏହାର ଶାଖା ନଂ. ୧୬ କେନାଲ, ନଂ. ୨ କେନାଲ, କୋରିଆପଲ୍ଲା ମାଇନର, ନଂ. ୧୪ କେନାଲ, ନଂ. ୧୫, ତାଡନା ମାଇନର କେନାଲରେ ପାଣି ଛଡା ଯାଇଛି କିନ୍ତୁ ପାଣି କ୍ଷେତକୁ ଆସୁନାହିଁ । ଏଭଳି ଜାରି ରହିଲେ ସମଗ୍ର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ପୌରାଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ଆଗାମୀ ୨ ଦିନ ମଧ୍ୟରେ ଆବଶ୍ୟକ ମୁତାବକ ପାଣି ଛଡ଼ା ନ ଗଲେ ଚାଷୀମାନେ ପଟ୍ଟାମୁଣ୍ଡାଇ ଜଳସେଚନ ଅଫିସ ଆଗରେ ଧାରଣା ଦେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ କାର୍ଯ୍ୟାଳୟର ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ୍ର ସାହୁଙ୍କୁ ପଚାରିବାରୁ ସମସ୍ତ ଶାଖା କେନାଲକୁ ସମାନ ଭାବେ ପାଣି ଛଡ଼ାଯାଉଥିବା କହିଛନ୍ତି ।

# ଶ୍ମଶାନରୁ ଜବରଦଖଲ ହଟାଇଲା ପ୍ରଶାସନ


ଡୋଜର ସାହାଯ୍ୟରେ ଜବରଦଖଲ ହଟାଯାଉଛି।

**ଆଳି,୨୨।୭(ବନମାଳୀ ସେନାପତି)**

ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଆବେଦନ କରାଯାଇଥିଲା । ହେଲେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ନ୍ୟାୟଳୟର ଆଶ୍ରୟ ନେଇଥିଲେ। ନ୍ୟାୟଳୟ ଏହି ମାମଲାର ତୁରନ୍ତ ସମାଧାନ ପାଇଁ ଆଳି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ପ୍ରଶାସନ ତତ୍ପର ହୋଇ କାର୍ଯାନୁଷ୍ଠାନ ଗ୍ରହଣ କରିଛି। ଶେଷରେ ଆଳି ଶ୍ମଶାନରୁ ଶନିବାର ଜବରଦଖଲ ହଟାଯାଇଛି।

ସୂଚନା ଅନୁଯାୟୀ, କଟକ ଚାନ୍ଦବାଲି ରାସ୍ତାର ଆଳି ତହସିଲ ଅନ୍ତର୍ଗତ ନିଆଳ ଗ୍ରାମର ତଳ ରାସ୍ତାକୁ ଲାଗି ଖାତା ନମ୍ବର ୮୧୦ ଓ ପ୍ଲଟ ନମ୍ବର ୫୪୪ରେ ଏକ ଶ୍ମଶାନ ରହିଛି। ଏହାକୁ ଲାଗି କେତେଜଣ ବ୍ୟକ୍ତି ଜମି କିଣି କୋଠା କରି ବସବାସ କରୁଛନ୍ତି । ଅନ୍ୟ କେତେଜଣ ଶ୍ମଶାନରେ ମାଟି ପକାଇ ଜବରଦଖଲ କରିଥିଲେ । ଫଳରେ ଶବ ସଂସ୍କାର ପାଇଁ ଅସୁବିଧା ହେବାରୁ ଏହା ବିରୋଧ ନିଆଳ ଗ୍ରାମବାସୀ ପ୍ରତିବାଦ କରିବା ସହ ଜିଲା ପ୍ରଶାସନକୁ ଜଣାଇଥିଲ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ଗତବର୍ଷ ନଭେମ୍ବର ୨୨ରେ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ବିଚାର କରି ସେହି ମାସ ୨୮ ତାରିଖରେ ରାୟ ପ୍ରକାଶ କରି ୩ ମାସ ମଧ୍ୟରେ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଆଳି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଆଳି ତହସିଲଦାର ୨ ଥର ଜନ ଶୁଣାଣି କରି ଘଟଣାର ସମାଧାନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ କିଛି ଫଳ ମିଳି ନ ଥିଲା। ଶେଷରେ ତହସିଲ ପକ୍ଷରୁ ଏହି ଶ୍ମଶାନକୁ ଆଂଶିକ ଉଚ୍ଛେଦ କରାଯାଇ ଜବରଦଖଲ ମୁକ୍ତ କରାଯାଇଛି। କେବଳ ଜବରଦଖଲ ସ୍ଥାନରେ ଥିବା ମାଟିକୁ ମେଶିନ ଲଗାଇ ତାଡି ଦିଆ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ଦୋକାନ ଆଗରେ ବଢ଼ାଇ କରିଥିବା ଆଜବେଷ୍ଟସକୁ ଭାଙ୍ଗି ଦିଆଯାଇଛି। ଅପର ପକ୍ଷେ ଘର କରିଥିବା ବ୍ୟକ୍ତିମାନେ କହିଛନ୍ତି, ଯେହେତୁ ଆମେ ଜମିକୁ ଘରବାରି କିସମରେ ପରିବର୍ତ୍ତନ କରିବା ପରେ ଗୃହ ନିର୍ମାଣ କରିଛୁ, ଆମକୁ ବାହାରକୁ ଯିବାକୁ ରାସ୍ତା ଦେବାକୁ ପ୍ରଶାସନ ବାଧ୍ୟ। ଏଥିପାଇଁ ଆମେ ମଧ୍ୟ ଆଇନର ଆଶ୍ରୟ ନେବୁ। ଏହି ଉଚ୍ଛେଦ ଅଭିଯାନରେ ତହସିଲ ପକ୍ଷରୁ ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ,ରାଜସ୍ୱ ସୁପରଭାଇଜର ଶୁଭ୍ରାଂଶୁ ପ୍ରସାଦ ମହାନ୍ତି,ରାଜସ୍ୱ ନୀରିକ୍ଷକ ଅଶୋକ ରାମ,ଅମିନ ବିକାଶ ରାଉତ ଓ ସହାୟକ ରଞ୍ଜନ ମହାନ୍ତି ସାମିଲ ହୋଇଥିବା ବେଳେ ଆଳି ଥାନା ପକ୍ଷରୁ ଏସ୍‌ଆଇ ପିକେ ପଟ୍ଟନାୟକ, ଏଏସ୍‌ଆଇ ଆଲୋକ ରଥଙ୍କ ନେତୃତ୍ୱରେ ଏପିଆର ଫୋର୍ସ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ ।

# ବନ୍ୟା ଜଳରେ ଭାସିଯାଇ ମଇଁଷି ପାଳକ ମୃତ, ୨ ଉଦ୍ଧାର

**ମହାକାଳପଡ଼ା,୨୨।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୀମା ମହାନଦୀର ବନ୍ୟାଜଳରେ ୩ ମଇଁଷି ପାଳକ ଭାସିଯାଇଥିଲେ । ସେମାନଙ୍କ ମଧ୍ୟରୁ ୨ଜଣ ଉଦ୍ଧାର ହୋଇଛନ୍ତି । ଅନ୍ୟଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମନଗର ପଞ୍ଚାୟତ ବରଜ ଗ୍ରାମର ଖଟୁଆ ପଲାଇ(୫୫)। ସେହି ଗ୍ରାମର ପୂର୍ଣ୍ଣ ପଲାଇ(୫୦) ଓ ଖୋକନ ଦାସ(୩୬)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶନିବାର ମଧ୍ୟାହ୍ନରେ ଏହି ଘଟଣା ଘଟିଛି।

ସବୁଦିନ ପରି ପାରାଦ୍ୱୀପ ପାର୍ଶ୍ୱ ମୂଷଡିଆରୁ ଏହି ବ୍ୟକ୍ତିମାନେ ମଇଁଷି ନେଇ ମହାନଦୀ ପାରି ହୋଇ ବାହାକୁଦ ଗ୍ରାମକୁ ଆସିଥାଆନ୍ତି। ଏବେ ମହାନଦୀରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ସ୍ରୋତ ତୀବ୍ର ହୋଇଛି। ଏହା ସତ୍ତ୍ୱେ ଉପରୋକ୍ତ ବ୍ୟକ୍ତିମାନେ ଶନିବାର ମଧ୍ୟାହ୍ନରେ ମଇଁଷି ଲାଞ୍ଜ ଧରି ମହାନଦୀର ଗୋଟିଏ ପାର୍ଶ୍ୱରୁ ଅପରପାର୍ଶ୍ୱକୁ ଆସୁଥିଲେ । ହେଲେ ପ୍ରବଳ ସ୍ରୋତରେ ଖଟୁଆ, ପୂର୍ଣ୍ଣ ଓ ଖୋକନ ଭାସି ଯାଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ଦୁଇଟି ଡଙ୍ଗାରେ ଖୋଜା ଖୋଜି କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ମହାନଦୀ ମୁହାଣରୁ ଖଟୁଆଙ୍କୁ ଉଦ୍ଧାର କରି ପାରାଦ୍ୱୀପ ଅଠରବାଙ୍କି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ଖଟୁଆଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପୂର୍ଣ୍ଣ ଓ ଖୋକନଙ୍କୁ ଉଦ୍ଧାର କରାଯାଇ ଉକ୍ତ ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି ବୋଲି ଡାକ୍ତର କହିଛନ୍ତି ।

# ମଣ୍ଡଳସ୍ତରୀୟ ବାକ୍‌ସ୍ପର୍ଦ୍ଧା ପ୍ରତିଯୋଗିତା


ମଣ୍ଡଳସ୍ତରୀୟ ବାକ୍‌ସ୍ପର୍ଦ୍ଧା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

**ଡେରାବିଶ,୨୨।୭ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବାକ୍‌ସ୍ପର୍ଦ୍ଧା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଗୀତି ଭାରତୀ ଟ୍ରଷ୍ଟ, ଗୀତି ଗଙ୍ଗୋତ୍ରୀ ଓଡ଼ିଆ ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ଓ ବିବି ମଡେଲ ହାଇସ୍କୁଲର ସହଯୋଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗୀତିଭାରତୀ ଟ୍ରଷ୍ଟର ମୁଖ୍ୟନ୍ୟାସୀ ତଥା ବିବି ମଡେଲ ହାଇସ୍କୁଲର ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ପାରାଦ୍ୱୀପ ବନ୍ଦର ନ୍ୟାସର ପ୍ରାକ୍ତନ ସଚିବ ପ୍ରଭାତ କୁମାର ନନ୍ଦ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବେଣୁଧର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବାଳା ରଥ ପ୍ରମୁଖ ଯୋଗ ଦେଇଥିଲେ । ଡେରାବିଶ ବ୍ଲକର ବିଭିନ୍ନ ହାଇସ୍କୁଲର ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ବିଚାରକ ନନ୍ଦ ଓ ପୁରାତନ ଛାତ୍ର ସଂସଦର ଉପସଭାପତି ଅମ୍ବିକା ପ୍ରସାଦ ରଥ ପ୍ରାରମ୍ଭିକ ସୂଚନା ଓ ଜୀବନର ସଫଳତା ହାସଲ କରିବାରେ ଛାତ୍ରଛାତ୍ରୀମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖିଥିଲେ । ପରେ ପ୍ରତିଯୋଗୀମାନେ ନିର୍ଦ୍ଧାରିତ ବିଷୟ 'ମୋ ମାତୃଭାଷା ଓଡ଼ିଆ' ଶୀର୍ଷକରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଚାରକମାନଙ୍କ ବିଚାରରେ ବିବି ମଡ଼େଲ ହାଇସ୍କୁଲର ଛାତ୍ର ସୁଦର୍ଶନ ପଣ୍ଡା ପ୍ରଥମ ଓ ଜିଜ୍ଞାଶା ମିଶ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବାଲୁଙ୍କେଶ୍ୱର ନୋଡାଲ ହାଇସ୍କୁଲର ଛାତ୍ରୀ କାଜଲ ପ୍ରିୟଦର୍ଶିନୀ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସେହି ସ୍କୁଲର ଅନ୍ୟତମ ଛାତ୍ରୀ ଶୋଭାମୟୀ ପାଢ଼ୀ ଚତୁର୍ଥ ସ୍ଥାନ ଅଧିକାର କରି ସାନ୍ତ୍ୱନାମୂଳକ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ବିବି ମଡ଼େଲ ହାଇସ୍କୁଲର ଏକ ବିଶେଷ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ପ୍ରାଧ୍ୟାପକ ମହାନ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ସଞ୍ଚାଳକ ଭାବେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ କାର୍ଯ୍ୟନିର୍ବାହ କରିଥିବା ବେଳେ ଶିକ୍ଷୟିତ୍ରୀ ଅନିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର କର୍ମଚାରୀ ମଳୟ କୁମାର ରଥ ଓ ସତ୍ୟବ୍ରତ ପତି ସହଯୋଗ କରିଥିଲେ ।

# ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଲୋକାୟୁକ୍ତରେ ମାମଲା

**କେନ୍ଦ୍ରାପଡ଼ା,୨୨।୭(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଲୋକାୟୁକ୍ତରେ ମାମଲା ଦାଏର କରିଛନ୍ତି ଜଣେ ସାମାଜିକ କର୍ମୀ । ରାଜକନିକା ବ୍ଲକ ଅଧୀନ ସଦରରେ ଥିବା ବାଘବୁଦା ଗ୍ରାମ ପଞ୍ଚାୟତରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରା ନ ଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଛି। ମିଥ୍ୟା ବିଲ କରି ସେହି ଅର୍ଥକୁ ସମ୍ପୃକ୍ତ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ଆତ୍ମସାତ୍ କରିଥିବା ଉକ୍ତ ଗ୍ରାମପଞ୍ଚାୟତର ସମାଜିକ କର୍ମୀ ଶ୍ରେୟସ ଦାସ ଓ ବରଦା ଗ୍ରାମର ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ସେବାସାହିଠାରୁ ବରଦା ରାସ୍ତା ଗତ ୧୦ବର୍ଷ ହେବ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ସରକାରୀ ଖାତାରେ ଏହି ରାସ୍ତା ମରାମତି କାର୍ଯ୍ୟାଦେଶ ହୋଇ ତା୧୨। ୧୦।୨୦୨୨ରିଖରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ୧ଲକ୍ଷ ୩୫ ହଜାର ଟଙ୍କାର ମିଥ୍ୟା ବିଲ ପଠାଯାଇଛି । ସେହିପରି ନୂଆ ଆରସା ଗ୍ରାମରେ ଗୃହ ନିର୍ମାଣ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗତ ୮।୮।୨୦୨୨ରିଖରେ କାର୍ଯ୍ୟ ସରିଥିଲେ ମଧ୍ୟ ପୁନର୍ବାର ସମାନ ରାସ୍ତା ପାଇଁ ଗତ ୨।୧୨।୨୦୨୨ରିଖରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କାର ମିଥ୍ୟା ବିଲ ପଠାଯାଇଛି। ଆରସା କଲଭର୍ଟଠାରୁ ବରଦା ଗାଁ ପର୍ଯ୍ୟନ୍ତ ୨ ଲକ୍ଷ ୮୨ ହଜାର ଟଙ୍କାର ସମ୍ପୃକ୍ତ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ମିଥ୍ୟା ବିଲ କ୍ରେଡିଟ ହେବା ଆଦି ଅଭିଯୋଗ ହୋଇଛି । ଶ୍ରେୟସ ଦାସ ଓ ବରଦା ଗ୍ରାମର ସଚେତନ ଗ୍ରାମବାସୀ ସୂଚନା ଅଧିକାରୀ ଆଇନ ବଳରେ ଜାଣିବା ପରେ ରାଜକନିକା ବିଡିଓ ଏବଂ ଜିଲାପାଳଙ୍କୁ ଏ ସଂକ୍ରାନ୍ତ ଜଣାଇଥିଲେ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେମାନେ ଲୋକାୟୁକ୍ତରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଏକ ମାମଲା (ନଂ– ଏଲ.ୱାଇ.–୩୧୧/୨୦୨୩) ରୁଜୁ କରିଛନ୍ତି । ଏ ସଂକ୍ରାନ୍ତରେ ବିଡିଓଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ ।

# ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ମା , ପୁଅ ଗିରଫ

**କେନ୍ଦ୍ରାପଡ଼ା,୨୨।୭(ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବେର ଗ୍ରାମରେ ଗତ ଦୁଇଦିନ ତଳେ ଜଣେ ମହିଳାଙ୍କୁ ପିଟି ପିଟି ମାରି ପୋଡି ଦେବା ଅଭିଯୋଗରେ ପୋଲିସ ମା ଓ ପୁଅଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କ ୩ ଜଣ ନାବାଳିକା ଝିଅଙ୍କୁ ସିଡବ୍ଲୁସି ବିଭାଗ ଜରିଆରେ କେନ୍ଦ୍ରାପଡ଼ା ସଟଷ୍ଟେ ହୋମରେ ରଖିଛି ବୋଲି ଥାନା ଆଇଆଇସି ବାମଦେବ ନନ୍ଦ ସୂଚନା ଦେଇଛନ୍ତି । ମୃତା ମହିଳାଙ୍କ ସ୍ୱାମୀ ବିଧାନ ରାୟ ଓ ଶାଶୁ ଶ୍ରୀମତୀ ରାୟଙ୍କ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ସମ୍ପର୍କରେ ପୋଲିସ ତଦନ୍ତ ଚାଲୁ ରହିଛି।

ସୂଚନା ଅନୁଯାୟୀ, ଗତ ୧୯ ତାରିଖ ବିଳମ୍ବିତ ରାତିରେ ମା ଶ୍ରୀମତୀଙ୍କ ସହିତ ମିଶି ବିଧାନ ସ୍ତ୍ରୀ ଆରତୀଙ୍କୁ ମାରପିଟ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାରୁ ପାଖରେ ଥିବା ଏକ ମାଟିଘରେ ଆରତୀଙ୍କ ମରଶରରୀକୁ ନେଇ କାଠ ଓ ନଡିଆପତ୍ର ସାହାଯ୍ୟରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ମୃତ୍ୟୁଦେହ ଅର୍ଦ୍ଧଦଗ୍ଧ ହେବା ପରେ ଏହାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ଉଦ୍ୟମ କରିଥିଲେ। ସାଇଣ୍ଟିଫିକ ଟିମ ସହ ପୋଲିସର ତଦନ୍ତ ଓ ଜେରା ବେଳେ ଆରତୀକୁ ସେମାନେ ମାରିଥିବା କଥା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସେମାନଙ୍କ ବୟାନକୁ ଅଧାର କରି ପୋଲିସ ବିଧାନ ଓ ତାଙ୍କ ମା'ଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣାରେ ଅଟକ ଥିବା ବିଧାନଙ୍କ ଘର ପାଖ ପଡୋଶୀଙ୍କୁ ପୋଲିସ ଛାଡି ଦେଇଛି। ମୃତଦେହ ପୋଡିବାରେ ସହଯୋଗ କରିଥିବା ଲୋକମାନଙ୍କ ସମ୍ପର୍କରେ ପୋଲିସ ତଦନ୍ତ ଚାଲିଛି। ମୃତା ଆରତୀଙ୍କ ଭାଇ ଦେଇଥିବା ଏତଲା କ୍ରମେ ପୋଲିସ ଏକ ମାମଲା(ନଂ–୪୪୨/୨୩) ଦଫା ୩୦୨ ଓ ୪୯୮ଏରେ ମକଦ୍ଦମା ରୁଜୁ କରିଛି ।

# ଆଳି ଖଣ୍ଡରେ ଗୁରୁ ଦକ୍ଷିଣା ଉତ୍ସବ

**ଆଳି,୨୨।୭(ବନମାଳୀ ସେନାପତି)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆଳି ଖଣ୍ଡ ଗୋପାଳରାୟପୁର ଆଜାଦ ପ୍ରଭାତ ଶାଖା ଆନୁକୂଲ୍ୟରେ ଗୁରୁ ଦକ୍ଷିଣା ଉତ୍ସବ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସଂସ୍କୃତ ପଣ୍ଡିତ ଶରତ କୁମାର ପାଣି ଗୁରୁ ଦକ୍ଷିଣାର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ବ୍ୟାସଦେବଙ୍କ ଜନ୍ମ ଓ ତାଙ୍କ ଦ୍ୱାରା ରଚିତ ଧର୍ମ ଗ୍ରନ୍ଥ ଉପରେ ବର୍ଣ୍ଣନା କରିବା ସହ ବିଶ୍ୱର ସେହି ଶ୍ରେଷ୍ଠ ଗୁରୁଙ୍କ ଜନ୍ମ ଦିବସକୁ ଗୁରୁ ପୂର୍ଣ୍ଣିମା ଓ ରାଷ୍ଟ୍ରୀୟ ସ୍ୱୟଂ ସଂଘର ସ୍ୱୟଂ ସେବକମାନେ ସେହିଦିନ ସଂଘ ପାଇଁ ଗୁର ଦକ୍ଷିଣା ଦେବା ପରମ୍ପରା ପ୍ରଚଳିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସହ କାର୍ଯ୍ୟବାହ ବିନୋଦ ବିହାରୀ ପ୍ରଧାନ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗଠନ ଓ ଗୁରୁ ଦକ୍ଷିଣା ସଂଘ ପାଇଁ କେତେ ଅପରିହାର୍ଯ୍ୟ କହିଥିଲେ। ଆଜାଦ ପ୍ରଭାତ ଶାଖାର ସ୍ୱୟଂ ସେବକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଉପସ୍ଥିତ ସ୍ୱୟଂ ସେବକମାନେ ଧ୍ୱଜ ପ୍ରଣାମ କରି ଲଫାପା ମଧ୍ୟରେ ନିଜ ନିଜର ଗୁରୁ ଦକ୍ଷିଣା ଅର୍ପଣ କରିଥିଲେ।

# ଡେରାବିଶ ମହାବିଦ୍ୟାଳୟରେ ଅଧାପକ, ଛାତ୍ର ଅଭିଭାବକଙ୍କ ବୈଠକ


ଡେରାବିଶ ମହାବିଦ୍ୟାଳୟର ଅଧାପକ ଓ ଅଭିଭାବକଙ୍କ ବୈଠକ।

**ଡେରାବିଶ ୨୨।୭ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟର +୨ ଶାଖାର ଅଧାପକ ଓ ଅଭିଭାବକଙ୍କ ବୈଠକ ମହାବିଦ୍ୟାଳୟ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଚନ୍ଦ୍ର ଶେଖର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଧ୍ୟାପକ ସାନ୍ତନୁ କୁମାର ମାଟି, ଅଶ୍ୱିନୀ କୁମାର ପୃଷ୍ଟି, ବିକ୍ରମ କୁମାର ମହାନ୍ତି ଓ ଅଧାପକ ବୃନ୍ଦାବନ ଦାସ, ଗୁରୁଚରଣ ସେଠୀ, ଧନେଶ୍ୱର ନାୟକ, ନଗେନ୍ଦ୍ରନାଥ ପାଣି, ପ୍ରଜ୍ଞା ପଟ୍ଟନାୟକ, ସଞ୍ଜୟ କୁମାର ମିଶ୍ର, କିଶୋର କୁମାର ବେଦାନ୍ତ, ସନ୍ଦୀପ ବଳ, ରୁଦ୍ରାଣି ପଟ୍ଟନାୟକ, ରଘୁନାଥ ସାହୁ ଓ ଶୁଭାଷିନୀ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷାୟତନର ସାମଗ୍ରିକ ବିକାଶ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷା ନିମନ୍ତେ ଆଗ୍ରହ ସୃଷ୍ଟି ପାଇଁ ଛାତ୍ର ଅଭିଭାବକମାନଙ୍କ ମଧ୍ୟରେ ଆଲୋଚନା କରିଥିଲେ । ଏହି ବୈଠକରେ ବହୁ ଛାତ୍ର ଅଭିଭାବକ ଅଭିଭାବିକା ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତାମତ ରଖିବା ସହିତ ପରାମର୍ଶ ମଧ୍ୟ ଦେଇଥିଲେ । ସଭା ପରିଚାଳନାରେ କର୍ମଚାରୀ ଶରତ ସାମଲ, ମାନସ ରଞ୍ଜନ ସିଂ ଓ ବାନାମ୍ବର ମଲିକ ପ୍ରମୁଖ ସହଯୋଗ କରିଥିଲେ ।

# ଦିବ୍ୟାଙ୍ଗଙ୍କ କାନ୍ଧରେ ୪ ପ୍ରାଣୀ କୁଟୁମ୍ବଙ୍କ ବୋଝ

## ଟ୍ରାଇ ସାଇକେଲ, ଭତ୍ତା, କୃତ୍ରିମଗୋଡ଼ ପାଇଁ କରିଛନ୍ତି ଆବେଦନ

**ମହାକାଳପଡ଼ା,୨୨।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ନିଜ ପରିବାର ସଦସ୍ୟଙ୍କ ସହ ମଣ୍ଟୁ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତର ଉତ୍ତର ସୁନିତି ଓଲ୍ଡଫିଲ୍ଡ ଗ୍ରାମର ମଣ୍ଟୁ କୁମାର ଜାନା ଜଣେ ଦିବ୍ୟାଙ୍ଗ । ଦିନ ଥିଲା ମଣ୍ଟୁ ସ୍ତ୍ରୀ ସରସ୍ୱତୀ, ୨ ଝିଅଙ୍କୁ ନେଇ ହସଖୁସିରେ ଦିନ କାଟୁ ଥିଲେ। ହେଲେ ଦଇବ ବେଶୀ ଦିନ ସହିଲା ନାହିଁ। ୨୦୧୦ରେ ସରସ୍ୱତୀ ଅସୁସ୍ଥ ହେଲେ । ମଣ୍ଟୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆବଶ୍ୟକ ପରୀକ୍ଷା ପରେ ତାଙ୍କ ମୁଣ୍ଡରେ ଏକ ଟ୍ୟୁମର ଥିବା ଜଣାପଡିଥିଲା। ତୁରନ୍ତ ଅସ୍ତ୍ରୋପଚାର ପାଇଁ ଅର୍ଥର ଆବଶ୍ୟକ ପଡ଼ିଲା। ନିଜର ଯାହାକିଛି ଜମି ବାଡ଼ି ଓ ଘରଡିହ ଥିଲା ତାକୁ ବିକ୍ରି କରିବାକୁ ପଡିଲା । ସେଥିରେ ସରସ୍ୱତୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ହେଲାନାହିଁ। ଉଚ୍ଚତର ଚିକିତ୍ସା ପାଇଁ ଆହୁରି ଟଙ୍କାର ଦରକାର ପଡ଼ିଲା । ପରିସ୍ଥିତି ଏପରି ହେଲା ଯେ ଘରର ସାମଗ୍ରୀ ବିକ୍ରି କରିବାକୁ ପଡିଥିଲା । ତଥାପି ସରସ୍ୱତୀ ସମ୍ପୂର୍ଣ୍ଣ ସୁସ୍ଥ ହେଲେ ନାହିଁ। ବରଂ ମାନସିକ ଭାରସାମ୍ୟ ହରାଇ ବସିଲେ। ଏତିକିରେ ମଣ୍ଟୁଙ୍କ ପରିବାର ଦୁଃଖ ସରିଲା ନାହିଁ। ୨୦୧୭ ମସିହା କଥା । ମଣ୍ଟୁ ନିଜର କିଛି ବଳକା ଜମିରେ ଚାଷ କରିବା ପାଇଁ ପାୱାର ଟିଲରରେ ହଳ କରୁଥିଲେ । ହେଲେ ଏକ ବଡ଼ ଦୁର୍ଘଟଣା ଘଟିଲା । ସବୁଦିନ ପାଇଁ ମଣ୍ଟୁ ନିଜର ଗୋଟିଏ ଗୋଡ଼ ହରାଇ ବସିଲେ । ପରିବାର ଦୁଃଖ ଆହୁରି ବଢ଼ିଗଲା । ସରସ୍ୱତୀଙ୍କ ଔଷଧ ଖର୍ଚ୍ଚ ଭରଣା କରିବାକୁ ଯାହା ପାଖରେ ଟଙ୍କା ନ ଥିଲା ସେ ଦିବ୍ୟାଙ୍ଗ ହୋଇଗଲେ। ପରିବାର ଲୋକଙ୍କ ପ୍ରତିପୋଷଣ ଚିନ୍ତା ବଢ଼ିଲା । ଏଣେ ୨ ବଢିଲା ଝିଅଙ୍କ ପାଠପଢା ସହ ବିବାହ ଚିନ୍ତା ବି ମଣ୍ଟୁଙ୍କ ଆଖିରୁ ନିଦ ହଜାଇ ଦେଲା । ଏବେ ବି ମଣ୍ଟୁ ନିଜ ଭାଗ୍ୟକୁ ଆଦରି ବଞ୍ଚିଛନ୍ତି। କ'ଣ କରିବେ କିଛି ବୁଦ୍ଧି ବାଟ ଦିଶୁନି ବୋଲି ସେ କହିଛନ୍ତି । ଏକ ଟ୍ରାଇ ସାଇକେଲ ପାଇଁ ସେ ପ୍ରଶାସନ ନିକଟରେ ଆବେଦନ କରିଛନ୍ତି ।

ଏଥିସହିତ ସେ ଭିନ୍ନକ୍ଷମ ଭତ୍ତା ଓ କୃତ୍ରିମ ଗୋଡ ପ୍ରତିରୋପଣ ପାଇଁ ଗୁହାରୀ କରିଛନ୍ତି । ପରିବାର ପ୍ରତିପୋଷଣ ପାଇଁ ମଣ୍ଟୁଙ୍କୁ ଋଣ ମିଳିଲେ ସେ ଏକ ଦୋକାନ କରିପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ସୁନିତି ପଞ୍ଚାୟତର ସରପଞ୍ଚ ଭଗବତୀ ମଣ୍ଡଳ କୁହନ୍ତି, ସରକାରଙ୍କ ଜନ କଲ୍ୟାଣ ଯୋଜନାରେ ମଣ୍ଟୁଙ୍କୁ ସାମିଲ କରାଯିବ। ଏହି ଯୋଜନା ଅନୁଯାୟୀ ତାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଜୁଲାଇ, ୨୦୨୩

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ଜି.ଉଦୟଗିରି,(ପି.ସଞ୍ଜୀବ କୁମାର ପାତ୍ର): ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ଅପରାହ୍ନରେ ସାରଙ୍ଗଗଡ଼ ଅଭିମୁଖେ ଯାଉଥିବା ଏକ ଆମ୍ବୁଲାନ୍ସ ଶ୍ରୀରାମପଦା ସ୍ଥିତ ଉପ-କାରାଗାର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କଲେଜରୁ ଘରକୁ ଫେରୁଥିବା ପିଲାଙ୍କୁ ଗୋରୁ ଗୋଡାଇବାରୁ ସେମାନେ ଭୟରେ ମୁଖ୍ୟ ରାସ୍ତାକୁ ଧାଇଁ ଆସିଥିଲେ। ଏହି ସମୟରେ ଆମ୍ବୁଲାନ୍ସ ଡ୍ରାଇଭର ଗୋରୁ ଏବଂ ପିଲାଙ୍କୁ ବଞ୍ଚାଇବା ଗାଡିକୁ ରାସ୍ତା କଡକୁ ନେଇଯାଇଥିବାରୁ ତାହା ଏକ ବରଗଛରେ ଧକ୍କା ଦେଇଥିଲା।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ମୋ ଡାଏରି ବଣ୍ଟନ

ଆର.ଉଦୟଗିରି,୨୨ା୭(ମନୋଜ କୁମାର ପାଢ଼ୀ)-ଆର.ଉଦୟଗିରି ବ୍ଲକ ଛେଲିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ମୋ ଡାଏରୀ ଓ ଖାତା ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଲରିମନ ଖର୍ସେଲ, ବ୍ଲକ ଉପାଧ୍ୟକ୍ଷା ବିଜୟାଲକ୍ଷ୍ମୀ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ସନ୍ତୋଷୀ ପାଇକ, ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ନାୟକ, ସିଆରସି ଗଙ୍ଗାଧର ପାଇକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ମାହାଙ୍କୁଡ, ବିଦ୍ୟାଳୟ ପରିଚାଳନା କମିଟି ସଭାପତ ସୌଦାମିନୀ ଜେନା, ସମ୍ପାଦକ କୁମାର ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତି ରହି ସମସ୍ତ ଛାତ୍ରୀଛାତ୍ରଙ୍କୁ ମୋ ଡାଏରୀ ଓ ଖାତା ବଣ୍ଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ଠାରେ ଯୋଗ ଦେଇଥିବା ଅତିଥି ବୃନ୍ଦ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ.ଭେଙ୍କାଟରମଣ, ବନମାଳି ବଡ ରଇତଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ମୋ ଡାଏରୀ ଓ ଖାତା ବଣ୍ଟନ କରାଯାଇଥିଲା।

### କୋଦଳାରେ ବର୍ଷା, ଚାଷୀ ଆଶ୍ୱସ୍ତ

କୋଦଳା,୨୨ା୭(ଅମିତ କୁମାର ପଟ୍ଟନାୟକ): କୋଦଳା ଓ ଏହାର ଆଖପାଖ ଅଞ୍ଚଳରେ ଶନିବାର ଲଘୁଚାପଜନିତ ଲଗାଣ ବର୍ଷା ହୋଇଛି। ଚଳିତବର୍ଷ ଜୁଲାଇ ମାସରେ ବି ବର୍ଷାର ଅଭାବ ଦେଖାଯାଇଥିଲା। ଫଳରେ ଚାଷ ପାଇଁ ପକାଯାଇଥିବା ଧାନତଳି ପୋଡ଼ିଯିବାକୁ ବସିଥିଲା। ଶନିବାର ବର୍ଷା ଫଳରେ ଚାଷୀ ଆଶ୍ୱସ୍ତି ଅନୁଭବ କରିଛି। ସେହିପରି ଗରମରୁ ମଧ ଆଶ୍ୱସ୍ତି ମିଳିଛି। ଲଗାଣ ବର୍ଷା ଦ୍ୱାରା ଯାତାୟାତରେ ସାମାନ୍ୟ ଅସୁବିଧା ହୋଇଥିଲା।

### ନାବାଳିକାଙ୍କ ଚିକିତ୍ସାରେ ଅର୍ଥ ବାଧକ

**ପରିବାରକୁ ଭେଟିଲେ ଏନ୍ଏସି ଅଧକ୍ଷ**

ବେଗୁନିଆପଡ଼ା,୨୨ା୭(ସୁଶାନ୍ତ ପଟ୍ଟନାୟକ)-ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାରଗାଁ ପଞ୍ଚାୟତ କୁମାରୀପାରି ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସରକାରଙ୍କ ସମସ୍ତ ଯୋଜନା ତାଙ୍କ ପରିବାର ପାଇଁ ସାତ ସପନ ହୋଇଛି। ନାବାଳିକା ଜଣଙ୍କ କର୍କଟରେ ପୀଡ଼ିତ ଥିବାରୁ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏହି ଅସହାୟ ପରିବାର ଏବେ ସରକାରୀ ସହାୟତା ଅପେକ୍ଷାରେ ଚାହିଁ ବସିଛନ୍ତି। ବିଜୁ ସ୍ୱାସ୍ଥ୍ୟକାର୍ଡ, ରାଶନ୍ କାର୍ଡ କିଛି ନ ଥିବାରୁ ଝିଅର ଚିକିତ୍ସା କରାଇ ପାରୁନାହାନ୍ତି ପରିବାର ଲୋକେ। ଏହି ଘଟଣା ପ୍ରଚାରିତ ହେବା କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ କୁମାରୀପାରି ଗ୍ରାମକୁ ଯାଇ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲାପାଳଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### ବନ ବିଭାଗର ଚଢ଼ାଉ,କରତକଳ ଯନ୍ତ୍ରାଂଶ ଜବତ

ହାତୀଓଟ,୨୨ା୭(ରଞ୍ଜୟ ପାଣିଗ୍ରାହୀ)-ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ପୋଲସରା ବନାଞ୍ଚଳ ପକ୍ଷରୁ କଳମ୍ବ ଓ ମନ୍ଦାର ଗ୍ରାମରେ ଚାଲିଥିବା ବେଆଇନ କରତ କଳ ଉପରେ ବନ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ପ୍ରଥମେ କଳମ୍ବ ଗ୍ରାମରେ ଚାଲିଥିବା ବେଆଇନ କରତ କଳ ଉପରେ ଚଢ଼ାଉ କରି କରତକଳ ଯନ୍ତ୍ରାଂଶ, ଗ୍ରାଇଣ୍ଡିଂ ମେସିନ୍ ଓ ଦୁଇଟି ଶାଗୁଆନ ଗଣ୍ଡିକୁ ଜବତ କରିଥିଲେ। ପରେ ମନ୍ଦାର ଗ୍ରାମରୁ ଦୁଇଟି ମୋଟର, ବ୍ଲେଡ୍ ସମେତ କରତ କଳ ଯନ୍ତ୍ରାଂଶ ଓ କରତ କଳରେ ଗଚ୍ଛିତ ଥିବା ଶାଳ ଗଣ୍ଡି ଓ ଶାଗୁଆନ ପଟ୍ଟାକୁ ଜବତ କରିଥିଲେ। ଏନେଇ ପୋଲସରା ବନବିଭାଗ ପକ୍ଷରୁ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉରେ ଡେପୁଟି ରେଞ୍ଜର୍ ନନ୍ଦ କିଶୋର ସିଙ୍ଗ ସମେତ ସମସ୍ତ ବନପାଳ, ବନରକ୍ଷୀ, ପାରା ଫରେଷ୍ଟର ଓ ଡିଭିଜନ ମୋବାଇଲ ଫୋର୍ସ ପ୍ରମୁଖ ସାମିଲ ଥିଲେ।

# ନିର୍ମାଣର ୧୦ ବର୍ଷରେ ଭୁଶୁଡ଼ିଲା ପ୍ରାହେଟପଙ୍କା ବିଦ୍ୟାଳୟ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨ା୭ (ଅରୁଣ ସାହୁ /ମନୋରଞ୍ଜନ ରଣା )


ଭୁଶୁଡିଥିବା ଶ୍ରେଣୀକୋଠା

**ପ୍ରଶାସନ ପହଞ୍ଚିନି, ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମୁଛି**

- ନିମ୍ନମାନର ଶ୍ରେଣୀକୋଠା କରି ଟଙ୍କକତା
- ପ୍ରଥମରୁ ଅଷ୍ଟମ ୫୫ ଛାତ୍ରୀଛାତ୍ର, ଗୋଟିଏ ଶ୍ରେଣୀରେ ପାଠପଢ଼ା

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ସରାମୂଳି ପଞ୍ଚାୟତ ପକାଲମାହା କ୍ଲଷ୍ଟର ପ୍ରାହେଟପଙ୍କା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଠା ନିର୍ମାଣର ମାତ୍ର ୧୦ ବର୍ଷରେ ମଙ୍ଗଳବାର ଭୁଶୁଡ଼ି ପଡିଛି। ଲଘୁଚାପଜନିତ ଲଗାଣ ବର୍ଷାରେ ଏଭଳି ଘଟଣା ଘଟିଥିଲେ ସୁଦ୍ଧା କୌଣସି ଛାତ୍ରୀଛାତ୍ରଙ୍କ କ୍ଷତି ହୋଇନି। କିନ୍ତୁ ଭୁଶୁଡିଥିବା କାନ୍ଥକୁ ଲାଗି ରହିଛି ବିପଦପୂର୍ଣ୍ଣ କୋଠା। ଯେଉଁଠି ଛାତରୁ ପାଣି ଗଳୁଛି ସେଠି ପ୍ରଥମରୁ ଅଷ୍ଟମ ୫୫ ଛାତ୍ରୀଛାତ୍ର ପଢୁଛନ୍ତି। ଛାତ ଭୁଶୁଡିବା ଦିନରୁ ଭୟଭୀତ ହୋଇ ପ୍ରାୟ ଅଧା ଛାତ୍ରୀଛାତ୍ର ଆଉ ବିଦ୍ୟାଳୟ ପିଣ୍ଡା ମାଡୁ ନଥିବା ସହକାରୀ ଶିକ୍ଷକ ତ୍ରିନାଥ ସିଂ କହିଛନ୍ତି। ବିଦ୍ୟାଳୟ ଶ୍ରେଣୀକୋଠା ଭୁଶୁଡ଼ିବାର ୫ ଦିନ ବିତିଯାଇଥିଲେ ସୁଦ୍ଧା ଶିକ୍ଷା ବିଭାଗର ସିଆର୍ସିସି, ବିଇଓ ରସାନନ୍ଦ କର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନଥିବା ବେଳେ କୌଣସି ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିଥାଆନ୍ତେ ବୋଲି ଅଭିଭାବକମାନେ କହିଛନ୍ତି। ସରକାର ନୂତନ ଶ୍ରେଣୀକୋଠା ପାଇଁ ଦେଇଥିବା ଅନୁଦାନକୁ ନିମ୍ନ ମାନର କାର୍ଯ୍ୟ କରି ଅର୍ଥ ତୋସରପାତ କରାଯାଇଥିବା ଅଭିଯୋଗ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏବେ ମଧ ଯେଉଁ ଶ୍ରେଣୀକୋଠା ଅଛି, ତାହା କେତେ ବିପଦମୁକ୍ତ ତାହା ଯାଞ୍ଚ ହେବା ଦରକାର ବୋଲି ଗ୍ରାମବାସୀ କହିଛନ୍ତି।ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟ ୨୦୦୮ରେ ସ୍ଥାପନ କରାଯାଇଥିଲା।

ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଛାତ୍ରୀଛାତ୍ରଙ୍କୁ ସର୍ବଶିକ୍ଷା ଅଭିଯାନରେ ସାମିଲ କରି ମାଗଣା ଶିକ୍ଷା ପାଇଁ ପାଠ୍ୟ ପୁସ୍ତକ, ପୋଷାକ, ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯିବା ସହ ପ୍ରାୟ ୧୦ ଲକ୍ଷ ବିନିମୟରେ ୩ଟି ଶ୍ରେଣୀକୋଠା ପାଇଁ ଅନୁଦାନ ଦିଆଯାଇଥିଲା। ବିଦ୍ୟାଳୟ କୋଠାକୁ ତତ୍କାଳ ଦାୟିତ୍ୱରେ ଥିବା ସର୍ବଶିକ୍ଷା ଅଭିଯାନର ବୈଷୟିକ ସହାୟକ ଓ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କ ସମ୍ପାଦନରେ କୋଠା ନିର୍ମାଣ ହୋଇଥିଲା। ୨୦୧୭ରେ ପ୍ରଥମେ ବିଦ୍ୟାଳୟର ତାଜା ଭାଙ୍ଗି ଯାଇଥିଲା। ଧୀରେ ଧୀରେ ଶ୍ରେଣୀ କୋଠାଗୁଡିକରୁ ପାଣି ଗଳିବା ଆରମ୍ଭ ହୋଇ ସମସ୍ତ ତାଜା, କାନ୍ଥ, ଛାତ ଦୁର୍ବଳ ହୋଇଗଲା। ୩ଟି କୋଠା ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଦୁର୍ବଳ ହେବାରୁ ଏବେ ସମଗ୍ର ଶିକ୍ଷା ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଶ୍ୱରଞ୍ଜନ ହାତୀ ୨୦୨୦ରେ ଦୁଇଟି ଶ୍ରେଣୀ କୋଠରିକୁ ବିପଦପୂର୍ଣ୍ଣ ବୋଲି ଘୋଷଣା କରିଥିଲେ। ଏବେ ସେଠାରେ ଛାତ୍ରୀଛାତ୍ରଙ୍କୁ ମାତ୍ର ଗୋଟିଏ କୋଠରିରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ ପଢ଼ାଯାଉଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ବିଇଓ ରସାନନ୍ଦ କରଙ୍କୁ ପଚାରିବାରୁ ଛାତ ଭୁଶୁଡ଼ିବା ସମ୍ପର୍କରେ ତାଙ୍କୁ କେହି ଜଣାଇନାହାନ୍ତି, ତେବେ ସେ ସୋମବାର ତଦନ୍ତ କରିବେ ବୋଲି କହିଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଛୁରି ମୃତ, ଚାପା ଉତ୍ତେଜନା

କବିସୂର୍ଯ୍ୟନଗର,୨୨ା୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ଓ ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ ଝାଡ଼ବନ୍ଧ ଗ୍ରାମରେ ଶନିବାର ବାଛୁରୀ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସକାଳେ ବେଆଇନ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟର ଧକ୍କାରେ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଥିଲା। ଏ ନେଇ ପ୍ରଶାସନକୁ ଅବଗତ କରାଇଥିଲେ ମଧ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଫଳରେ ବାଛୁରୀର ମୃତ୍ୟୁ ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇ ଦୀର୍ଘ ସମୟ ଗାଁ ରାସ୍ତା ଅବରୋଧ କରିବା ସହ ଟ୍ରାକ୍ଟର ଯାତାୟାତ ବାଲି ରାସ୍ତାକୁ ବନ୍ଦ ରଖିଛନ୍ତି। ଗ୍ରାମବାସୀମାନେ ଟ୍ରାକ୍ଟରକୁ ଅଟକ ରଖିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ତେବେ ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ଏନେଇ ପ୍ରଶାସନ ପାଖରେ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଏଟିଏମ୍ ଲୁଟ ଉଦ୍ୟମ ପଣ୍ଡ: ୫ ଗିରଫ

**୨ ଥର ବ୍ୟାଙ୍କ ଲୁଟ୍ ଉଦ୍ୟମ କରିଥିଲେ**


ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ।

କବିସୂର୍ଯ୍ୟନଗର,୨୨ା୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଜରଡ଼ ଛକସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଦୁଇ ଥର ଲୁଟ ଉଦ୍ୟମ କରିବିଫଳ ହେବା ପରେ ଶୁକ୍ରବାର ରାତିରେ ଏଟିଏମ୍ ଚୋରି ଯୋଜନା କରୁଥିବା ୫ ଜଣଙ୍କୁ ପୋଲିସ କାବୁ କରିଛି। ଶନିବାର ୫ ଅଭିଯୁକ୍ତଙ୍କୁ କବିସୂର୍ଯ୍ୟନଗର ଥାନା ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅଧୀନ ନଈତଡସାହିର ଘନଶ୍ୟାମ ବେହେରା ଓରଫ କାଳିଆ, ଝରଣା ଗ୍ରାମର ନାରାୟଣ ବିଷୋୟୀ ଓରଫ ବାବୁଲା, ଭୁତସରସିଙ୍ଗି ତଳସାହିର ବଂଶୀଧର ବିଷୋୟୀ ଓରଫ ପାଣ୍ଡା, ଝରଣା ଗ୍ରାମର ବିକାଶ ନାୟକ ଓ ଚାଟମୁଣ୍ଡୁଳିର ପିଣ୍ଟୁ ନାହାକ। ଅଭିଯୁକ୍ତମାନଙ୍କ ନିକଟରୁ ଏକ କାର (ଓଡି-୦୭ଏଏ-୪୨୬୪), ବାଇକ୍ (ଓଡି -୨୯ଏଫ-୭୫୮୩), ଏକ ଦେଶୀ ପିସ୍ତଲ, ଦୁଇଟି ବୋମା, ଗ୍ୟାସ ସିଲିଣ୍ଡର, ଗ୍ୟାସ କଟର ଆଦି ସରଞ୍ଜାମ ସହ ଏଟିମ କାର୍ଡ, ବ୍ୟାଙ୍କ ପାସବୁକ, ଚେକ ବୁକ ଓ ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ କାଳିଆ ବହୁ ଟଙ୍କା ରୋଜଗାର କରିବା ଲାଳସାରେ ଲୁଟ ଯୋଜନା ରଚିଥିବା ପୋଲିସ ଆଗରେ କହିଥିବା ବେଳେ ବାବୁଲା ଗାଡି ଚାଳକ ଭାବେ ଫସି ଯାଇଥିବା ସଫେଇ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୧ ଓ ୧୯ ତାରିଖ ମଧରାତିରେ କବିସୂର୍ଯ୍ୟନଗର ଥାନା ଜରଡ଼ ଛକସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ୫ ଅଭିଯୁକ୍ତ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଶୁକ୍ରବାର ବିଳମ୍ବିତ ରାତ୍ରରେ କବିସୂର୍ଯ୍ୟନଗର ଥାନା ରାଉଳପଲ୍ଲୀ ଗ୍ରାମ ନିକଟ ଗୁପ୍ତେଶ୍ୱର ମନ୍ଦିରରେ ସେମାନେ ଚୋରି କରିବା ପାଇଁ ଯୋଜନା କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅଭିଯୁକ୍ତମାନେ ହିଞ୍ଜିଳି ଥାନା ଗଣ୍ଡଳା ଛକଠାରେ ଥିବା ଏଟିଏମକୁ ଗ୍ୟାସ କଟର ସହାୟତାରେ କାଟିବା ବେଳେ ପୋଲିସ ସେମାନଙ୍କୁ ଧରିଥିଲା।

## ଦୁଇଟି ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ଦାରିଙ୍ଗବାଡ଼ି,୨୨ା୭ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଅଞ୍ଚଳରେ ଥିବା ଦୁଇଟି ମନ୍ଦିରର ଉନ୍ନତୀକରଣ ପାଇଁ ଶନିବାର ଭିତ୍ତିପ୍ରସ୍ତର କରାଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ ଯୋଗଦାନ କରିଥିଲେ। ପ୍ରଥମେ ବିଧାୟକ ଉକ୍ତ ବ୍ଲକ ଗ୍ରୀନବାଡି ପଞ୍ଚାୟତରେ ଥିବା ମା'ଦକ୍ଷିଣକାଳୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମନ୍ଦିର କମିଟିର କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିରାଟ ଶୋଭାଯାତ୍ରାରେ ପହଞ୍ଚି ଭିତ୍ତିପ୍ରସ୍ତର କରିବା ସହ ଶୀଘ୍ର ମନ୍ଦିରର ଉନ୍ନୟନ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ଦିରର ଉନ୍ନୟନ କାର୍ଯ୍ୟ ପାଇଁ ୯ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ପ୍ରକାଶ କରିଥିଲେ। ସେହିପରି ବିଧାୟକ ଓ ଅନ୍ୟ ଅତିଥିମାନେ ଦାରିଙ୍ଗବାଡିଠାରେ ଥିବା ପ୍ରସିଦ୍ଧ ମା' ପାଟଖଣ୍ଡାଙ୍କ ମନ୍ଦିରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ୮ ଲକ୍ଷ ଅନୁଦାନରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭିତ୍ତିପ୍ରସ୍ତର କରିଥିଲେ। ସେଠାରେ ମଧ ମନ୍ଦିର ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର କୁମାର ସାହୁ, ପତିତପାବନ ରାଉତ, ଭଗବାନ ସାହୁ, ବାପି ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମୋଟ ୨୩ଟି ପ୍ରକଳ୍ପ ପାଇଁ ୨ କୋଟି ଅନୁଦାନ ରହିଥିବା କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଜ୍ୟାତିରାଜ ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁ ଓ ବିଧାୟକଙ୍କ ଶତାଧିକ ସମର୍ଥକ ଉପସ୍ଥିତ ରହିଥିଲେ।

## କୃଷି ସଚିବଙ୍କୁ ଭେଟିଲେ ଗଞ୍ଜାମ ଚାଷୀ ପ୍ରତିନିଧି

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଛତ୍ରପୁର,୨୨ା୭(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାର ଚାଷୀ ଓ ଭାଗଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱରଠାରେ କୃଷିବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢୀଙ୍କୁ ଶୁକ୍ରବାର ଚାଷୀ ପ୍ରତିନିଧି ଦଳ ଭେଟି ଆଲୋଚନା କରିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଅନୁସଚିବ ଶୁଭ୍ରାଂଶୁ ମିଶ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଚାଷୀ ନେତା ସଚିନ୍ ମହାପାତ୍ର ପ୍ରମୁଖ ଥିଲେ। ବର୍ଷା ଅଭାବରୁ ଧାନଚାଷ ସମସ୍ୟା, ଧାନ ବିକ୍ରି ଲାଗି ପଞ୍ଜୀକରଣରେ ଥିବା ସମସ୍ୟା, ଋଷିକୁଲ୍ୟା ନଦୀକୁ ଚିରସ୍ରୋତା କରିବା, ସମସ୍ତ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ, କେନାଲରେ ପାଣି ଛାଡିବା, ଗୋଦାମ ଗୃହ ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା, ବାର୍ହା, ମାଙ୍କଡ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଠାରୁ ଫସଲକୁ ସୁରକ୍ଷା ଦେବା, ଜିଲାରେ କୃଷିଜାତ ଶିଳ୍ପ ପ୍ରତିଷ୍ଠା ଆଦି ଦାବି ଉଲ୍ଲେଖ କରାଯାଇଛି। ଭାଗ ଚାଷୀଙ୍କ ଧାନ କିଣିବା ଏବଂ ଜଣେ ଚାଷୀଙ୍କ ବିଭିନ୍ନ ପଞ୍ଚାୟତରେ ଜମି କିମ୍ବା ଚାଷ ଥିଲେ ଗୋଟିଏ ସୋସାଇଟିରେ ପଞ୍ଜୀକରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିବା ସୂଚନା ଦିଆଯାଇଛି।

# ଖଲ୍ଲିକୋଟ କୋର୍ଟର ପ୍ରତିଷ୍ଠା ଦିବସ ପାଳିତ

ଖଲ୍ଲିକୋଟ,୨୨ା୭(ପ୍ରଶାନ୍ତ କୁମାର ମିଶ୍ର)


ଅତିଥିଙ୍କ ଗହଣରେ ଆଇନଜୀବୀ।

ଖଲ୍ଲିକୋଟ କୋର୍ଟର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଖଲ୍ଲିକୋଟ କୋର୍ଟ ୨୨-୭-୧୯୮୮ରେ ପ୍ରତିଷ୍ଠା ହୋଇଥିଲା। ଖଲ୍ଲିକୋଟ ବାର ସଭାପତି ରାଜେନ୍ଦ୍ର ପ୍ରସାଦ ରଥଙ୍କ ପୌରହିତ୍ୟରେ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଜେ ଆଶୁତୋଷ ଦାଶ ମୁଖ୍ୟଅତିଥି, ସବ ଜଜ୍ ଜୟ ପ୍ରକାଶ ନାଏକ, ଜେଏମ୍ଏଫ୍ସି ପ୍ରଭାତୀ ରଣା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବାର ସମ୍ପାଦକ ଜୟ ରାମ ଦାଶ, ସେମିନାର ସେକ୍ରେଟାରୀ ସନ୍ତୋଷ କୁମାର ମିଶ୍ର ମଞ୍ଚାସୀନଥିଲେ। ସେହିପରି ବାର ସଭାପତି ରଥ, ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପଣ୍ଡା, ସୀମାଞ୍ଚଳ ବେହେରା ନିଜ ବକ୍ତବ୍ୟରେ ଖଲ୍ଲିକୋଟ ବାର ୩୫ତମ ପ୍ରତିଷ୍ଠା ଦିବସରେ ଖଲ୍ଲିକୋଟରେ କୋର୍ଟ ପ୍ରତିଷ୍ଠା କରିବାରେ ଯେଉଁମାନଙ୍କ ଅବଦାନ ସେମାନଙ୍କ ସ୍ମୃତି ଚାରଣ କରିବା ସହ ସେତେବେଳର ଖଲ୍ଲିକୋଟ ବିଧାୟିକା ତଥା ରାଣୀ ଭି.ସୁଞ୍ଜାନ କୁମାରୀ ଦେଓ ସହଯୋଗର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରର ସମସ୍ତ ଓକିଲଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।

## ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକ ।

ଭଞ୍ଜନଗର,୨୨ା୭(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଲାଳସିଂ କାହ୍ନୁ ରାଉତ ଉଚ୍ଚ ବିଦ୍ୟାଳୟରେ ଶନିବାର ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏଥିରେ ସୋମନାଥ ଅଭ୍ୟାସ ମୌଳିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଳୀ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ଏବିଇଓ ନେତାଜୀ ବିଷୋୟୀ, ଜ୍ୟୋସ୍ନା କୁମାରୀ ଦେବୀ, ସିଆରସିସି ବୃନ୍ଦାବନ ସେଠୀ ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରହିଲେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଛେଦାଭୁମି ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ପ୍ରଧାନ ଏବଂ ଲାଳସିଂ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବରିଷ୍ଠ ଶିକ୍ଷକ ସଞ୍ଜୟ କୋଠିଆ କର୍ମଶାଳାକୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ରାଜେଶ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପିଇଟି ଶିକ୍ଷକ ଛାତ୍ରମାନଙ୍କୁ ପିଟିବା ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବିରେ ସ୍କୁଲରେ ତାଲା ପକାଇଲେ ଅଭିଭାବକ

ପାରଳାଖେମୁଣ୍ଡି,୨୨ା୭ (ଗିରିଧାରୀ ପରିଚ୍ଛା)


ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଗୋଷାଣୀ ବ୍ଲକ ଲିଙ୍ଗିପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଖେଳ ତଥା ପିଇଟି ଶିକ୍ଷକ ନାଗାର୍ଜୁନ ସାହୁ ଛାତ୍ରମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଅଭିଭାବକମାନେ ଶନିବାର ବିକ୍ଷୋଭ କରିଛନ୍ତି।

ଲିଙ୍ଗିପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷକ ସାହୁ +୨ ପଢୁଥିବା ଛାତ୍ରମାନଙ୍କୁ ବିଭିନ୍ନ ସମୟରେ ମାରପିଟ କରୁଥିବା ଛାତ୍ରମାନେ ଅଭିଯୋଗ କରିଆସୁଥିଲେ। ଶୁକ୍ରବାର ସମ୍ପୃକ୍ତ ଶିକ୍ଷକ ୧୬ ଜଣ ଛାତ୍ରଙ୍କୁ ନିଘୁକ ପିଟିଥିଲେ। ଏଥିରେ ଜଣେ ଛାତ୍ର ଗୁରୁତର ହୋଇ ଚିକିତ୍ସିତ ହୋଇଥିଲେ । ବାରମ୍ବାର ଏପରି ପିଟିବା ଘଟଣାକୁ ନେଇ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିରୋଧ କରି ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ହେଲେ ସେତେବେଳକୁ ବିଦ୍ୟାର୍ଥୀମାନେ ସ୍କୁଲ ଭିତରକୁ ପଳାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ରଞ୍ଜନ କାର୍ଯ୍ୟୀ, କେତେକ ଶିକ୍ଷକ ଓ କର୍ମଚାରୀମାନେ ବାହାରେ ରହିଯାଇଥିଲେ। ଖବର ପାଇ ଗାରବନ୍ଧ ପୋଲିସ ପହଞ୍ଚିବା ପରେ ତାଲା ଖୋଲାଯାଇଥିଲା। ଏହା ପରେ ପରେ ଗୋଷାଣୀ ବିଡିଓ ନୀଳମାଧବ ମାଝୀ, ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼, ଏବିଇଓ ଶିବାଜୀ କହଁର, ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ ପହଞ୍ଚି ବିଦ୍ୟାଳୟ ପରିସରରେ ଦୀର୍ଘ ସମୟ ଧରି ଆଲୋଚନା ପରେ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ହେବନି ଏବଂ ଘଟଣା ପାଇଁ ଅନୁତପ୍ତ ଅଛି ବୋଲି ସମ୍ପୃକ୍ତ ଶିକ୍ଷକ କହିଥିଲେ। ଏଥିସହ ଶିକ୍ଷକଙ୍କୁ ବଦଳି ପାଇଁ ଅଧକ୍ଷ ସୁପାରିସ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୨ ପ୍ରକଳ୍ପ କାମ ନ କରି ଅର୍ଥ ହଡ଼ପ ଅଭିଯୋଗ

ପୋଲସରା,୨୨ା୭(ସୁବ୍ରତ ବେହେରା)


କାମ ହୋଇନଥିବା ରାସ୍ତା।

ପୋଲସରା ବ୍ଲକ ଗୋଛାବାଡି ପଞ୍ଚାୟତରେ ୨ଟି ପ୍ରକଳ୍ପ ବିନା କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଆତ୍ମସାତର ଅଭିଯୋଗ ଆସିଛି। କେନ୍ଦ୍ର ସରକାରଙ୍କ ଏମ୍ଜିଏନ୍ଆର୍ଇଜିଏସ୍ରେ ଲୋକଙ୍କୁ କାମ ଯୋଗାଇଦେବାକୁ କୋଟି କୋଟି ଟଙ୍କା ଅନୁଦାନ ଆସିଥିଲେ ମଧ ରାଜ୍ୟରେ ଏହାର ସୁଚାରୁରୂପେ ସମ୍ପାଦନା ହୋଇପାରୁନି। ଫଳରେ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ମନମୋହନ ଗୌଡ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଦଳେଇ ଏବଂ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଜେନା ସମସ୍ତ ପ୍ରଶାସନ ଅଧିକାରୀଙ୍କ ମିଳିତରେ ସରକାରୀ ଅର୍ଥ ଚଳୁ ହୋଇଛି। ଗୋଛାବାଡି ଗ୍ରାମର ମୁଖଯାଇ ଠାରୁ ନଦିଘାଟକୁ ଡ୍ରେନ୍ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୧/୨୨ରେ ଅଟକଳ ପରିମାଣ ୫ଲକ୍ଷ ଟଙ୍କା ଆସିଥିବା ବେଳେ କିଛି କାମ ନ କରି ୩୯୪୧୪୬ ଟଙ୍କାକୁ ହଡ଼ପ କରିଛନ୍ତି। ଏହା ସହ ରାସ୍ତା ପାର୍ଶ୍ୱରେ ଥିବା କାର୍ଯ୍ୟର ନାମ ଫଳକକିକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ବର୍ଷାଦିନେ ପାଣି ଜମୁଛି। ଉକ୍ତ ପଞ୍ଚାୟତର ବର୍ତ୍ତମାନ ସରପଞ୍ଚଙ୍କ ସ୍ୱାମୀ ମନମୋହନ ଗୌଡଙ୍କୁ କାମ ବିଷୟରେ ପଚାରିବାରୁ ଏହି ଟଙ୍କାକୁ ହନୁମାନ ମୂର୍ତ୍ତି ନିର୍ମାଣରେ କିଛି ଖର୍ଚ୍ଚ କରାଯାଇଛି ବୋଲି କହିଛନ୍ତି। କିନ୍ତୁ କେନ୍ଦ୍ରୀୟ ପଞ୍ଚଦଶ ଆୟୋଗଙ୍କ ହନୁମାନ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ନାମରେ ୧/୧୦/୨୦୧୯ରେ ୯୪୫୨୮ ଟଙ୍କା ଏବଂ ତା ୭/୧୧/୨୦୧୯ ରିଖରେ ୧୯୩୬୯୮ ଟଙ୍କା ମଞ୍ଜୁର ହୋଇଛି। ଯାହା ଫଳରେ ଅନଲାଇନ୍ ମାଧ୍ୟମରେ ଜଣାପଡ଼ିଛି। ସେହିପରି ଭାଲିଆମାଳ ଗ୍ରାମର ସ୍କୁଲ ଠାରୁ ଭାଲିଆ ମାଳ ନାଳକୁ ଡ୍ରେନ୍ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୧/୨୨ ରେ ଅଟକଳ ପରିମାଣ ୭ଲକ୍ଷ ଟଙ୍କା ଆସି

**ଫଳକରେ ନାମ, କାଗଜ କଲମରେ କାମ**

ଥିବା ବେଳେ କିଛି କାମ ନକରି ୨୮୭୬୪୬ ଟଙ୍କାକୁ ସମସ୍ତେ ମିଳିମିଶି ହଡ଼ପ କରିଛନ୍ତି। ଯାହା ଫଳରେ ଗ୍ରାମବାସୀ ବୃନ୍ଦ ଏବଂ ରାଜନୈତିକ ମହଲରେ ଏହାକୁ ଘୋର ନିନ୍ଦା କରାଯାଇଛି। ଉକ୍ତ ବିଷୟକୁ ନେଇ ଅଫିସକୁ ଗଲେ ଫାଇଲ ଦେଖିକି କହିବି ବୋଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଦଳାଇ କହିଥିବା ବେଳେ ଶ୍ରମିକ ମାନଙ୍କ ଖାତାକୁ ଟଙ୍କା ଯାଇଛି । ଆମେ ମେଣ୍ଟାଲ ବିଲ କରି ନାହୁ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଜେନା କହଛନ୍ତି। ତେବେ ଉକ୍ତ ଦୁଇ ପ୍ରକଳ୍ପକୁ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରିବାକୁ ଅଞ୍ଚଳରେ ଦାବି ହୋଇଛି।

# ଶିକ୍ଷକ ଅଭାବ: ପ୍ରାଥମିକ ଶିକ୍ଷା ରସାତଳଗାମୀ

## ୬୦୯, ୯୧୬ ସ୍କିମ୍ ବେସରକାରୀ ଅନୁଦାନପ୍ରାପ୍ତ ୟୁପି ସ୍କୁଲ

■ ୧୪୦ ସ୍କୁଲରେ ୩୯ ପ୍ରଧାନ ଶିକ୍ଷକ, ୩୪ ସହକାରୀ ଶିକ୍ଷକ ପଦବୀ ଖାଲି

ଯାଜପୁର,୨୨।୭(ହର୍ଷବର୍ଦ୍ଧନ ବେହେରା)

ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ଯାଜପୁର ଜିଲାରେ ଶିକ୍ଷକଙ୍କ ଅଭାବ ସମସ୍ୟାର ସମାଧାନ ହୋଇପାରୁନାହିଁ। ଜିଲାର ସମୁଦାୟ ୧୪୦ଟି ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ(ୟୁପି) ୬୦୯ ସ୍କିମ ଏବଂ ୯୧୬ ସ୍କିମ ବିଦ୍ୟାଳୟରେ ୧।୬।୨୦୨୩ ସୁଦ୍ଧା ୩୯ ଜଣ ପ୍ରଧାନ ଶିକ୍ଷକ(ଏଚ୍ଏମ୍) ଏବଂ ୩୪ ଜଣ ସହକାରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହା ଜିଲାର ଉଚ୍ଚ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ରସାତଳଗାମୀ କରିଛି ବୋଲି ମତପ୍ରକାଶ ପାଇଛି।

ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଲାଗି ରହିଛି। ପାଠ୍ୟପୁସ୍ତକ ପ୍ରଦାନରେ ବିଳମ୍ବ, ବିଭିନ୍ନ ଦାବି ନେଇ ଶିକ୍ଷକଙ୍କ ଆନ୍ଦୋଳନ, ଜନଗଣନା, ଭୋଟର ତାଲିକା ଆଦି କାର୍ଯ୍ୟରେ ଶିକ୍ଷକଙ୍କୁ ନିୟୋଜନ ଆଦି ଯୋଗୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶିକ୍ଷା ଅଧିକାର ଆଇନରେ ସମସ୍ତଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ ରହିଛି। ସରକାରୀସ୍ତରରେ ନୀତି ନିର୍ଦ୍ଧାରଣରେ ତ୍ରୁଟି ଯୋଗୁ ସେସବୁ ଆଇନ ଦିଗହରା ହୋଇ ପଡ଼ିଛି। କେଉଁଠି ୭ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ତ, କେଉଁଠି ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହିସବୁ ସ୍କୁଲର ଶିକ୍ଷକ ଯଦି କେବେ ଛୁଟିରେ ରୁହନ୍ତି ତେବେ ସେହି ସ୍କୁଲରେ ସେଦିନ ତାଲା ପଡୁଛି। ଜିଲାରେ ଶତାଧିକ ସ୍କୁଲର ନିଜସ୍ୱ ସୁଦୃଢ଼ ଘର ସମେତ ଆବଶ୍ୟକ ଶ୍ରେଣୀ ଗୃହର ଅଭାବ ରହିଛି।

ସର୍ବଶିକ୍ଷା ଅଭିଯାନରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ୫୫ଟି ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(୬୦୯ ସ୍କିମ) ରହିଛି। ଏଥିରେ ୫୫ ପ୍ରଧାନ ଶିକ୍ଷକ ଓ ୫୫ ସହକାରୀ ଶିକ୍ଷକ ନିଯୁକ୍ତ ହେବା କଥା। କିନ୍ତୁ ସେଥିରୁ ୨୧ ଜଣ ପ୍ରଧାନଶିକ୍ଷକ ଏବଂ ୨୨ ସହକାରୀ ଶିକ୍ଷକ ପଦବୀ ଖାଲି ପଡିଛି। ସେଥିରୁ ଧର୍ମଶାଳା ବ୍ଲକରେ ସର୍ବାଧିକ ୧୫ ଶିକ୍ଷକ ପଦବୀ ପୂରଣ ହୋଇପାରିନାହିଁ। ସେହିପରି ଜିଲାରେ ୮୫ଟି ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (୯୧୬ ସ୍କିମ) ରହିଛି। ଏଥିରେ ୮୫ ଜଣ ଲେଖାଏ ମୋଟ ୧୭୦ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିଯୁକ୍ତି ମିଳିବା କଥା। କିନ୍ତୁ ଏଥିରେ ୧୮ ପ୍ରଧାନ ଶିକ୍ଷକ ଓ ୧୨ ସହକାରୀ ଶିକ୍ଷକ ପଦବୀ ଖାଲି ପଡିଛି। ଏଥିରେ ବିଞ୍ଝାରପୁର ବ୍ଲକର ସମସ୍ତ ୭ଟି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାହାନ୍ତି। ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ କରିବାକୁ ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କିଛି ସୁଫଳ ମିଳୁ ନ ଥିବା ସୂଚନା ମିଳିଛି। ଏପରିଭାବେ ଉପରୋକ୍ତ ବର୍ଗର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ପୂରଣ କରା ନ ଯାଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ କରାଯାଉଛି ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଶିକ୍ଷକ ବଦଳିରେ ମନମୁଖି କାର୍ଯ୍ୟ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି। ଏଠାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳିକୁ ନେଇ ଏକ ପ୍ରକାର ବ୍ୟବସାୟ ଚାଲିଛି ବୋଲି ଚର୍ଚ୍ଚା ହେଉଛି। ସରକାରଙ୍କ ପ୍ରଦତ୍ତ ଗାଇଡ୍‌ଲାଇନ୍‌କୁ ନ ମାନି କେତେଜଣ ନେତାଙ୍କ ନିର୍ଦ୍ଦେଶରେ ବଦଳି କରାଯାଉଥିବା ଅଭିଯୋଗ ହେଉଛି। ନିର୍ବାଚିତ ଲୋକପ୍ରତିନିଧି ବଦଳି କମିଟିରେ ସଭ୍ୟ ଥିବାରୁ ସେମାନଙ୍କ ପତିଆରାରେ ବଦଳି ପାଲା ଚାଲିଛି ବୋଲି ଅଭିଯୋଗ ହେଉଛି। ଏହି କାରଣରୁ ଅଧିକାଂଶ ସ୍କୁଲରେ ଶିକ୍ଷକ ଅଭାବ ପରିଲକ୍ଷିତ ହେଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ୬୦୯ ବର୍ଗ ୟୁପି ସ୍କୁଲଗୁଡ଼ିକରେ ଶିକ୍ଷକମାନଙ୍କୁ ପଦୋନ୍ନତି ଦେଇ ପ୍ରଧାନଶିକ୍ଷକ ପଦବୀ ପୂରଣ କରାଯାଇଛି। ୯୧୬ ସ୍କିମ ବିଦ୍ୟାଳୟ ସମ୍ପର୍କରେ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

# ଶ୍ରୀଲଙ୍କାରେ କ୍ରିକ୍ କିଙ୍ଗ୍‌ଡମ ସିରିଜ ବିଜୟୀ

## ୧୭ ବର୍ଷରୁ କମ୍ କ୍ରିକେଟ ଓଡ଼ିଶାର ଅୟେସ ବେଷ୍ଟ ବ୍ୟାଟ୍ସମ୍ୟାନ

ଯାଜପୁର,୨୨।୭ (ହର୍ଷବର୍ଦ୍ଧନ ବେହେରା)



୧୭ ବର୍ଷରୁ କମ୍ ଭାରତୀୟ ଦଳରେ ସାମିଲ ଅୟେସ ପତି ପୁରସ୍କାର ଗ୍ରହଣ କରୁଛନ୍ତି।

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପରିଚାଳିତ ପୁଣେସ୍ଥିତ କ୍ରିକ୍ କିଙ୍ଗ୍‌ଡମର ୧୭ ବର୍ଷରୁ କମ୍ ଭାରତୀୟ ଦଳ ଶ୍ରୀଲଙ୍କାରେ ସିରିଜ ବିଜୟୀ ହୋଇଛି। ସେଠାରେ ଗତ ୧୭ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ତିନୋଟି ଏକଦିବସୀୟ ଏବଂ ଚାରୋଟି ଟି୨୦ ମ୍ୟାଚ ଖେଳାଯାଇଥିଲା। ଏଥିରେ ଓଡ଼ିଶାର ଉଦୀୟମାନ କ୍ରିକେଟ ଖେଳାଳି ତଥା ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅଞ୍ଚଳର ଅୟେସ ପତିଙ୍କ ଚମତ୍କାର ପ୍ରଦର୍ଶନରେ ଭାରତୀୟ ଦଳ ସଫଳତା ପାଇଛି। ଅୟେସ ଶନିବାର ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବ୍ୟକ୍ତିଗତ ଭାବେ ୪୦ରନ କର ଦଳର ସ୍କୋରକୁ ୧୭୬ ରନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ଅପରପକ୍ଷରେ ଶ୍ରୀଲଙ୍କା ଦଳ ସମାନ ୧୭୬ରନ ସ୍କୋର କରିବାରୁ ଭାରତୀୟ ଦଳ ସୁପର ଓଭର ପଦ୍ଧତିରେ ମ୍ୟାଚ ଜିତିବା ସହ ସିରିଜ ବିଜୟ ହାସଲ କରିଛି। ଶ୍ରୀଲଙ୍କା ଦଳ ପକ୍ଷରୁ ସସିର ଲୋଭାନ ୨୩ ରନ କରିଥିବା ବେଳେ ଭାରତୀୟ ଦଳ ପକ୍ଷରୁ ଅୟେସ ପତି ୪୦ ରନ ଏବଂ ଆରୁନ ଭାର୍ଗସେ ୨୯ ରନ କରିଥିଲେ। ଭାରତୀୟ ବୋଲର ଯୁବରାଜ ଚାନ୍ଦଭେ ଏବଂ ଏସ ଆଶୀର୍ବାଦ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଏସ୍. ଆଶୀର୍ବାଦଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିବା ବେଳେ ଅୟେସଙ୍କୁ ପୁରା ସିରିଜରେ ଭଲ ବ୍ୟାଟିଂ କରିଥିବାରୁ ବେଷ୍ଟ ବ୍ୟାଟ୍ସମ୍ୟାନ ଟ୍ରଫି ହାସଲ କରିଛନ୍ତି। ପୂର୍ବରୁ ଅୟେସ ବ୍ୟକ୍ତିଗତ ପ୍ରଦର୍ଶନ ସହ ଟିମକୁ ଜିତାଇ ଦୁଇ ଥର ପ୍ଲେୟର ଅଫ୍ ଦି ମ୍ୟାଚ ଟ୍ରଫି ପାଇଥିଲେ। ଅୟେସଙ୍କର ଏହି ସଫଳତା ପାଇଁ ଯାଜପୁର ରୋଡ ନାଗରିକ କମିଟି, ଉତ୍କଳ ଚାମ୍ବର ଅଫ୍ କମର୍ସ, ଯାଜପୁର ଜିଲା ଟାକ୍ସ ବାର୍ ଆସୋସିଏସନ ସଭାପତି ବିବେକ ମହାନ୍ତି, ମୋ' କଲେଜର ଅଧ୍ୟକ୍ଷ ଆକାଶ ଦାସନାୟକ, କୋରେଇ ବିଧାୟକ ଅଶୋକ ବଳ, ପୋରାଧକ୍ଷା ସଂଗୀତା ପିଙ୍ଗୁଆ, ଅଶୋକ ଦାସ ଫାଉଣ୍ଡେଶନର ଅଧ୍ୟକ୍ଷ ଭବପ୍ରସାଦ ଦାସ, ବ୍ୟାସନଗର ପ୍ରେସ୍ ଫୋରମ ଏବଂ ଖେଳପ୍ରେମୀ ଆନନ୍ଦ ପ୍ରକାଶ କରିଛନ୍ତି।

# ୮ କଲେଜରେ ୫୦୬ ସିଟ୍ ବଳକା

## ସରିଲା ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଧର୍ମଶାଳା,୨୨।୭(ବଟକୃଷ୍ଣ ପରିଡ଼ା):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ଧର୍ମଶାଳା ବ୍ଲକରେ ୮ ଜୁନିୟର କଲେଜ ଥିବାବେଳେ ଦ୍ୱିତୀୟ ଦଫାରେ ୧୩୫ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କଳାରେ ୧୨୮ ନାମ ଲେଖାଇଛନ୍ତି। ବ୍ଲକର ୮ ଜୁନିୟର କଲେଜରେ କଳାରେ ୧୬୦୦, ବିଜ୍ଞାନରେ ୭୬୮ ଓ ବାଣିଜ୍ୟରେ ୪୮ଟି ମୋଟ୍ ୨୪୧୬ ସିଟ୍ ରହିଛି। ସେଥିମଧ୍ୟରୁ ଶେଷ ଦିନ ସୁଦ୍ଧା କଳାରେ ୧୨୯୦, ବିଜ୍ଞାନରେ ୬୦୪ ଓ ବାଣିଜ୍ୟରେ ୧୬ଜଣ ନାମ ଲେଖାଇଛନ୍ତି। ଦ୍ୱିତୀୟ ପାର୍ଯ୍ୟାୟରେ ୯୧ଜଣ ଅନ୍ୟ କଲେଜକୁ ଟ୍ରାନ୍ସଫର କରିନେଇଥିବାବେଳେ ନୂତନ ଭାବେ ୧୨୮ ଜଣ ନାମ ଲେଖାଇଛନ୍ତି। ସମସ୍ତ ୮ ଜୁନିୟର କଲେଜରେ କଳାରେ ୩୧୦, ବିଜ୍ଞାନରେ ୧୬୪ ଓ ବାଣିଜ୍ୟରେ ୩୨ ମୋଟ୍ ୫୦୬ ସିଟ୍ ବଳକା ରହିଛି।

ଧର୍ମଶାଳା ଜୁନିୟର କଲେଜରେ ଯୁକ୍ତ ୨ କଳାରେ ୨୫୬ ସିଟ୍ ଥିବାବେଳେ ଅଦ୍ୟାବଧି ୨୫୩ ଜଣ ନାମଲେଖାଇଥିବାରୁ ୩ ସିଟ୍ ବଳକା ରହିଛି। ବିଜ୍ଞାନରେ ୧୯୨ ସିଟ୍‌ଥିବାବେଳେ ୧୩୩ ନାମଲେଖାଇଥିବାରୁ ୫୯ ସିଟ୍ ବଳକା ରହିଛି। ବାଣିଜ୍ୟରେ ୪୮ ସିଟ୍ ଥିବାବେଳେ ଅଦ୍ୟାବଧି ୧୬ ଜଣ ନାମ ଲେଖାଇଥିବାରୁ ୩୨ ସିଟ୍ ବଳକା ରହିଛି। ଧର୍ମଶାଳା ମହିଳା ଜୁନିୟର କଲେଜରେ କଳାରେ ୧୨୮ ସିଟ୍‌ଥିବାବେଳେ ୯୮ ଜଣ ନାମ ଲେଖାଇଥିବାରୁ ୩୦ ସିଟ୍ ବଳକା ରହିଛି। ଏହି ବ୍ଲକ କୋତପୁରସ୍ଥିତ ବଜ୍ରଗିରି ଜୁନିୟର କଲେଜରେ କଳାରେ ୩୨୦ ସିଟ୍ ଥିବାବେଳେ ୨୮୬ ନାମ ଲେଖାଇଥିବାରୁ ୩୪ ସିଟ୍ ବଳକା ରହିଛି। ଏହି କଲେଜରେ ବିଜ୍ଞାନରେ ୯୬ ସିଟ୍ ଥିବାବେଳେ ୯୧ଜଣ ନାମ ଲେଖାଇଥିବାରୁ ୫ ସିଟ୍ ବଳକା ରହିଛି। ଜେନାପୁର ଜୁନିୟର କଲେଜରେ କଳାରେ ୨୫୬ ସିଟ୍ ଥିବାବେଳେ ୨୪୦ ଜଣ ନାମ ଲେଖାଇଥିବରୁ ୧୬ ସିଟ୍ ବଳକା ରହିଛି। ରେନେସା ଜୁନିୟର କଲେଜରେ କଳାରେ ୧୨୮ ସିଟ୍ ଥିବାବେଳେ ୨୬ଜଣ ନାମ ଲେଖାଇଥିବାରୁ ୧୦୨ ସିଟ୍ ବଳକା ରହିଛି ଓ ବିଜ୍ଞାନରେ ୧୬୦ ସିଟ୍ ଥିବାବେଳେ ଅଦ୍ୟାବଧି ୧୫୨ଜଣ ନାମ ଲେଖାଇଥିବାରୁ ୮ ସିଟ୍ ବଳକା ରହିଛି। ମୁକୁନ୍ଦପାତ୍ର ଜୁନିୟର କଲେଜରେ କଳାରେ ୨୫୬ ସିଟ୍ ଥିବାବେଳେ ଅଦ୍ୟାବଧି ୨୦୬ ନାମ ଲେଖାଇଥିବାରୁ ୫୦ ସିଟ୍ ବଳକା ରହିଛି। ସେହିପରି ବିଜ୍ଞାନରେ ୧୯୨ ସିଟ୍ ଥିବାବେଳେ ୧୦୭ ନାମ ଲେଖାଇଥିବାରୁ ୮୫ ସିଟ ବଳକା ରହିଛି। ଜଗନ୍ନାଥଜୀଉ ଜୁନିୟର କଲେଜରେ କଳାରେ ୨୫୬ ସିଟ୍ ଥିବାବେଳେ ୧୮୧ଜଣ ନାମ ଲେଖାଇଥିବାରୁ ୭୫ ସିଟ୍ ବଳକା ରହିଛି। ବିଜ୍ଞାନରେ ୬୪ ସିଟ୍‌ଥିବାବେଳେ ଅଦ୍ୟାବଧି ସମସ୍ତ ସିଟ୍ ପୂରଣ ହୋଇଥିବା ସୂଚନା ମିଳିଛି। ଗୋକର୍ଣ୍ଣିକା ଜୁନିୟର କଲେଜରେ ବିଜ୍ଞାନରେ ୬୪ ସିଟ୍ ଥିବାବେଳେ ୫୭ ଜଣ ନାମ ଲେଖାଇଛନ୍ତି। ୭ ସିଟ୍ ବଳକା ରହିଛି। କମ୍ ମାର୍କ ରଖି ନାମ ଲେଖାଇ ପାରି ନ ଥିବା ଛାତ୍ରୀଛାତ୍ର ବଳକା ସିଟ୍‌ରେ ସ୍ପଟ ଆଡ୍‌ମିଶନ ପୂର୍ବରୁ ଅବେଦନ କଲେ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମିତ୍



@ ଜଗନ୍ନାଥ



@ ରାମପ୍ରସାଦ



@ ସୌମ୍ୟରଞ୍ଜନ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହୀରାଙ୍କ ସହ ମହୁମାଛିଙ୍କ ବନ୍ଧୁତା

ଆଳି,୨୨।୭(ବନମାଳୀ ସେନାପତି)



ଗଣେଶ ଚନ୍ଦ୍ର ରାୟଙ୍କ ହାତରେ ମହୁମାଛି ବସିଛନ୍ତି।

ମହୁମାଛିଙ୍କ ଆକ୍ରମଣ ଖୁବ୍ କଷ୍ଟଦାୟକ। କେହି କେହି ମହୁମାଛିଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ନଜିର ରହିଛି। ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍‌ର ଜଣେ ପାନ ଦୋକାନୀଙ୍କ ସହିତ ମହୁମାଛିମାନେ ବନ୍ଧୁତା ସ୍ଥାପନ କରିବା ଆନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ମହୁମାଛିମାନେ ସେହି ପାନ ଦୋକାନୀଙ୍କ ପାଖକୁ ଆସି ପ୍ରତିଦିନ ଖାଦ୍ୟ ଗ୍ରହଣ କରିଥାଆନ୍ତି। ଖାଇ ସାରିବା ପରେ ତାଙ୍କ ଦେହ,ହାତରେ ବସି କିଛି ସମୟ କଟାଇ ପୁଣି ଉଡ଼ିଯାଆନ୍ତି। ଦୈନିକ ଏମିତି ଚାଲେ। ମହୁମାଛିଙ୍କ ଏପରି ବନ୍ଧୁତ୍ୱ ଦେଖିବାକୁ ଏବେ ସେହି ଦୋକାନଙ୍କ ଲୋକଙ୍କ ଭିଡ଼ ଜମୁଛି।

ସୂଚନା ଅନୁଯାୟୀ, ଆଳି ମେଡିକାଲ ରୋଡ଼ରେ ଆଳି ବ୍ଲକ ଦେମାଳ ପଞ୍ଚାୟତ ଲୋକାପଡ଼ା ଗ୍ରାମର ଗଣେଶ ଚନ୍ଦ୍ର ରାୟ (ହୀରା )ଙ୍କ ଏକ ପାଦଦୋକାନ ରହିଛି। ଦୀର୍ଘଦିନ ଧରି ଯାତ୍ରାପାର୍ଟି ଓ ନୃତ୍ୟଦଳରେ ଅଭିନୟ କରିଥିବା ହୀରା ଏବେ ଏକ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ଗତ ଦେଢ଼ ମାସ ହେବ ତାଙ୍କ ଦୋକାନରେ ଶତାଧିକ ସଂଖ୍ୟାର ମହୁମାଛିଙ୍କୁ ଦେଖିବାକୁ ମିଳୁଛି। ଏ ନେଇ ହୀରା କୁହନ୍ତି, ଚଳିତ ବର୍ଷ ରଜ ସମୟରେ ତାଙ୍କ ଦୋକାନକୁ ସେ ଦିଲୀରୁ ଏକ ସ୍ପେଶାଲ ମିଠା ମସଲା ମଗାଇଥିଲେ। ରଜ ପାନରେ ସେହି ମସଲା ପକାଇ ପାନ ଭାଙ୍ଗୁ ଥିବା ସମୟରେ ହଠାତ ମେଞ୍ଚାଏ ମହୁମାଛି ତାଙ୍କ ଦୋକାନ ଭିତରକୁ ପଶି ଆସିଥିଲେ। ମହୁମାଛିଙ୍କୁ ଦେଖି ସେ ନିଜେ ଓ ଉପସ୍ଥିତ ଗ୍ରାହକମାନେ ଡରି ଯାଇଥିଲେ। ମହୁମାଛିମାନେ ହୀରାଙ୍କୁ ପାନ ଭାଙ୍ଗିବାରେ ଅସୁବିଧା ସୃଷ୍ଟି କରି ଏଣେତେଣେ ଉଡ଼ିବାକୁ ଲାଗିଲେ। ଯେତେ ଘଉଡ଼ାଇଲେ ବି ମହୁମାଛିମାନେ ଗଲେ ନାହିଁ। ଏହାଦେଖି ହୀରା ଏକ ପାତ୍ରରେ କିଛି ଚେରି ଫଳ ସହିତ ସେହି ମିଠା ମସଲା ଗୋଳାଇ ରଖିଥିଲେ। ମହୁମାଛିମାନେ ସେହି ପାତ୍ରରେ ଏକାଠି ହୋଇ ଚେରିରେ ଗୋଳାଯାଇଥିବା ମିଠା ମସଲା ଖାଇ ପଳାଇ ଯାଇଥିଲେ। ଏହାର କିଛି ସମୟ ପରେ ପୁନର୍ବାର ମହୁମାଛିମାନେ ଦୋକାନକୁ ଆସିଥିଲେ। ହୀରା ତାଙ୍କୁ ପୁଣିଥରେ ସେହି ମିଠା ମସଲା ଖାଇବାକୁ ଦେଇଥିଲେ। ସେଦିନରୁ ଆଜି ପର୍ଯ୍ୟନ୍ତ ହୀରା ଦୈନିକ ସକାଳ ଦୋକାନ ଖୋଲି ଧୂପ ଦେବା ପରେ ମହୁମାଛିମାନେ ଆସି ଯାଆନ୍ତି। ହୀରାବି ସେମାନଙ୍କ ପାଇଁ ଏକ ପାତ୍ରରେ କିଛି ଚେରି ଫଳ ସହିତ ସେହି ମିଠା ମସଲା ଗୋଳାଇ ଖାଇବାକୁ ଦେଇ ନିଜ ବ୍ୟବସାୟ ଆରମ୍ଭ କରିଥାଆନ୍ତି। ଏମିତି ସବୁଦିନ ଚାଲେ। ହେଲେ ମହୁମାଛିମାନେ ହୀରା କିମ୍ବା ଅନ୍ୟ ଗ୍ରାହକମାନଙ୍କ କୌଣସି କ୍ଷତି କରୁନାହାନ୍ତି। ଏ ନେଇ ହୀରା କୁହନ୍ତି, ପଶୁପକ୍ଷୀମାନଙ୍କୁ ଭଲ ପାଇଲେ ସେମାନେ ମଧ୍ୟ ତୁମକୁ ଭଲ ପାଇବେ। ଆଜିକା ଦିନରେ ମଣିଷ ଅନ୍ୟ ମଣିଷକୁ ଘୃଣା କରୁଛନ୍ତି। ହେଲେ ସାମାନ୍ୟ ଭଲପାଇବା ପାଇବା ପରେ ମହୁମାଛିମାନେ ମୋ ସହିତ ବନ୍ଧୁତା ସ୍ଥାପନ କରିଛନ୍ତି।

# ୮୪୪୨ ଗ୍ରାମୀଣ ରାସ୍ତା ଅସମ୍ପୂର୍ଣ୍ଣ

■ ବର୍ଷା ଆରମ୍ଭରୁ ବହୁ ରାସ୍ତା ବେହାଲ
■ ରାସ୍ତା ପାଇଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
■ ଧୋୟା ଅଞ୍ଚଳକୁ ଗମନାଗମନରେ ଅସୁବିଧା

କେନ୍ଦ୍ରାପଡ଼ା, ୨୨।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମୌସମୀ ବର୍ଷା ଲାଗି ରହିଛି। ଏହି ବର୍ଷା ଚାଷୀଙ୍କ ମନରେ ଆନନ୍ଦ ଦେଇଥିବା ବେଳେ ବହୁ ରାସ୍ତା ବେହାଲ ହୋଇଛି। ଧୋୟା ଅଞ୍ଚଳରେ ଗମନାଗମନ ଅସୁବିଧାକୁ ନେଇ ସ୍ଥାନୀୟ ଅଧିବାସୀ ସମସ୍ୟାରେ ଅଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ପରି ମୌଳିକ ଆବଶ୍ୟକତା ବିପର୍ଯ୍ୟସ୍ତ ହୋଇଛି। ଚଳିତ ଆର୍ଥିକ ବର୍ଷରେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହେବାକୁ ଥିବା ମଞ୍ଜୁରୀ ପ୍ରାପ୍ତ ୮୪୪୨ ଗ୍ରାମୀଣ ରାସ୍ତା ନିର୍ମାଣ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଅପରପକ୍ଷେ ୧୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମୀଣ ରାସ୍ତା ମଞ୍ଜୁରୀ ଅପେକ୍ଷାରେ ଅଛି।

ଜିଲା ପରିଷଦ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ଜିଲାର ଆଳି ବ୍ଲକ ଅଞ୍ଚଳରେ ମୋଟ ୨୧୮ଟି ରାସ୍ତା ନିର୍ମାଣାଧୀନ ଅଛି। ସେହିପରି ୨୩୧ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ଡେରାବିଶ ବ୍ଲକର ମଞ୍ଜୁରୀ ପ୍ରାପ୍ତ ୬୮୪ ରାସ୍ତା ପ୍ରକଳ୍ପରୁ ୫୩୯ଟି ରାସ୍ତା ନିର୍ମାଣଧୀନ ଅଛି। ଗରଦପୁର ବ୍ଲକର ୮୧୭ରୁ ୫୮୪ଟି ପ୍ରକଳ୍ପ, କେନ୍ଦ୍ରାପଡ଼ାର ୮୫୩ରୁ ୪୭୬ଟି ପ୍ରକଳ୍ପ, ମହାକାଳପଡ଼ାର ୫୭୫ରୁ ୪୫୪ଟି ପ୍ରକଳ୍ପ, ମାର୍ଶାଘାଇର ୯୧୧ରୁ ୬୩୧ଟି ପ୍ରକଳ୍ପ, ପଟ୍ଟାମୁଣ୍ଡାଇର ୧୯୯୪ରୁ ୧୦୭୪ଟି ପ୍ରକଳ୍ପ, ରାଜକନିକାର ୧୪୭୮ରୁ ୧୧୬୨ଟି ପ୍ରକଳ୍ପ ଓ ରାଜନଗର ବ୍ଲକ ଅଞ୍ଚଳର ୭୮୧ରୁ ୪୩୪ଟି ଗ୍ରାମୀଣ ରାସ୍ତା ପ୍ରକଳ୍ପ ନିର୍ମାଣାଧୀନ ଅଛି। ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ମାତ୍ର ୩୮ଟି ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଛି। ଏସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଶିଷ କୁମାର ସେନାପତି, ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ରାଜ୍ୟ ଉପସଭାପତି ସମ୍ପଦ କୁମାର ସ୍ୱାଇଁ, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ଗମନାଗମନ ପଥର ଗୁରୁତ୍ୱ ଅଧିକ। ତେବେ ଜିଲା ପ୍ରଶାସନ ଏସମ୍ପର୍କରେ ଅଣଦେଖା କରି ଚାଲିଛନ୍ତି। ମୌସୁମୀ ବର୍ଷା ଆରମ୍ଭରୁ ସିଂହଗାଁ, ଏକମାଣିଆ, ବତୀଘର, ପଦନୀପାଳ ଆଦି ପଞ୍ଚାୟତକୁ ସଂଯୋଗୀ ରାସ୍ତା ବର୍ଷା ଓ ସମୁଦ୍ର ଜୁଆର ପାଣିରେ ବେହାଲ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହିତ ଅନ୍ୟ ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଧୋୟା ଅଞ୍ଚଳରେ ରାସ୍ତା ଉପରେ ପାଣି ଜମି ରହିବା ଫଳରେ ଯାତାୟତ ବ୍ୟବସ୍ଥା ବନ୍ଦ ହୋଇଛି। ଏବେ ବର୍ଷାଋତୁ ଆସି ଯାଇଥିବାରୁ ରାସ୍ତା ସମସ୍ୟା ଉତ୍କଟ ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲିପ କୁମାର ପରିଡ଼ା କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଏହି ଜିଲାରେ ଗୁରୁତ୍ୱ ଦିଆଯାଇଛି। ଜବ୍‌କାର୍ଡଧାରୀଙ୍କ ଡିମାଣ୍ଡ ମୁତାବକ କାମ ଦଆଯାଉଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପଗୁଡିକ କାମ ଶେଷ କରାଯିବା ପାଇଁ ଜିଲାର ୯ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



କେନ୍ଦ୍ରାପଡ଼ା ଜିଲାର ଏକ ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା

- ବିଡିଓଙ୍କ ବିରୋଧରେ ହେବ ଅଦାଲତ ଅବମାନନା ମାମଲା
- ଆବାସରେ ଘର ନ ମିଳିବାରୁ ହିତାଧିକାରୀ ଯାଇଥିଲେ ହାଇକୋର୍ଟ

ନୟାଗଡ଼,୨୨।୭ (ଲୋକନାଥ ମିଶ୍ର)

ମାନସିକ ଅନଗ୍ରସର ହେଲେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନି । ଏଣୁ ଭିନ୍ନକ୍ଷମଙ୍କ ପରିବାର ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ହାଇକୋର୍ଟ ରଣପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ରଣପୁର ବିଡିଓ କିଛି ପଦକ୍ଷେପ ନ ନେବାରୁ ହିତାଧିକାରୀ ବିଡିଓଙ୍କ ନାଁରେ ଅଦାଲତ ଅବମାନନା ମୋକଦ୍ଦମା କରିବା ପାଇଁ ହାଇକୋର୍ଟରେ ସାନି ଆବେଦନ କରିବେ ବୋଲି କହିଛନ୍ତି ।

ରଣପୁର ବ୍ଲକ ବଜ୍ରକୋଟ ଗାଁର ଭୁବନେଶ୍ୱର ଶାର୍ଦ୍ଦୁଳ ସିଂହ ଜଣେ ମାନସିକ ଅନଗ୍ରସର । ନିଜ କଥା ବୁଝିବା ପାଇଁ ସେ ଅନୁପଯୁକ୍ତ । ଏଭଳିସ୍ଥଳେ ୨ ପୁଅ ଝିଅ ଓ ସ୍ତ୍ରୀ ଅଭିଶପ୍ତ ଜୀବନଯାପନ କରନ୍ତି। ରାଶନ କାର୍ଡ ମିଳିଛି । ତେବେ ଚାଳ ଛପର କରିବାକୁ ପଇସା ନାହିଁ । ବର୍ଷା ଯୋଗୁ ଘରର ମାଟି କାନ୍ଥ ନଷ୍ଟ ହୋଇ ଚାଲିଛି । ଘର ଭାଙ୍ଗି ଯିବାରୁ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ସ୍ତ୍ରୀ ସଂଯୁକ୍ତା ପାଲଖଣ୍ଡେ ପକାଇ କଷ୍ଟେମଷ୍ଟେ ଚଳୁଛନ୍ତି । ତେବେ ବର୍ଷା ହେଲେ ଭୟ ବଢୁଛି। ଏଭଳିସ୍ଥଳେ ଘର ଖଣ୍ଡିଏ ପାଇବା ପାଇଁ ବିଭିନ୍ନ ସମୟରେ ବିଡିଓ, ଜିଲାପାଳ, ଉପଜିଲାପାଳ, ସରପଞ୍ଚଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ମିଳିନି । ବାରମ୍ବାର ଦୌଡି ବିଫଳ ପରେ ସଂଯୁକ୍ତା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବ,ଜିଲାପାଳ, ରଣପୁର ବିଡିଓଙ୍କୁ ଫେରାଦ୍ ହୋଇଛନ୍ତି। ପରେ ହାଇକୋର୍ଟରେ ଡବ୍ଲୁପି(ସି) ନଂ. ୭୧୮୩/୨୦୨୩ରେ ରିଟ୍ ପିଟିଶନ କରିଥିଲେ । ହାଇକୋର୍ଟ ବିଚାରକୁ ନେଇ ବିଡିଓଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ସଂଯୁକ୍ତା ଶାର୍ଦ୍ଦୁଳ ସିଂହ କୁହନ୍ତି, ମୋ ପରିବାର ଦୁଃଖ ଦିନକୁ ଦିନ ବଢ଼ି ଚାଲିଛି । ପ୍ରଶାସନ ମୋ ଦୁଃଖ ବୁଝି ପାରୁନି । ମୋ ଘରକୁ ଯାଇ ତଦନ୍ତ କରି ଦେଖନ୍ତୁ । ମୁଁ ଆବାସ ଘର ପାଇବା ପାଇଁ ଅନୁପଯୁକ୍ତ ହେଲେ ମୋତେ ନ ଦିଅନ୍ତୁ ବୋଲି କାନ୍ଦି କାନ୍ଦି କହିଛନ୍ତି । ତେବେ ବହୁ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାର ସୁଫଳ ନେଉଥିବାବେଳେ ମୋ ପରି ଗରିବ ଲୋକ ଉପେକ୍ଷିତ ଓ ଅବହେଳିତ ହୋଇ ରହି ଯାଉଛନ୍ତି । ଏଣୁ ମୁଁ ପୁଣି କୋର୍ଟରେ ସାନି ଆବେଦନ କରିବି ବୋଲି କହିଛନ୍ତି ।



ଭଙ୍ଗା ଘର ସମ୍ମୁଖରେ ଅସହାୟ ପରିବାର ।

**ଯୋଜନାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ:** ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଉପେକ୍ଷିତ ହେଉଥିବାର ଅଭିଯୋଗ ହୋଇ ଆସୁଛି । ବହୁ ସ୍ୱଚ୍ଛଳ ବର୍ଗର ଲୋକ ଆବାସ ଯୋଜନାକୁ ଫନ୍ଦି ଫିକର କରି ହାତେଇ ନେଇ ଚାଲିଛନ୍ତି । ହେଲେ ପ୍ରଶାସନିକସ୍ତରରେ ପଦକ୍ଷେପ ହେଉ ନ ଥିବାରୁ ଏହା ବଢ଼ି ଚାଲିଛି । ଭଙ୍ଗା ଘରେ ରହୁଥିବା ଲୋକ, ବାସହୀନ ଲୋକ ଘର ଖଣ୍ଡିଏ ପାଉ ନାହାନ୍ତି । ଛାତ ଘରେ ରହୁଥିବା ଲୋକ ଆବାସ ଯୋଜନାରେ ଘର ପାଉଥିବାରୁ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ବଜ୍ରକୋଟ ଗାଁର ହେମନ୍ତ କୁମାର ସାହୁଙ୍କୁ ଉଦାହାରଣ ନିଆଯାଇପାରେ । ହେମନ୍ତ ଜଣେ ଭିନ୍ନକ୍ଷମ । ତାଙ୍କ ପୁଅ ବି ଜଣେ ଭିନ୍ନକ୍ଷମ। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ଘର ମିଳିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି। ତେବେ ଆଇନରେ ଥିଲେ ହେଁ କାହିଁକି ଭିନ୍ନକ୍ଷମ ଲୋକ ଆବାସ ଯୋଜନାରେ ଉପକୃତ ହୋଇ ପାରୁ ନାହାନ୍ତି । ସରକାରୀସ୍ତରରେ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ଉଠିଛି ।

**୨୭ ଅଭିଯୋଗର ହେଉଛି ତଦନ୍ତ:** ରଣପୁର ବିଡିଓ ଜ୍ୟୋତି ପ୍ରକାଶ ସେଠୀ କୁହନ୍ତି, ବଜ୍ରକୋଟ ଗାଁର ସଂଯୁକ୍ତା ଶାର୍ଦ୍ଦୁଳ ସିଂହଙ୍କ ପରି ୨୭ ଅଭିଯୋଗର ବିଚାର କରି ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରିବାର ପ୍ରଶ୍ନ ଉଠୁନି । ତେବେ ଏହାର ତଦନ୍ତ ଚାଲିଛି। ଯୋଗ୍ୟ ହିତାଧିକାରୀ ହୋଇଥିଲେ ପ୍ରଶାସନ ତରଫରୁ ସହଯୋଗ ଯୋଗାଇ ଦିଆଯିବ। ତେବେ ଆବାସ ଯୋଜନାରେ ଘର ଦେବା ପାଇଁ କେନ୍ଦ୍ର ସରକାରଙ୍କ କଟକଣା ରହିଛି । ଆବାସ ଯୋଜନାରେ ହିତାଧିକାରୀଙ୍କ ନାଁ ରହିଥିବା ଦରକାର । ତେବେ କ'ଣ କରାଗଲେ ହିତାଧିକାରୀ ଉପକୃତ ହେବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ




ଶାନ୍ତି ପ୍ରତିଷ୍ଠାନ ପାଇଁ ଆହ୍ୱାନ କରାଯାଉଛି ।

ଦଶପଲ୍ଲା,୨୨।୭ ( ପ୍ରକାଶ କୁମାର ପାଣି)

ଦୀର୍ଘ ତିନି ମାସ ଧରି ମଣିପୁରରେ ଚାଲିଥିବା ରକ୍ତପାତ, ହତ୍ୟା, ଲୁଣ୍ଠନ, ଅତ୍ୟାଚାର ତଥା ଜଳାପୋଡ଼ାକୁ ମାଟିର ସ୍ୱର ତରଫରୁ ତୀବ୍ର ନିନ୍ଦା କରାଯାଇଛି । ଶାନ୍ତି, ସଂହତି, ଭାଇଚାରା ସଦ୍‌ଭାବନା ସ୍ଥାପନ କରିବା ପାଇଁ ଦଶପଲ୍ଲାସ୍ଥିତ ଜାତୀୟ ରାଜପଥ ନଂ.୫୭ରେ ଲେଖକ, କବି, ସାମାଜିକ କର୍ମୀ, ଶ୍ରମିକ,କୃଷକମାନଙ୍କୁ ନେଇ ମାଟିର ସ୍ୱର ତରଫରୁ ପଥପ୍ରାନ୍ତ ଗଣ ପ୍ରତିବାଦ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣିପୁରରେ ଆଦିବାସୀ ମହିଳାଙ୍କ ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବସାଧାରଣରେ ଦାବି କରାଯାଇଛି।

## କୋସ୍କା ପଞ୍ଚାୟତରେ ଅର୍ଥ ଆତ୍ମସାତ୍ ଅଭିଯୋଗ

ଖଣ୍ଡପଡ଼ା,୨୧।୭
(ଅଜୟ କୁମାର ମହାରଣା)

### ତଦନ୍ତ ଦାବିକଲେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଆଦିବାସୀ ଅଧ୍ୟୁଷିତ କୋସ୍କା ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ବିଭିନ୍ନ ଅନିୟମିତତା କରି ଅର୍ଥ ଆତ୍ମସାତ କରିଥିବା ନେଇ ନାଏବ ସରପଞ୍ଚ ସଞ୍ଜୟ କୁମାର ମହାପାତ୍ର ଓ ୯ ଜଣ ୱାର୍ଡ ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ସେମାନେ ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନଙ୍କ ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରଦାନ କରା ନ ଯାଇ ୧ ଲକ୍ଷ ଟଙ୍କା ହଡ଼ପ କରାଯାଇଛି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ଅମାନତ ଜମାରାଶି ୧ଲକ୍ଷ ୧୫ହଜାର ୫୬୯ ଟଙ୍କା ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମୟରେ ଆଦାୟ କରାଯାଇଥିବା ବେଳେ ଉକ୍ତ ଅର୍ଥକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ପରିଡ଼ା ଓ କୋସ୍କା ସରପଞ୍ଚ ମାମୁନି ଜେନା ଉଠାଣ କରି ହଡ଼ପ କରିଥିବା ଅଭିଯୋଗ ହେଉଛି। ଏହାଛଡା ସେମାନଙ୍କ ଦ୍ୱାରା ଅଁଳାପଟା ଓ ସିଙ୍ଗିବାଡ଼ି ଗ୍ରାମସ୍ଥିତ ପାନୀୟଜଳ ପ୍ରକଳ୍ପ ପମ୍ପହାଉସ୍ ମରାମତି ଏବଂ ନୂତନ ମୋଟର ଓ ପ୍ୟାନେଲ ବୋର୍ଡ କ୍ରୟ କରା ନ ଯାଇ ପୁରୁଣା ମୋଟର ଓ ପ୍ୟାନେଲ ବୋର୍ଡକୁ ନୂଆ ଦର୍ଶାଯାଇ ଗତ ୩୦।୭।୨୨ ତାରିଖ ଭାଉଚର ନଂ. ୩ ଓ ଭାଉଚର ନଂ. ୪ରେ ପାଖାପାଖି ୩ଲକ୍ଷ ୧ ହଜାର ଟଙ୍କା ଅତ୍ମସାତ୍ ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉଜ୍ୱଳ ଆଲୋକ ବ୍ୟବସ୍ଥା, ଗ୍ରୀଷ୍ମଋତୁରେ ଜଳଛତ୍ର ବ୍ୟବସ୍ଥା, ପଞ୍ଚାୟତ କାର୍ଯ୍ୟାଳୟ ଗୃହର ନବୀକରଣ, ପାନୀୟଜଳ ଯୋଗାଣ ନିମନ୍ତେ ପାଇପ୍ ଲାଇନ୍ ମରାମତି ନାମରେ ୨୨।୯।୨୨ ଭାଉଚର ନଂ.୫ ଓ ୨୮।୧୦।୨୨ ଭାଉଚର ନଂ.୧୩ରେ ଲକ୍ଷାଧିକ ଟଙ୍କା ହଡ଼ପ୍ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଉପରୋକ୍ତ ସମସ୍ତ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନାଏବ ସରପଞ୍ଚ ମହାପାତ୍ର, ୱାର୍ଡ଼ ସଭ୍ୟା,ସଭ୍ୟ ଇନ୍ଦୁମତୀ ବେହେରା, ଉପେନ୍ଦ୍ର ଜାନୀ, ଜାନକୀ ନାହାକ, କୁମାରୀ ନାଏକ, ପ୍ରମିଳା ବେହେରା, ସୁବାସ ଜାନୀ, ନକୁଳ ନାଏକ, ନିରଞ୍ଜନ ପାଣିଗ୍ରାହୀ ଓ କ୍ଷେତ୍ରବାସୀ ପଣ୍ଡା ପ୍ରମୁଖ ଦାବି କରି ଏ ନେଇ ଏକ ଅଭିଯୋଗ ପତ୍ର ନୟାଗଡ଼ ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ, ନୟାଗଡ଼ ଦୁର୍ନୀତି ନିବାରଣ ବିଭାଗ, ଖଣ୍ଡପଡ଼ା ବିଡ଼ିଓ, ୫-ଟି ସଚିବ, ପଞ୍ଚାୟତିରାଜ ସଚିବଙ୍କ ସମେତ କଟକ ଆରଡ଼ିସିଙ୍କୁ ଜଣାଇଛନ୍ତି ।

ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ପରିଡ଼ାଙ୍କୁ ପଚାରିବାରେ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ ପାଇଁ ଏବେ ବ୍ୟବସ୍ଥା କରାଯାଉଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକର ତଦନ୍ତକୁ ସେ ସ୍ୱାଗତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ। ବିରୋଧୀ ସଭ୍ୟାସଭ୍ୟମାନେ ଏପରି ମିଥ୍ୟା ଅଭିଯୋଗ କରିଥିବା ସରପଞ୍ଚଙ୍କ ସ୍ୱାମୀ ତଥା ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ନୟାଗଡ଼,୨୨।୭ (ଲୋକନାଥ ମିଶ୍ର)

### ନାବାଳିକା ବଳାତ୍କାର ମାମଲା

ନୟାଗଡ଼ ପୋକ୍‌ସୋ କୋର୍ଟରେ ଦଶପଲ୍ଲା ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ବିଚାରପତି ନିରଞ୍ଜନ ପଣ୍ଡା ଏହାର ବିଚାର କରି ଦଶପଲ୍ଲାର ଅଭିଯୁକ୍ତ ସାନନ୍ଦ ସାହୁ(୫୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ମାମଲାର ବିବରଣୀ ଅନୁସାରେ ୨୦୨୧ରେ ଜଣେ ନାବାଳିକାଙ୍କୁ ଦଶପଲ୍ଲାର ଅଭିଯୁକ୍ତ ସାନନ୍ଦ ସାହୁ ବଳାତ୍କାର କରିଥିଲେ । ନାବାଳିକା ସାନନ୍ଦଙ୍କ ଘରକୁ ଖେଳିବାକୁ ଯାଇଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ । ଏନେଇ ପୀଡ଼ିତାଙ୍କ ମା' ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୨୨/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାନନ୍ଦ ଜେଲରେ ଥିଲେ । ୩୭୫(ଏବି) ଓ ପୋକ୍‌ସୋ ୬ ଦଫାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦାଶରଥି ସାହୁ ଏହି ମାମଲା ପରିଚାଳନା କରୁଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଅଟକ

ନୟାଗଡ଼,୨୨।୭(ଲୋକନାଥ ମିଶ୍ର)

ନୟାଗଡ଼ର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲର ଇଂଲିଶ ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରି ଅଟକ ଅଛନ୍ତି । ନୟାଗଡ଼ ଟାଉନ ଥାନା ପୋଲିସ ଶନିବାର ନାବାଳିକା ଛାତ୍ରୀ ଓ ଇଂଲିଶ ଶିକ୍ଷକଙ୍କ ଡାକ୍ତରୀ ମାଇନା କରାଇଛି । ରବିବାର ଗିରଫ ଦେଖାଇ କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି । ଅଭିଯୋଗ ଅନୁସାରେ ଭଦ୍ରକ ଅଞ୍ଚଳର ଜ୍ଞାନ ରଞ୍ଜନ ନାୟକ ନାମକ ଜଣେ ବ୍ୟକ୍ତି ନୟାଗଡ଼ରେ ଏକ ଘରୋଇ ସ୍କୁଲରେ ଇଂଲିଶ ଶିକ୍ଷକ ଭାବେ କାମ କରନ୍ତି । ସମ୍ପୃକ୍ତ ଶିକ୍ଷକ ସ୍କୁଲରେ ପାଠ ପଢ଼ାଉଥିବା ୯ମ ଶ୍ରେଣୀର ଛାତ୍ରୀଙ୍କୁ ଟିଉଶନ ମଧ୍ୟ କରୁଥିଲେ । ତେବେ ଛାତ୍ରୀଙ୍କୁ ଅସଦାଚରଣ ପରେ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ୬ ପୋକ୍‌ସୋ ୩୭୬(୨)(ଏଫ), ୩୭୬(୨)(ଏନ), ୩୭୬(୩),୩୭୭, ୫୦୬ ଦଫାରେ ୧୨୬/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମିତ୍



@ ଜଗନ୍ନାଥ



@ ରାମପ୍ରସାଦ



@ ସୌମ୍ୟରଞ୍ଜନ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାମ ସରିବାର ୩ ମାସ ନ ପୂରୁଣୁ ଭୁଶୁଡ଼ିଲା ରାସ୍ତା

- ନିମ୍ନମାନର କାମ ହୋଇଥିବା ଅଭିଯୋଗ
- ବର୍ଷା ଦିନ ପରେ ମରାମତି କରାଯିବ ବୋଲି କହିଲେ ଯନ୍ତ୍ରୀ

ନୂଆଗାଁ,୨୨।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡାଠାରୁ ରଗଡିମଡ଼ା ଯାଇଥିବା ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ସରିବାର ୩ ମାସ ନ ପୁରୁଣୁ ଭୁଶୁଡି ଗଲାଣି । ତରବରିଆ ଭାବେ ନିମ୍ନମାନର କାମ ହୋଇଥିବାରୁ ଅନେକ ସ୍ଥାନରେ ରାସ୍ତା ଫାଟିବା ସହ ଧୋଇ ହୋଇଯାଇଛି । ଠିକାଦାର ସେହି ସ୍ଥାନରେ ମାଟି ପକାଇ ଲୁଚାଇବାର ଉଦ୍ୟମ କରିଥିବା ଅଭିଯୋଗ ହେଉଛି ।

ପ୍ରତି ଗାଁକୁ ସଂଯୋଗୀକରଣ କରିବା ପାଇଁ ସରକାର ଅନେକ କୋଟି ଟଙ୍କା ଅନୁଦାନ ଦେଉଛନ୍ତି । ଠିକାଦାରମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ସେହି ଅନୁଦାନର ଠିକ୍ ବିନିଯୋଗ ହୋଇ ପାରୁ ନାହିଁ । ଏହାର ବହୁ ନଜିର ରହିଛି। ତେବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କୋରଡା ପଞ୍ଚାୟତର ମୀନାଗାଡ଼ିଆ ଦେଇ କୋରଡ଼ାଠାରୁ ରଗଡିମଡ଼ା ୫ କିମି ରାସ୍ତା ନିର୍ମାଣ କରିବା ପାଇଁ ୪୭୯.୭୨ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ସୂଚନା ଫଳକ ଅନୁଯାୟୀ, ଉକ୍ତ କାମ ୨୫।୫।୨୦୨୨ରେ ଆରମ୍ଭ ହୋଇ ୨୪।୫।୨୩ରେ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଛି। ନିର୍ମାଣ କାର୍ଯ୍ୟକୁ ବିଳମ୍ବରେ ଆରମ୍ଭ କରି ନିର୍ଦ୍ଦେଶ ମୁତାବକ ଶେଷ କରିବାକୁ ଚେଷ୍ଟା କରି ଠିକାଦାର ତରବରିଆ ଭାବେ ନିମ୍ନମାନର କାମ କରିଥିବା ଗ୍ରାମବାସୀ କହିଛନ୍ତି । ରାସ୍ତାଟି ଅପନ୍ତରିଆ ଜାଗାରେ ନିର୍ମାଣ କରାଯାଉଥିବାରୁ ସେଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ । ତେଣୁ ଠିକାଦାର ନିଜକୁ ସୁହାଇଲା ଭଳି କାମ କରିଥିଲେ। ଫଳରେ ଅଳ୍ପ ବର୍ଷାରେ ରାସ୍ତା ଫାଟି ଭୁଶୁଡି ପଡିଛି। ରାସ୍ତାକୁ ସୁରକ୍ଷା ଦେବା ପାଇଁ ନିର୍ମାଣ କରାଯାଇଥିବା ସାଇଡ୍ ୱାଲ ନିର୍ମାଣ ପରେ ସେହି ସ୍ଥାନରେ ମାଟି ମଧ୍ୟ ପକା ଯାଇନାହିଁ। ରାସ୍ତାର ଅଧିକାଂଶ ସ୍ଥାନ ଫାଟି ଆଁ କରିଥିବା ବେଳେ ଏକାଧିକ ସ୍ଥାନ ଧୋଇ ହୋଇଯାଇଛି । ତେଣୁ ତାକୁ ଲୁଚାଇବାକୁ ଯାଇ ସେହି ସ୍ଥାନରେ ଠିକାଦାର ମାଟି ପକାଇଥିବା ଅଭିଯୋଗ ହେଉଛି । ରାସ୍ତା ଭୁଶୁଡିବା ବାବଦରେ ନୂଆଗାଁ ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରେ ସେ ସଂକ୍ରାନ୍ତରେ ମୁଁ ଜାଣିଛି। ବର୍ଷାଦିନ ସରିବା ପରେ ସେହି ରାସ୍ତାକୁ ମରାମତି କରାଯିବ ବୋଲି ସେ କହିଛନ୍ତି।



ଭୁଶୁଡ଼ି ପଡ଼ିଥିବା ରାସ୍ତା ।

# ସେପ୍ଟେମ୍ବର ସୁଦ୍ଧା ଭୁବନେଶ୍ୱରରୁ ଏୟାର କାର୍ଗୋ ସେବା

ଭୁବନେଶ୍ୱର,୨୨।୭ (ଅଭୟ ଦାଶ)

ୱାର୍ଲଡ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି) ଭୁବନେଶ୍ୱର ପକ୍ଷରୁ ଆୟୋଜିତ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ସନ୍ତୋଷ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୩୦ ସୁଦ୍ଧା ଭାରତ ୨ଟ୍ରିଲିୟନ୍ ଡଲାର ରପ୍ତାନି ଲକ୍ଷ୍ୟ ରଖିଥିବାବେଳେ ସାମଗ୍ରୀ ଓ ସେବା କ୍ଷେତ୍ରରେ ୧ଟ୍ରିଲିୟନ ଡଲାର ରପ୍ତାନି କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ବର୍ତ୍ତମାନ ଆମର ରପ୍ତାନି ୪୫୦ ବିଲିୟନ ଡଲାର ରହିଛି। ସେହିଭଳି ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି,




ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରୁ ଏୟାର କାର୍ଗୋ ସେବା ଆରମ୍ଭ ହୋଇଯିବ,ଯାହାକି ରାଜ୍ୟର ରପ୍ତାନିକାରୀମାନଙ୍କୁ ଅନ୍ତର୍ଜାତୀୟ ବଜାରରେ ଉନ୍ନତି କରିବା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବ। ବିଶେଷକରି ଏୟାର କାର୍ଗୋ ସେବା ଆରମ୍ଭ କରିବା ଲାଗି ବିମାନବନ୍ଦରରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ଅନୁମାନ ମଧ୍ୟ କରାଯାଉଛି। ଏହାପରେ ବ୍ୟୁରୋ ଅଫ୍ ସିଭିଲ ଆଭିଏଶନର ଅଧିକାରୀମାନେ ଉକ୍ତ ଅଞ୍ଚଳ ଗସ୍ତକରି ବିକାଶର ଅନୁଧ୍ୟାନ କରିବେ। ରାଜ୍ୟ ରପ୍ତାନି ନୀତିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋକପାତ କରିବା ସହ ରପ୍ତାନିକାରୀଙ୍କ ପ୍ରକ୍ରିୟାକୁ ସରଳ କରିବା ପାଇଁ ନିଆଯାଇଥିବା ଡିଜିଟାଲ ପଦକ୍ଷେପ ସମ୍ପର୍କରେ ମିଶ୍ର ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଇଣ୍ଡୋ-ଅଷ୍ଟ୍ରେଲିଆନ୍ ଚାମ୍ବର ଅଫ୍ କମର୍ସର ସିଇଓ ମିସ୍ ପେଟ୍ରୁଲା ଥୋମାସ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଓଡ଼ିଶାର ଶିଳ୍ପ ସହ ଯୋଡ଼ିହୋଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ପାଇଁ ଏକ ବୃହତ୍ ସୁଯୋଗ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ସହ ଆମେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛୁ। ଅପରପକ୍ଷରେ ଡବ୍ଲ୍ୟୁଟିସି ମୁମ୍ବାଇର ଅଧ୍ୟକ୍ଷ ଡ. ବିଜୟ କାଲାବୀ କହିଛନ୍ତି, ଭାରତ ୧ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଚାହୁଁଥିବାରୁ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଏମ୍ଏସ୍ଏମ୍ଇକୁ ରପ୍ତାନି କ୍ଷେତ୍ରରେ ପ୍ରମୁଖ ଭୂମିକା ତୁଲାଇବାକୁ ପଡ଼ିବ। ସେହିଭଳି ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅଧ୍ୟକ୍ଷ କ୍ୟାପ୍ଟେନ୍ ସୋମେଶ ବାତ୍ରା କହିଛନ୍ତି, ସମସ୍ତ ହିତାଧିକାରୀ ଏବଂ ଓଡ଼ିଶା ସରକାରଙ୍କ ସହାୟତା ସହ ଆମେ ବୃହତ୍ କାର୍ଯ୍ୟାଳୟ ଏବଂ ପ୍ରଦର୍ଶନୀ କେନ୍ଦ୍ର ଓ ସମ୍ମିଳନୀ କେନ୍ଦ୍ର ସହିତ ଆହୁରି ବୃହତ୍ ଆକାରରେ ବୃଦ୍ଧି କରିପାରିବା। ଏହି ଲକ୍ଷ୍ୟ ପୂରଣ ଲାଗି ଆମ ଦଳ କଠିନ ପରିଶ୍ରମ କରୁଛି। ସେହିପରି ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅବୈତନିକ ସଂଯୋଜକ ରାଜେନ୍ ପାଢ଼ୀ କହିଥିଲେ, ରପ୍ତାନି ଦୃଷ୍ଟିରୁ ଓଡ଼ିଶାର ଝାରସୁଗୁଡ଼ା ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲା ମଧ୍ୟରେ ରହିଥିବା ବେଳେ ଓଡ଼ିଶାର ଏମ୍ଏସ୍ଏମ୍ଇମାନଙ୍କୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବାରେ ସାହାଯ୍ୟ କରିବା ଲାଗି ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘ (ଓସିଆ) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ଓଡ଼ିଶା ବଜାରରେ କ୍ଲେଅନ୍ ଉତ୍ପାଦର ଶୁଭାରମ୍ଭ




ଭୁବନେଶ୍ୱର, ୨୨।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବ୍ୟାଟେରି ଉତ୍ପାଦକ କ୍ଲେଅନ୍ ପାୱାର ଟେକ୍ ସଲ୍ୟୁଶନର ବ୍ୟାପକ ବ୍ୟାଟେରି ସମ୍ଭାର ସହ ଘରୋଇ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ବଜାରରେ ଉତ୍ପାଦର ଶୁଭାରମ୍ଭ ସହ ବଜାର ପ୍ରବେଶ କରିଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଡିଷ୍ଟ୍ରିବ୍ୟୁଟର ରାଜ୍ ଏନର୍ଜି ଜରିଆରେ ଓଡ଼ିଶା ବଜାରରେ କାରବାର କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଶୁକ୍ରବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କ୍ଲେଅନ୍ ପାୱାର ଟେକ୍ ସଲ୍ୟୁଶନର ସିଇଓ ନୀତିନ ଗୋସାଇଁ, ସିଓଓ ଅରୁଣ କୁମାର ଅଗ୍ରୱାଲ, ଭିପି ରାଜେନ୍ଦ୍ର ପ୍ରସାଦ ଦ୍ୱିବେଦୀ,ଆର୍ଏମ୍ ଓଡ଼ିଶା ସୁଶାନ୍ତ କୁମାର ବାରିକ ଏବଂ ରାଜ୍ ଏନର୍ଜି ଭୁବନେଶ୍ୱରର ସ୍ୱତ୍ୱାଧିକାରୀ କୈଳାସ ଚନ୍ଦ୍ର ସୁଆର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କ୍ଲେଅନ୍ ପାୱାର ଟେକ୍ ସଲ୍ୟୁଶନର ସିଇଓ ଗୋସାଇଁ କହିଛନ୍ତି, ଦୀର୍ଘ ଦିନର ରପ୍ତାନି କାରବାର ପରେ କମ୍ପାନୀ ବର୍ତ୍ତମାନ ଘରୋଇ ବଜାରରେ କାରବାର କରିବାକୁ ଯାଉଛି। ଏପରିକି ମହାପ୍ରଭୁ ଜଗନ୍ନାଥଙ୍କ ଧାମ ଓଡ଼ିଶାରୁ କମ୍ପାନୀର ଘରୋଇ ବଜାର ପ୍ରବେଶ ସହ ଉତ୍ପାଦର ଶୁଭାରମ୍ଭ ଆମକୁ ବେଶ୍ ଉତ୍ସାହିତ କରିଛି।

## ୫୪ତମ ଓସିଏ ସମ୍ମିଳନୀ

ଭୁବନେଶ୍ୱର,୨୨।୭

ବିୟୁଟିଫୁଲ ମାଇଣ୍ଡସ୍ ୟୁଥ୍ ମେଣ୍ଟରିଂ ଫାଉଣ୍ଡେଶନ (ବିଏମ୍‌ୱାଇଏମ୍ଏଫ୍) ପକ୍ଷରୁ ନିକଟରେ ଏକ ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ଯୁବଗୋଷ୍ଠୀଙ୍କ ମଧ୍ୟରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) ଭିତ୍ତିକ ଶିକ୍ଷାକୁ ସମର୍ଥନ କରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସିଏ)ର ୫୪ତମ ବାର୍ଷିକ ସମ୍ମିଳନୀ ଶିକାଗୋଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୩ ଦିନିଆ ଓସିଏ ସମ୍ମିଳନୀରେ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପତ୍ରିକାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଉତ୍ତର ଆମେରିକାର ଯୁବକ ଓଡ଼ିଆ ଯୁବକମାନଙ୍କୁ ଷ୍ଟେମ୍‌ଭିତ୍ତିକ ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହିତ କରିବା ପାଇଁ ଉକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେହିଭଳି ଶିକାଗୋରେ ଅବସ୍ଥିତ ଭାରତର କନ୍‌ସୁଲ୍ ଜେନେରାଲ ସୋମନାଥ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବବୈଜ୍ଞାନିକମାନଙ୍କୁ ଭାରତରେ ଷ୍ଟେମ୍ ସମ୍ବନ୍ଧୀୟ ଶିକ୍ଷା କ୍ଷେତ୍ରର ଅଗ୍ରଗତି ତଥା ଭାରତୀୟ ମୂଳ ଯୁବକମାନଙ୍କ ଭବିଷ୍ୟତରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୱାଶିଂଟନ୍ ଡିସିରୁ ଡ. ଅଜୟ ମହାନ୍ତି,ଶିକାଗୋରୁ ଗୋକୁଳ ମିଶ୍ର ଏବଂ ବିଏମ୍‌ୱାଇଏମ୍ଏଫ୍‌ର ପ୍ରତିଷ୍ଠାତା ସଭାପତି ଡ. ଶୁଚିସ୍ମିତା ପଣ୍ଡା ପ୍ରମୁଖ ବିଚାରପତି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକାଗୋର ଶୁଭେନ୍ଦୁ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସମସ୍ତ ପ୍ରତିଯୋଗୀଙ୍କୁ ବିଏମ୍‌ୱାଇଏମ୍ଏଫ୍‌ର ପ୍ରତିଷ୍ଠାତା ସଭାପତି ଡ. ଶୁଚିସ୍ମିତା ପଣ୍ଡା ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ପରିଶେଷରେ ପ୍ରତିଯୋଗିତାର ବିଭିନ୍ନ କାଟେଗୋରିର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

## ଓସିବିଏର ପ୍ରଥମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୨।୭

ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ (ଓସିବିଏ)ର ପ୍ରଥମ ପ୍ରତିଷ୍ଠା ଦିବସ ଶନିବାର ଭୁବନେଶ୍ୱର ନିକଟସ୍ଥ ଗଣ୍ଡମୁଣ୍ଡା ବିବେକାନନ୍ଦ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। କେନ୍ଦ୍ର ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ତର୍ଜାତୀୟ କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ଶଙ୍କର.ପି.ସିନ୍ଧେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିଭଳି ଶାଶ୍ୱତ ମିଶ୍ର, ପ୍ରମୁଖ ସଚିବ,ଏମ୍ଏସ୍ଏମ୍ଇ ବିଭାଗ ଓଡ଼ିଶା ସରକାର, ସତେନ୍ଦ୍ର କୁମାର ସିଂହ, ମୁଖ୍ୟ କମିଶନର ଜିଏସ୍‌ଟି, ସିଏକ୍ସ ଏବଂ କଷ୍ଟମ ଭୁବନେଶ୍ୱର, ମାଧବ ଚନ୍ଦ୍ର ମିଶ୍ର କମିଶନର କଷ୍ଟମ ବିଭାଗ,ଭୁବନେଶ୍ୱର, ପି.ଏଲ୍.ହାରାନ୍ଧ ଚେୟାରମ୍ୟାନ୍ ପାରାଦୀପ ପୋର୍ଟ ଟ୍ରଷ୍ଟ ଅଥରିଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




ବିଶେଷକରି ରାଜ୍ୟରେ ଗଢ଼ି ଉଠିଥିବା ୩ଟି ପୋର୍ଟ, ୩ଟି ଆଇଡିସିକୁ ନେଇ ଗଠନ କରାଯାଇଥିବା ଓସିବିଏର ମହତ୍ ଉଦ୍ଦେଶ୍ୟକୁ ପରିବ୍ୟାପ୍ତକରି ରାଜ୍ୟ ଓ ଦେଶର ସ୍ୱାର୍ଥ ପାଇଁ କରାଯାଇଥିବା ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ କିପରି ନିଜର କଳେବର ବୃଦ୍ଧିକରି ରାଜ୍ୟରେ ଚାଲିଥିବା ରପ୍ତାନି ଓ ଆମଦାନୀ କାରବାରକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇପାରିବ ସେ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ମୁଖ୍ୟ ଲକ୍ଷ୍ୟ ରାଜ୍ୟ କିପରି ନିଯୁକ୍ତି ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅଗ୍ରସର କରିପାରିବ। ଓଡ଼ିଶା କଷ୍ଟମ୍‌ସ୍ ବ୍ରୋକର୍ସ ଆସୋସିଏସନର ଏପରି ମହତ୍ ଉଦ୍ଦେଶ୍ୟକୁ ସ୍ୱାଗତ ଜଣାଇଥିଲେ। ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ ଉକ୍ତ ସଭା ପରିଚାଳନା କରିଥିଲେ।

## ସମ୍ବଲପୁରରେ ଏସ୍ଏମ୍ଇଏଲ୍‌ର ନୂତନ ପ୍ରକଳ୍ପ

ଭୁବନେଶ୍ୱର,୨୨।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା କୋଲକାତା ସ୍ଥିତ ଏକ ଅଗ୍ରଣୀ ଇଣ୍ଟିଗ୍ରେଟେଡ୍ ଧାତୁ ଉତ୍ପାଦନକାରୀ କମ୍ପାନୀ ଶ୍ୟାମ୍ ମେଟାଲିକ୍ ଆଣ୍ଡ ଏନର୍ଜି ଲିମିଟେଡ୍ (ଏସ୍ଏମ୍ଇଏଲ୍)ର ନୂତନ ପ୍ରକଳ୍ପ ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ ଓଡ଼ିଶାରେ ୫୦ମେଗାୱାଟ୍ କ୍ୟାପ୍ଟିଭ୍ ଫ୍ଲୋଟିଂ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରୁଛି। ଏପରିକି ଉକ୍ତ ପଦକ୍ଷେପ ସହ ଶ୍ୟାମ୍ ମେଟାଲିକ୍ ଓଡ଼ିଶାରେ ପ୍ରଥମ ଧାତୁ ଉତ୍ପାଦନକାରୀ ସଂସ୍ଥା ହେବାକୁ ଲକ୍ଷ୍ୟ ରଖିଛି। ଏହା ସହ ଅଙ୍ଗାରକାମ୍ଳ ପାଦଚିହ୍ନକୁ କମ୍ କରିବାକୁ କମ୍ପାନୀ ସକ୍ଷମ ହୋଇଛି,ଯାହା ପରିବେଶ ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

ଏ ସମ୍ପର୍କରେ ଏସ୍ଏମ୍ଇଏଲ୍‌ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜଭୂଷଣ ଅଗ୍ରୱାଲ କହିଛନ୍ତି, ପରିବେଶର ପରିବର୍ତ୍ତନ ତଥା ବିଶ୍ୱବ୍ୟାପୀ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆମେ ପରିବେଶ ତଥା ସାମାଜିକ ଦାୟିତ୍ୱ ପ୍ରାପ୍ତ ପ୍ରଯୁକ୍ତିବିଦ୍ୟା ଏବଂ ପଦକ୍ଷେପ ପାଇଁ ବିନିଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏପରିକି ଓଡ଼ିଶାରେ ବ୍ୟବସାୟ କରିବାର ସହଜ ମନୋଭାବ ଏବଂ ସହଜତା ଦ୍ୱାରା ଆମେ ଗଭୀର ଭାବେ ଉତ୍ସାହିତ ଅଛୁ। ତେଣୁ କମ୍ପାନୀ ଅଧିକ ପୁଞ୍ଜି ବିନିଯୋଗ ପାଇଁ ନିଷ୍ପତ୍ତି ନେଇଛି ଏବଂ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ଫ୍ଲୋଟିଂ ସୋଲାର ଜେନେରେଶନ କ୍ଷମତା ବିଶିଷ୍ଟ ୫୦ ମେଗାୱାଟ୍ (୭୨ ମେଗାୱାଟ୍ ଡିସି) ସହ ଏକ କ୍ୟାପ୍ଟିଭ୍ ଗ୍ରୀନ୍ ଏନର୍ଜି ପ୍ରୋଜେକ୍ଟ ସ୍ଥାପନ କରିବାକୁ ୪୫୦କୋଟି ଟଙ୍କା ଧାର୍ଯ୍ୟ କରିଛି। ବିଶେଷକରି ଆମେ ୫୦ ମେଗାୱାଟ୍ ଭାସମାନ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଗ୍ରୀଡ୍ ସଂଯୋଗ ସହ ହୀରାକୁଦ ଜଳଭଣ୍ଡାରରେ ୨୫୦ ଏକର ଜମି ଦେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରୁଛୁ।

ଫୁର୍‌ସତ୍

# ନିଜର ବ୍ରେନ୍ ସର୍ଜରି କଲେ

ମସ୍କୋ

ଜଣେ ବ୍ୟକ୍ତି ନିକଟରେ ତାଙ୍କ ଶୋଇବା ଘରେ ମୁଣ୍ଡର ସର୍ଜରି କରିଛନ୍ତି। ସେ ନିଜ ସ୍ୱପ୍ନକୁ ଆୟତ୍ତ କରିବା ପାଇଁ ମୁଣ୍ଡରେ ଏକ ଇଲେକ୍ଟ୍ରୋଡ୍ ଚିପ୍ ଭର୍ତ୍ତି କରିଛନ୍ତି। ରୁଷିଆର ନୋଭୋସିବିର୍କସ୍‌ର ଜଣେ ଲେଖକ ତଥା ରିସର୍ଚ୍ଚର ୪୦ ବର୍ଷୀୟ ମିଚେଲ ରଡୁଗା ଏ ନେଇ ଗତ ୧୭ ତାରିଖରେ ଟୁଇଟରରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଜଣେ ରିସର୍ଚ୍ଚର ହୋଇଥିବାବେଳେ ତାଙ୍କ ପାଖରେ ନ୍ୟୁରୋସର୍ଜରି ଅଭିଜ୍ଞତା ନାହିଁ। ୟୁଟ୍ୟୁବ୍ ଜରିଆରେ ଭିଡିଓ ଦେଖି ସେ ୪ ଘଣ୍ଟାରେ ତାଙ୍କ ମୁଣ୍ଡର ସର୍ଜରି କରିଥିଲେ। ଏହା ମଧ୍ୟରେ ତାଙ୍କର ୧ ଲିଟର ରକ୍ତ ନଷ୍ଟ ହୋଇଯାଇଛି। ସେ ତାଙ୍କ ଲ୍ୟୁସିଡ୍ ଡ୍ରିମ୍(ମନମୁତାବକ ସ୍ୱପ୍ନ)କୁ ଆୟତ୍ତ କରିବାକୁ ଚାହୁଁଥିଲେ। ରିପୋର୍ଟ ମୁତାବକ, ମିଚେଲ ପେସାରେ ଜଣେ ଡାକ୍ତର ନୁହନ୍ତି। ତାଙ୍କର ଫେଜ୍ ରିସର୍ଚ୍ଚ ସେଣ୍ଟର ନାମକ ଏକ ପ୍ରତିଷ୍ଠାନ ରହିଛି। ଯଦି କାହାକୁ ସ୍ଲିପ୍ ପାରାଲିସିସ୍ ହୋଇଥାଏ, ତେବେ ସେ ତାକୁ ଶରୀର ଉପରେ ଅନୁଭବ କରି



ଏହା ଉପରେ ମାର୍ଗଦର୍ଶନ ଦେଇପାରନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ନ୍ୟୁରୋସର୍ଜନ ଏଲେକ୍ସ ଗ୍ରୀନ୍ ମିଚେଲଙ୍କ ଏପରି କାର୍ଯ୍ୟରେ କହିଛନ୍ତି, ଏହି କାର୍ଯ୍ୟ ବହୁତ ବିପଦପୂର୍ଣ୍ଣ। ଏହା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇପାରେ। ସେ କହିଛନ୍ତି, ଯଦି ଇଣ୍ଟ୍ରାସେଲେବ୍ରାଲ ଭେସେଲ୍ ଫାଟିଯାଏ, ତେବେ ବ୍ୟକ୍ତିଙ୍କ ଷ୍ଟ୍ରୋକ୍ କିମ୍ବା ମୃତ୍ୟୁ ହୋଇପାରେ। ମିଚେଲ ମଧ୍ୟ ଏଲେକ୍ସଙ୍କ କଥାରେ ସହମତି ଦେଖାଇଛନ୍ତି। ସେ କହିଛନ୍ତି, ସର୍ଜରିର ୩୦ ମିନିଟ୍ ପରେ ସେ ହାର୍ ମାନି ଯାଇଥିଲେ। କାରଣ ତାଙ୍କର ପାଖାପାଖି ୧ ଲିଟର ରକ୍ତ ବୋହିଯାଇଥିଲା ଏବଂ ତାଙ୍କୁ ଡର ଥିଲା କି ସେ ସଂଜ୍ଞାହୀନ ହୋଇ ନ ଯାଆନ୍ତୁ। ହେଲେ ସେ ସର୍ଜରି କରିବାରେ ସଫଳ ହୋଇଥିଲେ। ଏହା ପରେ ସେ ଗାଧୋଇବା ସହ ୧୦ ଘଣ୍ଟା ପର୍ଯ୍ୟନ୍ତ କାମ ମଧ୍ୟ କରିଥିବା କହିଛନ୍ତି।

# ବିମାନରେ ଉର୍ଫିଙ୍କୁ ଅସଦାଚରଣ

ମୁମ୍ବାଇ

ନିକଟରେ ମୁମ୍ବାଇ- ଗୋଆ ବିମାନ ଯାତ୍ରା ସମୟରେ ଅଭିନେତ୍ରୀ ଉର୍ଫି ଜାଭେଦ ଅସଦାଚରଣର ଶିକାର ହୋଇଥିବା ସେ ଏକ ପୋଷ୍ଟ ଜରିଆରେ ଜଣାଇଛନ୍ତି। ଉର୍ଫି ଇକୋନୋମି କ୍ଲାସ୍‌ରେ ଯାତ୍ରା କରୁଥିବାବେଳେ ସେଠାରେ ଏକ ନିଶାସକ୍ତ ଗ୍ରୁପ୍ ତାଙ୍କୁ ଅସଦାଚରଣ କରିଥିଲେ। ସେଠାରେ ସେମାନେ ତାଙ୍କ ନାଁ ନେଇ ମଜା କରିବା ସହ ଅନେକ ଖରାପ ଭାଷାରେ କଥା ମଧ୍ୟ ହେଉଥିଲେ। ଏଥିରେ ଉର୍ଫି ସେମାନଙ୍କୁ ବିରୋଧ କରିଥିଲେ। ନିଶାରେ ଥିବା ବ୍ୟକ୍ତି ମହିଳାଙ୍କୁ ଅସଦାଚରଣ କରିପାରିବ ଏହା ଭୁଲ। ସେ ପବ୍ଲିକ ଫିଗର ହୋଇଥାଇପାରନ୍ତି, କିନ୍ତୁ ପବ୍ଲିକ ପ୍ରପର୍ଟି ନୁହେଁ ବୋଲି ଉର୍ଫି କହିଥିଲେ। ଏନେଇ ସେ ଏକ ଭିଡିଓ ମଧ୍ୟ ଶେୟାର କରି ଏଭଳି କାଣ୍ଡ ବିଷୟରେ ଜଣାଇଛନ୍ତି। ତାଙ୍କର ଏହି ପୋଷ୍ଟରେ ଅନେକେ ତାଙ୍କୁ ସପୋର୍ଟ କରିଥିବା ଦେଖିବାକୁ ମିଳିଛି। ସେ ପ୍ରଥମ କରି ୨୦୧୬ରେ ଟେଲିଭିଜନ ଶୋ' 'ବଡ଼େ ଭୟାକି ଦୁଲ୍ହନିୟା'ରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଅନେକ ଶୋ' 'ମେରି ଦୁର୍ଗା', 'ବେପହ୍ନା', 'ସାଥ ଫେରୋ କି ହେରା ଫେରି', 'ଜିଜି ମା', 'ଡାୟନ', 'କସୋଟି ଜିନ୍ଦେଗି କି', 'ଏ ମେରେ ହମସଫର', 'ବିଗ୍‌ବସ୍ ସିଜନ୍-୧', 'ପଞ୍ଚ ବିଟ୍', 'ଏମ୍‌ଟିଭି ସ୍ପିଲ୍ଟସ ଭିଲ୍ଲା ସିଜନ୍-୧୪'ରେ ନଜରକୁ ଆସିଥିଲେ।



# ସ୍କୁଲରେ ୭୬ ଜଣଙ୍କ ମୁହଁ ଏକାଭଳି



ଚଣ୍ଡିଗଡ଼

କୁହାଯାଏ, ଦୁନିଆରେ ଏକ ମୁହଁର ଅନେକ ଲୋକ ଥାନ୍ତି। କିନ୍ତୁ ସେମାନଙ୍କୁ ଏକାସାଙ୍ଗରେ ଦେଖିବା ଘଟଣା କମ୍ ଦେଖିବାକୁ ମିଳିଥାଏ। ହେଲେ ଏପରି ଏକ ସ୍କୁଲ ଅଛି, ଯେଉଁଥିରେ ପାଖାପାଖି ଏକା ମୁହଁର ଅନେକ ପିଲା ପାଠ ପଢୁଛନ୍ତି। ପଞ୍ଜାବର ଜଲନ୍ଧରରେ ଏକ ପୋଲିସ ଡିଏଭି ସ୍କୁଲରେ ଏପରି ଘଟଣା ଦେଖିବାକୁ ମିଳିଛି। ସ୍କୁଲରେ ୭୬ ଛାତ୍ରୀଛାତ୍ରଙ୍କ ମୁହଁ ଦେଖିବାକୁ ପାଖାପାଖି ଏକା ଭଳି। ଏଠାରେ ଅନେକ ଛାତ୍ରୀଛାତ୍ର ଯାଆଁଳା ଭଉଣୀ ମଧ୍ୟ ପଢୁଛନ୍ତି। ଉକ୍ତ ସ୍କୁଲର ଜଣେ ଛାତ୍ର କହିଛନ୍ତି, ଯେତେବେଳେ ଏଠାରେ କେହି ଭୁଲ କରନ୍ତି, ସେତେବେଳେ ତାଙ୍କ ମୁହଁ ଭଳି ଦେଖାଯାଉଥିବା ଅନ୍ୟ ଜଣଙ୍କୁ ବେଳେବେଳେ ତା'ର ଦଣ୍ଡ ମିଳିଥାଏ। ଅନେକ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ସେଥିପାଇଁ ଅନେକ ସମୟରେ ଜଣଙ୍କ ବଦଳରେ ଅନ୍ୟ ଜଣଙ୍କୁ ଶିକ୍ଷକଙ୍କଠୁ ଗାଳି ଶୁଣିବାକୁ ପଡ଼ିଥାଏ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ତାଙ୍କ ସ୍କୁଲରେ ୭୦ରୁ ଊର୍ଦ୍ଧ୍ୱ ଏକା ମୁହଁ ଥିବା ପିଲା ପଢୁଥିବା ସେ ଯେତେବେଳେ ଜାଣିବାକୁ ପାଇଲେ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହାପରେ ସେ ତାଙ୍କ ସ୍କୁଲର ନାମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ଲେଖାଇଥିବା କହିଛନ୍ତି।

# ମହିଳାଙ୍କ ପେଟରୁ ବାହାରିଲା ୯ କିଲୋ ସିଷ୍ଟ

ବ୍ୟାଙ୍କକ

ଅନେକ ଲୋକ ମୋଟାପଣର ଶିକାର ହୋଇଥାନ୍ତି। କେତେକ ବ୍ୟକ୍ତି ତାଙ୍କର ଏହି ମୋଟାପଣକୁ କମ୍ କରିବାରେ ସଫଳ ହୋଇଥିବାବେଳେ ଆଉ କିଛି ଚେଷ୍ଟା



କଲେ ମଧ୍ୟ ତାହା କମି ନ ଥାଏ। ନିକଟରେ ଜଣେ ମହିଳାଙ୍କ ସହ ଏପରି ହୋଇଛି। ମୋଟାପଣ କମ୍ କରିବାକୁ ସେ ଅନେକ ପ୍ରକାର ପ୍ରଣାଳୀ ଆପଣେଇ ସାରିଥିଲେ ମଧ୍ୟ ତାହା କମି ନ ଥିଲା। ଫଳରେ ସେ ବାଧ୍ୟ ହୋଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ଯାଞ୍ଚ ପରେ ତାଙ୍କ ପେଟରେ ଏକ ବଡ଼ ସିଷ୍ଟ(ମାଂସ ପିଣ୍ଡୁଳା ଭିତରେ ପାଣି ରହିବା) ଥିବା ଜଣାପଡ଼ିଥିଲା। ରିପୋର୍ଟ ମୁତାବକ, ଥାଇଲାଣ୍ଡର ଜଣେ ଡାକ୍ତର ଏହି ଘଟଣା ବିଷୟରେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଡାକ୍ତର କହିଛନ୍ତି, ମହିଳାଙ୍କ ଶରୀର ବହୁତ ମୋଟା ଥିଲା। ମହିଳାଙ୍କ ଡିମ୍ବାଶୟରେ ୯ କିଲୋରୁ ଅଧିକ ଓଜନର ଅଲସର ଥିଲା। ଯଦି ମହିଳା ଏହାର ଯାଞ୍ଚ କରି ନ ଥାନ୍ତେ, ତେବେ ଏହା ପରେ ଟ୍ୟୁମରର ରୂପ ନେଇଯାଇଥାନ୍ତା ବୋଲି ଡାକ୍ତର କହିଛନ୍ତି। ଏହା ଡିମ୍ବାଗ୍ରନ୍ଥି ଅଲସର ଥିଲା, ଯାହା ଡିମ୍ବାଶୟରେ ବିକଶିତ ହୋଇଯାଇଥିଲା। ସାଧାରଣତଃ ଏହା ବଡ଼ ହୋଇ ଚେରି କୋଳି କିମ୍ବା ଆମ୍ବ ଆକାରର ହୋଇଥାଏ। ରିପୋର୍ଟ ମୁତାବକ, କେବଳ ୮ ପ୍ରତିଶତ ମହିଳାଙ୍କ ଦେହରେ ଡିମ୍ବାଗ୍ରନ୍ଥି ଅଲସର ହୋଇଥାଏ, ହେଲେ ଏତେ ବଡ଼ ଅଲସର ଡାକ୍ତର ପ୍ରଥମ ଥର ଦେଖିଥିବା କହିଛନ୍ତି।

# ନାବାଳିକା ନବବଧୂ ଉଦ୍ଧାର

ଛେଣ୍ଡିପଦା,୨୨।୭(ଅଜିତ ଧଳ)

ଅନୁଗୋଳ ଚାଇଲ୍ଡ଼ଲାଇନ ପକ୍ଷରୁ ଶନିବାର ଜଣେ ନାବାଳିକା ନବବଧୂଙ୍କୁ ଉଦ୍ଧାର କରାଯାଇଛି। ଗତ ୧୮ ତାରିଖରେ ସମ୍ପୃକ୍ତ ନାବାଳିକା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ବିବାହ କରିଥିଲେ। ପ୍ରକାଶ ଯେ, ନାବାଳିକାଙ୍କ ଘର ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତରେ। ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଯୁବକଙ୍କ ସହ ଏକ ମନ୍ଦିରରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା। ଏ ନେଇ ହେଲ୍ପ ଲାଇନ ନଂ. ୧୦୯୮ରେ ଅନୁଗୋଳ ଚାଇଲ୍ଡ଼ ଲାଇନକୁ ଖବର ମିଳିଥିଲା। ଚାଇଲ୍ଡ଼ ଲାଇନ ସଂଯୋଜକ ପୂଜା ସ୍ୱାଇଁ, ରାମଚନ୍ଦ୍ର ସାହୁ, ଅଭିଷେକ ମହାପାତ୍ର, ଛେଣ୍ଡିପଦା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ପ୍ରମୋଦ ସାହୁ, ଅଙ୍ଗନୱାଡ଼ିକର୍ମୀ ଗୀତାଞ୍ଜଳି ସାହୁ, ମିଶନ ଶକ୍ତି ବିଭାଗ ସିଆର୍‌ପି ଭାରତୀ ସାହୁ, ମଞ୍ଜୁଲତା ସିଂ, ତପସ୍ୱିନୀ ପ୍ରଧାନ, ଏମ୍‌ବିକେ ଜାନକୀ ସାହୁ, ଆସେସ ଟୁ ଜଷ୍ଟିସ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ସାହୁ ଏବଂ ନିଶା ଥାନା ଏସ୍‌ଆଇ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ନାବାଳିକାଙ୍କ ଶାଶୁଘରକୁ ଯାଇଥିଲେ। ହେଲେ ଏ ନେଇ ଆଗୁଆ ଖବର ପାଇଥିବାରୁ ଶାଶୁଘର ଲୋକେ ନାବାଳିକା ବଧୂଙ୍କୁ ତାଙ୍କ ମାମୁ ଘରକୁ ପଠାଇ ଦେଇଥିଲେ। ଚାଇଲ୍ଡ଼ ଲାଇନ୍ ଟିମ୍ ସେଠାକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିବା ପରେ ନାବାଳିକାଙ୍କୁ ଉଦ୍ଧାର କରି ସଖୀ ସେଣ୍ଟରେ ରଖିଛି।

# ସିମିଳିପଦରରୁ ସିଡ୍‌ନୀ ୟୁନିଭର୍ସିଟି

■ ଅଷ୍ଟ୍ରେଲିଆ ଯିବେ ଘେନୁ ଖିଲ
■ ଅର୍ଥ ଦେବାକୁ ପରିବାର ଅସମର୍ଥ

ବୈପାରିଗୁଡ଼ା,୨୨।୭ (କଳ୍ପତରୁ ମହାନ୍ତି)

କଥାରେ ଅଛି ଦୃଢ଼ ଇଚ୍ଛା ଶକ୍ତି ପାଖରେ ସବୁ କିଛି ହାର ମାନେ। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ବଣପାହାଡ଼ ଘେରା ମାଓବାଦୀ ଉପଦ୍ରୁତ ମାଝିଗୁଡ଼ା ପଞ୍ଚାୟତର ସିମିଳିପଦର ଗ୍ରାମର ଘେନୁ ଖିଲ(୨୮)ଙ୍କ କ୍ଷେତ୍ରରେ। ସେ ଅଷ୍ଟ୍ରେଲିଆର ସିଡ୍‌ନୀ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ମନୋନୀତ ହୋଇଛନ୍ତି। ମାତ୍ର ତାଙ୍କ ପାଇଁ ଅର୍ଥ ସାଜିଛି ବାଧକ।

ଏହି ବିଶ୍ୱବିଦ୍ୟାଳୟରେ ଘେନୁ 'ପବ୍ଲିକ ହେଲ୍‌ଥ' ବିଷୟରେ ପିଏଚ୍.ଡି. କରିବାକୁ ୪ବର୍ଷ ଅଧ୍ୟୟନ କରିବେ। ଏଥିପାଇଁ ତାଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ଓଭରସିଜ୍ ସ୍କଲାରଶିପ ପ୍ରଦାନ କରାଯାଇଛି। ସ୍ୱଭାବରେ ସରଳ ଘେନୁ ପିଲାଟି ବେଳୁ ମେଧାବୀ ଓ ଉଚ୍ଚାକାଂକ୍ଷୀ। ରାଜସ୍ୱ ମାନଚିତ୍ରରେ ନ ଥିବା ତାଙ୍କ ସିମିଳିପଦର ଗାଁକୁ ରାସ୍ତାଘାଟ ସୁବିଧା ନାହିଁ। ପାଠ ପଢ଼ିବାକୁ ସେତେବେଳେ ଆଖପାଖରେ ବିଦ୍ୟାଳୟଟିଏ ନ ଥିଲା। ଏହା ସତ୍ତ୍ୱେ ପୁଅର ପାଠପଢ଼ା ପ୍ରତି ଆଗ୍ରହ ଦେଖି ତାଙ୍କ ବାପା ସ୍ୱର୍ଗତ ଡମ୍ବରୁ ଖିଲ ଘେନୁଙ୍କୁ ଲମତାପୁଟ ବ୍ଲକ ମାଛକୁଣ୍ଡସ୍ଥିତ କଲ୍ୟାଣ ବିଭାଗର ଆବାସିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଘେନୁ ପଞ୍ଚମଶ୍ରେଣୀ ପାସ୍ ପରେ ନବୋଦୟ


ଘେନୁ ଖିଲ

ବିଦ୍ୟାଳୟରେ ପାଠ ପଢ଼ିଲେ। ସେଠାରୁ ଯୁକ୍ତ ୨ ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱରସ୍ଥିତ ବିଜେବି କଲେଜରେ ସାଇକୋଲୋଜି ଅନର୍ସ ରଖି ଅଧ୍ୟୟନକରି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ସେ ହାଇଦ୍ରାବାଦସ୍ଥିତ ସେଣ୍ଟ୍ରାଲ ୟୁନିଭର୍ସିଟିରେ ହେଲ୍‌ଥ ସାଇକୋଲୋଜିରେ ପୋଷ୍ଟ ଗ୍ରାଜୁଏଶନ କରିଥିଲେ। ପରେ ମୁମ୍ବାଇସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲସାଇନ୍ସରେ ପବ୍ଲିକ୍ ହେଲ୍‌ଥ ଉପରେ ଏମ୍.ଫିଲ୍ କରିବାରେ ମନୋନିବେଶ କରିଥିଲେ ଘେନୁ। ତେବେ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟରେ ସେ ପିଏଚ୍.ଡି. କରିବାକୁ ଭାରତ ସରକାରଙ୍କ ପକ୍ଷରୁ ସ୍କଲାରଶିପ୍ ପାଇଥିଲେ ମଧ୍ୟ ସେଠାକୁ ଯାଇ ରହି କିଛିଦିନ ନିଜେ ଚଳିବାକୁ ଅନ୍ତତଃ ୧ଲକ୍ଷ ଟଙ୍କା ଆବଶ୍ୟକ। ଏହି ଅର୍ଥ ଦେବାକୁ ତାଙ୍କ ପରିବାର ଅସମର୍ଥ। ଫଳରେ ତାଙ୍କର ଅଷ୍ଟ୍ରେଲିଆ ଗସ୍ତ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଯିବେ କି ନ ଯିବେ, ଏତେବଡ଼ ସୁଯୋଗ ହାତଛଡ଼ା ହୋଇଯିବା ନେଇ ଏବେ ଚିନ୍ତାରେ ରହିଛନ୍ତି ଘେନୁ। କେବଳ ପାଠପଢ଼ା ପ୍ରତି ନିଜର ଯେତିକି ପ୍ରତିବଦ୍ଧତା ସେ ରଖିଛନ୍ତି ତା'ନୁହେଁ ନିଜ ଗ୍ରାମର ଉନ୍ନତି ପାଇଁ ମଧ୍ୟ ସେ ଗ୍ରାମରେ ଥିବା ବେଳେ ଗୁରୁତ୍ୱ ଦେଇଛନ୍ତି। ଲକ୍‌ଡାଉନ ସମୟରେ ଘେନୁ ନିଜ ଗ୍ରାମକୁ ଆସି ଗ୍ରାମରେ ପାନୀୟ ଜଳ ସୁବିଧା ଓ ବିଦ୍ୟୁତ୍ ବ୍ୟବସ୍ଥା କରାଇଛନ୍ତି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ କରିଛନ୍ତି। କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ରାଜ୍ୟ ସରକାର ତାଙ୍କୁ ସହାୟତା କଲେ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରିପାରିବେ ବୋଲି ସେ ଆଶା ରଖିଛନ୍ତି।

# ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା



ପୋଲିସ ଅଭିଯୁକ୍ତ କିଶୋରୀଙ୍କୁ କାବୁ କରୁଛି।

ବୌଦ୍ଧ/ତଳଗାଁ,୨୨।୭ (ଅଜିତ କୁମାର ବାରିକ/ କୁନା ବେହେରା)

**ଅଭିଯୁକ୍ତ ସ୍ୱାମୀ ଗିରଫ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ଗଣ୍ଡାପାଳୁ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାମାନ୍ୟ ବଚସାରୁ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀର ଅକାଳ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଦୁର୍ଲଭା ନାଏକ (୩୭)। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ପ୍ରକାଶ ଯେ, ସକାଳେ ଗଣ୍ଡାପାଳୁ ଗ୍ରାମର କିଶୋରୀ ନାଏକଙ୍କ ସ୍ତ୍ରୀ ଦୁର୍ଲଭା ସ୍ୱାମୀଙ୍କୁ ପଖାଳ ଖାଇ ସାରି ପାଖ ଜଙ୍ଗଲ ଯାଇ ବାଉଁଶ ଆଣିବାକୁ କହିଥିଲେ। ବର୍ଷା ଦିନ ହୋଇଥିବାରୁ ପରିବାର ଚଳାଇବା ପାଇଁ ବାଉଁଶ ଆଣିଲେ ଘରେ ବସି ଟୋକେଇ, କୁଲା, ଚାଙ୍ଗୁଡି ତିଆରି କରି ବିକ୍ରି କରିବା ବୋଲି ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହାକୁ ନେଇ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସ୍ୱାମୀ କିଶୋରୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଦୁର୍ଲଭା ଘର ବାରଣ୍ଡାରେ ବସିଥିବା ବେଳେ ଏକ ଟାଙ୍ଗିଆରେ ତାଙ୍କ ବେକକୁ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ପୁରୁଣାକଟକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀଙ୍କୁ କାବୁ କରିଥିଲା। ଘଟଣାସ୍ଥଳରେ ଫରେନସିକ୍ ଟିମ୍, ଏସ୍‌ଡିପିଓ ଏସ୍. ବାରଲା, ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ, ଆଡେଣିଗଡ଼ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୋଲିସ କିଶୋରୀଙ୍କ ନିକଟରୁ ଟାଙ୍ଗିଆ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୁରୁଣାକଟକ ଥାନାରେ ନଂ .୧୧୨/୨୩ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। କିଶୋରୀଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ, କିଶୋରୀଙ୍କ ୧୭ ବର୍ଷର ଅବିବାହିତା ଝିଅ ଓ ୧୧ ବର୍ଷର ଗୋଟିଏ ପୁଅ ଅଛି। କିଶୋରୀ ଗିରଫ ହୋଇଥିବାରୁ ଦୁଇ ପିଲା ବେସାହାରା ହୋଇ ପଡିଛନ୍ତି।

# ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ଅପହରଣ, ବଳାତ୍କାର ମାମଲା

ବାଲେଶ୍ୱର, ୨୨।୭ (ମାନସ ବିଶ୍ୱାଳ)

ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ରଞ୍ଜନ କୁମାର ସୂତାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ସିମୁଳିଆ ଥାନା ଅଧୀନ ଜାମୁଝାଡ଼ି ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ଗତ ୨୦୨୨ ଅଗଷ୍ଟ ୪ତାରିଖ ସକାଳେ ସିମୁଳିଆ କଲେଜକୁ ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରି ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତରାସୁଣୀ ଗ୍ରାମର ସୁବାସ ମଲିକ ନାମକ ଯୁବକ ତାଙ୍କ ଝିଅକୁ ଅପହରଣ କରିନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ସିମୁଳିଆ ଥାନାରେ ନାବାଳିକାଙ୍କ ବାପା ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୧୬/୨୨) ରୁଜୁ ହୋଇଥିଲା। ଉକ୍ତ ମାମଲା ବାଲେଶ୍ୱର ପୋକ୍‌ସୋ କୋର୍ଟରେ ବିଚାରାଧୀନ ଥିଲା। ଶନିବାର ମାମଲାର ବିଚାର କରି ୧୫ ଜଣ ସାକ୍ଷ୍ୟ ଓ ୧୮ ଦସ୍ତାବିଜକୁ ଆଧାର କରି ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ଖତଗଦାରୁ ଶିଶୁ କନ୍ୟା ଉଦ୍ଧାର

ମାଲକାନଗିରି,୨୨।୭(ଦୁର୍ଯ୍ୟୋଧନ ପାତ୍ର)/ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ସଦର ମହକୁମା ତଳସାହିଠାରେ ଥିବା ଖତଗଦାରୁ ଏକ ନବଜାତ ଶିଶୁକନ୍ୟାକୁ ଶନିବାର ଉଦ୍ଧାର କରାଯାଇଛି। ଭୋର ୪ ଟାରେ ଖତଗଦାରେ ଶିଶୁର କାନ୍ଦିବା ଶବ୍ଦ ଶୁଭିଥିଲା। କେତେଜଣ ଲୋକ କାନ୍ଦ ଶୁଣି ସେଠାକୁ ଯାଇ ଏକ ଜରିବସ୍ତାରେ ବନ୍ଧାହୋଇ ପଡ଼ିଥିବା ସଦ୍ୟ ନବଜାତ ଶିଶୁ କନ୍ୟା ଦେଖିବାକୁ ପାଇଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ଚାଇଲ୍ଡ଼ଲାଇନ୍ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାରକରି ଜିଲା ଚିକିତ୍ସାଳୟକୁ ନେଇ ଚାଇଲ୍ଡ଼ଲାଇନକୁ ଜଣାଇଥିଲା। ପରେ ଚାଇଲ୍ଡ଼ ଲାଇନ କର୍ମକର୍ତ୍ତା ତାକୁ ନିଜ ହେପାଜତକୁ ନେଇ ଶିଶୁଗୃହରେ ରଖିଛନ୍ତି। ଡାକ୍ତର ଅନୁପମା ମହାନା କହିଛନ୍ତି, ଉଦ୍ଧାର ଶିଶୁଟି ବର୍ତ୍ତମାନ ସୁସ୍ଥ ଅଛି। ସେ ଦିନକର ଶିଶୁ। ଶୁକ୍ରବାର ଚିକିତ୍ସାଳୟରେ କୌଣସି ଶିଶୁ କନ୍ୟା ଜନ୍ମ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କୁ ପଚାରିବାରୁ ଶନିବାର ଭୋରୁ ଏକ ନବଜାତ ଶିଶୁକନ୍ୟାକୁ ପୋଲିସ ଉଦ୍ଧାର କରିଛି। ସେହି ଶିଶୁଟିକୁ ଜିଲା ଚିକିତ୍ସାଳୟ ଏସ୍‌ଏନ୍‌ସିୟୁସିରେ ରଖାଯାଇ ଚିକିତ୍ସା କରାଯାଇଛି। ଶିଶୁ ସୁରକ୍ଷା ଅଣ ଆନୁଷ୍ଠାନିକ ଯତ୍ନାଧିକାରୀ ଗଙ୍ଗାଧର ଶବର ଓ ଚାଇଲ୍ଡ଼ଲାଇନ, ପରିବର୍ତ୍ତନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକଙ୍କୁ ପଠାଯାଇ ଶିଶୁଟି କାହାର, କିପରି ଖତଗଦାରେ ପଡ଼ିଲା ସେ ସମ୍ପର୍କରେ ତଦନ୍ତ କରାଯାଉଛି।

**ଜାତୀୟ ଅଭିଭାବକ ଦିବସ**

# ମାତାପିତା ସାକ୍ଷାତ୍ ଈଶ୍ୱର

ମାତାପିତା ମାନବ ଇତିହାସ ଆରମ୍ଭରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି! ପିଲାମାନଙ୍କୁ ଦୁନିଆକୁ ଆଣିବା ଏବଂ ସେମାନଙ୍କୁ ସମାଜରେ ସୁସ୍ଥ ଏବଂ ସୁରକ୍ଷିତ ଜୀବିତ ରଖିବା କିଛି ଛୋଟ କାମ ନୁହେଁ। ପିଲାମାନଙ୍କର ସମଗ୍ର ଜୀବନକୁ ଯୋଗ୍ୟ ଏବଂ ସ୍ୱାବଲମ୍ବୀ କରି, ମାତାପିତାମାନେ ନିଜ ପରିବାରକୁ ଭଲପାଇବା ଏବଂ ପୋଷଣ କରିବା ପାଇଁ ଯଥାସମ୍ଭବ କାର୍ଯ୍ୟ କରିବାକୁ କଠିନ ପରିଶ୍ରମ କରିଥାନ୍ତି। ତେଣୁ ମାତାପିତାଙ୍କ ଏଭଳି ମହାନ୍ ପ୍ରୟାସକୁ ସମ୍ମାନ ଦେବା ପାଇଁ ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ରବିବାର ଆମେରିକାରେ ଜାତୀୟ ଅଭିଭାବକ ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସ ଜୁଲାଇ ୨୩ରେ ପାଳନ କରାଯାଉଛି।

ଜୀବନର ପ୍ରତିଟି ମୁହୂର୍ତ୍ତ ଓ ପ୍ରତ୍ୟେକ ଦିନ ମାତାପିତା ନିଜ ସନ୍ତାନଙ୍କୁ ଖୁସି ଦେବା ପାଇଁ ପ୍ରୟାସ କରିଥାଆନ୍ତି। ସେଭଳି ମାତାପିତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ଓ ସନ୍ତାନଙ୍କ ପାଇଁ ତାଙ୍କ ବଳିଦାନକୁ ମନେପକାଇ ତାଙ୍କ ନିମନ୍ତେ ଏହି ଦିନକୁ ପାଳନ କରାଯାଇଥାଏ। ଏହି ଦିବସର ପାଳନ ଖୁବ୍ ମହତ୍ୱପୂର୍ଣ୍ଣ।



ମାତାପିତାଙ୍କୁ ସ୍ନେହ, ଭକ୍ତି ଓ ଯଥାର୍ଥ ସମ୍ମାନ ଦେବା ଦ୍ୱାରା ଭଗବାନ ସନ୍ତୁଷ୍ଟ ହୋଇଥାଆନ୍ତି। ମାତାପିତାଙ୍କୁ ସମ୍ମାନ ଭଗବାନଙ୍କ ନିକଟରେ ପ୍ରଣାମ କରିବା ସହ ସମାନ ହୋଇଥାଏ। ଶିଶୁଟି ମଧ୍ୟରେ ଭଗବାନ ପ୍ରାଣ ସଞ୍ଚାର କରିଥାଆନ୍ତି, ପ୍ରତ୍ୟେକ ସନ୍ତାନ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ମାତ୍ର ସେ ନିଜର ସମସ୍ତ ପିଲାଙ୍କ ନିକଟରେ ସବୁ ସ୍ଥାନରେ ଓ ସବୁବେଳେ ରହି ତାଙ୍କର ଟିକିନିକି କଥା ସମ୍ପୂର୍ଣ୍ଣ ଭାବେ ବୁଝିବା ପାଇଁ ପ୍ରତି ପିଲାଙ୍କୁ ମାତାପିତା ସ୍ୱରୂପ ଉପହାର ଦେଇଥାଆନ୍ତି।ପିଲାଙ୍କ ପାଇଁ ଏ ପୃଥିବୀ ପୃଷ୍ଠରେ ମାତାପିତା ହେଉଛନ୍ତି ସାକ୍ଷାତ୍ ଈଶ୍ୱରଙ୍କ ସ୍ୱରୂପ, ଯେ କି ନିଜ ସନ୍ତାନକୁ ସୁଖ ଓ ଶାନ୍ତି ଦେବା ପାଇଁ କେବେ ମଧ୍ୟ ଭୁଲି ନ ଥାଆନ୍ତି। ନିଜ ପିଲାଙ୍କ ପାଇଁ ମାତାପିତା ଦିନରାତି ପରିଶ୍ରମ କରିଥାଆନ୍ତି। ଯେପରି ତାଙ୍କ ସନ୍ତାନକୁ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ନ ପଡ଼େ। ନିଜ ସନ୍ତାନଙ୍କ ପାଇଁ ସର୍ବଦା ବଳିଦାନ ଦେବା ହିଁ ମାତାପିତାଙ୍କର ମନୋବୃତ୍ତି। ଏହି ସମସ୍ତ ମହତ୍ ଗୁଣ ପାଇଁ ମାତାପିତା ସାରା ଦୁନିଆରେ ମହତ୍ୱପୂର୍ଣ୍ଣ।

ଯୁକ୍ତରାଷ୍ଟ୍ରରେ ମାତାପିତାଙ୍କ ଦିବସ ଜୁଲାଇ ଚତୁର୍ଥ ରବିବାର ଅନୁଷ୍ଠିତ ହୋଇଥିଲା ଏହା ୧୯୯୪ ରେ ପ୍ରତିଷ୍ଠିତ ହୋଇଥିଲା, ଯେତେବେଳେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଶିଶୁଙ୍କ ପ୍ରତିପୋଷଣରେ ମାତାପିତାଙ୍କ ଭୂମିକାକୁ ଚିହ୍ନିବା, ବୃଦ୍ଧି କରିବା ଏବଂ ସମର୍ଥନ କରିବା ପାଇଁ ଆଇନ ୩୬ ୟୁଏସ୍‌ସି. ଇ ୧୩୫ ଅନୁସାରେ ସ୍ୱାକ୍ଷର କରିଥିଲେ। ରିପବ୍ଲିକାନ୍ ସିନେଟ୍‌ର ଟ୍ରେଣ୍ଟ ଲଟ୍ ଏହି ବିଲ୍ ଆଗତ କରିଥିଲେ। ଏହାକୁ ଏକୀକରଣ ଚର୍ଚ୍ଚର ସଦସ୍ୟମାନେ ସମର୍ଥନ କରିଥିଲେ, ଯାହାକି ମାତାପିତା ଦିବସ ନାମରେ ଏକ ଛୁଟିଦିନ ପାଳନ କରିଥାଏ। ଫଳରେ ଏକ ଭିନ୍ନ ତାରିଖରେ ଅଭିଭାବକ ଦିବସ ସମଗ୍ର ଯୁକ୍ତରାଷ୍ଟ୍ରରେ ପାଳନ କରାଯାଇଥାଏ।

![OFFICE OF THE DIVISIONAL FOREST OFFICER: DEOGARH DIVISION]

**OFFICE OF THE DIVISIONAL FOREST OFFICER: DEOGARH DIVISION**
Phone No. 06641-291002 (OFFICE/FAX), Email- dfo.deogarh@odisha.gov.in
NOTICE NO.03 OF 2023-24, DATE:21.07.2023
**WALK IN INTERVIEW on dt 03.08.2023**

**No.MM-103:**Deogarh Forest Division invites Applications from interested Candidates for engagement of One Veterinary Surgeon for Mobile Veterinary Unit in Deogarh Forest Division. The Walk-in-interview is scheduled to be held on 03.08.2023 at 11:00 AM in the conference hall of Deogarh Forest Division. The application form along with detailed terms and conditions shall be available on the website **www.deogarh.nic.in/ www.odishaforest.in** from dt.22.07.2023 to 02.08.2023.

| Sl. No. | Job Description | Name and Number of Posts | Educational Qualification | Consolidated Monthly Remuneration | Remarks |
|---|---|---|---|---|---|
| 1 | Veterinary Surgeon for Mobile Veterinary Services (MVS) unit in Deogarh Forest Division | Veterinary Surgeon - 01 (one) post | M.Va.Sc/ B.V.Sc. & A.H. | Rs.55,000/- inclusive of TA, DA, etc. | Wildlife Veterinarians/Retired Veterinarians having experience in wildlife will be engaged by following due procedure. |

Eligible Candidates are requested to send their resumes and certified copies of the educational qualifications, Experience certificate, Email ID, Mobile No. and Expression of Interest (EOI) to work at Deogarh (Deogarh Forest Division and Rourkela Circle as per the exigencies) to the mail id of the DFO, Deogarh. Authority reserves the right to cancel the Engagement without assigning any reason thereof. **The candidates need to send all these documents to the office of the undersigned by e-mail id/By Registered post/Speed post/By courier before 05:00 pm of 02nd August, 2023.**
**Email-id: dfo.deogarh@odisha.gov.in**
**Post/Courier: Divisional Forest Officer, Office of the DFO, Deogarh Forest Division,**
**At: - Traffic Chowk, Pin-768108**
**Sd./- Divisional Forest Officer, Deogarh Forest Division**
**OIPR-08041/11/0004/2324**

# ଦେଶ ବିକାଶରେ ଆକାଶବାଣୀ

**ଜାତୀୟ ପ୍ରସାରଣ ଦିବସ**

ଜୁଲାଇ ୨୩ରେ ଆମ ଜୀବନରେ ରେଡିଓର ଗଭୀର ପ୍ରଭାବକୁ ସମ୍ମାନ ଜଣାଇବା ପାଇଁ ଭାରତରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଇଥାଏ। ଏହି ଦିବସରେ ଭାରତରେ ସର୍ବପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା, ଯାହା ଅଲ୍ ଇଣ୍ଡିଆ ରେଡିଓ(ଏଆଇଆର) ଭାବେ ଜଣାଶୁଣା। ଏହି ଉତ୍ସବକୁ ପାଳନ କରିବା ପାଇଁ ଅଲ୍ ଇଣ୍ଡିଆ ରେଡିଓ ଦେଶର ବିଭିନ୍ନ ଅଞ୍ଚଳରେ ଆଲୋଚନାଚକ୍ର କରି ଏକ ଆଧୁନିକ ଭାରତ ଗଠନରେ ପ୍ରସାରଣର ଭୂମିକା ଏବଂ ଯୋଗାଯୋଗର ନୂତନ ମାଧ୍ୟମ ଅନୁସନ୍ଧାନ ଉପରେ ଗୁରୁତ୍ୱାରୋପ କରିଥାଏ।

୧୯୨୩ରେ ବମ୍ବେର ରେଡିଓ କ୍ଲବରୁ ଏକ ପଦକ୍ଷେପ ଭାବେ ରେଡିଓ ପ୍ରସାରଣ ଆରମ୍ଭ କରାଯାଇଥିଲା। ୧୯୨୭ରେ ଭାରତୀୟ ବ୍ରଡ୍‌କାଷ୍ଟିଂ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେଶନରୁ ଭାରତର ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା। ୨୩ ଜୁଲାଇ ୧୯୨୭ରେ ଅଲ୍ ଇଣ୍ଡିଆ ରେଡିଓ ଇଣ୍ଡିଆନ ବ୍ରଡ୍‌କାଷ୍ଟିଂ କମ୍ପାନୀ ଲିମିଟେଡ୍ (ଆଇବିସି) ନାମକ ଏକ ଘରୋଇ କମ୍ପାନୀ ଭାବେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହି ତାରିଖ ୧୯୩୬ ମସିହାରେ ପ୍ରତିଷ୍ଠିତ ଜାତୀୟ ପ୍ରସାରଣ ଦିବସ ପାଳନ ପାଇଁ ଆଧାର ହୋଇପାରିଥିଲା। ପରେ ୮ ଜୁନ୍ ୧୯୩୬ରେ ଆଇବିସି ଅଲ୍ ଇଣ୍ଡିଆ ରେଡିଓରେ ରୂପାନ୍ତରିତ ହୋଇଥିଲା। ୧୯୫୬ ମସିହାରେ, ରବୀନ୍ଦ୍ରନାଥ ଟାଗୋରଙ୍କ ୧୯୩୮ରେ ରଚିତ କବିତା ଆକାଶବାଣୀ ଦ୍ୱାରା ଅନୁପ୍ରାଣିତ ହୋଇ ପରେ ଏହାକୁ ଆକାଶବାଣୀ ନାମରେ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଥିଲା। ଏକ ସ୍ୱାଧୀନ ଭାରତ ଗଠନରେ ଭାରତୀୟ ରେଡିଓ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସ୍ୱାଧୀନତା ହାସଲ ପୂର୍ବରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଆଜାଦ୍ ହିନ୍ଦ୍ ରେଡିଓ ଏବଂ କଂଗ୍ରେସ ରେଡିଓ ଉଭୟ ବ୍ରିଟିଶ୍ ଉପନିବେଶ ଶାସନ ବିରୋଧରେ ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଧିକନ୍ତୁ, ୧୯୭୧ ଯୁଦ୍ଧ ସମୟରେ ଆକାଶବାଣୀ ଦମନକାରୀ ପାକିସ୍ତାନୀ ସୈନ୍ୟ ବିରୁଦ୍ଧରେ ବାଂଲାଦେଶର ମୁକ୍ତି ସଂଗ୍ରାମକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଅବଦାନଗୁଡିକ ଦେଶ ଗଠନରେ ରେଡିଓ ପ୍ରସାରଣର ଅପାର ପ୍ରଭାବକୁ ଉଲ୍ଲେଖ କରିଥାଏ। ଫଳସ୍ୱରୂପ, ଜାତୀୟ ପ୍ରସାରଣ ଦିବସ ଆମ ଦେଶ ପାଇଁ ଏକ ମହତ୍ୱପୂର୍ଣ୍ଣ ଉତ୍ସବ ଭାବରେ ପ୍ରସାରଣର ଶକ୍ତି ତଥା ଭାରତର ଇତିହାସ ଗଠନରେ ଏହାର ଭୂମିକାକୁ ପାଳନ କରିଥାଏ।

ଭାରତରେ ରେଡିଓ ପ୍ରସାରଣର ଇତିହାସ ଅତି ପୁରୁଣା। ବମ୍ବେ, କଲିକତା(କୋଲ୍‌କାତା), ଏବଂ ମାଡ୍ରାସ(ଚେନ୍ନାଇ)ରେ ରେଡିଓ କ୍ଲବ ପ୍ରତିଷ୍ଠା ସହିତ ୧୯୨୩ ଏବଂ ୧୯୨୪ ମସିହାରେ ଭାରତରେ ରେଡିଓ ପ୍ରସାରଣ ବ୍ୟକ୍ତିଗତ ପଦକ୍ଷେପ ଭାବେ ଆରମ୍ଭ ହୋଇଥିଲା। ତେବେ ଆର୍ଥିକ ପ୍ରତିବନ୍ଧକ ଯୋଗୁ ଏହି ଷ୍ଟେଶନଗୁଡ଼ିକୁ ବନ୍ଦ କରିବାକୁ ପଡ଼ିଥିଲା। ଜୁଲାଇ ୧୯୨୭ରେ ବମ୍ବେରେ ଏବଂ ମାସେ ପରେ କଲିକତାରେ ଭାରତ ସରକାର ଏବଂ ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କମ୍ପାନୀ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିନାମା ମାଧ୍ୟମରେ ପ୍ରସାରଣ ସେବା ଆରମ୍ଭ କରାଯାଇଥିଲା। ଭାରତୀୟ ବ୍ରଡ୍‌କାଷ୍ଟିଂ କମ୍ପାନୀ ବନ୍ଦକୁ ନେଇ ଜନସାଧାରଣଙ୍କ ଅସନ୍ତୋଷର ଉତ୍ତରରେ ସରକାର ୧ ଏପ୍ରିଲ ୧୯୩୦ରେ ଏହାର ପ୍ରସାରଣ ଦାୟିତ୍ୱ ଗ୍ରହଣ କରି ଏହାକୁ ଭାରତୀୟ ରାଜ୍ୟ ପ୍ରସାରଣ ସେବା(ଆଇଏସ୍‌ବିଏସ୍) ନାମରେ ନାମିତ କରିଥିଲେ। ପ୍ରାରମ୍ଭରେ ପରୀକ୍ଷାମୂଳକ ଭାବେ ଏହା ୧୯୩୨ରେ ସ୍ଥାୟୀ ଭାବରେ ସରକାରୀ ନିୟନ୍ତ୍ରଣରେ ରହିଥିଲା। ୧୯୩୬ ମସିହାରେ ଦିଲ୍ଲୀରେ ଏକ ନୂତନ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରାଯାଇଥିଲା। ସେହି ବର୍ଷ ଜୁନ୍ ୮ରେ ଭାରତୀୟ ପ୍ରସାରଣ ସେବାକୁ ଏଆଇଆର ଭାବେ ପୁନଃ ନାମିତ କରାଯାଇଥିଲା। ଦିଲ୍ଲୀ ଷ୍ଟେଶନ ଶେଷରେ ଜାତୀୟସ୍ତରର ପ୍ରସାରଣ କେନ୍ଦ୍ର ଭାବେ ପରିଣତ ହୋଇଥିଲା।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1386
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
Tender Call Notice No.H.O./P&C/EST-E-1497/03/2023 22191 Dated 17.07.2023
**NOTICE INVITING TENDER THROUGH e-Procurement**
**Bid Reference No.P&C/EST/E-79/2023-24**
**Name of the Work:** Construction of Internal Road (1.0 Km) at proposed MSME Park at Reuna in Dist. Sundergarh. **Estimated Cost: Rs.278.90 Lakhs (Approx.). Period of Completion: 04 (Four) Calendar Months.**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/EST/ E-79/2023-24 | 17.00 Hours of 18.08.2023 | 17.00 Hours of 02.09.2023 |

**Further details can be seen from the e-procurement portal www. Tendersorissa.gov.in** and Corrigendum if any will not be published in newspapers and can only be seen in the e-procurement portal **www. tenderorissa.gov.in and IDCO website www.idco.in**
**Sd./- Chief General Manager (P&C), IDCO, Bhubaneswar**
**OIPR-14003/11/0130/2324**

**ZILLA SWASTHYA SAMITI, GANJAM**
**Objections for the different in-House Posts under NHM Programme**
**Advt.No.10280** **Date:21.07.2023**
**Notice for objection of contractual Appointment under NHM**
**No.E-277:**In response to the advertisement 3541 dated 06.03.2023 published in daily newspaper **"The Sambada & The Dharitri"** on dated **10.03.2023** for the different posts under NHM Ganjam district. The provisional data base has been prepared and published in district website: **https://ganjam.nic.in.** The list is purely provisional in nature and subject to change. All the candidates who had applied for the same posts are requested to go through the list and submit the objection if any through speed post/Registered post only to the CDM&PHO, Ganjam, Pin- 760001, Near City Hospital and Berhampur. No new document is to be received; only data base entry errors are to be considered. The last date for receiving the objection is on or before 05.08.2023 till 5 P.M. The authority is not responsible for any delay of receiving the application. All the candidates are also requested to visit the district website Ganjam frequently for all communication related to this recruitment process. The undersigned reserves the right to cancel/ reject the notice without assigning any reason thereof.
**Sd./-CDM&PHO Cum DMD, Ganjam**
**OIPR-10041/11/0009/2324**

**OFFICE OF THE DIVISIONAL FOREST OFFICER ANGUL (T) FOREST DIVISION**
**Ltr.No.4167, Dated. 21.07.2023**
**Tender for Sealed Quotation High Mast Electric Light**
**No.MM-104:**Sealed tender quotation Call are invited for high mast electric light to this office latest by 07.08.2023. For detailed tender notice go through this office website: www.angul.nic.in & www.odishaforest.in.
**Divisional Forest Officer Angul Division**
**OIPR-08027/11/0006/2324**

**OFFICE OF THE SUPERINTENDING ENGINEER RENGALI DAM DIVISION,RENGALI DAM SITE, ANGUL-759105**
**E-mail:rengalidam@gmail.com**
**No.A-365: 'e' PROCUREMENT NOTICE**

| | | |
|---|---|---|
| 1 | Nature of the works | Slope Protection to left abutment, Gallery calcinations Cleaning, Widening of Road by Paver Block etc |
| 2 | No. of works | 03(Three) |
| 3 | Value of works | Varies from Rs.9.39 Lakh to Rs. 16.70 Lakhs |
| 4 | Period of completion | 04 (Four) to 07 (Seven) Calendar Months |
| 5 | Class of contractors | 'D' & 'C' |
| 6 | Procurement Officer | Superintending Engineer, Rengali Dam Division, Rengali Dam site. |
| 7 | Bid Identification No. | RDD-02/2023-24 |
| 8 | Availability of tender for Online bidding | From 10.00 hrs of 26.07.2023 to 05.08.2023 up to 15.00 hrs |
| 9 | Last date and time of seeking tender clarification | 31.07.2023 up to 15.00 hrs |
| 10 | Date and time of opening of Bid | 07.08.2023 at 11.00 hrs. |

Further details conditions can be seen from the Govt. website www. tendersorissa.gov.in.
**Sd./- Superintending Engineer, Rengali Dam Division, Rengali Dam Site**
**OIPR-32028/11/0002/2324**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................


ଯଶ୍
ପରିବାରବର୍ଗ


ଗୁଡୁନି
ପରିବାରବର୍ଗ


ଇଶାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦଳରେ କେହି ଅସନ୍ତୁଷ୍ଟ ନାହାନ୍ତି: ଶରତ

ଭୁବନେଶ୍ୱର,୨୨।୭(ଅନିଲ ଦାସ)


ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ରାଜ୍ୟ କଂଗ୍ରେସରୁ ୨ଜଣ ବରିଷ୍ଠ ନେତା ବିଧାୟକ ମହମ୍ମଦ ମୋକିମ ଏବଂ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ନିଲମ୍ବିତ କରିବା ପରେ ରାଜ୍ୟ କଂଗ୍ରେସରେ ଦୁଇଟି ଗୋଷ୍ଠୀ ମୁଣ୍ଡ ଟେକିଛି।

ଗୋଟିଏ ପଟେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଦଳୀୟ ଶୀର୍ଷ ନେତାଙ୍କ ନିଷ୍ପତ୍ତି ଓ ନେତୃତ୍ୱକୁ ବିରୋଧ କରାଯାଇଛି। କେବଳ ସେତିକି ନୁହେଁ, କାର୍ଯ୍ୟକାରିଣୀ ପୂର୍ବରୁ ବସିଥିବା ରାଜନୈତିକ ବ୍ୟାପାର ବୈଠକରେ ମୋକିମ ଏବଂ ଚିରଞ୍ଜୀବଙ୍କ ନିଲମ୍ବନ ପ୍ରସଙ୍ଗ ଉଠିଥିଲା। ଗୋଟିଏ ଗୋଷ୍ଠୀ ସମର୍ଥନରେ ବାହାରିଥିବା ବେଳେ ଆଉ କେତେକ ନିଲମ୍ବନକୁ ବିରୋଧ କରିଥିଲେ। ରାଜସ୍ଥାନର ଗେହଲଟ-ପାଇଲଟ୍ ବିବାଦକୁ ଯେପରି ବିନା କାର୍ଯ୍ୟାନୁଷ୍ଠାନରେ ଆଲୋଚନା ମାଧ୍ୟମରେ ସମାଧାନ କରାଗଲା, ଓଡ଼ିଶାରେ କାହିଁକି ସେଭଳି ନୀତି ଆପଣା ଗଲାନାହିଁ ବୋଲି ମଧ୍ୟ ବୈଠକରେ ମତପ୍ରକାଶ ପାଇଛି। ଏହାଛଡ଼ା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଦରଦାମ ବୃଦ୍ଧି, ବେକାରି, ଚିଟ୍‌ଫଣ୍ଡ, ପଛୁଆ ବର୍ଗ ପ୍ରତି ଅବହେଳା, ମହିଳାଙ୍କ ସୁରକ୍ଷା, ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହାକୁ ଆଧାର କରି ୨୦୨୪ ରଣନୀତି ପ୍ରସ୍ତୁତ କରିବାକୁ ଦଳ ଯୋଜନା କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

### କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

- ଦରଦାମ ବୃଦ୍ଧି, ବେକାରି, ଚିଟ୍‌ଫଣ୍ଡ, ପଛୁଆ ବର୍ଗ ପ୍ରତି ଅବହେଳା, ମହିଳାଙ୍କ ସୁରକ୍ଷା, ଛାତ୍ର ସଂସଦ ନିର୍ବାଚନ ହେବ ମୁଖ୍ୟ ପ୍ରସଙ୍ଗ
- ଦୁଇନେତାଙ୍କ ନିଲମ୍ବନକୁ ନେଇ କର୍ମୀ ମହଲରେ ଅସନ୍ତୋଷ

ଅନ୍ୟପକ୍ଷରେ ନିଲମ୍ବନକୁ ମୋକିମ-ଚିରଞ୍ଜୀବଙ୍କ ସମର୍ଥକ ସହଜରେ ହଜମ କରିପାରୁନାହାନ୍ତି। ପ୍ରତିବାଦର ସ୍ୱର ଥମିବାର ନାଁ ଧରୁନି । ଶୁକ୍ରବାର କଂଗ୍ରେସ ଭବନରେ ହୋହଲ୍ଲା କରିବା ପରେ ଶନିବାର କଟକରେ ବହୁ କଂଗ୍ରେସ କର୍ମୀ ମୌନ ପ୍ରତିବାଦ କରି ଦୁଇ ନେତାଙ୍କ ନିଲମ୍ବନ ହଟାଇବାକୁ ଦାବି କରିଛନ୍ତି। ଫଳରେ କଂଗ୍ରେସ କନ୍ଦଳ ବଢ଼ି ବଢ଼ି ଚାଲିଛି। ଏପରି ସ୍ଥଳେ ଦଳ ବିଦ୍ରୋହୀଙ୍କୁ କିପରି ପରିଚାଳନା କରି ନିର୍ବାଚନକୁ ଓହ୍ଲାଇବ ତାହା ବଡ଼ ପ୍ରଶ୍ନ ହୋଇଛି। ତେବେ ପିସିସି ସଭାପତି ଶରତ କହିଛନ୍ତି, ଦଳରେ କୌଣସି ଲୋକ ଅସନ୍ତୁଷ୍ଟ ନାହାନ୍ତି। ସମସ୍ତେ ସନ୍ତୁଷ୍ଟ ଅଛନ୍ତି। ଯାହା ବି ହୋଇଛି ତାହା କଂଗ୍ରେସ ପରିବାରର କଥା।


ଶଙ୍ଖଭବନଠାରେ ଶନିବାର ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଭିଡିଓ କନ୍‌ଫରେନ୍ସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ମହିଳା ସଶକ୍ତୀକରଣ ସ୍ଲୋଗାନ ନୁହେଁ, ଆମ ପ୍ରଗତିର ମନ୍ତ୍ର: ନବୀନ

ଭୁବନେଶ୍ୱର,୨୨।୭(ଅନିଲ ଦାସ)

ମହିଳା ସଶକ୍ତୀକରଣ ଆମ ପାଇଁ ଏକ ସ୍ଲୋଗାନ ନୁହେଁ, ଏହା ଆମ ପ୍ରଗତିର ମନ୍ତ୍ର । ମୁଁ ସବୁବେଳେ କହି ଆସିଛି ଆଉ ମୋର ଦୃଢ଼ ବିଶ୍ୱାସ ଯେ ମା'ମାନଙ୍କ ସଶକ୍ତୀକରଣ ବିନା କୌଣସି ସମାଜ, ରାଜ୍ୟ ବା ଦେଶ କେବେ ଆଗକୁ ଯାଇପାରିବ ନାହିଁ। ଶନିବାର ଶଙ୍ଖଭବନଠାରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମହିଳା କର୍ମୀମାନଙ୍କୁ ସ୍ୱାଗତ ଜଣାଇ ସଭାପତି କହିଛନ୍ତି ଯେ ଖୁସିର କଥା, ଆଜି ଆମ ଓଡ଼ିଶାର ମା'ମାନେ ସଶକ୍ତ ହୋଇଛନ୍ତି। ବିକାଶର ସବୁ କ୍ଷେତ୍ରରେ ସେମାନଙ୍କ ଭୂମିକା ଦୃଶ୍ୟମାନ ହୋଇଛି। ସେମାନେ ଏବେ ଓଡ଼ିଶାର ବିକାଶରେ ସମାନ ଅଂଶୀଦାର ଓ ଭାଗୀଦାର । ମା'ମାନେ ଏବେ ଗାଁ ଗାଁରେ ନେତୃତ୍ୱ ନେଉଛନ୍ତି। ପଞ୍ଚାୟତରେ ବିକାଶ କଥା ବୁଝୁଛନ୍ତି। ମିଶନ ଶକ୍ତି ଆଜି ମା'ମାନଙ୍କର ଶକ୍ତିକେନ୍ଦ୍ର ହୋଇପାରିଛି। ଧାନ ସଂଗ୍ରହ ହେଉ ବା ସହରରେ ଆହାର କେନ୍ଦ୍ର ପରିଚାଳନା, ବିଦ୍ୟୁତ୍ ମିଟର ରିଡିଂ, ଜଳ ସାଥୀ ଆଦି ସବୁ ଦାୟିତ୍ୱ ମା'ମାନେ ବହୁତ ଭଲ ଭାବରେ ବୁଝୁଛନ୍ତି। ମିଶନ ଶକ୍ତି କାଫେ ଏବେ ସାରା ରାଜ୍ୟରେ ପୁଷ୍ଟିର ବାର୍ତ୍ତା ଦେଉଛି। ସବୁ ଭଲ କାମରେ ସେମାନେ ଆଗରେ ରହିଛନ୍ତି। ଗତ ବର୍ଷ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ହଜାର କୋଟି ଟଙ୍କାର ଋଣ ଦିଆଯାଇଛି। ୨୫୦ କୋଟିରୁ ଅଧିକ ଟଙ୍କାର ସୁଧ ଫେରସ୍ତ କରାଯାଇଛି। ଏବେ ମା'ମାନଙ୍କ ଯାତାୟାତ ସୁବିଧା ପାଇଁ ସ୍କୁଟର ଯୋଜନା ଆରମ୍ଭ କରିବାକୁ ଯାଉଛୁ। ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ମା'ମାନଙ୍କ ଯିବା ଆସିବା ବିକାଶରେ ଆହୁରି ଶକ୍ତି ଆଣିବ।

### ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ମିଶନ ଶକ୍ତିକୁ ଏବେ ଆମେ ପରବର୍ତ୍ତୀ ସ୍ତରକୁ ନେବା ପାଇଁ କାମ ଆରମ୍ଭ କରିଛୁ। ମା'ମାନଙ୍କୁ ଉଦ୍ୟୋଗୀ କରିବା ପାଇଁ କାମ ଆରମ୍ଭ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ନାରୀ ଅଧିକାର। ଯଦିଓ ମହିଳାମାନେ ତୃଣମୂଳ ସ୍ତରରେ ସଶକ୍ତ ହୋଇଛନ୍ତି ସେମାନେ ରାଜ୍ୟ କିମ୍ବା ଜାତୀୟସ୍ତରରେ ସେତେଟା ଦୃଶ୍ୟମାନ ହେଉନାହାନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ କରିବାକୁ ଆମେ ସର୍ବଦା ସ୍ୱର ଉତ୍ତୋଳନ କରି ଆସିଛୁ। ବିଜୁ ଜନତା ଦଳ ମହିଳାଙ୍କ ଅଧିକାର ପାଇଁ ଗାଁରୁ ପାର୍ଲାମେଣ୍ଟ ଯାଏ ସର୍ବଦା ଉତ୍‌ଥାପନ କରିବ ବୋଲି ନବୀନ କହିଛନ୍ତି। ଏଥିସହିତ ବିକାଶର ବାର୍ତ୍ତା ସହ ଲୋକଙ୍କର ସଶକ୍ତୀକରଣ ବିଷୟକୁ ଗ୍ରାମ ଓ ସହରର ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ବିଜେଡି ସଭାପତି ମହିଳା କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି।

ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କାର୍ଯ୍ୟକାରିଣୀରେ ଅଧ୍ୟକ୍ଷତା କରି କହିଛନ୍ତି, ବିଜେଡି ତୃଣମୂଳ ସ୍ତରରେ ଆହୁରି ମଜଭୁତ ହେବ । ବୈଠକରେ ରାଜନୈତିକ ପ୍ରସ୍ତାବ ଆଗତ ହୋଇଛି। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ନେଇ ଲୋକଙ୍କ ପାଖରେ ପହଞ୍ଚିବୁ । ୫-ଟି ରୂପାନ୍ତରରେ ଶିକ୍ଷାର ବିକାଶ ଘଟିଛି । ବିଏସ୍‌କେୱାଇ ଏକ ଯୁଗାନ୍ତକାରୀ ଯୋଜନା। ମିଶନ ଶକ୍ତି ମାଧ୍ୟମରେ ୭୦ ଲକ୍ଷରୁ ଅଧିକ ମହିଳା ସଶକ୍ତ ହୋଇଛନ୍ତି । ସଂଗଠନକୁ ସୁଦୃଢ଼ କରିବାକୁ ୱାର୍ଡ କମିଟି, ପଞ୍ଚାୟତ କମିଟି, ବ୍ଲକ କମିଟି କରାଯିବ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହି କାର୍ଯ୍ୟକାରିଣୀରେ ମନ୍ତ୍ରୀ, ଦଳର ଏମ୍‌ପି, ବିଧାୟିକା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।


### ପ୍ରଥମ ଜନ୍ମଦିନ ଶୁଭେଚ୍ଛା


କ୍ରିୟାଂଶ (ଇଶାନ)
ଲକ୍ଷ୍ମୀସାଗର, କେନାଲ ରୋଡ୍, ବଡ଼ଗଡ଼, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୦୮୭୬

### ଜନ୍ମଦିନ ଶୁଭେଚ୍ଛା


Divyashree Debarchana
(DD, Guduni, Dhana)
Khandagiribari, BBSR
Birthday wish our prayers to God are to keep you health and blessed always and give you all the strength, happiness along with lots of success "HAPPY BIRTHDAY" Wishes - Bou Minakumari, Maa- Binapani.
ଧ-୦୮୭୭

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା


(ଯଶ୍)
ଯଶ୍‌ରାଜ ସେନାପତି
ଗ୍ରାମ: ବାଂଶ, ନାଉଗାଁ, ଜଗତ୍‌ସିଂହପୁର
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଜେଜେମା', ଜେଜେବାପା, ବଡ଼ବାପା, ବଡ଼ମା', ବଡ଼ଭାଇ, ବଡ଼ଭଉଣୀ, ସାନଭଉଣୀ, ଦାଦା, ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୦୮୮୨


# ମୋଦି କାହିଁକି ମଣିପୁର ଯାଉନାହାନ୍ତି: ଗେହଲଟ


ଅଶୋକ ଗେହଲଟ

**ଜୟପୁର,୨୨।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଣିପୁର ପ୍ରସଙ୍ଗରେ ନୀରବ ରହିବା ନେଇ କଂଗ୍ରେସ ପ୍ରଶ୍ନ କରିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶନିବାର ଜୟପୁରରେ ଗଣମାଧ୍ୟମକୁ କହିଛନ୍ତି, କର୍ଣ୍ଣାଟକ, ରାଜସ୍ଥାନ ଗସ୍ତ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ମଣିପୁର ଯାଉନାହାନ୍ତି। ସେ ସୂଚିତ କରିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ରାଜସ୍ଥାନ ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଯତ୍ନ ନେବା ଆବଶ୍ୟକ। ଏହା ଦ୍ୱାରା ରାଜସ୍ଥାନର ଭାବନାରେ ଆଘାତ ଲାଗିଛି। କିନ୍ତୁ ଅପରପକ୍ଷେ ପ୍ରଧାନମନ୍ତ୍ରୀଙ୍କ ବିଫଳତାକୁ ନେଇ ଜନସାଧାରଣ ଦୁଃଖିତ। ଯଦି ପ୍ରଧାନମନ୍ତ୍ରୀ ମୋଦି ମଣିପୁର ଯାଇପାରୁନାହାନ୍ତି ତେବେ ସେ ଏକ ଜରୁରୀ ବୈଠକ ଡାକି ସେଠାକାର ପରିସ୍ଥିତିର ସମୀକ୍ଷା କରିବା ଜରୁରୀ। ମୁଁ ପ୍ରଥମ ଥର ଦେଖିଲି ପ୍ରଧାନମନ୍ତ୍ରୀ ନିର୍ବାଚନ ପାଇଁ କର୍ଣ୍ଣାଟକ, ରାଜସ୍ଥାନ ଏବଂ ଅନ୍ୟ ରାଜ୍ୟ ଗସ୍ତ କରୁଛନ୍ତି, କିନ୍ତୁ ମଣିପୁର ନୁହେଁ। ମଣିପୁରରେ ଭାଜପା ସରକାର ଅଛି। ସେଠାରେ କଂଗ୍ରେସ କ୍ଷମତାରେ ଥିଲେ ସେମାନେ କ'ଣ କହିଥାନ୍ତେ ତାହା ଚିନ୍ତା କରିବାର ବିଷୟ। ଅପରପକ୍ଷେ ଗେହଲଟ କହିଛନ୍ତି, ରାଜ୍ୟ ମନ୍ତ୍ରୀ ପଦରୁ ରାଜେନ୍ଦ୍ର ସିଂ ଗୁଢ଼ଙ୍କୁ ବରଖାସ୍ତ କରାଯିବା ଆମ ଦଳର ଆଭ୍ୟନ୍ତରୀଣ ପ୍ରସଙ୍ଗ। ଆମେ ନିଜ ନିଜ ଭିତରେ ଏ ବିଷୟରେ ଆଲୋଚନା କରିବୁ। ଘର କଥା ପଦାକୁ ଆସିବା ଠିକ ନୁହେଁ।


# Classified Everyday
0674-2580101, 2549949


MATRIMONIAL

**GROOM WANTED**

Wanted a suitable Odia/ Bengali groom with legal qualifications for a Bengali khayasta, fair, beautiful, 5"5',29 years bride having a government job in Odisha with a legal family background. Contact: 9937744516, 8249873349, 8260241010. D-0880


REAL ESTATE

**SALE**

Duplex sale at Bhubaneswar @ 57 Lakhs only. Contact- 9777433701. D-74893

**"600sqft. commercial space for sale at Master Canteen, Ashok Nagar, Bhubaneswar. 14,500/- per sqft. Price negotiable. Contact: 9938540951".** D-0879

**Maa Tarini- Shop with house sale at Bapujinagar, Bhubaneswar, Contact- 9437032299, 8018895099, 9337527985.** D-0878

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75012

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000 ରେ ବିକ୍ରିହେବ, 9439832956, 9337513276.** D-0833

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74886

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

Book 3BHK/4BHK premium flat at Saubhagyanagar, near City Women's College & Narula Sweets, Handover June 2024. Contact: 9439716901. D-74555

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




04 BHK Four Flats Suitable Office Guestroom Hostel Residential Hi-tech Sundarpada- 8093199489. D-0749

**3BHK independent Unit at Udayagiri Vihar, Patrapada. Contact on Whatsapp- 9437189374.** D-71682

3BHK 1300sqft. VSS Nagar with Office/ Ambience/ Parking, Ground Floor for Office. 7873657633. D-0852

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly opened (one 8 SPA)/ (Salon Service) with export therapist. 9938843929. D-75131

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Newly open SPA positively health benefit with expert. Contact : 7749976301. D-74554

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### LOST

ମୁଁ ତାପସ ରଞ୍ଜନ ଚମ୍ପତିରାୟ, ପିତା: ରାଧାମୋହନ ଚମ୍ପତିରାୟ, ଠିକଣା- Champati villa, Plot No.- 399/ 2650, Sundarapada, ଏତଦ୍ୱାରା ମୁଁ ଜଣାଇବାକୁ ଚାହୁଁଛି କି ମୋର ପୁରୁଣା ଓରିଜିନାଲ୍ ଦଲିଲ୍ ହଜିଯାଇଛି, ଯାହାର ନଂ- 666, ତା.26.03.2002 ରିଖ, ମୌଜା କଣ୍ଟିଲୋ, ଯାହା ମଧୁସୂଦନ ପାଣିଗ୍ରାହୀଙ୍କ ଦ୍ୱାରା ନିର୍ବାହ କରାଯାଇଥିଲା । ତା16.07.2023 ରିଖରେ ଲିଙ୍ଗରାଜ ଷ୍ଟେସନ ଠାରୁ ହାଇଟେକ୍ ମଧ୍ୟରେ ହଜିଯାଇଛି । ଯଦି କେହି ଏହି ଦଲିଲଟି ପାଇଥାନ୍ତି, ମୋତେ ଏହି ନମ୍ବର (ମୋ: ୯୪୩୭୭୬୪୫୩୨)ରେ ଯୋଗାଯୋଗ କରିବେ। ଯଦି କେହି ଏହି ଦଲିଲଟିକୁ କିଛି କାର୍ଯ୍ୟରେ ଲଗେଇଲେ ବି କିଛି ହବନାହିଁ ଆଉ ସେଥିପାଇଁ ମୁଁ ଦାୟୀ ନୁହେଁ। D-71378

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ**



✔ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯

ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମିୟସ୍ୱଜନ ।
ଧ-୦୮୭୬

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ସୁବାନ୍ସିରି ଲୋୟର ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ....... ଠାରେ ଅବସ୍ଥିତ ?
୨– ଯାତ୍ରା ବା ଟ୍ରାଭେଲ୍ କରିବାର ଭୟକୁ ............ କୁହାଯାଏ ?
୩–ମହାତ୍ମା ଗାନ୍ଧୀ.....ଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ?
୪– ବୋଲା ତିନୁବୁ ନିକଟରେ..... ଦେଶରେ ରାଷ୍ଟ୍ରପତି ଭାବେ ନିଯୁକ୍ତ ହୋଇଛନ୍ତି ?
୫– ୟୁଏନ୍ ଡେମୋକ୍ରାସି ଫଣ୍ଡ .......... ବର୍ଷରେ ଆରମ୍ଭ ହୋଇଥିଲା ?

## ଗତ ଥରର ଉତ୍ତର

୧ ଦୁବାଇ
୨ ଗୁଜରାଟ
୩ ରିଓ ଡି ଜେନେରିଓ
୪ ସ୍ୱାମୀ ନାରାୟଣ
୫ ରବୀନ୍ଦ୍ର ନାଥ ଟାଗୋର

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ୟୁଥ୍ ଆଲର୍ଟ

# ସୋସିଆଲ୍ ମିଡିଆରେ ଗ୍ରୁପ୍ କରୁଥିଲେ...



**ବର୍ତ୍ତମାନ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆରେ ପରିବାର, ସାଙ୍ଗସାଥୀ, ଅଫିସ୍, ବିଜ୍‌ନେସ ଭଳି ବିଭିନ୍ନ ସଦସ୍ୟଙ୍କୁ ନେଇ ଭିନ୍ନ ଭିନ୍ନ ଗ୍ରୁପ୍ ଯୋଗାଯୋଗର ଏକ ଭଲ ମାଧ୍ୟମ ସାଜିଛି। ହେଲେ ଏଭଳି ଗ୍ରୁପ୍ ଗଠନ କରୁଥିଲେ କିମ୍ବା ଗ୍ରୁପ୍‌ର ମେମ୍ବର ଥିଲେ, କେତେକ ସାଧାରଣ ଶିଷ୍ଟାଚାର ବା ନିୟମ ଜାଣିରଖିବା ଆବଶ୍ୟକ...**

– କୌଣସି ସୋସିଆଲ୍ ସାଇଟ୍‌ରେ ନୂଆ କ୍ରିଏଟ୍ କରୁଥିଲେ, କାହାକୁ ମେମ୍ବର ରଖିବା ପୂର୍ବରୁ ପ୍ରଥମେ ତାଙ୍କ ଅନୁମତି ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ କୌଣସି ଅସୁବିଧା ହେବ ନାହିଁ।

– ଗ୍ରୁପ୍‌ରେ ସବୁବେଳେ ଅପ୍‌ଡେଟ୍ ରହିବା ନିଶାରେ ଏଣୁତେଣୁ ମେସେଜ୍ ପୋଷ୍ଟ କରନ୍ତୁ ନାହିଁ। ବିଶେଷକରି ସମାଜରେ ଚାଲିଥିବା କୌଣସି ସମ୍ବେଦନଶୀଳ ଘଟଣାକୁ ନେଇ କିଛି ବି ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ଅନ୍ୟାନ୍ୟ ସୂତ୍ରରୁ ଏହା ଠିକ୍ କି ନୁହେଁ, ଜାଣିବା ପରେ ଫରୱାର୍ଡ କରନ୍ତୁ। ନଚେତ୍ ଏଥିପାଇଁ ଆପଣ ଫେକ୍ ମେସେଜ୍ ପଠାଇବା ଲାଗି ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇପାରନ୍ତି।



– ଅନେକେ ଅଛନ୍ତି, ଯେଉଁମାନେ କୌଣସି ମେସେଜ୍, ଫଟୋ କିମ୍ବା ଭିଡିଓ ଦେଖିବା ମାତ୍ରେ ପ୍ରତ୍ୟେକ ଗ୍ରୁପ୍‌ରେ ଶେୟାର କରିଦିଅନ୍ତି। ହେଲେ ଏହାଦ୍ୱାରା ଅନେକ ସମୟରେ ବାରମ୍ବାର ଅନାବଶ୍ୟକ ମେସେଜ ପାଇ ଗ୍ରୁପ୍‌ର ମେମ୍ବରମାନେ ବିରକ୍ତି ପ୍ରକାଶ କରନ୍ତି, ଏମିତିକି କେହି କେହି ଏଥିପାଇଁ ଗ୍ରୁପ୍‌ରୁ ଲେଫ୍ଟ ମଧ୍ୟ ହୋଇଯା'ନ୍ତି। ତେଣୁ ସମସ୍ତଙ୍କ କାମରେ ଆସୁଥିବା ଭଳି ମେସେଜ ହିଁ ପଠାନ୍ତୁ।

– ଯଦି ଗ୍ରୁପ୍‌ରେ ପର୍ସନାଲ୍ ଚାର୍ଟିଂ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅନ୍ୟମାନେ ମଧ୍ୟ ଡିଷ୍ଟର୍ବ ହୋଇଥାନ୍ତି। ତେଣୁ ନିର୍ଦ୍ଦିଷ୍ଟ ମେମ୍ବରଙ୍କ ସହ କଥା ହେବାର ଥିଲେ ତାଙ୍କ ପର୍ସନାଲ୍ ନମ୍ବରରେ ଚାର୍ଟ କରନ୍ତୁ।

– ଗ୍ରୁପ୍‌ରେ ସମସ୍ତଙ୍କ ବୟସ ଏବଂ ଚିନ୍ତାଧାରା ସମାନ ନ ଥାଏ। ତେଣୁ କୌଣସି ଭିଡିଓ, ଫଟୋ କିମ୍ବା ମେସେଜ୍ ସେଣ୍ଡ କରିବା ପୂର୍ବରୁ ଏଥିପ୍ରତି ବିଶେଷ ଭାବେ ଧ୍ୟାନ ଦିଅନ୍ତୁ। ଏହା ଯେପରି ଗ୍ରୁପ୍‌ରେ କାହାକୁ ମାନସିକ ଆଘାତ ନ ଦିଏ କିମ୍ବା କାହାକୁ କୌଣସି ଅସୁବିଧାରେ ନ ପକାଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

## ଟପ୍ ୧୦

### ସର୍ବାଧିକ ଆୟ କରିଥିବା ଫିଲ୍ମ– ୨୦୨୨ (ୱାର୍ଲ୍ଡ ୱାଇଡ୍ ବକ୍ସ ଅଫିସ୍)

୧– ଅବତାର: ଦି ୱେ ଅଫ୍ ୱାଟର.................. ୨,୩୨୦,୨୫୦,୨୮୧ ଡଲାର
୨– ଟପ୍ ଗନ୍: ମାଭେରିକ୍ ......................... ୧,୪୯୫,୬୯୬,୨୯୨ ଡଲାର
୩– ଜୁରାସିକ୍ ୱାର୍ଲ୍ଡ ଡୋମିନିଅନ୍ .................... ୧,୦୦୧,୯୭୮,୦୮୦ ଡଲାର
୪– ଡକ୍ଟର ଷ୍ଟ୍ରେଞ୍ଜ୍ ଇନ୍ ଦି ମଲ୍ଟିଭର୍ସ ଅଫ୍ ମ୍ୟାଡ୍‌ନେସ୍..... ୯୫୫, ୭୭୫,୮୦୪ ଡଲାର
୫– ମିନିଅନ୍ସ: ଦି ରାଇଜ୍ ଅଫ୍ ଗ୍ରୁ...................... ୯୩୯,୬୨୮,୨୧୦ ଡଲାର
୬– ବ୍ଲାକ୍ ପ୍ୟାନ୍ଥର: ୱାକାଣ୍ଡା ଫର୍‌ଏଭର୍ ............... ୮୫୯,୨୦୮,୮୩୬ ଡଲାର
୭– ଦି ବ୍ୟାଟ୍‌ମ୍ୟାନ୍ ...................................... ୭୭୦,୯୬୨,୫୮୩ ଡଲାର
୮– ଥର୍: ଲଭ୍ ଆଣ୍ଡ ଥଣ୍ଡର୍.............................. ୭୬୦,୯୨୮,୦୮୧ ଡଲାର
୯– ୱାଟର୍ ଗେଟ୍ ବ୍ରିଜ୍ ..................................... ୬୨୬,୫୭୧,୬୯୭ ଡଲାର
୧୦– ପସ୍ ଇନ୍ ବୁଟ୍ସ: ଦି ଲାଷ୍ଟ ୱିଶ୍ ...................... ୪୮୧,୦୯୩,୬୪୩ ଡଲାର





# ମନ୍‌ସୁନ୍ ଆଉଟ୍‌ଫିଟ୍

**କ'ଣ ପିନ୍ଧିବି, କ'ଣ ପିନ୍ଧିବି.. ବର୍ଷାଦିନେ ଅଧିକାଂଶ ଯୁବପିଢ଼ିଙ୍କର ଏହା ଏକ ବଡ଼ ସମସ୍ୟା। ଗୋଟେ ପଟେ ଡ୍ରେସ୍ ଷ୍ଟାଇଲିଶ୍ ହୋଇଥିବ ଓ ଆଉ ଗୋଟେ ପଟେ ତା' ସହ ଆସେସରିଜ୍ ବି ମ୍ୟାଚିଂ ଦରକାର। ହେଲେ ବର୍ଷାଦିନେ କେବେ ପାଣି କାଦୁଅ ଲାଗି ଡ୍ରେସ୍ ଖରାପ ହୋଇଯିବାର ତ ଆଉ କେତେବେଳେ ଓଦା ହୋଇଗଲେ ଶୀଘ୍ର ନ ଶୁଖି ଥଣ୍ଡା, କାଶ ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଟେନ୍‌ଶନ୍। ଆଉ ପୁଣି ଭଲ ଡ୍ରେସ୍ ପିନ୍ଧି ବାହାରକୁ ଗଲେ ପର୍ସନାଲିଟି ଡାଉନ ହେବାର ଭୟ। ଏମିତିରେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ଡିଜାଇନ୍‌ର ରେନିଡେ ପୋଷାକ ଓ ୱାଟରପ୍ରୁଫ୍ ଆସେସରିଜ ସାଜିଛି ସେମାନଙ୍କ ପାଇଁ ଲାଟେଷ୍ଟ ମନ୍‌ସୁନ୍ ଫ୍ୟାଶନ...**

ବର୍ତ୍ତମାନ ଗ୍ରାହକଙ୍କ ଡିମାଣ୍ଡକୁ ଆଖିଆଗରେ ରଖି ବିଭିନ୍ନ ସିଜନ୍‌ରେ ସ୍ୱାସ୍ଥ୍ୟ ସହିତ ଫ୍ୟାଶନ୍‌ଟ୍ରେଣ୍ଡକୁ ଖାପ ଖୁଆଇଲା ଭଳି ଆଉଟ୍‌ଫିଟ୍ ପ୍ରସ୍ତୁତ କରୁଛନ୍ତି ଅଧିକାଂଶ କମ୍ପାନି, ଯାହାକି ସବୁବର୍ଗର ଗ୍ରାହକଙ୍କୁ ସୁହାଇଲା ଭଳି ଦାମ୍‌ରେ ମଧ୍ୟ ମିଳିପାରୁଛି। ତେବେ ଛୋଟବଡ ଦୋକନା, ମଲ୍ ଠାରୁ ଆରମ୍ଭ କରି ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡିକରେ ଖୁବ୍ ସହଜରେ ଏଭଳି ୱାଟରପ୍ରୁଫ୍ ଆଉଟ୍‌ଫିଟ୍ ମିଳିପାରୁଥିବାରୁ ବର୍ଷାରେ ବି ଯୁବପିଢ଼ିଙ୍କ ମନ୍‌ସୁନ୍ ଫ୍ୟାଶନ୍ ଅପ୍‌ଡେଟ୍ ରହିପାରୁଛି...

**ରେନି ଡେ' ଡ୍ରେସ୍‌ର ବଢ଼ୁଛି ଡିମାଣ୍ଡ:**

▶▶ବର୍ଷା ସମୟରେ କଟନ୍, ଜିନ୍ସ ଭଳି ହେଭି ପୋଷାକ ସହଜରେ ଶୁଖି ନ ଥାଏ। ଏଣେ ପାଟ, ମଠା ଭଳି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଡ୍ରେସ୍ ନଷ୍ଟ ହୋଇଯିବାର ଆଶଙ୍କା ଥାଏ। ତେଣୁ ଫ୍ୟାଶନେବଲ୍ ଲାଗିବା ସହ ପାଣି କାଦୁଅ ସଂସ୍ପର୍ଶରେ ଆସିଲେ ଖରାପ ନ ହେବା ଭଳି ବିଭିନ୍ନ ମନ୍‌ସୁନ୍ ଡ୍ରେସ୍ କଲେକ୍ସନ ଏବେ ମାର୍କେଟ୍‌ରେ ଉପଲବ୍ଧ। ଉଭୟ ପୁଅ ଏବଂ ଝିଅମାନଙ୍କ ଲାଗି ବିଭିନ୍ନ ଫେବ୍ରିକ୍ କମ୍ପାନି ପକ୍ଷରୁ ଓଦା ହେଲେ ସହଜରେ ଶୁଖିପାରୁଥିବା ନିୟନ୍, ସିଫନ୍, ଜର୍‌ଜେଟ୍, ଲାଇଟ୍ କଟନ୍, ନାଇଲନ୍ ଭଳି ଫେବ୍ରିକ୍‌ର ଡ୍ରେସ୍ ପ୍ରସ୍ତୁତ କରାଯାଉଛି।

▶▶କାଦୁଅ ଦାଗ ଜଣା ନ ପଡ଼ିବା ଲାଗି ଲାଇଟ୍ କଲର ବଦଳରେ ଏଦିନେ ବ୍ରାଇଟ୍ ଏବଂ ବୋଲ୍ଡ କଲର ଡ୍ରେସ୍‌ର ଡିମାଣ୍ଡ ବେଶି ରହୁଥିବା ଦେଖିବାକୁ ମିଳୁଛି।

▶▶ଯୁବତୀମାନଙ୍କ ମନ୍‌ସୁନ୍ ଫ୍ୟାଶନ୍‌ରେ କ୍ୟାପ୍ରି, ସ୍କର୍ଟ, ମିଡି, ୱାନ୍‌ପିସ୍, ର୍‍ୟାପ୍ ଆରାଉଣ୍ଡ, ଶର୍ଟ ପ୍ୟାଣ୍ଟ, ଫ୍ରକ୍ ଭଳି ପୋଷାକ ଅଧିକ ପସନ୍ଦ କରୁଛନ୍ତି।

▶▶ଯୁବକମାନେ ଜିନ୍ସ ପରିବର୍ତ୍ତେ ସହଜରେ ଶୁଖିପାରୁଥିବା ୱାଟର ରେପେଲେଣ୍ଟ ଜିନ୍ସ ସହ ଲାଇଟ୍ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାର୍ଟ, ଟି'ଶାର୍ଟ ଆଦି ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ ବିଭିନ୍ନ ଶର୍ଟ ପ୍ୟାଣ୍ଟ, ବରମୁଡା ପ୍ୟାଣ୍ଟ ଉପଲବ୍ଧ, ଯାହାକୁ ଉଭୟ ଯୁବତୀ ଏବଂ ଯୁବକ ବହୁଳ ବ୍ୟବହାର କରିପାରବେ।

**ୱାଟରପ୍ରୁଫ୍ ଫୁଟ୍‌ୱେର ଦେଉଛି ଆଇକ୍ୟାଚି ଲୁକ୍:** ଅଧିକାଂଶ ଯୁବତୀ ଯୁବକ ଷ୍ଟାଇଲିଶ୍ ଲୁକ୍ ପାଇଁ ଡ୍ରେସ୍ ସହିତ ମ୍ୟାଚିଂ ବିଭିନ୍ନ ପ୍ରକାରର ଫୁଟ୍‌ୱେର୍ କଲେକ୍ସନ ରଖିଥା'ନ୍ତି। ହେଲେ ବର୍ଷାଦିନେ ଲେଦର, କାନ୍‌ଭାସ୍ ଭଳି ଶୁଜ୍ ନଷ୍ଟ ହୋଇଯାଏ। ତେଣୁ ଏବେ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଛି ସେମାନଙ୍କ ପ୍ରଥମ ପସନ୍ଦ।

▶▶କଲରଫୁଲ୍ ଫ୍ଲିପ୍ ଫ୍ଲପ୍, ଫଙ୍କି ଗନ୍ ବୁଟ୍, ଜେଲି ଫ୍ଲେଟ୍ସ, ରବର ସ୍ୟାଣ୍ଡେଲ୍ ଆଦି ୱାଟରପ୍ରୁଫ୍ ଚପଲ ଯୁବତୀମାନେ ନିଜ ମନ୍‌ସୁନ୍ ଆଉଟ୍‌ଫିଟ୍‌ରେ ସାମିଲ କରୁଛନ୍ତି। ଏମିତିକି ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ସ୍ନିକର୍ସ ବି ଏବେ ଅଳ୍ପ ଦାମ୍‌ରେ ମାର୍କେଟ୍‌ରେ ମିଳୁଥିବାରୁ ଏଥିପ୍ରତି ଅଧିକାଂଶଙ୍କ କ୍ରେଜ୍ ବଢୁଥିବାର ଦେଖିବାକୁ ମିଳୁଛି।

▶▶ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ହୋଇଯାଏ। ତେଣୁ ରବର ସୋଲ୍ ଫୁଟ୍‌ୱେର ବ୍ୟବହାର କରୁଛନ୍ତି। ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଚପଲଗୁଡ଼ିକର ବିଭିନ୍ନ ଆକର୍ଷଣୀୟ ଡିଜାଇନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି।

**ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି ୱାଟରପ୍ରୁଫ୍ ଆସେସରିଜ୍ :**

▶▶ଯେକୌଣସି ଡ୍ରେସ୍ ସହିତ ମ୍ୟାଚିଂ ଆସେସରିଜ୍ ପିନ୍ଧିଲେ ଏହା ଅଧିକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଆଉ ଏହାକୁ ନେଇ ଯୁବପିଢ଼ିଙ୍କ ଭିତରେ ଅଧିକ କ୍ରେଜ୍ ରହିଥାଏ। ବର୍ଷାଦିନ ବର୍ତ୍ତମାନ ବିଭିନ୍ନ ନାମୀଦାମୀ କମ୍ପାନୀର ବିଭିନ୍ନ ୱାଟରପ୍ରୁଫ୍ ଆସେସରିଜ୍ ମାର୍କେଟ୍‌ରେ ମିଳୁଛି। ବିଶେଷକରି ନାଇଲନ୍ ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଆକର୍ଷଣୀୟ ଡିଜାଇନର ୱାଯରପ୍ରୁଫ୍ ବ୍ୟାଗ୍‌ର ଚାହିଦା ବେଶି ରହୁଛି।

▶▶ଏହାବ୍ୟତୀତ ସେହିପରି ବର୍ଷାଦିନ ପାଇଁ ସ୍ପେଶାଲ ଡିଜାଇନ କରାଯାଇଥିବା ଲାଟେଷ୍ଟ ରିଷ୍ଟୱାଚ୍ ମଧ୍ୟ ଯୁବପିଢ଼ିଙ୍କ ମନ୍‌ସୁନ୍ ଫ୍ୟାଶନରେ ଖୁବ୍ ଡିମାଣ୍ଡରେ ରହିଛି। ଏହା କମ୍‌ଦାମ୍‌ରେ ମଧ୍ୟ ଉପଲବ୍ଧ ଥିବାରୁ ସମସ୍ତେ ଏହାକୁ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି।

▶▶ଡ୍ରେସ୍ ସହ ମ୍ୟାଚିଂ ଜୁଏଲେରୀ ବିନା ଯୁବପିଢ଼ିଙ୍କର ଫ୍ୟାଶନ୍ ଅଧୁରା। ତେଣୁ ବର୍ଷାଦିନ ପାଇଁ ସେମାନେ ଭଳିକି ଭଳି ୱାଟରପ୍ରୁଫ୍ ଲାଇଟ୍‌ୱେଟ୍ ନନ୍‌ମେଟାଲିକ୍ ଜୁଏଲେରି ବ୍ୟବହାର କରୁଛନ୍ତି।











### ଏମାନେ କଣ କୁହନ୍ତି



**ଅରୁଣ ସେନାପତି**(କର୍ମଜୀବୀ, ଭୁବନେଶ୍ୱର)– ଷ୍ଟାଇଲିଶ୍ ଲୁକ୍ କାହାକୁ ବା ପସନ୍ଦ ନୁହେଁ। ହେଲେ ବର୍ଷାଦିନେ ପାଣି କାଦୁଅକୁ ଆଖିଆଗରେ ରଖି ନିଜ ଆଉଟ୍‌ଫିଟ୍‌ରେ ଅନେକ ପରିବର୍ତ୍ତନ କରିବାକୁ ପଡେ। ତେଣୁ ଫୁଲ୍ ଶୁଜ୍ ବଦଳରେ ୱାଟରପ୍ରୁଫ୍ ସ୍ୟାଣ୍ଡାଲ୍ କିମ୍ବା ସ୍ଲିପର ଶୀଘ୍ର ଶୁଖିପାରୁଥିବା ଭଳି ଡ୍ରେସ୍ ଏବଂ ବ୍ୟାଗ୍ ଆଦି ବ୍ୟବହାର କରୁଛି। ତଥାପି ନିଜ ମନ୍‌ସୁନ୍ ଆଉଟ୍‌ଫିଟ୍‌କୁ ଫ୍ୟାଶନେବଲ୍ କରିବା ଲାଗି ମାର୍କେଟ୍‌ରୁ ଲାଟେଷ୍ଟ ତଥା ଟ୍ରେଣ୍ଡି ୱାଟରପ୍ରୁଫ୍ କଲେକ୍ସନ ବାଛି ବାଛି କିଣୁଛି।



**ଶୁଭସ୍ମିତା ବାରିକ**(ଛାତ୍ରୀ, କୁରାଙ୍ଗ, କଟକ)– ନିଜ ଆଉଟ୍‌ଫିଟ୍‌କୁ ନେଇ ମୁଁ ଟିକେ ଚୁଜି। ତେଣୁ କେଉଁ ଭଳି ଡ୍ରେସ୍ ଓ ଚପଲ ଆଦି ପିନ୍ଧିଲେ ସୁନ୍ଦର ଲାଗିବା ସହ ଅନ୍ୟଠୁ ଡିଫରେଣ୍ଟ ହୋଇଥିବ ସେଥିପ୍ରତି ଧ୍ୟାନ ଦେଇଥାଏ। କିନ୍ତୁ ବର୍ଷାଦିନେ ପାଣି କାଦୁଅରେ ଏଭଳି ଡ୍ରେସ୍ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ବିଭିନ୍ନ ଲାଇଟ୍‌ୱେଟ୍ ସିନ୍ଥେଟିକ୍ ଫ୍ୟାବ୍ରିକ୍‌ର ଡିଜାଇନର୍ ଡ୍ରେସ୍ ବ୍ୟବହାର କରୁଛି। ତା' ସହ ମାର୍କେଟ୍‌କୁ ଆସୁଥିବା ଭଳିକି ଭଳି ୱାଟରପ୍ରୁଫ୍ ଚପଲ ଏବଂ ନନ୍‌ମେଟାଲିକ୍ ମ୍ୟାଚିଂ ଜୁଏଲେରି ବ୍ୟବହାର କରି ନିଜ ମନ୍‌ସୁନ୍ ଫ୍ୟାଶନ୍‌କୁ ଅପ୍‌ଡେଟ୍ ରଖିପାରୁଛି।



### ଜାଣନ୍ତୁ ଦୁନିଆ

# ଜାପାନ

**ପୂର୍ବ ଏସୀୟ ଦେଶ ଜାପାନ। ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଏହାର ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହା ସମ୍ପର୍କରେ ଆସନ୍ତୁ ଜାଣିବା କିଛି ରୋଚକ ତଥ୍ୟ...**

▶ ବିଶ୍ୱର ସବୁଠୁ ଅଧିକ ଦିନ ବଞ୍ଚୁଥିବା ବ୍ୟକ୍ତିଙ୍କ ରାଷ୍ଟ୍ର ତାଲିକାରେ ଜାପାନର ସ୍ଥାନ ତୃତୀୟରେ ରହିଛି। ଏଠାକାର ସ୍ତ୍ରୀଲୋକମାନଙ୍କ ହାରାହାରି ବୟସ ସୀମା ୮୮ ବର୍ଷ ହୋଇଥିବା ବେଳେ ପୁରୁଷଙ୍କର ୮୧ ବର୍ଷ।

▶ ପୃଥିବୀର ସର୍ବପୁରାତନ କମ୍ପାନି କୋଙ୍ଗୋ ଗୁମି ଏହି ଦେଶରେ ରହିଛି। ୫୭୮ରେ ପ୍ରତିଷ୍ଠା କରାଯାଇଥିବା ଏହି କନ୍‌ଷ୍ଟ୍ରକ୍ସନ କମ୍ପାନି ମନ୍ଦିର ଏବଂ ଅନ୍ୟାନ୍ୟ ପୁଣ୍ୟସ୍ଥଳୀ ନିର୍ମାଣ କାର୍ଯ୍ୟ କରିଆସୁଛି।

▶ ଏଠାରେ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ମ୍ୟାକ୍ ଡୋନାଲ୍ଡ ରେଷ୍ଟୁରାଣ୍ଟ ରହିଛି।



▶ ପୃଥିବୀର ସର୍ବାଧିକ ମାଛ ଖାଉଥିବା ବ୍ୟକ୍ତିଙ୍କ ଦେଶ ହେଉଛି ଜାପାନ। ଏଠାରେ ବର୍ଷକୁ ପ୍ରାୟ ୧୭ ମିଲିୟନ୍ ଟନ୍ ମାଛ ଖିଆଯାଇଥାଏ। ଏଠାରେ ଥିବା ସୁକିଜି ଫିଶ୍ ମାର୍କେଟ ହେଉଛି ପୃଥିବୀର ସବୁଠୁ ବଡ଼ ମାଛ ମାର୍କେଟ।

▶ ପୃଥିବୀର ସର୍ବାଧିକ ସଂଖ୍ୟକ ଭେଣ୍ଡିଂ ମେଶିନ୍ ଏହି ଦେଶରେ ଦେଖିବାକୁ ମିଳେ। କେବଳ ଏତିକି ନୁହେଁ, ସମଗ୍ର ପୃଥିବୀରେ ବ୍ୟବହାର ହେଉଥିବା ଜିପରର୍ ମଧ୍ୟ ପ୍ରାୟ ଅଧା ଟୋକିଓରେ ଥିବା ୟୋସିଡା କୋଗ୍ୟୋ କାବୁଶିକିକାଇଶା (ୱାଇକେକେ) କମ୍ପାନିରେ ପ୍ରସ୍ତୁତ କରାଯାଏ। ଏଠାରେ ବର୍ଷକୁ ପ୍ରାୟ ୭ ବିଲିୟନ୍ ଜିପର୍ ପ୍ରସ୍ତୁତ କରାଯାଇଥାଏ।

▶ ଏଠାରେ ଆରମ୍ଭ ହୋଇଥିବା ହାଇକୁ ପୋଏଟ୍ରିରେ ରହିଛି ମାତ୍ର ତିନୋଟି ଧାଡ଼ି, ଯେଉଁଥିପାଇଁ ଏହାକୁ ପୃଥିବୀର ସବୁଠୁ କ୍ଷୁଦ୍ର କବିତା ଶୈଳୀର ମାନ୍ୟତା ମିଳିଛି।

▶ ଜାପାନରେ ବିକ୍ରି ହେଉଥିବା ସମସ୍ତ ମୋବାଇଲ୍ ଫୋନ୍‌ରୁ ୯୦% ହେଉଛି ୱାଟରପ୍ରୁଫ୍।

▶ ଏଠାକାର ରାଜଧାନୀ ଟୋକିଓର ମୁଖ୍ୟ ରେଲ୍‌ୱେ ଷ୍ଟେଶନ ଶିଞ୍ଜୁକୁ ଷ୍ଟେଶନରେ ଦୈନିକ ପ୍ରାୟ ୨ ମିଲିୟନ୍ ଯାତ୍ରୀ ଯିବାଆସିବା କରିଥା'ନ୍ତି। ତେଣୁ ଏହା ପୃଥିବୀର ସବୁଠୁ ବ୍ୟସ୍ତବହୁଳ ତଥା ଜନଗହଳି ରେଲ୍‌ୱେ ଷ୍ଟେଶନ୍।

▶ ଏଠାରେ କଳା ରଙ୍ଗର ବିଲେଇକୁ ଶୁଭ ବୋଲି ବିଚାର କରାଯାଇଥାଏ।

▶ ଉକ୍ତ ଦେଶରେ ଘୋଡ଼ା ମାଂସ କଞ୍ଚା ଖାଇବା ଏକ ସାଧାରଣ କଥା। ସେଠାକାର ପ୍ରସିଦ୍ଧ ଖାଦ୍ୟ ହେଉଛି ବାସାଶି, ଯାହାକି କଞ୍ଚା ଘୋଡ଼ା ମାଂସର ସ୍ଲାଇସ୍ ସହିତ ପିଆଜ ଏବଂ ଅଦା ମିଶାଇ ପ୍ରସ୍ତୁତ କରାଯାଏ।

▶ ଜାପାନରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଆଗ୍ନେୟଗିରି ରହିଛି।

▶ ଉକ୍ତ ଦେଶରେ ବର୍ଷକୁ ପ୍ରାୟ ୧୫୦୦ ଥର ଭୂମିକମ୍ପ ହୋଇଥାଏ।



# ଟାଇରେ ଶେଷ ହେଲା ଅନ୍ତିମ ମ୍ୟାଚ୍

## ମହିଳା ଦିନିକିଆ ସିରିଜ ଡ୍ର

**ଢାକା, ୨୨।୭**

ବାଂଲାଦେଶ ଗସ୍ତରେ ରହିଥିବା ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ କ୍ରିକେଟ ସିରିଜ୍ ଡ୍ର’ରେ ଶେଷ କରିଛି। ଅନ୍ତିମ ମ୍ୟାଚ୍ ଟାଇରେ ଶେଷ ହେବା ସହ ଦିନିକିଆ ସିରିଜ୍ ୧-୧ରେ ସମାପ୍ତ ହୋଇଛି। ପ୍ରଥମ ଦିନିକିଆରେ ବାଂଲାଦେଶ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଦିନିକିଆକୁ ଜିତି ନେଇଥିଲା ଭାରତ। ଶନିବାର ଅନ୍ତିମ ମ୍ୟାଚରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ହରାଇ ୨୨୫ ରନ୍ କରିଥିବା ବେଳେ ଭାରତ ସମାନ ସ୍କୋରରେ ଅଲଆଉଟ ହୋଇଥିଲା।



ସିରିଜ ଯୁଗ୍ମ ବିଜେତା ଘୋଷଣା ପରେ ଟ୍ରଫି ସହ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ଏବଂ ବାଂଲାଦେଶ ଅଧିନାୟିକା ନିଗାର ସୁଲ୍‌ତାନା ଜ୍ୟୋତି।

### ଫର୍ଗାନାଙ୍କ ଶତକ

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପକ୍ଷରୁ ଓପନର ଫର୍ଗାନା ହକ୍ ଶତକ ହାସଲ କରିଥିଲେ। ପ୍ରଥମ ବାଂଲାଦେଶୀ ମହିଳା ଭାବେ ସେ ଶତକ ହାସଲ କରିଥିବା ବେଳେ ପ୍ରଥମ ଉଇକେଟରେ ଶମିମା ସୁଲତାନା(୫୨ରନ୍)ଙ୍କ ସହିତ ୯୩ ରନ୍ ଯୋଡିଥିଲେ। ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ ହେବା ପୂର୍ବରୁ ଶମିମା ୭୮ ବଲ୍ ଖେଳି ୫ ଚୌକା ମାରିଥିଲେ। ଅଧିନାୟିକା ନିଗାର ସୁଲତାନା ଜ୍ୟୋତି ୨୪ ରନ୍ କରିଥିବା ବେଳେ ଫର୍ଗାନାଙ୍କ ସହ ଦ୍ୱିତୀୟ ଉଇକେଟରେ ୭୧ ରନ୍ ଯୋଡିଥିଲେ। ମାତ୍ର ୮ ବଲ୍ ବ୍ୟବଧାନରେ ପରବର୍ତ୍ତୀ ବ୍ୟାଟର ରିତୁ ମୋନୀ ଆଉଟ ହୋଇଥିଲେ ମଧ୍ୟ ଫର୍ଗାନା ଏକାକୀ ବାଂଲାଦେଶ ଇନିଂସକୁ ଆଗେଇ ନେଇଥିଲେ। ଶୋଭନା ମୋଷ୍ଟାରେ(୨୩)ଙ୍କ ସହିତ ଚତୁର୍ଥ ଉଇକେଟରେ ୫୬ ରନ୍ ଯୋଡି ବାଂଲାଦେଶକୁ ୨୨୫ ରନ୍‌ର ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଫର୍ଗାନା ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିବା ସହିତ ୧୬୦ ବଲ୍ ଖେଳି ୭ ଚୌକା ମାରିଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା ୨ ଓ ଦେବିକା ବୈଦ୍ୟ ଗୋଟିଏ ଉଇକେଟ ନେଇଥିଲେ।

### ହରଲିନ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ

ଭାରତ ମାତ୍ର ୩୨ ରନ୍ ମଧ୍ୟରେ ଶେଫାଳି ବର୍ମା(୪) ଓ ୟସ୍ତିକା ଭାଟିଆ(୫)ଙ୍କ ଉଇକେଟ ହରାଇଥିଲା। ତୃତୀୟ ଉଇକେଟରେ ସ୍ମୃତି ମନ୍ଧାନା(୫୯) ଓ ହରଲିନ୍ ଦେଓଲ(୭୭)ଙ୍କ ମଧ୍ୟରେ ୧୦୭ ରନ୍‌ର ଭାଗୀଦାରି ହୋଇଥିଲା। ମନ୍ଧାନା ୮୫ ବଲ୍ ଖେଳି ୫ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଦିନିକିଆ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ସହିତ ସର୍ବୋଚ୍ଚ ସ୍କୋର ହାସଲ କରିଥିବା ହରଲିନ୍ ୧୦୮ ବଲ୍ ଖେଳି ୯ ଚୌକା ମାରିଥିଲେ। ହରମନ୍‌ପ୍ରୀତ୍ କୌରଙ୍କୁ ବିବାଦୀୟ ଢଙ୍ଗରେ ଲେଗ୍ ବିଫୋର ଆଉଟ ଦିଆଯାଇଥିବା ବେଳେ ସେ ବ୍ୟାଟରେ ଷ୍ଟମ୍ପକୁ ଭାଙ୍ଗି ଦେଇଥିଲେ। ୪୨ ତମ ଓଭରରେ ହରଲିନ୍ ଦେଓଲ ଓ ଦୀପ୍ତି ଶର୍ମା ରନ୍ ଆଉଟ ହେବା ଭାରତକୁ ମହଙ୍ଗା ପଡିଥିଲା। ୧୯୧ ରନ୍‌ରେ ୪ ଉଇକେଟ ହରାଇଥିବା ଭାରତ ଅନ୍ତିମ ୬ ଉଇକେଟ ମାତ୍ର ୩୪ ରନ୍ ମଧ୍ୟରେ ହରାଇଥିଲା। ଅନ୍ତିମ ଦୁଇ ଓଭରରେ ୯ ରନ୍ ଆବଶ୍ୟକ ଥିବା ବେଳେ ଜେମିମା ରୋଡ୍ରିଗୁଏଜ (୩୩*) ଓ ମେଘନା ସିଂ (୬)ଅନ୍ତିମ ଉଇକେଟରେ ୮ ରନ୍ ଯୋଡିଥିଲେ। ୪ ବଲ୍‌ରୁ ୧ ରନ୍ ଆବଶ୍ୟକ ଥିବା ବେଳେ ମେଘନା କଟ୍ ବିହାଇଣ୍ଡ ହୋଇଥିଲେ। ବାଂଲାଦେଶ ପକ୍ଷରୁ ନାହିଦା ଅଖତର ୩ ଓ ମାରୁଫା ଅଖତର ୨ ଉଇକେଟ ନେଇଥିଲେ। ହରଲିନ୍ ଦେଓଲଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଓ ଫର୍ଗାନା ହକ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୨୫/୪ (ଫର୍ଗାନା ହକ୍-୧୦୭, ଶମିମା ସୁଲତାନା-୫୨, ନିଗାର ସୁଲତାନା ଜ୍ୟୋତି-୨୪, ସ୍ନେହ ରାଣା-୨/୪୫, ଦେବିକା ବୈଦ୍ୟ-୧/୪୨)।

ଭାରତ ୪୯.୩ ଓଭରରେ ୨୨୫/୧୦ (ହରଲିନ୍ ଦେଓଲ୍-୭୭, ସ୍ମୃତି ମନ୍ଧାନା-୫୯, ଜେମିମା ରୋଡ୍ରିଗୁଏଜ୍-୩୩*, ନାହିଦା ଅଖତର-୩/୩୭, ମାରୁଫା ଅଖତର-୨/୫୫)।

# ମୁକେଶଙ୍କୁ ପ୍ରଥମ ଅନ୍ତର୍ଜାତୀୟ ଉଇକେଟ

## ଦ୍ୱିତୀୟ ଟେଷ୍ଟ

**ପୋର୍ଟ ଅଫ୍ ସ୍ପେନ୍, ୨୨।୭**

ପୋର୍ଟ ଅଫ୍ ସ୍ପେନ୍‌ରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଉଇକେଟ ହାସଲ କରିଛନ୍ତି ଭାରତର ମୁକେଶ କୁମାର। ଭାରତ ପାଇଁ ଟେଷ୍ଟ ପଦାର୍ପଣ କରିଥିବା ମୁକେଶ କ୍ରିକ୍ ମ୍ୟାକେଞ୍ଜିଙ୍କୁ ଆଉଟ କରି ପ୍ରଥମ ସଫଳତା ହାସଲ କରିଛନ୍ତି। ଭାରତ ପ୍ରଥମ ଇନିଂସରେ ୪୩୮ ରନ୍ ସ୍କୋର କରିଥିବା ବେଳେ ତୃତୀୟ ଦିନର ବର୍ଷା ବାଧାପ୍ରାପ୍ତ ପ୍ରଥମ ସେସନ୍ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ଦୁଇ ଉଇକେଟ ହରାଇ ୧୧୭ ରନ୍ ସ୍କୋର କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୭୨/୧ରୁ ଖେଳ ଆରମ୍ଭ କରିଥିଲା ୱେଷ୍ଟଇଣ୍ଡିଜ୍। ପୂର୍ବ ଦିନର ସ୍କୋରରେ ଉଭୟ କ୍ରେଗ୍ ବ୍ରାଥୱେଟ୍ (୪୯*) ଓ କ୍ରିକ୍ ମ୍ୟାକେଞ୍ଜି(୩୨) ଆଉ ୪୫ ରନ୍ ଯୋଡିଥିଲେ। ଉଭୟ ଖେଳାଳି ସତର୍କତାର ସହିତ ଇନିଂସ ଆରମ୍ଭ କରିଥିଲେ। ବାହାର ବଲ୍‌କୁ ଛାଡିବା ସହ ଆରାମରେ ଇନିଂସ ଆଗକୁ ବଢାଇଥିଲେ। ତେବେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳୁଥିବା ମୁକେଶ କୁମାର ମ୍ୟାକେଞ୍ଜିଙ୍କୁ ଆଉଟ କରିଥିଲେ। ଟାଇଟ୍ ଲାଇନ୍ ଓ ଲେଙ୍ଗଥରେ ବୋଲିଂ କରିଥିବା ମୁକେଶଙ୍କୁ ନିଜର ସପ୍ତମ ଓଭରରେ ସଫଳତା ମିଳିଥିଲା। ମ୍ୟାକେଞ୍ଜି ଆଉଟ ହେବା ପରେ ବର୍ଷା କାରଣରୁ ଖେଳ ବନ୍ଦ ରଖାଯାଇଥିଲା। ୫୭ ବଲ୍ ଖେଳି ମ୍ୟାକେଞ୍ଜି ୪ ଚୌକା ଓ ୧ ଛକା ସହିତ ସେ ୩୨ ରନ୍ କରିଥିଲେ। ଦ୍ୱିତୀୟ ଦିନରେ ଟାଗେନାରିନ୍ ଚନ୍ଦ୍ରପାଲ(୩୩)ଙ୍କ ଉଇକେଟ ହରାଇ ବାଂଲାଦେଶ ୭୨ ରନ୍ ସଂଗ୍ରହ କରିଥିଲା। ଅଧିନାୟକ କ୍ରେଗ୍ ବ୍ରାଥୱେଟ୍ ସତର୍କତାର ସହିତ ବ୍ୟାଟିଂ କରି ୪୯ ରନରେ ଅପରାଜିତ ଅଛନ୍ତି। ୧୬୧ ବଲ୍‌ର ଏହି ଧୈର୍ଯ୍ୟପୂର୍ଣ୍ଣ ଇନିଂସରେ ୪ ଚୌକା ସାମିଲ ରହିଛି। ଖବର ପ୍ରସ୍ତୁତ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ୫୧.୪ ଓଭରରେ ୨ ଉଇକେଟ ହରାଇ ୧୧୭ ରନ୍ କରିଛି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୫୦୦ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଶତକ ସହିତ ରବୀନ୍ଦ୍ର ଜାଡେଜା, ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅର୍ଦ୍ଧଶତକ ବଳରେ ଭାରତ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା।



ଅଧିନାୟକ ରୋହିତ ଶର୍ମାଙ୍କ ସହ ମୁକେଶ କୁମାର।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୩୮/ଅଲଆଉଟ (ବିରାଟ କୋହଲି-୧୨୧, ରୋହିତ ଶର୍ମା-୮୦, ରବୀନ୍ଦ୍ର ଜାଡେଜା-୬୧, ଯଶସ୍ୱୀ ଜୟସ୍ୱାଲ-୫୭, ରବିଚନ୍ଦ୍ରନ ଅଶ୍ୱିନ-୫୬, କେମର ରୋଚ୍-୩/୧୦୪, ଜୋମେଲ ୱାରିକାନ-୩/୮୯, ଜାସନ ହୋଲ୍ଡର-୨/୫୭, ଶାନନ ଗାବ୍ରିଏଲ-୧/୭୪)।

ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ (ଅସମାପ୍ତ) ୫୧.୪ ଓଭରରେ ୧୧୭/୨(କ୍ରେଗ୍ ବ୍ରାଥୱେଟ-୪୯*, ଟାଗେନାରିନ୍ ଚନ୍ଦ୍ରପାଲ-୩୩, କ୍ରିକ ମ୍ୟାକେଞ୍ଜି-୩୨, ରବୀନ୍ଦ୍ର ଜାଡେଜା-୧/୧୨, ମୁକେଶ କୁମାର-୧/୧୧)।

# ସାତ୍ୱିକ-ଚିରାଗ ଫାଇନାଲରେ

**ୟେସୁ(କୋରିଆ), ୨୨।୭(ପି.ଟି.)**

ଭାରତର ଷ୍ଟାର ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଉଭୟ ଦ୍ୱିତୀୟ ସିଡ୍ ଚାଇନିଜ ଯୋଡ଼ି ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍‌ଙ୍କୁ ୨୧-୧୫, ୨୪-୨୨ରେ ହରାଇ ଦେଇଛନ୍ତି। ଏଠାରେ ଫାଇନାଲରେ ସେମାନେ ଇଣ୍ଡୋନେସିଆର ଫଜାର ଅଲ୍‌ଫିଆନ ଓ ମହମ୍ମଦ ରିଆନ୍ ଆଡ୍ରିଆଣ୍ଟୋଙ୍କୁ ଭେଟିବେ। ଦୁଇ ଯୋଡ଼ି ପରସ୍ପରକୁ ୪ଥର ଭେଟିଥିବା ବେଳେ ୨ଥର ଲେଖାଏ ବିଜୟ ଲାଭ କରିଛନ୍ତି। ସାତ୍ୱିକ-ଚିରାଗ ଚଳିତ ବର୍ଷ ଇଣ୍ଡୋନେସିଆ ସୁପର ୧୦୦୦ ଏବଂ ସୁଇସ୍ ଓପନ ସୁପର ୫୦୦ ଟାଇଟଲ ଜିତିଛନ୍ତି।




# ହସ୍ତକ୍ଷେପ କରିବେନି ଦିଲ୍ଲୀ ହାଇକୋର୍ଟ

## ଏସିଆନ ଗେମ୍ସ ଟ୍ରାଏଲ୍ସ ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୨।୭(ପି.ଟି.)**

ଟପ୍ ରେସ୍‌ଲର ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆଙ୍କୁ ଏସିଆନ ଗେମ୍ସ ଟ୍ରାଏଲ୍ସରୁ ଛାଡ଼ କରାଯିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଫୋଗଟ ଓ ପୁନିଆଙ୍କୁ ସିଧାସଳଖ ଏଣ୍ଟ୍ରି ପାଇଁ ଅନୁମତି ଦିଆଯିବା ନିଷ୍ପତ୍ତିକୁ ବିରୋଧ କରି ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଅନ୍ତିମ ପଙ୍ଘାଲ ଓ ୨୩ବର୍ଷରୁ କମ୍ ଏସିଆନ ଚାମ୍ପିୟନ ସୁଜିତ କାଲ୍‌କାଲ୍‌ଙ୍କ ପକ୍ଷରୁ ଦାଖଲ ରିଟ୍ ପିଟିଶନକୁ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ ଖାରଜ କରିଦେଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନର ଆଡ୍‌ହକ କମିଟି ମଙ୍ଗଳବାର ଫୋଗଟ (୫୩କେଜି) ଓ ପୁନିଆ (୬୫କେଜି)ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଏଣ୍ଟ୍ରି ଦେଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଅନ୍ୟ କୁସ୍ତିଯୋଦ୍ଧାମାନଙ୍କୁ ଜୁଲାଇ ୨୨ ଓ ୨୩ରେ ହେବାକୁଥିବା ସିଲେକ୍ସନ ଟ୍ରାଏଲରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଭିନେଶ ଓ ବଜରଙ୍ଗଙ୍କୁ ଟ୍ରାଏଲ୍ସରୁ ଛାଡ଼ କରାଯିବାକୁ ନେଇ ଜୁଲାଇ ୧୯ରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ପଙ୍ଘାଲ ଓ କାଲ୍‌କାଲ୍।

# ଆସାମକୁ ରେସଲିଂ ସଂଘ ସଦସ୍ୟତା

**ନୂଆଦିଲ୍ଲୀ, ୨୨।୭(ପି.ଟି.):** ଆସାମକୁ ଭାରତୀୟ ରେସଲିଂ ଫେଡେରେଶନ୍ (ଡବ୍ଲ୍ୟୁଏଫ୍ଆଇ)ର ସଦସ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ଆଇଓଏର ଆଡ୍‌ହକ୍ ପ୍ୟାନେଲ୍ ମୁଖ୍ୟ ଭୂପେନ୍ଦର ସିଂ ବାଜୱା ଶନିବାର ଏହି ଘୋଷଣା କରିଛନ୍ତି। ସଦସ୍ୟତା ଦାବିକୁ ନେଇ ଆସାମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଉପରେ ରୋକ୍ ଲାଗିଥିଲା। ଶନିବାର ଆଡ୍‌ହକ୍ ପ୍ୟାନେଲର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଆସାମ କୁସ୍ତି ସଂଘ ସଭାପତି ରତୁଲ ଶର୍ମା। ଏହା ସହିତ କ୍ୟାବିନେଟ୍ ମନ୍ତ୍ରୀ ପୀଜୁଷ ହଜାରିକା ଓ ଦେବଜିତ ସାଇକିଆଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ଅନେକ ଦିନ ଧରି ସଦସ୍ୟ ହେବାର ସମସ୍ତ ସର୍ତ୍ତକୁ ଆମେ ପୂରଣ କରୁଥିଲେ ମଧ୍ୟ ସଦସ୍ୟତା ମିଳୁ ନ ଥିଲା। ତେବେ ଆଡ୍‌ହକ୍ ପ୍ୟାନେଲ ଏହି ତ୍ରୁଟିକୁ ସୁଧାରି ଦେଇଥିବାରୁ ଆମେ କୃତଜ୍ଞ। ଉଲ୍ଲେଖଯୋଗ୍ୟ ଯେ, ଏହି ନିଷ୍ପତ୍ତି ପରେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ଆସାମର ପ୍ରତିନିଧି ଭୋଟ ପ୍ରଦାନ କରି ପାରିବେ।

# ଇଂଲଣ୍ଡ, ଆମେରିକା, ଜାପାନ, ଡେନ୍‌ମାର୍କ ବିଜୟୀ

## ଫିଫା ମହିଳା ବିଶ୍ୱକପ୍

### ହିନାଟା, ସୋଫିଆଙ୍କ ଡବଲ ଗୋଲ୍


ପେନାଲ୍ଟି କିକ୍ ମାରୁଛନ୍ତି ଇଂଲଣ୍ଡର ଜର୍ଜିଆ ଷ୍ଟାନୱେ।

**ଅକଲାଣ୍ଡ/ହାମିଲଟନ୍, ୨୨।୭(ପି.ଟି.)**

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ଶନିବାର ଇଂଲଣ୍ଡ, ଆମେରିକା, ଜାପାନ ଓ ଡେନ୍‌ମାର୍କ ବିଜୟ ହାସଲ କରିଛନ୍ତି। ଜାପାନର ହିନାଟା ମିୟାଜାୱା ଓ ଆମେରିକାର ସୋଫିଆ ସ୍ମିଥ ଡବଲ୍ ଗୋଲ୍ ସ୍କୋର କରିଥିଲେ।

**ଜାପାନ ବନାମ ଜାମ୍ବିଆ:** ହିନାଟା ମିୟାଜାୱାଙ୍କ ଡବଲ୍ ଗୋଲ ସହିତ ମିନା ତାହାକା, ଜୁନ୍ ଏଣ୍ଡୋ ଓ ରିକୋ ୟୁଏକିଙ୍କ ଗୋଲ ବଳରେ ଜାମ୍ବିଆକୁ ୫-୦ ଗୋଲରେ ପରାସ୍ତ କରିଛି ଜାପାନ। ଏଫ୍ଏମ୍‌ଜି ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚର ୪୩ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ ହିନାଟା ମିୟାଜାୱା। ତାହାକା ୫୫ତମ ମିନିଟରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ଏହାର ୭ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ହିନାଟା। ୭୧ ତମ ମିନିଟରେ ଜୁନ୍ ଏଣ୍ଡୋ ସ୍କୋର କରିଥିବା ବେଳେ ଇଞ୍ଜୁରି ଟାଇମରେ ପଞ୍ଚମ ଗୋଲ ଦେଇଥିଲେ ରିକୋ ୟୁଏକି। ଏହି ବିଜୟ ସହିତ ଗ୍ରୁପ୍ ସି’ର ଏକ ନମ୍ବର ସ୍ଥାନରେ ରହିଛି ଜାପାନ। ଏହି ମ୍ୟାଚରେ ଜାପାନ ଦଳର ଖେଳାଳି କଳାବ୍ୟାଣ୍ଡ ପିନ୍ଧି ଖେଳିଥିଲେ। ଜାପାନ ରାଜକୁମାରୀ ଟାକାମାଡୋଙ୍କ ମା’ ଫୁମିକୋ ଟୋଟ୍ଟୋରୀଙ୍କ ପରଲୋକ କାରଣରୁ ଜାପାନ ଖେଳାଳି କଳାବ୍ୟାଣ୍ଡ ପିନ୍ଧି ଖେଳିଥିଲେ।

**ଆମେରିକା ବନାମ ଭିଏତ୍‌ନାମ:** ଡିଫେଣ୍ଡିଂ ଚାମ୍ପିୟନ ଯୁକ୍ତରାଷ୍ଟ୍ର ଆମେରିକା ୩-୦ରେ ଭିଏତ୍‌ନାମକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଇଡେନ ପାର୍କରେ ଅନୁଷ୍ଠିତ ଗ୍ରୁପ୍ ଇ ମ୍ୟାଚ୍‌ରେ ଆମେରିକା ପକ୍ଷରୁ ସୋଫିଆ ସ୍ମିଥ୍ ଡବଲ୍ ଗୋଲ୍ ସ୍କୋର କରିଥିଲେ। ଲିଣ୍ଡସେ ହୋରାନ୍ ଅନ୍ୟ ଗୋଲ୍‌ଟି ସ୍କୋର କରିଥିଲେ। ପ୍ରଥମ ବିଶ୍ୱକପ ଖେଳୁଥିବା ସୋଫିଆ ପ୍ରଥମ ହାଫ୍‌ରେ ଦୁଇଟିଯାକ ଗୋଲ୍ ସ୍କୋର କରିଥିଲେ। ଅଧିନାୟକ ଲିଣ୍ଡସେ ହୋରାନଙ୍କଠାରୁ ମିଳିଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ସୋଫିଆ। ପ୍ରଥମ ହାଫ୍‌ର ଇଞ୍ଜୁରୀ ଟାଇମ୍‌ରେ ୪୫+୭ ମିନିଟରେ ସୋଫିଆ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୭୭ତମ ମିନିଟରେ ଅଧିନାୟିକା ଲିଣ୍ଡସେ ହୋରାନ ସ୍କୋର କରିବା ସହିତ ଦଳ ୩-୦ରେ ବିଜୟୀ ହୋଇଥିଲା। ଏହା ସହିତ ୩୮ ବର୍ଷୀୟା ମେଗାନ୍ ରାପିନୋ ନିଜର ୨୦୦ ତମ ମ୍ୟାଚ୍ ଖେଳିଥିଲେ।

**ଇଂଲଣ୍ଡ ବନାମ ହାଇତି:** ଜର୍ଜିଆ ଷ୍ଟାନୱେଙ୍କ ପେନାଲ୍ଟି କିକ୍ ଗୋଲ ବଳରେ ହାଇତି ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ଇଂଲଣ୍ଡ। ୟୁରୋ ଚାମ୍ପିୟନ ଇଂଲଣ୍ଡ ଦୃଢ ଭାବରେ ଆରମ୍ଭ କରିଥିଲା। ଗ୍ରୁପ୍ ଡି’ର ଏହି ମ୍ୟାଚ୍‌ରେ ପ୍ରଥମ ହାଫ୍‌ରୁ ଦଳ ହାଇତିକୁ ଚାପରେ ରଖିଥିଲା। ୨୯ ତମ ମିନିଟରେ ଇଂଲଣ୍ଡକୁ ଏକ ପେନାଲ୍ଟି କିକ୍ ମିଳିଥିଲା। ଏଥିରୁ ଜର୍ଜିଆ ସ୍କୋର କରିଥିବା ବେଳେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଇଂଲଣ୍ଡ ଦଳ ୭୫ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ୭ଟି କର୍ନର ପାଇଥିଲେ ମଧ୍ୟ ଦଳ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ବିଜୟୀ ହୋଇଥିଲେ ହେଁ ପଏଣ୍ଟ ଟେବୁଲରେ ଦଳ ଡେନ୍‌ମାର୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

**ଡେନ୍‌ମାର୍କ ବନାମ ଚାଇନା:** ନିବ୍ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଚାଇନାକୁ ୧-୦ରେ ପରାସ୍ତ କରିଛି ଡେନ୍‌ମାର୍କ। ଅନ୍ତିମ ମିନିଟରେ ଆମେଲି ଭାଙ୍ଗସଗାର୍ଡଙ୍କ ଗୋଲ ବଳରେ ଡେନ୍‌ମାର୍କ ମ୍ୟାଚକୁ ଜିତି ନେଇଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିଲେ। ତେବେ ୮୯ ମିନିଟ ପର୍ଯ୍ୟନ୍ତ ଗୋଲ ହୋଇ ନ ଥିଲା। ୮୯ ତମ ମିନିଟରେ ଆମେଲିଙ୍କ ଗୋଲ ବଳରେ ଡେନ୍‌ମାର୍କ ୩ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଥିଲା।

**ଆଜିର ମ୍ୟାଚ୍**

ସ୍ୱିଡେନ୍ ବନାମ ଦକ୍ଷିଣ ଆଫ୍ରିକା
ସମୟ-ପୂର୍ବାହ୍ନ ୧୦.୩୦
ନେଦରଲାଣ୍ଡ୍ସ ବନାମ ପର୍ତ୍ତୁଗାଲ
ସମୟ-ଅପରାହ୍ନ ୧.୦୦
ଫ୍ରାନ୍ସ ବନାମ ଜାମାଇକା
ସମୟ-ଅପରାହ୍ନ ୩.୩୦
ପ୍ରସାରଣ: ଡିଡି ସ୍ପୋର୍ଟ୍ସ




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ